

ଛତିଶଗଡ଼ରେ ନିବେଶ ପାଇଁ ଶିଳ୍ପପତି ପ୍ରସ୍ତୁତ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଶ୍ରଦ୍ଧାଙ୍କ ଆକାଉଣ୍ଟ ବ୍ଲକ୍ କଲା ଲିଙ୍କଡଇନ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 | Published Simultaneously from Bhubaneswar, Angul & Berhampur. | www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୪୬ | Vol. 22 No-146 | 26 AUGUST 2025 TUESDAY, BHUBANESWAR | ମଙ୍ଗଳବାର, ୨୬ ଅଗଷ୍ଟ ୨୦୨୫ | ପୃଷ୍ଠା-୮ | ମୂଲ୍ୟ: ୭.୦୦


## ବର୍ଷା ବଢ଼ାଉଛି ବିପତ୍ତି

# ବନ୍ୟା ସ୍ଥିତି ଗମ୍ଭୀର





- ବିପଦ ସଂକେତ ଉପରେ ସୁବର୍ଣ୍ଣରେଖା
- ହ୍ରାସ ପାଉଛି ବୈତରଣୀ ଜଳସ୍ତର
- ସତର୍କ ସଂକେତ ଉପରେ ପ୍ରବାହିତ ବ୍ରାହ୍ମଣୀ
- କାଣୀ ନଦୀରେ ୩୦ ମିଟରର ଘାଇ
- ଧାନ, ପନିପରିବା ଚାଷ ବ୍ୟାପକ କ୍ଷତିଗ୍ରସ୍ତ
- ବାଲେଶ୍ୱର, ଭଦ୍ରକ, ଯାଜପୁରରେ ବ୍ୟାପକ କ୍ଷତି

ଭୁବନେଶ୍ୱର,୨୫।୮(ଭାସ୍କର ନ୍ୟୁଜ): ଲଘୁଚାପ ଜନିତ ଲଗାଣ ବର୍ଷା। ବଢ଼ାଉଛି ବିପତ୍ତି। ବଢ଼ୁଛି ସବୁ ନଦୀର ଜଳସ୍ତର। ତଳି ଅଞ୍ଚଳ ଲୋକେ ଭୟଭୀତ। ବିପଦ ସଂକେତ ଉପରେ ପ୍ରବାହିତ ହେଉଛି ସୁବର୍ଣ୍ଣରେଖା। ଯଦିଓ ବୈତରଣୀର ଜଳସ୍ତର ହ୍ରାସ ପାଉଛି, ତଥାପି ଭଦ୍ରକ ଓ ଯାଜପୁର ଜିଲ୍ଲାପାଇଁ ଏହା ବିପଦ ସୃଷ୍ଟି କରୁଛି। ରାଜଘାଟରେ ସୁବର୍ଣ୍ଣରେଖା ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ତେବେ ମଙ୍ଗଳବାର ସୁବର୍ଣ୍ଣରେଖା ଜଳସ୍ତର ହ୍ରାସ ପାଇବ ବୋଲି ସୂଚନା ଦେଇଛନ୍ତି ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ। ସେ କହିଛନ୍ତି, ଜାମଶୋଳା ଘାଟରେ ଲଗାଣ ବର୍ଷା ଯୋଗୁ ସୁବର୍ଣ୍ଣରେଖା ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ସେହିପରି ବୈତରଣୀର ଶାଖାନଦୀ କାଣୀ ନଦୀରେ ୩୦ ମିଟରର ଘାଇ ହୋଇଛି। ପାଣି କମିଲେ ଘାଇ ମରାମତି କାମ ଆରମ୍ଭ ହେବ ବୋଲି ସେ କହିଥିଲେ। ଲଗାଣ ବର୍ଷା ଫଳରେ ସୁବର୍ଣ୍ଣରେଖାରେ ଷଷ୍ଠଥର ପାଇଁ ବନ୍ୟା ଆସିଛି। ବସ୍ତା, ବାଲିଆପାଳ, ଭୋଗରାଇ ଓ ଜଳେଶ୍ୱରର ଅନେକ ଅଞ୍ଚଳ ପ୍ରଭାବିତ ହୋଇଛି। ବିଭିନ୍ନ ଗାଁ ପାଣିଘେରରେ ରହିଛି। ସେହିପରି ଯାଜପୁର ଜିଲ୍ଲାର ଦଶରଥପୁର ଓ କୋରେଇ ବ୍ଲକରେ ବନ୍ୟାସ୍ଥିତି ଦେଖିବାକୁ ମିଳିଛି। ବୈତରଣୀରେ ବନ୍ୟାପାଇଁ ଭଦ୍ରକ ଜିଲ୍ଲା ଧାମନଗରରେ ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ରକୁ ଦୁଇଦିନ ପାଇଁ ଅର୍ଥାତ୍ ସୋମବାର ଓ ମଙ୍ଗଳବାର ବନ୍ଦ ରଖାଯାଇଛି। ହସନାବାଦ ଓ ଅର୍ଜୁନପୁର ପଞ୍ଚାୟତର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ର ଛୁଟି ହୋଇଥିବାବେଳେ ଅର୍ଜୁନପୁର, ହସନାବାଦ, ସୋହଡ଼ା ଓ ପଧାନୀ ଅଞ୍ଚଳର ୨୫ଟି ସ୍କୁଲକୁ ବନ୍ଦ ଘୋଷଣା କରାଯାଇଛି। ସେପଟେ ଭଣ୍ଡାରିପୋଖରୀ କଣ୍ଟିଘାଇ ନିକଟରେ ଚାଷ ଜମିରେ ପଶୁଛି ବନ୍ୟାପାଣି। ଧାମନଗର, ମଳିମାହାରା ଓ ଗୌରାଙ୍ଗପୁରର ଏସକେପ୍ ଦେଇ ବନ୍ୟାଜଳ ପ୍ରବେଶ କରୁଥିବା ସୂଚନା ମିଳିଛି। ହୀରାକୁଦର ୧୨ଟି ଗେଟ୍ ଦେଇ ଜଳ ନିଷ୍କାସନ କରାଯାଉଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ଭିତରକୁ ୨.୧୧ଲକ୍ଷ କ୍ୟୁସେକ ଜଳ ପ୍ରବେଶ କରୁଥିବାବେଳେ ପ୍ରତି ସେକେଣ୍ଡରେ ୨.୨୨ ଲକ୍ଷ କ୍ୟୁସେକ ଜଳ ନିଷ୍କାସିତ ହେଉଛି। ରେଙ୍ଗାଲି ଡ୍ୟାମର ୨ଟି ଗେଟ୍ ଖୋଲାଯାଇଛି। ଆବଶ୍ୟକ ପଡ଼ିଲେ ଆଉ ଏକ ଗେଟ ଖୋଲାଯିବ ବୋଲି ସୂଚନା ମିଳିଛି। ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ବୈତରଣୀ • ପୃଷ୍ଠା ୫ ଦେଖନ୍ତୁ

## ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ

# ଆଦିବାସୀ ଝିଅ ହେବେ ପାଇଲଟ୍

- ଭୁବନେଶ୍ୱର ବିମାନବନ୍ଦରରେ ସ୍ଥାପନ ହେବ ଅତ୍ୟାଧୁନିକ ଏମ୍ଆରଓ
- ଢେଙ୍କାନାଳର ବୀରଶୋଳରେ ହେବ ବିମାନ ପ୍ରଶିକ୍ଷଣ କେନ୍ଦ୍ର
- ପୁରୀ ବିମାନବନ୍ଦର ହେବ ଆଧ୍ୟାତ୍ମିକ, ସାଂସ୍କୃତିକ ଦ୍ୱାରପଥ




ଭୁବନେଶ୍ୱର,୨୫।୮(ଭାସ୍କର ନ୍ୟୁଜ): ଭୁବନେଶ୍ୱରରେ ଆୟୋଜିତ ପୂର୍ବାଞ୍ଚଳ ବେସାମରିକ ବିମାନ ପରିବହନ ମନ୍ତ୍ରୀମଣ୍ଡଳ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଘୋଷଣା କରିଥିଲେ ଯେ ରାଜ୍ୟ ସରକାରଙ୍କ ପ୍ରମୁଖ ପ୍ରୟାସ ବିଲଡିଂ ଆଣ୍ଡ ମ୍ୟାନେଜମେଣ୍ଟ ଆଭିଏସନ ଆସେଟ୍ସ ଆଣ୍ଡ ନେଟୱାର୍କ ଅଧୀନରେ, କ୍ୟାଡେଟ୍ ପାଇଲଟ୍ ପ୍ରୋଗ୍ରାମ୍ ଆରମ୍ଭ ହେବାକୁ ଯାଉଛି, ଯେଉଁଥିରେ ଆଦିବାସୀ କନ୍ୟାମାନଙ୍କୁ ପାଇଲଟ ହେବା ପାଇଁନ ଟ୍ରେନିଂ ଦିଆଯିବ। ଏହି ଅବସରରେ ରାଜ୍ୟ ସରକାର ଆଜି ଦେଶର ପ୍ରମୁଖ ବିମାନ ଏମ୍ଆରଓ ସେବାଦାତା ଏୟାର ୱାର୍କସ୍ ସହିତ ଏକ ଚୁକ୍ତି ସ୍ୱାକ୍ଷର କରିଛନ୍ତି । ଏହା ଅନୁଯାୟୀ, ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରରେ ଏକ ଆଧୁନିକ ଏମ୍ଆରଓ ସୁବିଧା ସ୍ଥାପିତ ହେବ । ଏଥିସହିତ, ରାଜ୍ୟର ଯୁବମାନଙ୍କ ପାଇଁ ଦକ୍ଷତା ବିକାଶ, ପ୍ରଶିକ୍ଷଣ ଓ ଚାକିରି ସୁଯୋଗ ସୃଷ୍ଟି କରିବା ନିମନ୍ତେ, ରାଜ୍ୟ ସରକାର ଏୟାର ୱାର୍କସ ସହିତ ଏକ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପୁରୀରେ ଏକ ବିଶ୍ୱସ୍ତରୀୟ ଆନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ହେଉଛି ଏବଂ ଏହି ବିମାନବନ୍ଦର, ସାରା ବିଶ୍ୱର କୋଟି କୋଟି ଜଗନ୍ନାଥ ଭକ୍ତଙ୍କ ପାଇଁ ଏକ ଆଧାତ୍ମିକ ଓ ସାଂସ୍କୃତିକ ଦ୍ୱାରପଥ ହେବ। ଏଥିସହିତ ଝାରସୁଗୁଡା ବିମାନବନ୍ଦରର ବିସ୍ତାର ପାଇଁ ଜମି ବ୍ୟବସ୍ଥା କରାଯାଇଛି। ନୂଆ ସରକାର ଗଠନର ବିଗତ ୧୪ ମାସ ମଧ୍ୟରେ, ଓଡିଶାର ବିମାନବନ୍ଦର ଗୁଡ଼ିକ, ୧୫ଟି ନୂଆ ଗନ୍ତବ୍ୟ ସହିତ ଯୋଡ଼ାଯାଇଛି। ଆମର ଏହି ନୀତି, ଓଡିଶାକୁ ଜାତୀୟ ଓ ଆନ୍ତର୍ଜାତୀୟ ବିମାନ ପରିବହନ ନେଟୱର୍କ ସହିତ ଯୋଡ଼ିବାରେ ସଫଳ ହୋଇଛି। ଆମେ ଏହି କ୍ଷେତ୍ରରେ, ଓଡିଶାକୁ ଆଗକୁ ନେବା ପାଇଁ ଭୂମିକା ସୃଷ୍ଟି ଓ କୌଶଳ ବିକାଶ ଉପରେ ମଧ୍ୟ ଜୋର ଦେଉଛୁ ଏବଂ ଢେଙ୍କାନାଳ ଜିଲ୍ଲାର ବିରାଶୋଳ ଠାରେ ଏକ ବିଶ୍ୱସ୍ତରୀୟ ବିମାନ ପ୍ରଶିକ୍ଷଣ କେନ୍ଦ୍ର ନିର୍ମାଣ ହେବାକୁ ଯାଉଛି। ଭୁବନେଶ୍ୱରରେ ରକ୍ଷାଣବେକ୍ଷଣ, ମରାମତି, ପୁନର୍ନିର୍ମାଣ କେନ୍ଦ୍ର ସ୍ଥାପନ କରୁଛୁ । ଏହାସହିତ ରାଜ୍ୟର ବିମାନବନ୍ଦରଗୁଡ଼ିକ ପାଇଁ ସରକାର ଏକ ପ୍ରୋଗ୍ରେସିଭ ଲ୍ୟାଣ୍ଡ ଆଲଟମେଣ୍ଟ ପଲିସି ଆଣିବାପାଇଁ ଯାଉଛନ୍ତି। ଏହାର ଅନୁସାରେ, ଆମ ବିମାନ ବନ୍ଦର ମାନଙ୍କ ଭିତରେ ଫ୍ଲାଇଂ ପ୍ରଶିକ୍ଷଣ, ଟଇଠ ପ୍ରଶିକ୍ଷଣ, ଓ ବିମାନ କ୍ରୀଡ଼ା କାର୍ଯ୍ୟକଳାପ ସମ୍ଭବ ହେବ। ବହୁତ ସଂଖ୍ୟକ ଫ୍ଲାଇଂ ପ୍ରଶିକ୍ଷଣ ସଂସ୍ଥାଗୁଡ଼ିକ ଆମ ବିମାନବନ୍ଦରମାନଙ୍କରେ ଏହି କାର୍ଯ୍ୟ କରିବେ। ରାଜ୍ୟରେ ଯେତେ ସବୁ ବ୍ୟବହାର ହେଉନଥିବା ବିମାନ ପଥ ଅଛି, ସେଗୁଡ଼ିକୁ ସରକାର ବିମାନବନ୍ଦର ରୂପେ ବିକଶିତ କରୁଛନ୍ତି। ଏଭଳି • ପୃଷ୍ଠା ୫ ଦେଖନ୍ତୁ

## ନବୀନଙ୍କୁ ଭେଟିଲେ ରାଜ୍ୟପାଳ

# ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ



ଭୁବନେଶ୍ୱର,୨୫।୮(ଭାସ୍କର ନ୍ୟୁଜ): ସୋମବାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ବିରୋଧୀଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ସାକ୍ଷାତ କରିଛନ୍ତି। ଏହି ଅବସରରେ ସେ ନବୀନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ମଧ୍ୟ ବୁଝିଛନ୍ତି। ଏଥିସହ ନବୀନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଫଳ ମଧ୍ୟ ଉପହାର ଦେଇଛନ୍ତି। ଗତ କିଛିଦିନ ପୂର୍ବେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର • ପୃଷ୍ଠା ୫ ଦେଖନ୍ତୁ

## ବିରୋଧୀଙ୍କୁ ଶାହଙ୍କ ଟାର୍ଗେଟ୍

# ଜେଲ୍‌ରୁ ସରକାରଙ୍କ ବିକଳ୍ପ ଚାହୁଁଛନ୍ତି



ନୂଆଦିଲ୍ଲୀ,୨୫।୮: କିଛି ନେତା ଜେଲ୍‌ରୁ ସରକାରଙ୍କ ବିକଳ୍ପ ଚାହୁଁଛନ୍ତି। ସେମାନେ ଜେଲ୍ ଗଲେ ବି ସେଠାରେ ରହି ସରକାର ଚଳାଇ ପାରିବେ ବୋଲି ଭାବୁଛନ୍ତି। ଏହା ସମ୍ବିଧାନ ବିରୋଧୀ ବୋଲି ଉଲ୍ଲେଖ କରି ବିରୋଧୀଙ୍କୁ ଟାର୍ଗେଟ କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ୧୩୦ତମ ସମ୍ବିଧାନ ସଂଶୋଧନ ବିଲ୍ ବିରୋଧରେ ବିରୋଧୀଙ୍କ ମତ ଉପରେ ମନ୍ତବ୍ୟ ଦେଇ ଶାହ କହିଛନ୍ତି, ବିରୋଧୀ ଚେଷ୍ଟା କରୁଛନ୍ତି ଯଦି ସେମାନେ କେବେ ଜେଲ୍ ଯାଆନ୍ତି ତେବେ ଜେଲ୍‌ରୁ ସହଜରେ ସରକାର ଗଠନ କରିପାରିବେ। ସେମାନେ ଜେଲ୍‌କୁ ପିଏମ୍-ସିଏମ୍ ହାଉସ୍ କରିଦେବେ। ଡିଜିପି, ମୁଖ୍ୟ ଶାସନସଚିବ, କ୍ୟାବିନେଟ ସଚିବ କିମ୍ବା ଗୃହସଚିବ ଜେଲରୁ ହିଁ ଆଦେଶ ଦେବେ। ଏମିତି ହୋଇପାରିବ ନାହିଁ । ସେ ଦାବି କରିଛନ୍ତି ଯେ କଂଗ୍ରେସର କିଛି ଲୋକ ଏହି ବିଲ୍‌କୁ ସମର୍ଥନ କରିବେ, ଯାହାଦ୍ୱାରା ବିଲ୍ ସହଜରେ ପାସ୍ ହୋଇଯିବ। ସେହିପରି ଜଗଦୀପ ଧନଖଡ଼ଙ୍କ ଇସ୍ତଫା ଉପରେ ଶାହ କହିଛନ୍ତି, ଏହା ସ୍ପଷ୍ଟ ଯେ ଏହାର କାରଣ ସ୍ୱାସ୍ଥ୍ୟଗତ ସମସ୍ୟା। ବିରୋଧୀଙ୍କୁ କଟାକ୍ଷ କରି ଶ୍ରୀ ଶାହ କହିଛନ୍ତି, ଲାଲୁ ଯାଦବଙ୍କୁ ବଞ୍ଚାଇବା ପାଇଁ ମନମୋହନ ସିଂ ଆଣିଥିବା ଅଧ୍ୟାଦେଶକୁ ଚିରି ଦେବାପାଇଁ ରାହୁଲ ଗାନ୍ଧୀଙ୍କ ଯୁକ୍ତି କ'ଣ ଥିଲା ? ଯଦି ସେଦିନ ନୈତିକତା ଥିଲା, ତେବେ ଆଜି ନାହିଁ। କାରଣ ଆପଣ ଲଗାତାର ୩ଟି ନିର୍ବାଚନ ହାରିଛନ୍ତି। ମୁଁ ବିଶ୍ୱାସ କରେ ଏହି ବିଲ୍ ସଂସଦରେ ଗୃହୀତ ହେବ। କଂଗ୍ରେସ ଏବଂ ବିରୋଧୀଦଳର ଅନେକ ନେତା ନୈତିକତାକୁ ସମର୍ଥନ କରିବେ ଏବଂ ନୈତିକତାର ଆଧାର ବଜାୟ ରଖିବେ। ବିରୋଧୀ ଯେଉଁ ଆଇନକୁ ବିରୋଧ କରୁଛନ୍ତି ଯଦି ତାହା ପୂର୍ବରୁ ହୋଇଥାନ୍ତା ତେବେ ଅରବିନ୍ଦ କେଜ୍ରିୱାଲଙ୍କୁ ଜେଲ ହୋଇଥିଲା, ତାଙ୍କୁ ଇସ୍ତଫା ଦେବାକୁ ପଡ଼ିଥାନ୍ତା। କିଛି ବିରୋଧୀ ନେତା ଧନଖଡ଼ଙ୍କୁ • ପୃଷ୍ଠା ୫ ଦେଖନ୍ତୁ

## କ୍ୟାବିନେଟ ବୈଠକରେ ୪ ପ୍ରସ୍ତାବ ଅନୁମୋଦିତ

# କାର୍ଯ୍ୟକାରୀ ହେବ ଆଇଟି ପଲିସି

- ଇଲେକ୍ଟ୍ରୋନିକ୍ସ କମ୍ପୋନେଟ୍ ମାନୁଫାକ୍‌ଚରିଂ ନୀତିକୁ ମଞ୍ଜୁରି
- ଲୋକସେବା ଆୟୋଗରେ ୩ ସଦସ୍ୟଙ୍କ ନିଯୁକ୍ତିକୁ ଅନୁମୋଦନ



ଭୁବନେଶ୍ୱର,୨୫।୮(ଭାସ୍କର ନ୍ୟୁଜ): ରାଜ୍ୟ କ୍ୟାବିନେଟ ବୈଠକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ସୋମବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ମୋଟ ୩ ଟି ବିଭାଗର ୪ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ୧ ଟି, ଇଲେକ୍ଟ୍ରୋନିକ୍ସ ଏବଂ ଆଇ ଟି ବିଭାଗର ୨ ଟି ପ୍ରସ୍ତାବକୁ ମଞ୍ଜୁରି ଦିଆଯାଇଥିବାବେଳେ ୪ର୍ଥ ପ୍ରସ୍ତାବଟି ଆଗାମୀ ସେପ୍ଟେମ୍ବର ୧୮ ତାରିଖରୁ ୧୭ ତମ ବିଧାନସଭାର ୪ର୍ଥ ଅଧିବେଶନ ଆରମ୍ଭ ହେବାକୁ ଥିବା ସମ୍ପର୍କିତ ପ୍ରସ୍ତାବ ଥିଲା । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ଓଡ଼ିଶା ସରକାର ଓଡ଼ିଶା ଇଲେକ୍ଟ୍ରୋନିକ୍ସ ଯନ୍ତ୍ରପାତି ଉତ୍ପାଦନ ନୀତି-୨୦୨୫ ଆରମ୍ଭ କରିଛନ୍ତି । ଏହି ରଣନୈତିକ ପଦକ୍ଷେପର ଲକ୍ଷ୍ୟ ହେଉଛି ଓଡ଼ିଶାକୁ ଏକ ପ୍ରମୁଖ ଇଲେକ୍ଟ୍ରୋନିକ୍ସ • ପୃଷ୍ଠା ୫ ଦେଖନ୍ତୁ

## ଭାରତ ଦେଖାଇଲା ମାନବିକତା

# ବଡ଼ ବିପଦ ନେଇ ପାକିସ୍ତାନକୁ କଲା ଆଲର୍ଟ



ନୂଆଦିଲ୍ଲୀ,୨୫।୮: ବିପଦବେଳେ ସାହାଯ୍ୟ କରିବା ହିଁ ମାନବିକତା। ସେ ଶତ୍ରୁ ହେଉ ଅବା ମିତ୍ର। ପାକିସ୍ତାନକୁ ବିପଦ ବେଳର ସୂଚନା ଦେଇ ମାନବିକତାର ମୂଲ୍ୟବୋଧ ଦେଖାଇଛି ଭାରତ। ପାକିସ୍ତାନରେ ବନ୍ୟା ଯୋଗୁ ଏବେ ପ୍ରବଳ କ୍ଷୟକ୍ଷତି ଘଟୁଛି। ଏହି ସମୟରେ ଭାରତ ପକ୍ଷରୁ ପାକିସ୍ତାନୀ ଅଧିକାରୀଙ୍କୁ ବନ୍ୟା ସଂପର୍କରେ ସୂଚନା ପ୍ରଦାନ କରାଯାଉଛି। ପାକିସ୍ତାନ ଗଣମାଧ୍ୟମ କହିଛି ଯେ ଗତ ମେ ମାସରେ ସାମରିକ ସଂଘର୍ଷ ପରେ ଏହା ପ୍ରଥମ ଥରପାଇଁ ଭାରତ ଏବଂ ପାକିସ୍ତାନ ପରସ୍ପର ସହିତ ଯୋଗାଯୋଗ କରିଛନ୍ତି। ସମ୍ଭାବ୍ୟ ବନ୍ୟାର ବିପଦ ନେଇ ଭାରତ ବିସ୍ତୃତ ସୂଚନା ମଧ୍ୟ ପ୍ରଦାନ କରିଛି। ଭାରତ ତାୱି ନଦୀରେ ସମ୍ଭାବ୍ୟ ଭୟଙ୍କର ବନ୍ୟା ନେଇ ପାକିସ୍ତାନକୁ ସତର୍କ କରାଇ ଦେଇଛି। ଏହି ନଦୀ ଜମ୍ମୁରୁ ପାକିସ୍ତାନର ପଞ୍ଜାବ ପ୍ରଦେଶ ଦେଇ ଯାଇଛି। ଇସଲାମାବାଦରେ ଥିବା ଭାରତୀୟ ହାଇକମିଶନର ରବିବାର ଏହି ସୂଚନା ଦେଇଥିଲେ। ସୂଚନା ଆଧାରରେ ପାକିସ୍ତାନୀ ଅଧିକାରୀମାନେ ବନ୍ୟା ଚେତାବନୀ ଜାରି କରିଥିଲେ। ଚଳିତବର୍ଷ ଏପ୍ରିଲ ୨୨ରେ କାଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଅନେକ କଠୋର ପଦକ୍ଷେପ ଗ୍ରହଣ କରିଥିଲା। ପାକିସ୍ତାନ ସହିତ ସିନ୍ଧୁ ଜଳଚୁକ୍ତି ସ୍ଥଗିତ ରଖିବା ଏଥିମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଥିଲା। ଏହାପରେ ଭାରତ ପକ୍ଷରୁ ଅପରେସନ ସିନ୍ଦୂର ଆରମ୍ଭ ହୋଇଥିଲା। ଭାରତୀୟ ସେନା ପାକିସ୍ତାନରେ ଥିବା ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ • ପୃଷ୍ଠା ୫ ଦେଖନ୍ତୁ

## ଦୁଇ ଶିକ୍ଷକ ପାଇବେ ଜାତୀୟ ସମ୍ମାନ

ମାଲକାନଗିରି/କୋରାପୁଟ,୨୫।୮ (ଭାସ୍କର ନ୍ୟୁଜ): ଜାତୀୟ ଶିକ୍ଷକ ସମ୍ମାନ-୨୦୨୫ ପାଇଁ ଓଡ଼ିଶାର ଦୁଇଜଣ ଶିକ୍ଷକଙ୍କୁ ମନୋନୀତ କରାଯାଇଛି। ସେମାନେ ହେଲେ ମାଲକାନଗିରି କୋଣ୍ଡେଲ ନୂତନ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ବସନ୍ତ କୁମାର ରଣା ଏବଂ କୋରାପୁଟ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷକ ତରୁଣ କୁମାର ଦାସ। ଆସନ୍ତା ଗୁରୁ ଦିବସରେ ଉଭୟଙ୍କୁ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ମାନିତ କରିବେ। ଏହି ପୁରସ୍କାର ବାବଦରେ ପ୍ରତ୍ୟେକଙ୍କୁ ୫୦ ହଜାର ଟଙ୍କାର ଅର୍ଥରାଶି ଏବଂ ମାନପତ୍ର ପ୍ରଦାନ କରାଯିବ। କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ଶିକ୍ଷା କ୍ଷେତ୍ରରେ ଏମାନଙ୍କ ଅବଦାନକୁ ଦୃଷ୍ଟିରେ ରଖି ଏହି ସମ୍ମାନ ପ୍ରଦାନ କରାଯିବ।

## ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୈଠକ

# ଦାଦନ ରୋକିବାକୁ ବ୍ଲୁପ୍ରିଣ୍ଟ



ଭୁବନେଶ୍ୱର,୨୫।୮(ଭାସ୍କର ନ୍ୟୁଜ): ଦାଦନ ପ୍ରଥା ରୋକିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ଆରମ୍ଭ କରିଛନ୍ତି। ସୋମବାର ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସି ବିଭିନ୍ନ ନିଷ୍ପତ୍ତି ନିଆଯିବା ସହ ବ୍ଲୁ ପ୍ରିଣ୍ଟ ମଧ୍ୟ ପ୍ରସ୍ତୁତ କରାଯାଇଛି। ଓଡ଼ିଶାରୁ ଯେଉଁସବୁ ରାଜ୍ୟକୁ ଦାଦନ ଖଟିବା ପାଇଁ ଲୋକେ ଯାଉଛନ୍ତି, ସେହିସବୁ ରାଜ୍ୟକୁ ସରକାରଙ୍କ ଏକ ଟିମ୍ ଗସ୍ତ କରି ସେମାନେ କାହିଁକି ସେହି ରାଜ୍ୟକୁ ଯାଉଛନ୍ତି, ତା'ର କାରଣ ଖୋଜିବେ। ବୈଠକ ପରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି, ପୂର୍ବବର୍ଷ ଅପେକ୍ଷା ଚଳିତବର୍ଷ ଦାଦନ ସଂଖ୍ୟାରେ ହ୍ରାସ ଘଟିଛି। କିନ୍ତୁ ଏହାକୁ ସଂପୂର୍ଣ୍ଣ ବନ୍ଦ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଦିଗ ଉପରେ ଆଲୋଚନା କରୁଛନ୍ତି। ସୂଚନାଯୋଗ୍ୟ ଯେ ପ୍ରତିବର୍ଷ ଶହଶହ ଲୋକ ଓଡ଼ିଶାରୁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବାବେଳେ ବିଭିନ୍ନ ଅତ୍ୟାଚାରର ଶିକାର ହୋଇ ଫେରିଥାନ୍ତି। • ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ଚାଷୀ ପଞ୍ଜିକରଣରେ ସର୍ବକାଳୀନ ରେକର୍ଡ

ଭୁବନେଶ୍ୱର,୨୫।୮(ଭାସ୍କର ନ୍ୟୁଜ): ଚାଷୀ ପଞ୍ଜିକରଣରେ ଓଡ଼ିଶା ସର୍ବକାଳୀନ ରେକର୍ଡ କରିଛି। ୧୮ଲକ୍ଷ ୫୦ ହଜାର ୯୮୩ଜଣ ଚାଷୀ ପଞ୍ଜିକରଣ କରିଥିବା ନେଇ ସୂଚନା ଦେଇଛନ୍ତି ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ସେ କହିଛନ୍ତି, ସୋମବାର ରାତି ୧୨ଟା ପର୍ଯ୍ୟନ୍ତ ପଞ୍ଜିକରଣ ଅବଧି ଥିବାରୁ ଏହି ସଂଖ୍ୟା ବୃଦ୍ଧି ପାଇବ। ଗତବର୍ଷ ଖରିଫରେ ୧୭ଲକ୍ଷ ୫୦ହଜାର ୪୬୨ଜଣ ଚାଷୀ ପଞ୍ଜିକରଣ କରିଥିଲେ।

### ଦୁର୍ଘଟଣାରେ ୪ ମୃତ

ନୂଆଦିଲ୍ଲୀ,୨୫।୮: ସୋମବାର ସକାଳେ ନୋଏଡାରେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି। ଏକ ବାଇକ୍ ଯୋଗେ ୪ଜଣ ଆସୁଥିବାବେଳେ ଏକ ୱାଗନର କାର୍ ଧକ୍କା ଦେବାରୁ ବାଇକରେ ଥିବା ୪ଜଣଙ୍କର ମୃତ୍ୟୁ ଘଟିଛି। ସେମାନଙ୍କ ବୟସ ୧୬ରୁ ୧୮ ବର୍ଷ ମଧ୍ୟରେ ବୋଲି ପୋଲିସ ସୂଚନା ଦେଇଛି। ଏହି ଘଟଣାକୁ ନେଇ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ସ୍ଥିତିକୁ ନିୟନ୍ତ୍ରଣ କରିବା ସହ ସମସ୍ତଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି।


### ହାତୀ ଆକ୍ରମଣରେ ଜଣେ ମୃତ

ଢେଙ୍କାନାଳ,୨୫।୮(ଭାସ୍କର ନ୍ୟୁଜ): ଢେଙ୍କାନାଳରେ ହାତୀ-ମଣିଷ ମଧ୍ୟରେ ବିବାଦ ଥମୁନାହିଁ । ସୋମବାର ଢେଙ୍କାନାଳ ଜିଲ୍ଲା ବଙ୍ଗା ପଞ୍ଚାୟତର ବ୍ରଜନାଥପୁର ପୋଖରୀ ହୁଡାରେ ହାତୀ ଆକ୍ରମଣରେ ଜଣକର ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଚଳିତ ମାସରେ ହାତୀ ଆକ୍ରମଣରେ ୩ଜଣ ଆହତ ହୋଇଥିବା ସୂଚନା ଦିଆଯାଇଛି।

ସେନ୍‌ସେକ୍ସ: ୮୧,୬୩୫.୯୧
ସର୍ବାଧିକ: ୨୯.୨ ଡିଗ୍ରୀ
ସର୍ବନିମ୍ନ: ୨୫.୪ ଡିଗ୍ରୀ

### ୨୫।୮।୨୦୨୫ ର ମତାମତ

ଦିଲ୍ଲୀ ବୈଠକ ରାଜ୍ୟ କଂଗ୍ରେସକୁ ମଜବୁତ କରିବାରେ ସହାୟକ ହେବ କି?




### ଆଜିର ପ୍ରସଙ୍ଗ

ବନ୍ୟା ପୀଡ଼ିତଙ୍କୁ ସରକାର ତ୍ୱରିତ ସହାୟତା ଯୋଗାଇବା ଉଚିତ୍ ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

### ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଉତ୍ତର ଓଡିଶା ପାଣି ସରସର
ଲଗାତର ଛଅଥର,
ସବୁ ନଈନାଳ ଉଛୁଳୁଛି ଏବେ
ସବୁଠି ବନ୍ୟାର ଡର ।
ଚାଷବାସ ନାରଖାର,
ରାଜ୍ୟ ସରକାର ସ୍ଥିତି ପରଖିବେ
ଚଢ଼ି ହେଲିକେପଟର !!

ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର





ଆସିକା (ଭାସ୍କର ନ୍ୟୁଜ) : ପଞ୍ଚାୟତରେ ନିଜର ସମସ୍ୟା ଜଣାଇବା ପାଇଁ ଆରମ୍ଭ ହୋଇଛି ପଞ୍ଚାୟତସ୍ତରୀୟ ଜନ ଶୁଣାଣି କାର୍ଯ୍ୟକ୍ରମ। ନିଜ ନିଜର ସମସ୍ୟା ସଂପର୍କରେ ଏଣିକି ଲୋକଙ୍କୁ ବାହାରକୁ ଯାଇ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ ନାହିଁ। ଲୋକେ ହାତ ପାହନ୍ତାରେ ସମସ୍ତ ସମସ୍ୟାର ସମାଧାନ ପାଇଁ ଏବେ ସୁଯୋଗ ପାଉଛନ୍ତି। ସଂପ୍ରତି ଗଞ୍ଜାମ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଆରମ୍ଭ ହୋଇଛି ପଞ୍ଚାୟତ ସ୍ତରରେ ଜନଶୁଣାଣି କାର୍ଯ୍ୟକ୍ରମ ଆଜି ଧରାକୋଟ ବ୍ଲକର ଦ୍ୱିତୀୟ ଜନ ଶୁଣାଣି କାର୍ଯ୍ୟକ୍ରମ ଗୁମ୍ଫୁ ପଞ୍ଚାୟତରେ ହୋଇଯାଇଛି। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ତହସିଲଦାର ଲମ୍ବୋଦର ମାରାଣ୍ଡି, ଭାରପ୍ରାପ୍ତ ବିଡ଼ିଓ ସୁଶାଳ ପଟ୍ଟନାୟକ, ସରପଞ୍ଚ ଗୀତାଞ୍ଜଳି ସ୍ୱାଇଁ, ପୂର୍ବତନ ସରପଂଚ ସୁଧାକର ସ୍ୱାଇଁ, ସମିତି ସଭ୍ୟ ବନବାସ ବେହେରା, ଯୋଗାଣ ଅଧିକାରୀ ସଂଜୟ ମଲ୍ଲିକ, ନିର୍ବାହୀ ଅଧିକାରୀ ଆଶୁତୋଷ ଦୋରା, ଏଡିଓ ବିଦେଶୀ ଗୌଡ, ଆର ଡବ୍ଲ୍ୟୁଏସ୍ଏସ୍ ସହକାରୀ ଯନ୍ତ୍ରୀ ଚିନ୍ମୟୀ ରାଉତ, ଏପିଓ ନନ୍ଦିନୀ ଦାସ, ବିଏସ୍ଏସ୍ ଓ ସଚିନ୍ ପାତ୍ର, ଡ. ସଚ୍ଚିଦାନନ୍ଦ ବିଶୋୟୀ, ଏବିଓ ବିଭୂତି ଭୂଷଣ ପାତ୍ର, ବିପିସି ଶୁଶାନ୍ତ ନାୟକ ସମସ୍ତ ଲାଇନ୍ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହିଥିଲେ। ଆଜିର ଜନଶୁଣାଣିରେ ୧୫୫ଜଣ ନିଜର ଲିଖିତ ଅଭିଯୋଗ ଦାଖଲ କରିଥିଲେ।

## କେନ୍ଦୁଗଣ୍ଡି ସହ କାର୍ ଜବତ, ଅଭିଯୁକ୍ତ ଫେରାର




ମୁରିବାହାଲ(ଭାସ୍କର ନ୍ୟୁଜ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବନ ବିଭାଗ ଦ୍ୱାରା ଚଢ଼ାଉ ବେଳେ କେନ୍ଦୁ ଗଣ୍ଡି ସହ ଏକ ସୁଜୁକି ଅଲଟ୍ରୋ ଗାଡି (ଓଆର ୦୩ ଡି ୬୩୦୧) ଜବତ ହୋଇଥିବା ଜଣାଯାଇଛି। ସୂଚନା ଅନୁସାରେ ଟିକ୍ରାପଡା ପଟରୁ କେନ୍ଦୁ ଗଣ୍ଡି ଆସୁଥିବା ସୂଚନା ପାଇ ମୁରିବାହାଲ ବନ ବିଭାଗ ଏକ ଟିମ୍ ଗଠନ କରି ଟିକ୍ରାପଡାରୁ କଣ୍ଟାବାଞ୍ଜି ଅଭିମୁଖେ ଯାଉଥିବା ବେଳେ ଗୁଡିଘାଟ ନିକଟରେ ମୁରିବାହାଲ ବନ ବିଭାଗ ଦ୍ୱାରା କାବୁ କରିଥିଲେ। ଚଳନ୍ତା କାର୍‌ରୁ ଚାଲାଣକାରୀ ମାନେ ଡେଇଁ ପଳାଇ ଯାଇଥିବା ବେଳେ, ଗାଡି ଏବଂ କେନ୍ଦୁଗଣ୍ଡିକୁ ଫରେଷ୍ଟ ବଙ୍ଗଳାକୁ ଅଣା ଯାଇଥିଲା। ଏହି ଚଢ଼ାଉ ସମୟରେ ମୁରିବାହାଲ ରେଞ୍ଜର ଶିବ ପ୍ରସାଦ ନାୟକ, ଫରେଷ୍ଟର ମନୋଜ ଦଣ୍ଡସେନା ଫରେଷ୍ଟର ଗାଡ଼ ଅଜିତ ବେହେରା, ଆଇପିସିଇଏ ସ୍କ୍ୱାଡ଼ ଲିଙ୍ଗେଶ୍ୱର ମହାନନ୍ଦ, କୁବେର ମାଝୀ, ବରୁଣ ସାହୁ, ଶିବ ନାଗ ଚଢ଼ାଉ ବେଳେ ସାମିଲ ଥିଲେ। ଏନେଇ କେସ୍ ନଂ ୟୁଡି ୦୮/୨୫-୨୬ ରୁଜୁ କରି କିଏ ଆଉ କେଉଁଠିକୁ ଚାଲାଣ କରୁଥିଲା ତାହା ଜଣାପଡ଼ି ନଥିବା ବେଳେ ତଦନ୍ତ କରାଯାଉଛି ବୋଲି ମୁରିବାହାଲ ରେଞ୍ଜର ଶିବପ୍ରସାଦ ନାୟକ ପ୍ରକାଶ କରିଛନ୍ତି।

## ପ୍ରଶ୍ରୟା ୱେଲଫାୟାର ଫାଉଣ୍ଡେସନର ସାମାଜିକ କାର୍ଯ୍ୟକ୍ରମ



ଫୁଲନଖରା (ଭାସ୍କର ନ୍ୟୁଜ୍) : ଆନ୍ତର୍ଜାତୀୟ ଅଗ୍ରଣୀ ସାମାଜିକ ସଙ୍ଗଠନ ପ୍ରଶ୍ରୟା ୱେଲ ଫାୟାର ଫାଉଣ୍ଡେସନ ଟିମ୍ ଆଶ୍ରୟା ପକ୍ଷରୁ ଲକ୍ଷ୍ମୀସାଗର ସ୍ଥିତ ମଧୁର୍ମୟୀ ଆଦର୍ଶ ଶିକ୍ଷା ନିକେତନ ଅପରାହ୍ନ ସମୟରେ ବିଭିନ୍ନ ପ୍ରକାର ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନର ଷ୍ଟେଟ୍ ଲିଡ୍ ସାଇ ସ୍ୱୀକୃତି ପଣ୍ଡା, ଷ୍ଟେଟ୍ କୋଅଡିନେଟର ଅର୍ପିତା ଜେନା, ସୀୟାସନ୍ଧ୍ୟା ପ୍ରଧାନ, ତମନ୍ନା ପଟ୍ଟନାୟକ ପ୍ରମୁଖ ଏହି ଅବସରରେ ସ୍ୱଚ୍ଛତା ସାମଗ୍ରୀ, ବିସ୍କୁଟ, ଚକୋଲେଟ୍ ପ୍ରମୁଖ ବଣ୍ଟନ କରିଥିଲେ। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ଉତ୍ସାହ ବଢ଼ାଇବା ନିମନ୍ତେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା କରାଯାଇଥିଲା।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର

# କର୍ମଚାରୀ ସମୟାନୁବର୍ତ୍ତିତା ହୁଅନ୍ତୁ, ନଚେତ ଦୃଢ କାର୍ଯ୍ୟାନୁଷ୍ଠାନ : ଜିଲ୍ଲାପାଳ



### ସମସ୍ୟା ସମାଧାନ ନକଲେ ଆତ୍ମାହୂତି ଦେବି : ସୀତା

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ) : ପୁରୀ ଜିଲ୍ଲା ଅସ୍ତରଙ୍ଗ ପଂଚାୟତ ସମିତି ସମ୍ମିଳନୀ କକ୍ଷ ମଧ୍ୟରେ ବ୍ଲକ ଅଧକ୍ଷା ଆରତୀ ନାଏକଙ୍କ ଅଧକ୍ଷତାରେ ପରିଚାଳିତ ଜିଲ୍ଲାପାଳ ପୁରୀଙ୍କ ଯୁଗ୍ମ ଜନଶୁଣାଣୀ ଶିବିରରେ ଅତିଥି ଭାବେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପଜିଲ୍ଲାପାଳ ରାଜକିଶୋର ଜେନା, ମୁଖ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଅକ୍ଷୟ କୁମାର ଶତପଥୀ, ସହକାରୀ ଜିଲ୍ଲାପାଳ ଜନଶୁଣାଣୀ ପଞ୍ଚାନନ ପରିଜା, ନିମାପଡା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ, ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି, ବିଡ଼ିଓ ସୁଶ୍ରୀ ସସ୍ମିତା ବେହେରା ତଥା ଶିକ୍ଷା, ଯୋଗାଣ ବିଭାଗ, ମଙ୍ଗଳ ବିଭାଗ, ସମାଜକଲ୍ୟାଣ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, କୃଷି, ଜଙ୍ଗଲ, ବିଦ୍ୟୁତ, ଜଳସେଚନ, ପଶୁସମ୍ପଦ, ଶ୍ରମ, ମୃର୍ତ୍ତିକା ସଂରକ୍ଷଣ, ଅବକାରୀ ଆଦି ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗଦେଇଥିଲେ। ପ୍ରଶାସନକୁ ଲୋକାଭିମୁଖୀ କରିବା ସହ ଆଇନର ପରିସରରେ ସାଧାରଣ ଲୋକର ସମସ୍ୟା ସମାଧାନ ସମ୍ପୂର୍ଣ୍ଣ କରିବା ହେଉଛି ଅଭିଯୋଗ ଶୁଣାଣିର ଆଭିମୁଖ୍ୟ। ଏହି ଜନଶୁଣାଣି ଶିବିରରେ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ସୁରେନ୍ଦ୍ର ନାଥ ବିଦ୍ୟାପୀଠ ସୁନ୍ଦର ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀମାନେ ଜାଳେଣି କାଠ ବୋହିବା ଘଟଣା ପରେ ମଣ୍ଡଳ ଶିକ୍ଷାଅଧିକାରୀ ଘଟଣା ସମ୍ପର୍କରେ ତଦନ୍ତ ମଧ କରିଥିଲେ, ଯାହାକୁ ନେଇ ସମାଜସେବୀ ଇନ୍ଦ୍ରମଣି ଜେନା ଜନଶୁଣାଣିରେ ଅଭିଯୋଗ ମଧ କରିଥିଲେ। ଏହାସହ ମଧ୍ୟାହ୍ନ ଭୋଜନ ବନ୍ଦ ସମ୍ପର୍କରେ ଅଭିଯୋଗ କରିବା ପରେ ଜିଲ୍ଲାପାଳ ଶ୍ରୀଯୁକ୍ତ ପରିଡା ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରିଣୀ ଓ ମଣ୍ଡଳ ଶିକ୍ଷାଧିକାରୀଙ୍କୁ ଘଟଣା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଅବଗତ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟଏକ ଅଭିଯୋଗରେ ଝାଡ଼ଲିଙ୍ଗ ସରପଞ୍ଚ ବୃନ୍ଦାବନ ନାୟକ ଅଭିଯୋଗ ମୁତାବକ ମାସେ କି ଦୁଇ ମାସ ନୁହେଁ ମାସ ମାସ ଧରି ହରିଶ୍ଚନ୍ଦ୍ର ଯୋଜନାରେ ଶବଦାହ ପାଇଁ ହିତାଧିକାରୀଙ୍କୁ ମିଳୁନି ଟଙ୍କା। ଗରିବ ସୀମାରେଖା ତଳେ ବାସ କରୁଥିବା ଲୋକଙ୍କୁ ଶବ ଦାହ ପାଇଁ ୨ହଜାର ଟଙ୍କାର ସହାୟତା ରାଶି ଯୋଗାଇ ଦେବାକୁ ସରକାର ହରିଶ୍ଚନ୍ଦ୍ର ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସରପଞ୍ଚଙ୍କ ଅନୁମୋଦନ କ୍ରମେ ପଞ୍ଚାୟତରୁ ଏହି ଟଙ୍କା ତୁରନ୍ତ ହିତାଧିକାରୀଙ୍କୁ ପ୍ରଦାନ କରିବାର ବ୍ୟବସ୍ଥା ରହିଛି। କିନ୍ତୁ ଝାଡ଼ଲିଙ୍ଗ ପଞ୍ଚାୟତରେ ପାଖାପାଖି ୬ମାସ ମଧ୍ୟରେ ୨୭ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ପାଇଁ ହରିଶ୍ଚନ୍ଦ୍ର ଯୋଜନା ଗରିବଙ୍କ ପ୍ରତି ଉପହାସ ସଦୃଶ୍ୟ ହୋଇଛି। ସେହିପରି ନଈଗୁଆଁ ପଞ୍ଚାୟତ ଡେରୁଣିଆ ଗ୍ରାମର ସୀତା ମଲ୍ଲିକ ମହିଳା ମହାସଂଘରେ ବିଭିନ୍ନ ଅନିୟମିତତା ନେଇ ସିଧା ସଳଖ ଜିଲ୍ଲାପାଳଙ୍କୁ କହିବା ସହ ସମସ୍ୟା ସମାଧାନ ନହେଲେ ଆତ୍ମହୂତି ଦେବେ ବୋଲି ଜିଲ୍ଲାପାଳଙ୍କୁ ସର୍ବସମ୍ମୁଖରେ ରୋକଠୋକ ଶୁଣାଇବା ପରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ସିଡିପିଓ କାର୍ଯ୍ୟାଳୟରେ ବସି ମହିଳାଙ୍କ ସମସ୍ୟା ସମ୍ପର୍କରେ ବୁଝିବା ସହ ଖୁବଶୀଘ୍ର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଗୋସିଙ୍ଗା ଗ୍ରାମର ଦିବ୍ୟାଙ୍ଗ ଦୀପକ ଛାଟୋଇ ଜଣେ ପାରାଆଥେଲେଟିସାନ ହୋଇଥିବା ବେଳେ ବିଭିନ୍ନ ସମସ୍ୟା ସହ ତାଙ୍କୁ ୩ ଚକିଆ ଗାଡି ସହାୟତା କରିବାକୁ ଜିଲ୍ଲାପାଳଙ୍କୁ ଜଣାଇ ଥିଲେ। ବିଭିନ୍ନ ବିଭାଗରେ ଥିବା କର୍ମଚାରୀ ମାନେ ଠିକ୍ ସମୟରେ ଆସୁନଥିବାରୁ ଜିଲ୍ଲାପାଳ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ସଠିକ ସମୟରେ କାର୍ଯ୍ୟାଳୟରେ ପହଞ୍ଚିବାକୁ ନିର୍ଦ୍ଦେଶ ଦିଆଯାଇଛି। କର୍ମଚାରୀମାନେ ସମୟାନୁବର୍ତ୍ତିତା ହୁଅନ୍ତୁ ନଚେତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅଭିଯୋଗ ପ୍ରକୋଷ୍ଠରେ ସମୁଦାୟ ୧୨୦ଗୋଟି ଅଭିଯୋଗ ଆସିଥିବା ବେଳେ ସେଥି ମଧ୍ୟରୁ ଅନେକ ବ୍ୟକ୍ତିଗତ ଅଭିଯୋଗ ଓ ଅନେକ ସମୂହ ଅଭିଯୋଗ ଥିଲା। ଅଭିଯୋଗ ଶୁଣାଣିରେ ରାଜସ୍ୱ, ଆବାସ ଯୋଜନା, ଭିନ୍ନକ୍ଷମକୁ ପ୍ରଶାସନର ବୈମାତୃକ ମନୋଭାବ ଯୋଗୁଁ ଅନ୍ତ୍ୟୋଦୟ ଗୃହରୁ ବଞ୍ଚିତ କରିବା, ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ, ଚିକିତ୍ସା ସହାୟତା, ସ୍ଥାନୀୟ ଅଞ୍ଚଳରେ ନିଶା କାରବାର ରୋକିବା, କେନାଲରେ ଜଳ ସେଚନ ସମସ୍ୟା, ବିଭିନ୍ନ କାର୍ଯ୍ୟର ବିଲ୍ ପୈଠ ସହ ଭତ୍ତା ସମ୍ବନ୍ଦୀୟ ଅଭିଯୋଗର ତୁରନ୍ତ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହ ଅନ୍ୟ ଅଭିଯୋଗ ଗୁଡିକ ମଧ ପଞ୍ଜିକୃତ ହୋଇଥିଲା। ଏହି ଶିବିରରେ ଜିଲ୍ଲାସ୍ତରୀୟ ସହ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

## ମୁନି ସମାଜର ଆଶ୍ରମ ଅଭିଯାନ



କେନ୍ଦୁଝର,(ଭାସ୍କର ନ୍ୟୁଜ୍) : ଅଖିଳ ଭୂମଣ୍ଡଳୀୟ ସର୍ବ ଶିରୋମଣି ମୁନିସମାଜ (ଓଡ଼ିଶା ପ୍ରାନ୍ତ) ଦ୍ୱାରା ପ୍ରାୟୋଜିତ ଅଷ୍ଟମ ସଚେତନତା ଅଭିଯାନ କେନ୍ଦୁଝର ଗଡ ବଣିଆପାଟସ୍ଥ ସରସ୍ୱତୀ ଶିଶୁ /ବିଦ୍ୟା ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି। ଲଗାଣ ବର୍ଷା ସତ୍ତ୍ୱେ କେନ୍ଦୁଝର ଜିଲ୍ଲାର ସଦର, ଚମ୍ପୁଆ ଓ ଝୁମ୍ପୁରା ବ୍ଲକର ୨୩ ଜଣ ଯୋଗ ଶିକ୍ଷକ/ ଶିକ୍ଷୟିତ୍ରୀ ଉପସ୍ଥିତ ରହି ସଦଗୁରୁ ଶିବ ମୁନି ପ୍ରଣୀତ ଅଷ୍ଟାଙ୍ଗ ଯୋଗ ଯମ, ନିୟମ, ଆସନ, ପ୍ରାଣାୟମ, ପ୍ରତ୍ୟାହାର ଧାରଣା, ଧ୍ୟାନ ଓ ସମାଧି ଉପରେ ନିଜର ବକ୍ତବ୍ୟ /ଜ୍ଞାନ ପ୍ରଦାନ କରିଥିଲେ। କେନ୍ଦୁଝର ଜିଲ୍ଲା ମୁନି ସମାଜର ଅଧକ୍ଷ ଯୋଗାଚାର୍ଯ୍ୟ ମୀନକେତନ ମୁନିଙ୍କ ପୌରହିତ୍ୟରେ ଆୟୋଜିତ ହୋଇଥିବା କର୍ମଶାଳାରେ କେନ୍ଦୁଝର ଜିଲ୍ଲା ମୁନି ସମାଜର ଉପଦେଷ୍ଟା ଯୋଗୀ ଅରୁଣ କୁମାର ମୁନି, ଯୋଗୀ ଅଶୋକ କୁମାର ମୁନି, କେନ୍ଦୁଝର ଜିଲ୍ଲା ମୁନି ସମାଜର ସଂପାଦକ ଯୋଗୀ ଘନଶ୍ୟାମ ମୁନି, ଯୋଗୀ ଜ୍ୟୋତି ରଞ୍ଜନ ମୁନିଙ୍କ ଉପସ୍ଥିତି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲା।

# ସରସ୍ୱତୀ ଶିଶୁମନ୍ଦିରରେ ମାତୃ ସମ୍ମିଳନୀ




କୁକୁଡାଖଣ୍ଡି, (ଭାସ୍କର ନ୍ୟୁଜ) : କୁକୁଡାଖଣ୍ଡି ସରସ୍ୱତୀ ଶିଶୁମନ୍ଦିରରେ ମାତୃ ସମିଳନୀ ପ୍ରଧାନ ଗୁରୁଜୀ ନିରଞ୍ଜନ ବିଶୋଇଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସମିଳନୀରେ ସମ୍ଭାଗ ପକ୍ଷରୁ ଶିଶୁ ବଟିକାର ତଥା ଛତ୍ରପୁର ଶିଶୁମନ୍ଦିରରେ କାର୍ଯ୍ୟରତ ଗୁରୁମା ପି. ଲଳିତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଞ୍ଚାସିନ ହୋଇଥିବା ବେଳେ ଉକ୍ତ ବିଦ୍ୟାଳୟର ପ୍ରଧାନଗୁରୁଜି ନିରଞ୍ଜନ ବିଶୋଇ, ସଭାପତି ଶତ୍ରୁଘ୍ନ ମହାରଣା, ଉପସଭାପତି ବଳାବତୀ ଦଳବେହେରା ମଞ୍ଚାସୀନ ଥିଲେ। ପ୍ରଥମେ ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା ଦ୍ୱୀପ ପ୍ରଜ୍ୱଳନ କରିବା ପରେ ଛାତ୍ରୀ ବିଦ୍ୟାଶ୍ରୀ ପଣ୍ଡା ଓ ଗୁଜୁରୀତିରୁପତିଙ୍କ ଦ୍ୱାରା ଠୁକୁଲୁ ଠାକୁଲୁ ଗୀତ ପରିବେଷଣ ହୋଇଥିଲା। ଶିଶୁ ବଟିକାର ଗୁରୁମା ପି. ଲଳିତା ଯୋଗ ଦେଇ ଶିଶୁ ମାନଙ୍କ ପ୍ରତି ଶିଶୁ ମନ୍ଦିରରେ ତିନୋଟି ବିଭାଗ ରେ ପିଲାମାନଙ୍କୁ ପାଠ ପଢ଼ାଯାଏ ଯାହା ଅରୁଣ, ଉଦୟ, ପ୍ରଭାତ ବୋଲି କହିଥିଲେ। ଶିଶୁ କିଏ, ଶିଶୁର କିପରି ଯତ୍ନ ନେବା, ଶିଶୁକୁ ଫାଷ୍ଟ ଫୁଡ ଖାଦ୍ୟ ନଦେବା, କହିଥିବା ବେଳେ ଶିଶୁକୁ ଖେଳ, ନାଚ ଓ ଗପ ଦ୍ୱାରା ପଢ଼ା ଯାଏ କିନ୍ତୁ ମାନସିକ ଚାପରେ ପାଠ ପଢଯିବ ନାହିଁ କାରଣ ଶିଶୁ ମାନଙ୍କ କୋମଳ ମତି ଥାଏ ବୋଲି କହିଥିଲେ। ଶିଶୁ ମାନଙ୍କୁ କିପରି ମାଆ ମାନେ ଯତ୍ନ ନେବା ସହ ପିଲାଙ୍କୁ ଅତ୍ୟଧିକ ପାଠ ପଢିବା ପାଇଁ ଚାପ ନଦେବା ପାଇଁ ଉପସ୍ଥିତ ମା ମାନଙ୍କୁ ନିବେଦନ କରିଥିଲେ। ସେହିପରି ଉକ୍ତ ସ୍କୁଲର ପ୍ରଧାନଗୁରୁଜି ଶ୍ରୀ ବିଶୋଇ ସ୍କୁଲର ଉନ୍ନତି ଓ ଛାତ୍ର ଛାତ୍ରୀ କିପରି ସୁସ୍ଥ ରହିବା ଓ ଭଲ ପାଠ ପଢିବେ ସେ ନେଇ ଆଲୋକ ପାତ କରିଥିଲେ। ଏହି ସମ୍ମିଳନୀରେ ସଂକୁଳର ଶିଶୁ ବିଭାଗର ଦାୟିତ୍ୱରେ ଥିବା ଗୁରୁମା ସାକା ବାସନ୍ତୀ ସମେତ ଉକ୍ତ ବିଦ୍ୟାଳୟ ଗୁରୁଜୀ ଗୁରୁମା ମାନେ ଉପସ୍ଥିତ ଥିବା ବେଳେ ଅରୁଣ, ଉଦୟ, ଓ ପ୍ରଭାତରେ ଅଧ୍ୟୟନ କରୁଥିବା ଛାତ୍ର ଛାତ୍ରୀଙ୍କ ମାଆ ମାନେ ଉପସ୍ଥିତ ଥିଲେ। ଶେଷରେ ଉକ୍ତ ବିଦ୍ୟାଳୟର ଗୁରୁମା ଇପିଲି ଉର୍ମିଳକ୍ଷ ସମସ୍ତଙ୍କୁ ସାଧୁବାଦ ଜଣାଇବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ସିପିଆଇ ପକ୍ଷରୁ ୧୦ମ ଜିଲ୍ଲା ସମ୍ମିଳନୀ



ମାଥିଲି (ଭାସ୍କର ନ୍ୟୁଜ୍) ମାଥିଲି କଲ୍ୟାଣ ମଣ୍ଡପ ଠାରେ ସିପିଆଇ ତରଫରୁ ୧୦ମ ଜିଲ୍ଲା ସମ୍ମିଳନୀ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ସିପିଆଇ କର୍ମୀମାନେ ଆସି ଯୋଗ ଦେଇଥିଲେ। ବରିଷ୍ଠ ନେତା ହଳଧର ପୂଜାରୀଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ କୁମାର ମହାନ୍ତି ଏ ସମ୍ମିଳନୀରେ ଉପସ୍ଥିତ ଥିଲେ। ଏହି କର୍ମୀ ସମ୍ମିଳନୀରେ ଜିଲ୍ଲାର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିବା ସହ ଦଳ କିପରି ତୃଣମୂଳ ସ୍ତରରେ ପହଞ୍ଚି ଲୋକଙ୍କ ସମସ୍ୟା ଗୁଡ଼ିକ ଲୋକଲୋଚନକୁ ଆସିବ ଆଉ ଲୋକ କେମିତି ନ୍ୟାୟ ପାଇବ ସେଥି ପ୍ରତି ଧ୍ୟାନ ଦେବା ପାଇଁ ନେତା କର୍ମୀଙ୍କୁ ବୁଝାଇଥିଲେ। ଗରିବ ମାନଙ୍କୁ କେମିତି ଲୁଟୁଛନ୍ତି। ଆଉ ଜଙ୍ଗଲ, ଜମି, ରାସ୍ତା ଘାଟ, ଶିକ୍ଷା ବ୍ୟବସ୍ଥା ଓ ସ୍ୱାସ୍ଥ୍ୟ ପ୍ରଭୃତି ସମସ୍ୟା ପାଇଁ କେମିତି ଲଢ଼େଇ କରିବା ଆଉ ନ୍ୟାୟ ପାଇବା ସେଥିପ୍ରତି ବିଶେଷ ଧ୍ୟାନ ଦେବାକୁ କୁହାଯାଇଛି। ସଭା ଶେଷ ହେବା ପୂର୍ବରୁ ଜିଲ୍ଲା ପରିଷଦ ନିର୍ବାଚନ କରାଯାଇଥିଲା। ଜିଲ୍ଲା ପରିଷଦ ସମ୍ପାଦକ ଭାବେ ପୁନର୍ବାର ହଳଧର ପୂଜାରୀ ନିଯୁକ୍ତ ହୋଇଥିଲେ ଓ ଉପ-ସମ୍ପାଦକ ଭାବେ ଦୁଇଜଣ କୁମର ଜାଲିଆ ଓ ନଳବ ନାୟକଙ୍କୁ ନିର୍ବାଚିତ କରାଯାଇଥିଲା।

## ପିକ୍‌ଅପ୍ ଧକ୍କାରେ ଜଣେ ଗୁରୁତର



ଆଳି, (ଭାସ୍କର ନ୍ୟୁଜ):କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ମାନପୁର ପୋଲ ଛକ ନିକଟରେ ଆଜି ସନ୍ଧ୍ୟା ସମୟରେ ନିକଟସ୍ଥ ଭୂଇଁପୁର ଗ୍ରାମ ର ଜଣେ ବ୍ୟକ୍ତି ଗୋକୁଳାନନ୍ଦ ମଲିକ (୫୮) ନିଜ ଅଟୋ ନିକଟରେ ଛିଡା ହୋଇ ଗାଡି ଚକା ଦେଖୁଥିବା ସମୟରେ ଆଳି ପଟୁ ଏକ ପିକଅପ ଗାଡି ଦ୍ରୁତଗତି ରେ ଆସି ପ୍ରଥମେ ଦୁଇଟି କୁକୁର ଓ ଏକ ଷଣ୍ଢକୁ ଧକ୍କା ଦେବା ପରେ ଭାରସାମ୍ୟ ହରାଇ ଗୋକୁଳାନନ୍ଦକୁ ଶକ୍ତ ଧକ୍କା ଦେଇଥିଲା। ଫଳରେ ଗୋକୁଳାନନ୍ଦଙ୍କର ମୁଣ୍ଡ, ଅଣ୍ଟା ଓ ଦୁଇ ଗୋଡ଼ ମାଡ଼ ହୋଇ ପ୍ରଚୁର ରକ୍ତସ୍ରାବ ହେବା ଦେଖିବାକୁ ମିଳିଛି। ଘଟଣା ସ୍ଥଳ ଦୁଇ କୁକୁର ମରିଯିବା ସହ ଷଣ୍ଢଟି ଗୁରୁତର ଆହତ ହୋଇଛି। ଆହତ ଗୋକୁଳାନନ୍ଦଙ୍କୁ ପ୍ରାଥମିକ ଚିକିତ୍ସା କରିବା ସହ ପ୍ରଥମେ ଆମ୍ବୁଲାନ୍ସ ଯୋଗେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ଡାକ୍ତର ସେଠାରେ ତାଙ୍କର ଆଶୁ ଚିକିତ୍ସା ପରେ ତାଙ୍କ ଗୋଡ଼ରୁ ରକ୍ତସ୍ରାବ ବନ୍ଦ ନ ହେବାରୁ ତାଙ୍କର ଅଧିକ ଚିକିତ୍ସା ପାଇଁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କେନ୍ଦ୍ରାପଡ଼ା ଓ ସ୍ୱାସ୍ଥ୍ୟବସ୍ଥା ଅତି ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ପଠାଇ ଦିଆଯାଇଥିଲା। ଖବର ପ୍ରକାଶ ଯେ ଉକ୍ତ ପିକଅପଟି ଦୁର୍ଘଟଣା ଘଟାଇ ସଂସିଧା ନିକଟରେ ଭାରସାମ୍ୟ ହରାଇ ରାସ୍ତା ତଳେ ପଡ଼ିଥିବା ସୂଚନା ମିଳିଛି।

## ଦୁର୍ଘଟଣାର କାରଣ ସାଜିଛି ଭଙ୍ଗା ରାସ୍ତା



ବସ୍ତା (ଭାସ୍କର ନ୍ୟୁଜ) : ବାଲେଶ୍ୱର ଜିଲ୍ଲା ର ବସ୍ତା ବ୍ଲକ୍ ସ୍ଥିତ ଦରଡାରୁ ଗୋଡ଼ିଖାଲ ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ଅବସ୍ଥା ବହୁତ ସଂକୀର୍ଣ୍ଣ। ଏହି ରାସ୍ତା ଦରଡ଼ାରୁ ୭ଲକ୍ଷ ପର୍ଯ୍ୟନ୍ତ ଯାଇକି ଗୋଡିଖାଳର ଜାତୀୟ ରାଜପଥ ଘଐ ୧୬ ପର୍ଯ୍ୟନ୍ତ ରହିଛି। ଏବଂ ଏହା ବାଲିଆପାଳ ଓ ଲଙ୍ଗଳେଶ୍ୱର୍ ରୁ ଆସୁଥିବା ଯାନ ବାହନ ଏହା ଜଳେଶ୍ୱର ଓ ପଶ୍ଚିମବଙ୍ଗ, କଲିକତାକୁ ଯିବା ପାଇଁ ବହୁତ କମ ସମୟ ମଧ୍ୟରେ ସମସ୍ତ ଦୁଇ ଚକିଆ ଓ ଚାରି ଚକିଆ ଗାଡ଼ି , ମାଲବାହୀ ଗାଡ଼ି କୁ ଏବେ ବହୁତ ଘୁରିକି ଯିବାକୁ ପଡୁଛି। ଏବଂ ଅଧିକ ରାସ୍ତା ସହିତ ଅଧିକ ସମୟ ମଧ୍ୟ ଲାଗୁଛି। ଏହି ରାସ୍ତା ଏବେ କେଉଁଠି ପାଣି ଜମା ହୋଇଚି ତ କେଉଁଠି ଭଙ୍ଗିକି ଭୁଶୁଡ଼ି ଗଲାଣି ଏହା ବହୁତ ସଂକୀର୍ଣ୍ଣ ଅବସ୍ଥାରେ ରହିଚି। ଯାହା ଦ୍ୱାରା ପ୍ରତିଦିନ ଯାତାୟାତ କରୁଥିବା ଗାଡ଼ି ଏବେ ବହୁତ ଦୂର ରସ୍ତରେ ଘୁରିକି ଯିବାକୁ ପଡୁଛି। ଏବେ ସେହି ରାସ୍ତା ରେ ଲୋକେ ଯିବା ଆସିବା କରିବା ବିପଦପୂର୍ଣ୍ଣ। ବାକିରହିଲା ଏଥିପ୍ରତି କେବେ ସରକାରଙ୍କ ଦୃଷ୍ଟି ଆକର୍ଷିତ ହେଉଛି।

## ସୁଲେଖକ ବିବେକାନନ୍ଦ ପଟ୍ଟନାୟକଙ୍କ ପରଲୋକ



ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ) : ଚୌଦ୍ୱାର ଅଞ୍ଚଳର ବରିଷ୍ଠ ନାଗରିକ, ସୁଲେଖକ ତଥା ଆଧ୍ୟାତ୍ମବାଦୀ ବିବେକାନନ୍ଦ ପଟ୍ଟନାୟକଙ୍କର ୯୬ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିବାବେଳେ ଜଣେ ଉଚ୍ଚକୋଟୀର ଲେଖକ, ସମାଜସେବୀ, ସଙ୍ଗଠକ ତଥା ଆଧ୍ୟାତ୍ମିକ ଚେତନାର ବ୍ୟକ୍ତି ଭାବରେ ଅଞ୍ଚଳରେ ବେଶ୍ ସୁପରିଚିତ ଥିଲେ। ତାଙ୍କର ଚିତଜ୍ଞାନ ଦର୍ପଣ, ମାୟାବଣ ପୁସ୍ତକ ପାଠକ ମହଲରେ ବେଶ୍ ଆଦୃତ ଲାଭ କରିଥିଲା। ବେଦ, ବେଦାଙ୍ଗ, ଉପନିଷଦ, ପୁରାଣ, ଦର୍ଶନରେ ତାଙ୍କର ଗଭୀର ଜ୍ଞାନ ଥିଲା। ସ୍ୱର୍ଗତ ପଟ୍ଟନାୟକ ଓଡ଼ିଶା ଟେକ୍ସଟାଇଲ ମିଲସରେ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରି ଆସିଥିବାବେଳେ ଗୋପବନ୍ଧୁ ହାଇସ୍କୁଲ, ଓଟିଏମ୍ ହାଇସ୍କୁଲ ପରିଚାଳନା କମିଟିର ସଦସ୍ୟ ଭାବରେ କାର୍ଯ୍ୟ ମଧ କରିଥିଲେ। ଏହା ସହ ହାଉସିଂବୋର୍ଡ଼ କମ୍ୟୁନିଟି ୱେଲଫେୟାର ସେଣ୍ଟର, ନିଗମାନନ୍ଦ ଆଶ୍ରମର ସଭାପତି ଓ ବିରାଟେଶ୍ୱରୀ ପୂଜା କମିଟିର ଉପଦେଷ୍ଟା ଭାବରେ ତାଙ୍କର ଅବଦାନ ଉଲ୍ଲେଖନୀୟ ଥିଲା। ସେ ଚୌଦ୍ୱାର ଅଞ୍ଚଳର ବିଭିନ୍ନ ସାହିତ୍ୟ, ସାମାଜିକ, ଶୈକ୍ଷିକ ଅନୁଷ୍ଠାନ ସହ ଓତଃପ୍ରୋତ ଭାବେ ଜଡ଼ିତ ଥିବାବେଳେ ତାଙ୍କ ବିୟୋଗ ଖବର ପାଇ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ରାଜ୍ୟ ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ସ୍ୱାଇଁ, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ସିଡବ୍ଲୁସିର ସଭାପତି ପ୍ରଣବ କୁମାର ମହାନ୍ତି, ବିରାଟ ବଜାର ପୂଜା କମିଟି ସଭାପତି ପ୍ରଶାନ୍ତ ବରାଳ, ଚୌଦ୍ୱାର ସାହିତ୍ୟ ସଂସଦର ସଭାପତି ବିଶ୍ୱ କଲ୍ୟାଣ ଦାସ, ଅଧ୍ୟାପକ ପବିତ୍ର ମୋହନ ଭୂୟାଁ, ଶିଶୁ ବଜାର ସମ୍ପାଦକ ଦିବ୍ୟଜ୍ୟୋତି ପାଣି, ବରିଷ୍ଠ ବିଜେପି ନେତା ଅକ୍ଷୟ ଭୂୟାଁ, ଆଇନଜୀବୀ ରମେଶ ଚନ୍ଦ୍ର ଭୂୟାଁ, ସରିତା ଦାସ, ରାଜୀବ ମହାନ୍ତି, ଗଙ୍ଗାଧର ସାହୁ, ସତ୍ୟବ୍ରତ ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱର୍ଗତ ପଟ୍ଟନାୟକଙ୍କ ହାଉସିଂ ବୋର୍ଡ଼ ସ୍ଥିତ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ମୃତ୍ୟୁ ବେଳକୁ ସାନ ପୁଅ ଚନ୍ଦ୍ରପ୍ରକାଶ ପଟ୍ଟନାୟକଙ୍କ ସହ ଦୁଇ ବୋହୂ, ଚାରି ଝିଅ, ଜ୍ୱାଇଁ ଓ ନାତିନାତୁଣୀ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବାବେଳେ ବଡ଼ପୁଅ ବିଶ୍ୱ ପ୍ରକାଶ ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ।

## ଉମାଦେଇପୁର ପ୍ରାଣୀ ଚିକିତ୍ସାଳୟ ପାଲଟିଛି ଭୂତକୋଠି



ସାରସକଣା ( ଭାସ୍କର ନ୍ୟୁଜ୍): ଏହି ବ୍ଲକ ଅନ୍ତର୍ଗତ ଉମାଦେଇପୁର ପଞ୍ଚାୟତରେ ଥିବା ପ୍ରାଣୀ ଚିକିତ୍ସାଳୟ ଆରମ୍ଭ ହେବା ଦିନଠାରୁ ଏଠାରେ କୌଣସି ଡାକ୍ତର ନାହାନ୍ତି କି କୌଣସି ଦିନ କେହି ଆସି ଚିକିତ୍ସା କରିବାର ଲୋକମାନେ ଦେଖି ନାହାଁନ୍ତି। ଲୋକମାନେ ତାଙ୍କର ଗୃହପାଳିତ ପଶୁ ମାନଙ୍କୁ ଆଣି ଚିକିତ୍ସା ଅଭାବରୁ ଫେରି ଯାଉଛନ୍ତି। ଅନ୍ୟ ପ୍ରାଣୀ ଚିକିତ୍ସାଳୟ ଗୁଡ଼ିକ ବହୁ ଦୂରରେ ଥିବାରୁ ସେଠାକୁ ଯିବା ପାଇଁ ସମ୍ଭବ ନାହିଁ। ଆଖ ପାଖରେ ବହୁତ ଗ୍ରାମ ଗୁଡିକର ଲୋକମାନେ ଏହି ଚିକିତ୍ସାଳୟ ଉପରେ ନିର୍ଭର କରୁଥିବାରୁ, ସେମାନେ ତାଙ୍କର ଗୃହପାଳିତ ପଶୁ ମାନଙ୍କର ଚିକିତ୍ସା ଅଭାବରୁ ସେମାନେ ହନ୍ତସନ୍ତ ହେଉଛନ୍ତି। ଅନ୍ୟ ପକ୍ଷରେ ପଶୁ ଗୁଡ଼ିକ ଅକାଳରେ ମୃତ୍ୟୁବରଣ କରୁଛନ୍ତି। ପ୍ରଶାସନକୁ ଯେତେ ଥର ଅବଗତ କଲେ ମଧ କୌଣସି ସୁଫଳ ମିଳୁନାହିଁ। ଏବେ ଗୋରୁଗାଈ ମାନଙ୍କୁ ବସନ୍ତ ରୋଗର ସମ୍ଭାବନା ରହିଛି କିନ୍ତୁ ଦୁଃଖର ବିଷୟ ଯେ ସିଡିଭିଓ ମହାଶୟ ଏହାକୁ କାହିଁକି ଅଣଦେଖା କରୁଛନ୍ତି, କିଛି ବୁଝି ହେଉନାହିଁ। ଯଦି ଡାକ୍ତର ଅଭାବ ଅଛନ୍ତି, ଅନ୍ୟ କୌଣସି ଠାରୁ ସପ୍ତାହରେ ଥରେ ମଧ ଆଣି ଚିକିତ୍ସା କଲେ ମଧ ଜନସାଧାରଣ ଉପକୃତ ହୁଅନ୍ତେ। ତେଣୁ ପ୍ରଶାସନକୁ ଅନୁରୋଧ, ଏହାର ଏକ ସୁଚିନ୍ତିତ ଉପାୟ ବାହାର କରି ବିହିତ ପଦକ୍ଷେପ ନେଲେ, ଜନସାଧାରଣ ଏହାକୁ ସ୍ୱାଗତ କରିବେ ନଚେତ୍ ସେମାନେ ରାଜରାସ୍ତାକୁ ବାହାରିବା ପାଇଁ ବାଧ ହେବେ।

# ଲଗାଣ ବର୍ଷାରେ ସହରରେ ପଶିଲା ପାଣି



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ଲଘୁଚାପ ପ୍ରଭାବରେ କେନ୍ଦୁଝର ଜିଲ୍ଲାରେ ଲଗାଣ ବର୍ଷା ଜାରୀ ରହିଛି। ଲଗାଣ ବର୍ଷା ଫଳରେ ଜନଜୀବନ ପ୍ରଭାବିତ ହୋଇଛି। କେନ୍ଦୁଝର ଜିଲ୍ଲାରେ ପ୍ରବଳ ରୁ ଅତି ପ୍ରବଳ ବର୍ଷା ହେବାର ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଦିଆଯାଇଛି। ଗତ ଦୁଇଦିନ ଧରି ଜିଲ୍ଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ଝିପିଝିପି ଲାଗି ରହିଛି। ଲଗାଣ ବର୍ଷା ଯୋଗୁଁ କୁହୁଡିଆ ପାଗ ପାଇଁ ଗାଡିମୋଟର ଯାତାୟତରେ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଯାଇଥିଲା। ସୂଚନା ଅନୁସାରେ, କେନ୍ଦୁଝର ସଦର ବ୍ଲକ ଅଞ୍ଚଳରେ ୩୫.୨ ମିମି ବର୍ଷା ରେକର୍ଡ ହୋଇଥିବାବେଳେ ବାଂଶପାଳ ବ୍ଲକ ଅଞ୍ଚଳରେ ୧୦୬.୨ ମିମି,ତେଲକୋଇ ବ୍ଲକ ଅଞ୍ଚଳରେ ୧୦୨.୧ ମିମି, ପାଟଣା ବ୍ଲକ ଅଞ୍ଚଳରେ ୨୩.୬ ମିମି, ସାହାରପଡା ବ୍ଲକ ଅଞ୍ଚଳରେ ୩୨.୧ ମିମି,ଘଟଗାଁ ବ୍ଲକ ଅଞ୍ଚଳରେ ୮୯.୬ ମିମି, ହରିଚନ୍ଦନପୁର ବ୍ଲକ ଅଞ୍ଚଳରେ ୮୭.୧ ମିମି ବର୍ଷା ରେକର୍ଡ ହୋଇଛି। ସେହିପରି ଆନନ୍ଦପୁର ବ୍ଲକ ଅଞ୍ଚଳରେ ୧୭.୩ ମିମି, ଘସିପୁରା ବ୍ଲକ ଅଞ୍ଚଳରେ ୮୫.୩ ମିମି,ହାଟଡିହି ବ୍ଲକ ଅଞ୍ଚଳରେ ୩୫.୧ ମିମି,ଚମ୍ପୁଆ ବ୍ଲକ ଅଞ୍ଚଳରେ ୫୮.୧ ମିମି,ଯୋଡା ବ୍ଲକ ଅଞ୍ଚଳରେ ୫୬.୬ ମିଲିମିଟର ବର୍ଷା ରେକର୍ଡ ହୋଇଥିବାବେଳେ ଝୁମ୍ପୁରା ବ୍ଲକ ଅଂଚଳରେ ୨୭.୨ମିଲିମିଟର ବର୍ଷା ହୋଇଥିବା ଜଣାପଡିଛି। ଏଥିସହ ଲଘୁଚାପଜନିତ ଲଗାଣ ବର୍ଷାରେ ସମଗ୍ର କେନ୍ଦୁଝର ସହର ଜଳରେ ଉବୁଟୁବୁ ହୋଇଛି। ସହରର ପ୍ରମୁଖ ତଥା ସମ୍ବେଦନଶୀଳ ଅଞ୍ଚଳମାନଙ୍କରେ ଆଣ୍ଠୁଏ ଉଚ୍ଚର ପାଣି ଚାଲୁଥିବାବେଳେ ସାଧାରଣ ଲୋକଙ୍କର ଦୁର୍ଦ୍ଦଶା ବଢିବାରେ ଲାଗିଛି । ଲଗାଣ ବର୍ଷାରେ କେନ୍ଦୁଝର ସହରର ଭାଲୁକିପତଳାରେ ରାସ୍ତାରେ ପାଣି ଜମି ରହିଥିବାରୁ ଗମନାଗମନରେ ସମସ୍ୟା ଦେଖାଦେବା ସହ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଛି। ମୁଖ୍ୟ ରାସ୍ତା ଜଳମଗ୍ନ ହୋଇ ରହିଛି। ପାଣି ନିଷ୍କାସନ ହେଉନଥିବାବେଳେ ପୌରପାଳିକା ପକ୍ଷରୁ ପମ୍ପ ସାହାଯ୍ୟରେ ପାଣି ନିଷ୍କାସନ କରାଯାଉଛି। ଏତଦ୍ ଭିନ୍ନ କେନ୍ଦୁଝର ସହରର ମାଗୁରଗାଡିଆ, ଗାୟତ୍ରୀ ମନ୍ଦିର ନିକଟ,ବୁଲାଦୁଆର ସାହି, ସଞ୍ଜୀ କଲୋନୀ, ଭାଲୁକିପତଳା ଶ୍ରୀ ବିହାର ଲେନ-୧,ବଳଦେବଜୀଉ କଲୋନୀ, ବାନାର୍ଜୀ କଲୋନୀ, ବଳଦେବଜୀଉ କଲୋନୀ, ଡିଏଭି ସ୍କୁଲ ଲେନ ୧,୨,୩, ଗାୟତ୍ରୀ ମନ୍ଦିର କଲୋନୀ, ବ୍ୟାଙ୍କ କଲୋନୀ, ମଦନ ମୋହନ କର ଗଳି, ଆୟକରଭବନ ଗଳି, ବିବେକାନନ୍ଦ କଲୋନୀ, ଏଲଆଇସି କଲୋନୀ, ବଡହଳ ଏବଂ କାଶିପୁରର ବିଭିନ୍ନ ଅଞ୍ଚଳରେ ପାଣି ଜମି ରହିଥିବା ଖବର ମିଳିଛି। କେନ୍ଦୁଝର ସହରରେ ପ୍ରାକୃତିକ ଉପାୟରେ ଜଳସ୍ରୋତ ଯାଉଥିବା ସ୍ଥାନମାନଙ୍କରେ ବିନା ପ୍ଲାନରେ ଗୃହ ନିର୍ମାଣ ଓ ପାଚେରୀ ତିଆରି କରି ଅବରୋଧ କରିବା ଯୋଗୁଁ ଏପରି ଅବସ୍ଥା ସୃଷ୍ଟି ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ଲଗାଣ ବର୍ଷା ଫଳରେ କେନ୍ଦୁଝର ସହର ୧ ନମ୍ବର ୱାର୍ଡର ବିପିନ ବିହାରୀ ସେଠୀଙ୍କ ଆଜବେଷ୍ଟସ ଘର ଭାଙ୍ଗି ଯାଇଛି। ସ୍ଥାନୀୟ କାଉନସିଲର ଶରତ କୁମାର ସାହୁଙ୍କ ଠାରୁ ସୂଚନା ପାଇବା ପରେ କେନ୍ଦୁଝରଗଡ ପୌରପାଳିକା ପକ୍ଷରୁ ତାଙ୍କ ପରିବାର ଲୋକଙ୍କୁ ପାଲ,ଚୁଡା,କଦଳୀ ଦିଆଯାଇଛି।



କଟକ(ଭାସ୍କର ନ୍ୟୁଜ): ପଲିଥିନମୁକ୍ତ ପୂଜା-ଡିଜେମୁକ୍ତ ରୋଷଣୀ-ନିଶାମୁକ୍ତ ଭସାଣୀର ଆହ୍ୱାନ ସହ ମହାଷଷ୍ଠୀରୁ ଦୁର୍ଗାପୂଜା ଆରମ୍ଭ ହୋଇ ଅକ୍ଟୋବର ୩ରେ ଭାସାଣୀ ଉତ୍ସବ ହେବ ବୋଲି କଟକ ମହାନଗର ଶାନ୍ତି କମିଟି ମହାସଭାରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ମଣିସାହୁଛକ ପୂଜା କମିଟି ନିମନ୍ତ୍ରଣକ୍ରମେ କ୍ୟାଣ୍ଟନମେଣ୍ଟ ରୋଡ଼ରେ ମହାସଭାରେ ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ ଅଧ୍ୟକ୍ଷତା କରିଥିଲେ । କଟକ ସାଂସଦ ଭର୍ତ୍ତୃହରି ମହତାବ, କଟକ ମହାନଗର ପୂଜା କମିଟି ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ମେୟର ସୁବାସ ସିଂହ, ବାରବାଟୀ-କଟକ ବିଧାୟିକା ଇଂ.ସୋଫିଆ ଫିର୍ଦ୍ଦୋଷ, ପୂର୍ବତନ ବିଧାୟକ ଡ଼.ପ୍ରଭାତ ବିଶ୍ୱାଳ ଓ ଇଂ. ମହମ୍ମଦ ମୋକିମ, ବରିଷ୍ଠ ବିଜେପି ନେତା ନୟନ ମହାନ୍ତି, କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ସିଏମସି. କମିଶନର କିରଣଦୀପ କୌର ସାହୋତା, ଡ଼ି.ସି.ପି. ଜଗମୋହନ ମୀନା, ଏଡ଼ିସିପି. ଦେବଦତ୍ତ କର, ଡେପୁଟି ମେୟର ଦମୟନ୍ତୀ ମାଝୀ, କଟକ ବି.ଜେ.ପି. ସଭାପତି ସୁକାନ୍ତ ବିଶ୍ୱାଳ, ବିଜେଡି ନେତା ମଧୁସୂଦନ ପ୍ରମୁଖ ଉପସ୍ଥିତ ଥିଲେ ।

### ମୁଖ୍ୟମନ୍ତ୍ରୀଙ୍କ ସହ କେନ୍ଦ୍ର ସମବାୟ ରାଷ୍ଟ୍ରମନ୍ତ୍ରୀଙ୍କ ଆଲୋଚନା

# ଓଡିଶାରେ ସମବାୟ ବିକାଶ ପାଇଁ ବିଭିନ୍ନ ପ୍ରସ୍ତାବ ରଖିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଲୋକସେବା ଭବନରେ ସୋମବାର କେନ୍ଦ୍ର ସମବାୟ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସମବାୟ ରାଷ୍ଟ୍ରମନ୍ତ୍ରୀଙ୍କ ସହ ଓଡିଶାରେ ସମବାୟ କ୍ଷେତ୍ରର ଅଭିବୃଦ୍ଧି ବିଷୟରେ ଆଲୋଚନା କରିଛନ୍ତି। ବୈଠକରେ ରାଜ୍ୟରେ ସମବାୟ କ୍ଷେତ୍ରର ଅଗ୍ରଗତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥି ସହିତ ସମବାୟ କ୍ଷେତ୍ରରେ ହାସଲ କରାଯାଇଥିବା ସଫଳତା ଗୁଡିକ ମଧ୍ୟ କେନ୍ଦ୍ର ମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ବୈଠକରେ ମୁଖ୍ୟମନ୍ତ୍ରୀ ପ୍ୟାକ୍ସର ଋଣ ପରିଶୋଧ ସମୟସୀମାକୁ ୫ ବର୍ଷରୁ ୧୦ ବର୍ଷକୁ ବୃଦ୍ଧି କରିବା, ବଡମ୍ବା ଏବଂ ବଲାଙ୍ଗୀରର ଚିନିକଳକୁ କାର୍ଯ୍ୟକ୍ଷମ କରିବା, ଗୋପାଳପୁରରେ ଜାତୀୟ ତ୍ରିଭୁବନ ସମବାୟ ବିଶ୍ୱ ବିଦ୍ୟାଳୟର ଏକ ସାଟେଲାଇଟ୍ ସେଣ୍ଟର ପ୍ରତିଷ୍ଠା, ପ୍ରତି ଜିଲ୍ଲା ତଥା ସବ୍‌ଡିଭିଜନରେ ଶୀତଳ ଭଣ୍ଡାର ଏବଂ ପଣ୍ୟାଗାର ସ୍ଥାପନ, କୃଷକ ଉତ୍ପାଦକ ସଂଗଠନ ବୃଦ୍ଧି କରିବା, ସମସ୍ତ ନୂତନ ପ୍ରାଥମିକ କୃଷି ସମବାୟ ସମିତି ଗୁଡିକ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା ଆଦି ବିଷୟରେ ସମବାୟ ରାଷ୍ଟ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି କେନ୍ଦ୍ର ସରକାରଙ୍କ ସହଯୋଗ ଓ ସମର୍ଥନ କାମନା କରିଥିଲେ। କେନ୍ଦ୍ର ମନ୍ତ୍ରୀ ଓଡିଶା ସରକାରଙ୍କ ସମବାୟ କ୍ଷେତ୍ରର ବିକାଶ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସନ୍ତୋଷବ୍ୟକ୍ତ କରି କହିଥିଲେ ଯେ ଭାରତ ସରକାର ବିଭିନ୍ନ ରାଜ୍ୟରେ ସମବାୟ ବିକାଶ ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି। କିଛି ରାଜ୍ୟକୁ ମଧ୍ୟ ପାଇଲଟ ପ୍ରୋଜେକ୍ଟ ଭାବେ ଗ୍ରହଣ କରାଯାଇଛି। ସେସବୁ ରାଜ୍ୟର କାର୍ଯ୍ୟପ୍ରଣାଳୀକୁ ଅନୁଧ୍ୟାନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଏଥିସହ ଓଡିଶା ସରକାରଙ୍କ ପକ୍ଷରୁ ସମବାୟ ବିକାଶ ପାଇଁ ଯାହା ଆବଶ୍ୟକ ହେବ କେନ୍ଦ୍ର ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବେ ବୋଲି କହିଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ସମବାୟ ସଚିବ ରାଜେଶ ପ୍ରଭାକର ପାଟିଲ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, କେନ୍ଦ୍ର ସରକାରଙ୍କ ଯୁଗ୍ମ ସଚିବ ରମଣ କୁମାର, ଆନନ୍ଦ ଝା ଏବଂ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ପ୍ରଶିକ୍ଷଣ ପାଇଁ ଓଡ଼ିଶାରେ ପହଞ୍ଚିଲେ ଶ୍ରୀଲଙ୍କାର ଅଧିକାରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପଡ଼ୋଶୀ ରାଷ୍ଟ୍ର ଶ୍ରୀଲଙ୍କାର ୩୦ ଜଣ ଅଧିକାରୀ ସୋମବାର ଓଡ଼ିଶାରେ ପହଞ୍ଚିଛନ୍ତି । ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ ଆନୁକୂଲ୍ୟରେ ଏବଂ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ସଂଯୋଜନାରେ ସେମାନେ ୫ ଦିନ ଧରି ପ୍ରଶିକ୍ଷଣ ନେବେ। ଏହି ଅବସରରେ ସେମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି। ବିଭିନ୍ନ ସ୍ଥାନ ପରିଦର୍ଶନ ସମୟରେ ସେମାନେ ଓଡ଼ିଶାର କଳା-ସଂସ୍କୃତି-ଐତିହ୍ୟ-ଇତିହାସ-ବୌଦ୍ଧ କୀର୍ତିରାଜି ସମ୍ପର୍କରେ ଅବଗତ ହେବେ । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏବଂ ବିପର୍ଯ୍ୟୟ ପୂର୍ବରୁ ଓ ପରେ ଗଣମାଧ୍ୟମର ଭୂମିକା ସମ୍ପର୍କରେ ସ୍ଥାନୀୟ ରାଜସ୍ୱ ଅଧିକାରୀଙ୍କ ପ୍ରଶିକ୍ଷଣ ପ୍ରତିଷ୍ଠାନଠାରେ ସେମାନେ ପ୍ରଶିକ୍ଷିତ ହେବେ। ହକି ବିଶ୍ୱ କପ୍ ଆୟୋଜନ ସମୟରେ ହୋଇଥିବା ସଫଳ ଗଣମାଧ୍ୟମ ରଣନୀତି ଉପରେ କଳିଙ୍ଗ ଷ୍ଟାଡିୟମ୍ ଠାରେ ତାଲିମ ନେବେ। ହ୍ୱାଇଟ୍ ପାଗୋଡ଼ା ଧଉଳିର ଶାନ୍ତି ମନ୍ତ୍ରରେ ଅଭିମନ୍ତ୍ରିତ ହେବା ସହ ବ୍ଲାକ୍ ପାଗୋଡ଼ା କୋଣାର୍କର କାଳଜୟୀ ସ୍ଥାପତ୍ୟ ଓ ମରାଳ-ମାଳିନୀ-ନୀଳାମ୍ବୁ-ଚିଲିକାର ଅପରୂପ ସୌନ୍ଦର୍ଯ୍ୟକୁ ଉପଭୋଗ କରିବେ। ରାଜ୍ୟ ସଂଗ୍ରହାଳୟ ପରିଦର୍ଶନ ସମୟରେ ଓଡ଼ିଶାର ସମୃଦ୍ଧ କଳା, ଜୀବନ୍ତ ସଂସ୍କୃତି, ବିଭବଶାଳୀ ଐତିହ୍ୟ, ଗରିମାମୟ ଇତିହାସ ସମ୍ପର୍କରେ ଅବଗତ ହେବେ । ଓଡ଼ିଶା ବୟନ ଅସ୍ମିତାର କମନୀୟ ମାଧୁର୍ଯ୍ୟକୁ ବୟନିକାରେ ଉପଲବ୍ଧି କରିବେ । ଶ୍ରୀଲଙ୍କାର ଏହି ଅଧିକାରୀମାନେ ଆଜି କିଟ୍ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଛନ୍ତି । ଏହି ଅଧିକାରୀ ବୃନ୍ଦଙ୍କୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ ଦାସ ପଟ୍ଟନାୟକ, ନିର୍ଦ୍ଦେଶକ (ବୈଷୟିକ) ଗୁରବୀର୍ ସିଂ, ଅତିରିକ୍ତ ଶାସନ ସଚିବ ବିଷ୍ଣୁପ୍ରିୟା ସାହୁ, ଉପ-ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅନ୍ୟାନ୍ୟ ଅଧିକାରୀ ସ୍ୱାଗତ କରିଥିଲେ ।

## କିଟ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପ୍ରେରଣାଦାୟୀ ବକ୍ତୃତା




ଭୁବନେଶ୍ୱର(ଭାସ୍କର ନ୍ୟୁଜ): କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଯାଇଛି। ଆଲୋଚନାଚକ୍ରରେ କିଟ୍‌ର ପ୍ରତିଷ୍ଠାତା ସଭ୍ୟ ତଥା ଅନୁଷ୍ଠାନର ସଭାପତି ଡଃ. ଚିତ୍ତ ରଞ୍ଜନ ମିଶ୍ର ଓ ଖଲିକୋଟ ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ତଥା ଉତ୍କଳ ବିଶ୍ୱ ବିଦ୍ୟାଳୟ ଜୀବ ବିଜ୍ଞାନ ବିଭାଗର ପ୍ରାକ୍ତନ ପ୍ରଫେସର ଡଃ ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ଅଭିପ୍ରେରଣା ବକ୍ତବ୍ୟ ଶୃଙ୍ଖଳର କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ଆଲୋଚନାରେ ସଭାପତି ଡଃ. ମିଶ୍ର ପିଲାଙ୍କୁ ଶୃଙ୍ଖଳିତ ଜୀବନ ତଥା ଗୁରୁ ଗୁରୁଜନଙ୍କୁ ଭକ୍ତି, ନମ୍ରତା ଓ ସମର୍ପଣ ଭାବ ରହିଲେ ନିଶ୍ଚିତ ଭାବରେ ଜଣେ ଉତ୍ତମ ନାଗରୀକ ଭାବେ ଚରିତ୍ରଗଠନ, ଦେଶ ଗଠନ ଓ ଜାତି ଗଠନରେ ସହାୟକ ହେବ ବୋଲି ନିଜର ମତ ରଖିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ପ୍ରଫେସର ଡଃ. ପ୍ରଫୁଲ୍ଲ କୁମାର ମହାନ୍ତି ପିଲାମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ଉତ୍ତମ ମଣିଷ ହେବା ନିମନ୍ତେ କୌଶଳୀ ଅଭିଜ୍ଞତା, ପ୍ରୋତ୍ସାହନ ଏବଂ ଅଭିପ୍ରେରଣା କିପରି ସହାୟକ ବୁଝାଇବାକୁ ଯାଇ ନିଜର ଲକ୍ଷ୍ୟ ପୁରଣ ନିମନ୍ତେ କେତେ ମାର୍କରଖି ପାସ ତା ଉପରେ ଗୁରୁତ୍ୱ ନଦେଇ କ'ଣ ହେବାକୁ ଚାହଁ ଯଦ୍ୱାରା ନିଜର, ନିଜ ପରିବାରର ସର୍ବୋପରି ସମାଜର ମଙ୍ଗଳ ନିମନ୍ତେ ନିଜର ଅବଦାନ ମନେରଖିବାକୁ ହେବ। ପ୍ରତ୍ୟେକ ଅନୁଷ୍ଠାନ ନିଜର ଗୁରୁତ୍ୱ ବହନ କରେ ଫ ଏଥିପାଇଁ ତୁଳନା ଓ ଅଭିଯୋଗ ନ କରି ଆପୋଷ ସମାଧାନକୁ ଜୀବନର ବ୍ରତରୂପେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଶେଷରେ ନିୟମିତ ଆୟୋଜନ ଦ୍ୱାରା ଅନୁଷ୍ଠାନକୁ ଭିନ୍ନ ଏକ ଅନୁଷ୍ଠାନ ରୂପେ ଗଢିବା ସହ ବିଦ୍ୟାର୍ଥୀଙ୍କ ସମୃଦ୍ଧି ନିମନ୍ତେ ବାଟ କଢାଇବ ବୋଲି ଅଧ୍ୟକ୍ଷ ପ୍ରଫେସର ଉଦୟ ଶଙ୍କର ଆଚାର୍ଯ୍ୟ ବକ୍ତବ୍ୟ ରଖିଥିଲେ।

## ସତୀଚଉରା ଶ୍ମଶାନର ହେବ ନବକଳେବର

କଟକ(ଭାସ୍କର ନ୍ୟୁଜ): ସତୀଚଉରା ଶ୍ମସାନ ଓଡ଼ିଶାର ଗର୍ବ ଓ ଗୌରବର ପରିଚୟ ଦିଏ । ସ୍ୱାଧୀନତା ସଂଗ୍ରାମୀଙ୍କ ଠାରୁ ପ୍ରଖ୍ୟାତ ବ୍ୟକ୍ତିଙ୍କ ସତୀଚଉରା ହେଉଛନ୍ତି ସ୍ମାରକୀ ପୀଠ । କରୋନା ମହାମାରୀ ସମୟରେ ହଜାର ହଜାର ଶବ ରାଜ୍ୟର ଏଠାରେ ହୋଇଛି ଶବଦାହ । ଶ୍ମଶାନକୁ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରାଯାଇ ରୂପରେଖା ବଦଳାଇବାକୁ ପ୍ରୟାସ କରାଯାଇଛି । ସୋମବାର ମେୟର ସୁବାସ ସିଂହ, କମିଶନର କିରଣଦୀପ କୌର ସହୋତା, କର୍ପୋରେଟର ରିତାଞ୍ଜଳି ବେହେରା, ଅର୍ଦ୍ଧେନ୍ଦୁ ଶେଖର ମାଝୀ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁବାସ ସାହୁ ଶ୍ମଶାନ ବୁଲି ଦେଖିବା ସହ ଗ୍ୟାସ ଚୁଲା ୨ ମାସ ମଧ୍ୟରେ ଚାଲୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

## ବିଧାନସଭା ପରିସରରେ ପୂର୍ବତନ ବିଧାୟକ କରେନ୍ଦ୍ର ମାଝୀଙ୍କୁ ଶେଷ ସମ୍ମାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ାର ପୂର୍ବତନ ବିଧାୟକ କରେନ୍ଦ୍ର ମାଝୀଙ୍କ ମରଶରୀର ସୋମବାର ବିଧାନସଭା ପିରସରକୁ ଅଣାଯାଇଥିବା ବେଳେ ପୋଲିସ ବାହିନୀ ପକ୍ଷରୁ ଗାର୍ଡ଼ ଅଫ୍ ଅନର ଦିଆଯାଇଥିଲା। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ା, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ବିଧାୟକ ବାବୁ ସିଂ, ପୋଲିସ କମିଶନର ଏସ. ଦେବଦତ୍ତ ସିଂ, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ସ୍ୱର୍ଗତ ମାଝୀଙ୍କୁ ପୁଷ୍ପାର୍ଘ୍ୟ ଅର୍ପଣପୂର୍ବକ ଶେଷ ଦର୍ଶନ କରିଥିଲେ ।

## କରେନ୍ଦ୍ର ମାଝୀଙ୍କ ବିୟୋଗ ବିଜେପି ପରିବାର ପାଇଁ ଅପୂରଣୀୟ କ୍ଷତି: ମନମୋହନ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବାଲିଗୁଡ଼ାର ପୂର୍ବତନ ବିଧାୟକ ତଥା ବରିଷ୍ଠ ବିଜେପି ନେତା କରେନ୍ଦ୍ର ମାଝୀଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୫୨ ବର୍ଷ ହୋଇଥିଲା। ତାଙ୍କ ପରଲୋକରେ ରାଜ୍ୟ ବିଜେପି ତରଫରୁ ଗଭୀର ଶୋକବ୍ୟକ୍ତ କରାଯାଇଛି। ସ୍ୱର୍ଗତ ମାଝୀ ବିଜେପି ଦଳରୁ ୨୦୦୪ ଓ ୨୦୦୯ ମସିହାରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। କୁଟିଆ କନ୍ଧ ଆଦିବାସୀ ସମ୍ପ୍ରଦାୟର ସେ ଜଣେ ଜଣାଶୁଣା ନେତା ଥିଲେ। ବିଜେପିକୁ ତୃଣମୂଳସ୍ତରରୁ ସଙ୍ଗଠିତ କରି ମଜବୁତ୍ କରିବାରେ ତାଙ୍କ ଅବଦାନ ଅବିସ୍ମରଣୀୟ ହୋଇରହିବ। ସେ ସବୁବେଳେ ଦୁର୍ଗମ ଗ୍ରାମାଞ୍ଚଳର ବିକାଶ ଉପରେ ଗୁରୁତ୍ୱ ଦେଇ ଆସୁଥିଲେ। ତାଙ୍କ ତ୍ୟାଗ ଓ ଉତ୍ସର୍ଗୀକୃତ ମନୋଭାବ କାର୍ଯ୍ୟକର୍ତାଙ୍କ ପାଇଁ ଉଦାହରଣ ସୃଷ୍ଟି କରିବ। ତାଙ୍କ ବିୟୋଗରେ ରାଜ୍ୟ ତଥା ବିଜେପି ପରିବାର ପାଇଁ ଅପୂରଣୀୟ କ୍ଷତି ହୋଇଛି ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ସ୍ୱର୍ଗତଃ ମାଝୀଙ୍କ ପାର୍ଥୀବ ଶରୀର ପହଞ୍ଚିବା ପରେ ସଭାପତି, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ମନ୍ତ୍ରୀ ରବି ନାରାୟଣ ନାଏକ, କୃଷ୍ଣଚନ୍ଦ୍ର ପାତ୍ର, ନିତ୍ୟାନନ୍ଦ ଗଣ୍ଡ, ମୁକେଶ ମହାଲିଙ୍ଗ, କୃଷ୍ଣଚନ୍ଦ୍ର ମହାପାତ୍ର, ଗଣେଶ ରାମ ସିଂ ଖୁଣ୍ଟିଆ, ଗୋକୂଳାନନ୍ଦ ମଲ୍ଲିକ, ପୂର୍ବତନ ରାଜ୍ୟ ସଭାପତି ତଥା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସମୀର ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ମାନସ କୁମାର ମହାନ୍ତି, ସାଂସଦ ବଳଭଦ୍ର ମାଝୀ, ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ପ୍ରସାଦ ଶତପଥୀ, ରାଜ୍ୟ ସମ୍ପାଦକ ସରୋଜ କର, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ଦିଲୀପ ମହାନ୍ତି, ଦିଲୀପ ମଲ୍ଲିକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ବରିଷ୍ଠ ନେତା ମହେଶ ମହାନ୍ତି, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ରଙ୍କ ସମେତ ବିଜେପି ନେତୃବୃନ୍ଦ ଓ ଶତାଧିକ କାର୍ଯ୍ୟକର୍ତ୍ତା ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ।

### ସ୍କୁଲ, କଲେଜ୍ କ୍ୟାମ୍ପସ ଡ୍ରଗ୍ସ ଫ୍ରି କରିବାକୁ ସଚେତନତା ସୃଷ୍ଟି ପାଇଁ ନିର୍ଦ୍ଦେଶ

# ବେଆଇନ ମାଦକ ଦ୍ରବ୍ୟ ଚୋରାଚାଲାଣ ରୋକିବାକୁ ଗୁରୁତ୍ୱ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବେଆଇନ୍ ମାଦକ ଦ୍ରବ୍ୟ ଚୋରାଚାଲାଣ ଏବଂ ନିଶା ଦ୍ରବ୍ୟ ରୋକିବା ସଂପର୍କରେ ଦୃଢ କାର୍ଯ୍ୟାନୁଷ୍ଠାନ ନେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି । ଏ ସଂପର୍କରେ ମୁଖ୍ୟ ଶାସନ ସଚିବ ଲୋକ ସେବା ଭବନରେ ଆଜି ଅନୁଷ୍ଠିତ ଏକ ଉଚ୍ଚ ସ୍ତରୀୟ ବୈଠକରେ ରାଜ୍ୟର ସ୍ଥିତି ଅନୁଧ୍ୟାନ କରିଥିଲେ। ବୈଠକରେ ଅବକାରୀ ବିଭାଗ ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ୨୦୨୫ ବର୍ଷ ଜୁଲାଇ ମାସ ଶେଷ ସୁଦ୍ଧା ତଥା ଅଦ୍ୟାବଧି ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସଂପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ବୈଠକରେ ଅବକାରୀ ବିଭାଗ, ପୁଲିସ୍ ପ୍ରଶାସନ, ଉଚ୍ଚ ଶିକ୍ଷା ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବ ଏବଂ ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ସମୀକ୍ଷାରେ ମୁଖ୍ୟ ଶାସନ ସଚିବ ବିଶେଷ କରି ବିଦ୍ୟାଳୟ, ମହାବିଦ୍ୟାଳୟ ପରିସର ଏବଂ ସଂଲଗ୍ନ ଅଞ୍ଚଳରେ ବେଆଇନ୍ ନିଶାଦ୍ରବ୍ୟ ବିକ୍ରୟ, ସେବନ ଓ କାରବାର ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଛାତ୍ରଛାତ୍ରୀଙ୍କ ପାଇଁ ସବୁ ବିଦ୍ୟାଳୟ ମହାବିଦ୍ୟାଳୟକୁ ଡ୍ରଗ୍ ଫ୍ରି କ୍ୟାମ୍ପସ (ନିଶଦ୍ରବ୍ୟ ମୁକ୍ତ ପରିସର) କରିବା ପାଇଁ ସଚେତନ କରାଯିବା ସହିତ ନିରାପଦ ଶିକ୍ଷା ପରିବେଶ ସୃଷ୍ଟି ପାଇଁ ଜିରୋ ଟଲେରାନ୍ସ ନୀତି ପ୍ରତି ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି । ବେଆଇନ୍ ମାଦକ ଦ୍ରବ୍ୟ ଚୋରାଚାଲାଣ, ତଦନ୍ତ, ଦୋଷୀ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଏବଂ ବେଆଇନ୍ ଯୋଗାଣ ଶୃଙ୍ଖଳ ରୋକିବା ପ୍ରତି ଦୃଢ଼ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ । ଭୁବନେଶ୍ୱର, କଟକ ସହର ସମେତ ବିଭିନ୍ନ ସହର ଯେଉଁଠି ମାଦକ ଦ୍ରବ୍ୟ କାରବାର ବେଆଇନ୍ ଚୋରାଚାଲାଣ ଓ ବ୍ୟବହାର ସଂପର୍କିତ କାର୍ଯ୍ୟକଳାପ ବୃଦ୍ଧି ପାଉଛି, ସେହି ସବୁ ସହରରେ ଚଢ଼ଉ ଓ ସଚେତନତା ଅଭିଯାନକୁ ବ୍ୟାପକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।





"ଭଗବତ୍ କରୁଣା, ଭଗବତ୍ ଇଚ୍ଛା ଓ ଭଗବତ୍ କର୍ମରେ ପୂର୍ଣ୍ଣ ବିଶ୍ୱାସ ରଖି ଚାଲ। ସବୁ କିଛି ଠିକ୍ ହୋଇଯିବ।"
-ଶ୍ରୀମା



"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ।"
- ଉତ୍କଳମଣି ଗୋପବନ୍ଧୁ ଦାସ



# ଟ୍ରମ୍ପଙ୍କୁ ଭାରତର ମୁହଁତୋଡ଼ ଜବାବ୍

## ଜୟଶଙ୍କରଙ୍କ ସ୍ପଷ୍ଟୋକ୍ତି ସ୍ୱାଗତଯୋଗ୍ୟ

ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ କ୍ରମାଗତ ଭାରତ ବିରୋଧୀ ଅଭିଯାନର ପାଲଟା ଜବାବ୍ ଦେବା ସହିତ ବିଶ୍ୱର ସର୍ବବୃହତ୍ ଶକ୍ତିଶାଳୀ ଓ ଧନୀକ ଦେଶକୁ ନାଲିଆଖି ଦେଖାଇବାକୁ ଭାରତ କୁଣ୍ଠାବୋଧ କରିନାହିଁ। ସହିବାର ସବୁ ସୀମା ଟପିଯିବା ପରେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଆମେରିକା ଓ ପାକିସ୍ତାନକୁ ଟାର୍ଗେଟ୍ କରି କଡ଼ା ଚେତାବନୀ ଶୁଣାଇଛନ୍ତି। ରୁଷରୁ ଅଶୋଧିତ ତୈଳ ଆମଦାନୀ କରୁଥିବାରୁ ଭାରତ ଉପରେ ଉତକ୍ଷିପ୍ତ ହୋଇ ଟ୍ରମ୍ପ୍ ଦୁଇଟି ପର୍ଯ୍ୟାୟରେ ୫୦ ପ୍ରତିଶତ ଶୁଳ୍କ (ଟାରିଫ୍) ଲାଗୁ କରିଛନ୍ତି। କେବଳ ସେତିକି ନୁହେଁ, ବିଶ୍ୱର ଚତୁର୍ଥ ବୃହତ ଅର୍ଥ ବ୍ୟବସ୍ଥାରେ ପରିଣତ ହୋଇଥିବା ଭାରତୀୟ ଅର୍ଥନୀତିକୁ ଏକ 'ମୃତ ଅର୍ଥନୀତି' ବୋଲି ବିଦ୍ରୂପାତ୍ମକ ମନ୍ତବ୍ୟ ଦେବାକୁ ସେ ପଛାଇ ନଥିଲେ। ଭାରତର ପାରମ୍ପରିତ ଶତ୍ରୁ ପାକିସ୍ତାନର ସେନାମୁଖ୍ୟ ଅସିମ୍ ମୁନିର୍ ଦୁଇମାସରେ ଦୁଇଥର ଆମେରିକା ଗସ୍ତରେ ଯାଇ ଆଦର ଅଭ୍ୟର୍ଥନା ପାଇବା ଏବଂ ରାଷ୍ଟ୍ରପତି ଟ୍ରମ୍ପ୍ ତାଙ୍କୁ ହ୍ୱାଇଟ୍ ହାଉସ୍‌ରେ ନୈଶ୍ୟ ଭୋଜିରେ ଆପ୍ୟାୟିତ କରିବା ଭାରତ ବିରୋଧୀ ମନୋଭାବକୁ ଅଧିକ ସ୍ପଷ୍ଟ କରିଛି। ଏହି ପୃଷ୍ଠଭୂମିରେ ଆମ ବୈଦେଶିକ ମନ୍ତ୍ରୀ ଜୟଶଙ୍କର ଦୁଇ ରାଷ୍ଟ୍ରକୁ ମୁହଁତୋଡ଼ ଜବାବ୍ ଦେଇ ଯେଉଁ ମନ୍ତବ୍ୟ ରଖିଛନ୍ତି, ତାହା ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ ମନେହେଉଛି। ଅତୀତକୁ ସ୍ମରଣ କରାଇ ସେ କହିଛନ୍ତି ଯେ, ଗତ ୨୦୧୧ ମସିହାରେ ପାକିସ୍ତାନରେ ଆତଙ୍କବାଦୀଙ୍କ ଆଡ୍ଡାକୁ ଭାଙ୍ଗିବାକୁ ଯାଇ ଆମେରିକା ସେନା ସାମରିକ ଅଭିଯାନ ଚଳାଇଥିଲେ ଏବଂ ଅଲ୍-କାଏଦା ମୁଖ୍ୟ ତଥା ଦୁର୍ଦ୍ଦାନ୍ତ ଆତଙ୍କବାଦୀ ଓସାମା ବିନ୍ ଲାଡେନ୍‌କୁ ହତ୍ୟା କରିଥିଲେ। ଦୁନିଆର ସବୁଠାରୁ କୁଖ୍ୟାତ ଆତଙ୍କୀ ଲାଡେନ୍ ପାକିସ୍ତାନର ଆବୋଟାବାଦ୍ ସହରରେ ହିଁ ଅବସ୍ଥାନ କରି ଆମେରିକା ଉପରେ ଆକ୍ରମଣ କରିଥିଲା। କିଛି ଦେଶ ନିଜର ସୁବିଧା ପାଇଁ ରାଜନୀତି କରୁଛନ୍ତି। ଉଭୟ ଆମେରିକା ଓ ପାକିସ୍ତାନକୁ ଜଣାଅଛି ଭାରତ କ'ଣ, ଏହାର ଶକ୍ତି କେତେ ଏବଂ ଭାରତ-ଆମେରିକା ସମ୍ପର୍କର କେତେ ଗୁରୁତ୍ୱ ରହିଛି। ଭାରତ ଓ ପାକିସ୍ତାନ ସମ୍ପର୍କକୁ ନେଇ ଜୟଶଙ୍କର କହିଛନ୍ତି ଯେ, ଏହି ଦ୍ୱିପାକ୍ଷିକ ସମ୍ପର୍କ କ୍ଷେତ୍ରରେ କୌଣସି ତୃତୀୟ ପକ୍ଷର ମଧ୍ୟସ୍ଥତାକୁ ଭାରତ କେବେହେଲେ ଗ୍ରହଣ କରିପାରିବ ନାହିଁ। ବିଗତ ୫୦ବର୍ଷରୁ ଅଧିକ ସମୟ ଧରି ଭାରତ ସବୁ ସମୟରେ କହି ଆସିଛି ଯେ, ପାକିସ୍ତାନ ପ୍ରସଙ୍ଗରେ କୌଣସି ମଧ୍ୟସ୍ଥତା ଗ୍ରହଣ ନୁହେଁ। ପ୍ରକୃତ କଥା ହେଉଛି ଯେ, ରାଷ୍ଟ୍ରପତି ଟ୍ରମ୍ପ୍ ଭାରତ-ପାକ୍ ସଂଘର୍ଷ ବେଳେ ଯୁଦ୍ଧବିରତି ପ୍ରସ୍ତାବ ଦେଇଥିବାର ବରାବର ଦାବି କରି ଆସୁଛନ୍ତି। ମାତ୍ର ଭାରତ ତାଙ୍କର ଏହି ଦାବିକୁ ଅଗ୍ରାହ୍ୟ କରିଛି। ଯେତେବେଳେ ଦୁଇଦେଶ ମଧ୍ୟରେ କୌଣସି ସଂଘର୍ଷ ଘଟେ, ଗୋଟିଏ ଦେଶ ଅନ୍ୟ ଦେଶ ସହ କଥାବାର୍ତ୍ତା କରିଥାଏ। ସେହି ଦୃଷ୍ଟିରୁ ଆମେରିକା ଓ ଅନ୍ୟ କେତେକ ଦେଶ ଭାରତ ସହ କଥାବାର୍ତ୍ତା କରିଥିଲେ, ଯାହାକୁ କେହି ଅସ୍ୱୀକାର କରୁନାହାନ୍ତି। ଏସବୁ କଥାବାର୍ତ୍ତାର ବିବରଣୀ ଫୋନ୍ କଲ୍ ଡାଟାରେ ଏବେ ବି ଉପଲବ୍ଧ ରହିଛି। ମାତ୍ର ଭାରତ-ପାକିସ୍ତାନ ଭିତରେ ଯୁଦ୍ଧବିରତି ଟ୍ରମ୍ପ୍‌ଙ୍କ ଫୋନ୍ କଲ୍ ଯୋଗୁଁ ସମ୍ଭବ ହେଲା ବୋଲି କହିବା ସମ୍ପୂର୍ଣ୍ଣ ଭୁଲ୍ ବୋଲି ଜୟଶଙ୍କର ସ୍ପଷ୍ଟ କରି ଦେଇଥିଲେ। ଭାରତ-ଆମେରିକା ବାଣିଜ୍ୟ କାରବାର ନେଇ ଦୁଇଦେଶ ମଧ୍ୟରେ କୌଣସି ମତଭେଦ ନାହିଁ ଓ ଏବେ ବି ରାଜିନାମା ସ୍ୱାକ୍ଷର ସମ୍ପର୍କରେ କଥାବାର୍ତ୍ତା ଚାଲୁ ରହିଛି। ଭାରତ ନିଜର ରାଷ୍ଟ୍ରୀୟ ହିତକୁ ଦୃଷ୍ଟିରେ ରଖି ରୁଷରୁ ତେଲ କ୍ରୟ କରୁଛି। ଚାଷୀ ଓ କ୍ଷୁଦ୍ର ବ୍ୟବସାୟୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଭାରତ ଏହାର ବାଣିଜ୍ୟ ନୀତି ନିର୍ଦ୍ଧାରଣ କରିଛି ଏବଂ ଏଥିରେ କାହାରି ହସ୍ତକ୍ଷେପ ଗ୍ରହଣୀୟ ନୁହେଁ। ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ବିଦେଶ ନୀତି ଅତୀତର ସମସ୍ତ ରାଷ୍ଟ୍ରପତିଙ୍କ ବିଦେଶ ନୀତି ଠାରୁ ଭିନ୍ନ ବୋଲି ଜୟଶଙ୍କର ମତବ୍ୟକ୍ତ କରିଥିଲେ। ଆମ ବୈଦେଶିକ ମନ୍ତ୍ରୀଙ୍କ ଏହି ସ୍ପଷ୍ଟୋକ୍ତିରେ ସାମଗ୍ରିକ ଭାବରେ ଭାରତର ଜନସାଧାରଣଙ୍କ ମତାମତର ଯେ ପ୍ରତିଫଳନ ଘଟିଛି ଏଥିରେ ସନ୍ଦେହର ଅବକାଶ ନାହିଁ।

# ୩୦ ଦିନ ମଧ୍ୟରେ ଶୀଘ୍ର ଦୁର୍ନୀତି ବିଚାର



ମହାମେଘବାହନ ଐର ଖାରବେଳ ସ୍ୱାଇଁ
Email: kharabelaswain(@gmail.com
ମୋ: ୯୪୩୭୦୨୦୨୯୦


ଭାରତର ଜନସଂଖ୍ୟା ଗୋଟିଏ ଗଣତାନ୍ତ୍ରିକ ଦେଶ ହିସାବରେ ଏକ ଅନୁଷ୍ଠାନ ହୋଇ ରହିଛି। ଏଠାରେ ଅନେକ ଭାରତୀୟମାନେ ଯେଉଁମାନେ ଭବିଷ୍ୟତକୁ ଦେଖିବାକୁ ଚାହାନ୍ତି ସେମାନେ କହନ୍ତି, ଯଦି ତିନୋଟି ପ୍ରସ୍ତାବିତ ବିଲ୍ ଆଇନରେ ପରିଣତ ହୁଏ, ତା ହେଲେ ଏହା ଗୋଟିଏ ବଡ଼ ସଫଳତା ହେବ। ଏହି ବିଲ୍‌ଗୁଡ଼ିକ ଗୋଟିଏ ସମ୍ବିଧାନିକ ପରିବର୍ତ୍ତନ ଆଣେ ଯାହା କହେ ଯେ, କୌଣସି ସଂସ୍ଥା ଏଥିରେ ୩୦ଦିନରୁ ଅଧିକ ପାଇଁ ବିଚାର କରିପାରିବ ନାହିଁ। ଏହାକୁ କୁହାଯାଇଛି ଯେ, ୩୦ଦିନ ପରେ ଯଦି ଜଣେ ନିର୍ବାଚିତ ପ୍ରତିନିଧି ମୁଖ୍ୟମନ୍ତ୍ରୀ ହୁଅନ୍ତୁ ବା ଯାହା ହୁଅନ୍ତୁ ସେ ପଦରେ ରହିପାରିବେ ନାହିଁ ଯଦି ସେ ଜେଲ୍‌ରେ ଥାନ୍ତି। ଏହା କୌଣସି ବିଚାରଗତ ପ୍ରକ୍ରିୟା ଯେ କୌଣସି ପ୍ରକାରର କାର୍ଯ୍ୟ କରିପାରିବ ଏବଂ ତଥାପି ମଧ୍ୟ ନିର୍ବାଚିତ ମୁଖ୍ୟମନ୍ତ୍ରୀମାନେ କ୍ଷମତାରୁ ବାହାରି କରିଦିଆଯାଇପାରିବ। ସବୁ କିଛି ଦୁର୍ନୀତି ଅଭିଯୋଗ ଅନୁସାରେ କରାଯାଇ ପାରିବ। ଏ ସମ୍ପର୍କରେ ନିରପେକ୍ଷ ରହିବା ପାଇଁ ନୂଆ ଆଇନ ଗୁଡ଼ିକ ପ୍ରଧାନମନ୍ତ୍ରୀଙ୍କ ପଦକୁ ମଧ୍ୟ ବୁଝେଇବ। କିନ୍ତୁ ବାସ୍ତବିକତା ଦୃଷ୍ଟିରୁ ଏହା ହେଉଛି ଗୋଟିଏ ବହୁତ ବଡ଼ କାନ୍ଥ ଯାହାକୁ ଚଢ଼ିବା ବଡ଼ କଷ୍ଟକର। ଏ କ୍ଷେତ୍ରରେ ସମ୍ଭାବନା ବହୁତ କମ୍ ଯେ, ଏହି ବିଲ୍ ଯଦି ପାସ୍ ହୁଏ, ଏହାକୁ ରାଜ୍ୟସ୍ତରୀୟ ମନ୍ତ୍ରୀମାନଙ୍କ ବିରୁଦ୍ଧରେ କେବଳ ଲଗାଯାଇପାରିବ ଏବଂ ଅଭିଜ୍ଞତା କହେ ଯେ, ଯେଉଁମାନେ ବିରୋଧୀ ଦଳରେ ଅଛନ୍ତି ସେମାନଙ୍କୁ ସବୁଠାରୁ ବେଶୀ ଜୋର୍‌ରେ ଆଘାତ କରାଯାଇପାରିବ। ଗୋଟିଏ ନୂଆ ରିପୋର୍ଟ ଅନୁସାରେ ଯାହା ଗଣତାନ୍ତ୍ରିକ ସଂସ୍କାର ସଂଗଠନ ବିଷୟରେ କୁହାଯାଉଛି ୩୦ଟି ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରୁ ଦେଶର ୧୨ଜଣଙ୍କୁ ଅର୍ଥାତ୍ ୪୦ ପ୍ରତିଶତ ମୁଖ୍ୟମନ୍ତ୍ରୀଙ୍କ ବିରୁଦ୍ଧରେ ଅପରାଧିକ ମାମଲାଗୁଡ଼ିକ ବର୍ତ୍ତମାନ ଲାଗୁ ଅଛି। ଏହା ହେଉଛି ତିନୋଟି ନୀତି ଯାହା ସରଳ ଯେପର୍ଯ୍ୟନ୍ତ ତାହାକୁ ଅପରାଧୀ ହିସାବରେ ଅଣାଯାଇନାହିଁ। ଏଥିପାଇଁ ଉପଯୁକ୍ତ ପ୍ରକ୍ରିୟାକୁ ଗ୍ରହଣ କରାଯାଇଛି ଏବଂ କ୍ଷମତାର ବିଭକ୍ତିକରଣ କରାଯାଇଛି। ଗୋଟିଏ ଥରରେ କହିବାକୁ ଗଲେ ସବୁ ତିନୋଟି ନୀତିଗୁଡ଼ିକ ଗୋଟିଏ ଗଣତନ୍ତ୍ରରେ ପୁରସ୍କାର ରୂପେ ଦିଆଯାଇଥାଏ ଯାହା କ୍ରମଶଃ ଅଦୃଶ୍ୟ ଏହାକୁ ପ୍ରମାଣ କରିବା ପାଇଁ ଯିଏ ବାଦି ସେମାନଙ୍କୁ ବିଭିନ୍ନ ଅଭିଯୋଗ ଆଣିବାକୁ ପଡ଼ିବ ଏବଂ ସେଥିପାଇଁ ଅନ୍ୟ କେହି କିଛି କରିପାରିବେ ନାହିଁ। ଯେଉଁ ମନ୍ତ୍ରୀମାନେ ୩୦ଦିନରୁ ଅଧିକ ଜେଲ୍‌ରେ ଅଛନ୍ତି ସେମାନେ ଆପେ ଆପେ ପଦରୁ ଯିବେ ଏବଂ ତାଙ୍କ ଉପରେ ଆଙ୍ଗୁଠି ମଧ ଉଠେଇବାକୁ ପଡ଼ିବ ନାହିଁ। ଏହା କୌଣସି ଆଶ୍ଚର୍ଯ୍ୟର କଥା ନୁହେଁ ଯେ, ବିରୋଧୀ ଦଳମାନେ ଏବେ ଏମାନଙ୍କ ବିରୁଦ୍ଧରେ ଗୋଟିଏ ବଡ଼ ଧରଣର ଆକ୍ରମଣ କରିଛନ୍ତି।

କଂଗ୍ରେସ ମୁଖ୍ୟ ରାହୁଲ ଗାନ୍ଧୀ କହିଛନ୍ତି ଆମେ ସମସ୍ତେ ମଧ୍ୟଯୁଗ ଆଡ଼କୁ ଯାଉଛନ୍ତି ଯେତେବେଳେ ରାଜା ଯେ କୌଣସି ଲୋକକୁ ହଟେଇ ଦେଇପାରିବେ ତାଙ୍କର ଇଚ୍ଛା ଅନୁସାରେ। ଯଦି ସେ କାହାର ମୁହଁକୁ ନ ଚାହାନ୍ତି ଏବଂ ତେବେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପାଖରୁ ଗିରଫ ପରୱାନା ପାଇପାରିବେ ଏବଂ ଗୋଟିଏ ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ବ୍ୟକ୍ତି ୩୦ ଦିନ ମଧ୍ୟରେ କ୍ଷମତାଚ୍ୟୁତ ହୋଇପାରିବେ। ସିପିଏମ୍ ନେତା ଏମ୍ଏ ବେବି କହିଛନ୍ତି ଯେ, ଏହା ହେଉଛି ଗୋଟିଏ ଅତ୍ୟନ୍ତ କଠୋର ଦଣ୍ଡ ଯାହାର ଉଦ୍ଦେଶ୍ୟ ହେଉଛି ବିରୋଧୀମାନଙ୍କୁ ଆକ୍ରମଣ କରିବା ଯେଉଁଠି ସେମାନେ ଶାସନ କରୁଛନ୍ତି ଏବଂ ସଂଘୀୟ ସମନ୍ୱୟ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ନିର୍ଦ୍ଧାରିତ ହେବ। ସେ କହିଲେ ଯେ, ଏହା ହେଉଛି ସାମ୍ବିଧାନିକ ନୈତିକତା ଉପରେ ଏକ ଆକ୍ରମଣ ଅପରାଧ ଉପରେ ନୁହେଁ।

ଏଆଇଏମ୍ଆଇଏର ଅସାଦୁଦ୍ଦିନ ଓଆଇସି ସତର୍କ କରି ଦେଇଥିଲେ ଯେ, ଏହା ଗୋଟିଏ ଗେଷ୍ଟାପୋ ସଂସ୍ଥାର କାର୍ଯ୍ୟ। ଯାହା ଅଣନିର୍ବାଚିତ ସଂସ୍ଥାମାନେ କରିପାରନ୍ତି। ଯେଉଁମାନେ ବିଚାରପତି, ଜୁରି ଏବଂ କାର୍ଯ୍ୟନିର୍ବାହୀଙ୍କ ପରି କାମ କରିବେ, ଯେଉଁମାନେ ଗୋଟିଏ ବୈଧାନିକ ସ୍ୱାତନ୍ତ୍ୟ ପାଇବେ ଏବଂ ଏମାନେ ଲୋକଙ୍କର ଅଧିକାରକୁ ନଷ୍ଟ କରିପାରିବେ ଯେଉଁମାନେ ନିର୍ବାଚିତ ହୋଇଛନ୍ତି। କଂଗ୍ରେସ ତରଫରୁ କୁହାଯାଇଛି ଯେ, ଏହି ବୈଧାନିକ କାର୍ଯ୍ୟ ହେଉଛି ସମ୍ବିଧାନର ମୌଳିକ ଢାଞ୍ଚାକୁ ନଷ୍ଟ କରିବା କଥା। ଯାହା ଆଇନର ଶାସନକୁ ନଷ୍ଟ କରିବ ଆଇନର ମୂଳ ପଦ୍ଧତିକୁ ଭାଙ୍ଗିବ ଏବଂ ଯାହାକୁ ଉପରକୁ ନିରପରାଧ ବୋଲି ଦିଶିବ।

ସବୁଠାରୁ ଚିନ୍ତାର ବିଷୟ ହେଲା ଏହି ପ୍ରସ୍ତାବିତ ଆଇନ କୌଣସି ଦୃଢ଼ ସୁରକ୍ଷା ନାହିଁ। ଏହା କେତେବେଳେ ପର୍ଯ୍ୟନ୍ତ ଲାଗୁ ହେବ ସେ ସମ୍ପର୍କରେ କୌଣସି କଥା ନାହିଁ। ଏଥିପାଇଁ କୌଣସି ସମୀକ୍ଷାର ଆଇନ ନାହିଁ। ଅଦାଲତରେ ବିଚାର ପରେ ଜେଲଦଣ୍ଡ ପାଇଥିବା ଜଣେ ବ୍ୟକ୍ତି ଯଦି ଖଲାସ ହୋଇଯାଏ ତେବେ ତାକୁ କିପରି ଭାବରେ କ୍ଷତିପୂରଣ ଦିଆଯିବ ତା'ର କୌଣସି ବ୍ୟବସ୍ଥା ନାହିଁ। ବିଶେଷକରି ଯେଉଁମାନଙ୍କୁ ଅତି ଛୋଟ କାରଣ ହିସାବରେ ଦଣ୍ଡ ଦିଆଯାଇଛି ସେମାନଙ୍କୁ ମଧ୍ୟ କେମିତି କ୍ଷତିପୂରଣ ଦିଆଯିବ ସେ ବିଷୟରେ କେହି ଜାଣିନାହାନ୍ତି। କୌଣସି ଘଟଣା ଯେତେ ରାଜନୈତିକ ଓ ବିଦ୍ୱେଷପୂର୍ଣ୍ଣ ହେଉପଛକେ ଗୋଟିଏ ଗିରଫର ଅର୍ଥ ହେଉଛି ସ୍ୱତଃପ୍ରବୃତ୍ତ ଭାବରେ ସେ ବ୍ୟକ୍ତିକୁ କ୍ଷମତାରୁ ବାହାର କରିବା। ଏହି ପ୍ରସ୍ତାବିତ ଆଇନ କେନ୍ଦ୍ରକୁ କେବଳ ପ୍ରଭାବିତ କରୁଛି ସେତକ ନୁହେଁ କିନ୍ତୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳମାନଙ୍କୁ ମଧ୍ୟ ପ୍ରଭାବିତ କରୁଛି ଯାହା ଦିଲ୍ଲୀ ଓ ଜାମ୍ମୁକାଶ୍ମୀର ମଧ୍ୟ ଅନ୍ତର୍ଭୁକ୍ତ। ବାସ୍ତବରେ ଦେଖିବାକୁ ଗଲେ ଏହା ବାଡ଼କୁ ଅଲଗା କରୁଛି ଯାହା ରାଷ୍ଟ୍ରୀୟ ଏବଂ ଉପରାଷ୍ଟ୍ରୀୟ କ୍ଷମତାକୁ ନଷ୍ଟ କରୁଛି। ଏହା ବିଭିନ୍ନ ବିଧାନସଭାମାନଙ୍କ ମଧ୍ୟରେ ଗୋଟିଏ ସନ୍ତୁଳନ ରକ୍ଷା କରୁଛି। କିନ୍ତୁ ରାଜନୈତିକ ଦୃଷ୍ଟିରୁ ଗୋଟିଏ ଉଦ୍ଦେଶ୍ୟ ପ୍ରଣୋଦିତ ଗିରଫ କେନ୍ଦ୍ର ସଂସ୍ଥାମାନଙ୍କ ଦ୍ୱାରା ବିରୋଧୀ ଶାସିତ ଅଂଚଳମାନଙ୍କରେ ୩୦ଦିନ ମଧ୍ୟରେ ସେମାନଙ୍କ ରାଜନୈତିକ ଭବିଷ୍ୟତକୁ ନଷ୍ଟ କରିବ। ଏହାର ଅର୍ଥ ହେଉଛି ଗୋଟିଏ ସାମ୍ବିଧାନିକ କ୍ଷମତାର ଦଖଲ କରିବା ଯାହା ଗୋଟିଏ ଗଣତାନ୍ତ୍ରିକ ସଂସ୍କାର ହିସାବରେ କୁହାଯାଇପାରେ। ଏହା ଅପରାଧକୁ ଦୂର କରିବା ନାଁରେ କରାଯାଉଛି। କିନ୍ତୁ ଏହାକୁ ଗୋଟିଏ ଗଣତାନ୍ତ୍ରିକ ସଂସ୍କାର ନାଁରେ ଦେଖାଯାଉଛି ଯାହା ଅପରାଧକୁ ଦୂର କରିବା ନାଁରେ କରାଯାଉଛି। ସିପିଏମ୍ ଓ ଅନ୍ୟ ବିରୋଧୀ ଦଳମାନେ ସଂଘୀୟ ଢାଞ୍ଚାର ଏହା ଏକ ମୃତ୍ୟୁବାଣ ବୋଲି କୁହାଯାଉଛି। କେନ୍ଦ୍ରୀୟ ସଂସ୍ଥାମାନେ ଏହାକୁ ବିରୋଧ କରି ଆସିଛନ୍ତି ଏବଂ ସେଥିପାଇଁ ସବୁଠୁ ବଡ଼ ଅଭିଯୋଗ ସୁପ୍ରିମକୋର୍ଟ ମଧ୍ୟ କରିଛନ୍ତି। ଏହା ଦର୍ଶାଇ ଦେଇଛି ଯେ, ଏହି ସଂସ୍ଥାମାନେ ରାଜନୈତିକ ଅସ୍ତ୍ର ହିସାବରେ ପ୍ରତିଶୋଧ ନେବା ପାଇଁ କରାଯାଉଛି ଏବଂ ଏଥିରେ ନିରପେକ୍ଷ ଆଇନଗୁଡ଼ିକ କାର୍ଯ୍ୟକାରୀ କରାଯାଇପାରିବ ନାହିଁ ଏବଂ ବର୍ତ୍ତମାନର ଶାସନ ସମ୍ପର୍କରେ ଏହା କରାଯାଇପାରିବ ନାହିଁ। କୋଇଲା ବ୍ଲକ୍‌କୁ ନିଆଯାଇଥିବା ଗୋଟିଏ ମାମଲାରେ ୨୦୧୩ରେ ଏହାକୁ ଗୋଲ୍‌ଗେଟ୍ ବୋଲି କୁହାଯାଉଥିଲା। ସେଥିରେ ସିବିଆଇକୁ ଗୋଟିଏ ପୁରୀବନ୍ଧ ଶାରୀ ବୋଲି କୁହାଯାଇଥିଲା। ଅଭିଯୋଗକାରୀମାନେ ପୁଣି ଗତବର୍ଷ ଏ ସମ୍ପର୍କରେ ମୁଣ୍ଡ ଟେକି ଉଠିଥିଲେ। ସେତେବେଳେ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଓ ତାଙ୍କ କ୍ୟାବିନେଟର କିଛି ମନ୍ତ୍ରୀମାନଙ୍କୁ ଗିରଫ କରାଯାଇଥିଲା ଅବକାରୀ ନୀତିକୁ ନେଇ। ଏହି ମନ୍ତ୍ରୀମାନଙ୍କୁ ଜେଲ ଦିଆଯାଇଥିଲା ମାସ ମାସ ଧରି ସେମାନଙ୍କୁ କୌଣସି ଜାମିନ ମଧ ଦିଆଯାଇନଥିଲା। ଅପରାଧ ପାଇଁ ସେମାନେ ନିର୍ବାଚନରେ ପ୍ରଚାର ମଧ୍ୟ କରିପାରିନଥିଲେ। ସେମାନଙ୍କୁ ଥରେ ଜାମିନ ଦିଆଯାଇଥିଲା ଦିଲ୍ଲୀ ନିର୍ବାଚନ ବେଳେ ଯେତେବେଳେ ତାହା ସମର୍ଥ ହେଲା। ତାହା ଅନେକଙ୍କୁ ପ୍ରଶ୍ନ କରିଥିଲେ ଯେ, ନ୍ୟାୟପାଳିକାର ନିରପେକ୍ଷତା କେତେ ରହିବ। ଟଙ୍କାର ବିଭିନ୍ନ କଳାଧନ ସୃଷ୍ଟି ବ୍ୟବସ୍ଥା ଯାହାକୁ ମନି ଲଣ୍ଡିରିଂ ଆକ୍ଟର ସୁରକ୍ଷା ବୋଲି କୁହାଯାଏ ସେଥିରେ କୁହାଯାଇଛି ଯେ, ୫୮୯୨ ମାମାଲାରୁ ମାତ୍ର ୧% କ୍ଷେତ୍ରରେ ଦଣ୍ଡ ଦିଆଯାଇଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଜାନୁଆରୀ ୧, ୨୦୧୫ରୁ ଜୁନ୍ ୩୦, ୨୦୨୫ ମଧ୍ୟରେ ଯାହା ମାମଲା କରିଛନ୍ତି ସେଥିରେ ମାତ୍ର ଏତିକି କ୍ଷେତ୍ରରେ ଦଣ୍ଡ ଦିଆଯାଇଛି। ସରକାର ସଂସଦକୁ କହିଛନ୍ତି ଯେ, ଗତ ମାସ ଏହା ହେବ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଜେଲରେ ଅଛନ୍ତି କୌଣସି ଜାମିନ ନ ପାଇ ଅବା ତାଙ୍କ ବିରୁଦ୍ଧରେ ବିଚାର ଚାଲିଛି। ଯେଉଁ ବହୁ ଅଳ୍ପ କେତେକ ଦଣ୍ଡ ଏ କ୍ଷେତ୍ରରେ ଦିଆଯାଉଛି ତାହା ସଂକେତ ଦେଉଛି ଯେ, କେମିତି ଅଳ୍ପକେତେକ ଗିରଫମାନ ଅପରାଧ ସହିତ ଜଡ଼ିତ। ଅପରାଧକୁ ରୋକିବା ଅବଶ୍ୟ ଏକ ବଡ଼ କଥା ଏହା ହେଉଛି ଏକ ଉଚ୍ଚ ପ୍ରାଥମିକତା କିନ୍ତୁ ମୁଖ୍ୟମନ୍ତ୍ରୀଙ୍କୁ ହଟେଇବା ହେଉଛି ଗୋଟିଏ ରାସ୍ତା। ରାଜନୀତି ଏବେ ଦୁର୍ନୀତିର ଗଭୀର ପଙ୍କରେ ପଶିଛି ଏବଂ ବ୍ୟାପକ ଲାଞ୍ଚ କାରବାର ସେଥିରେ ଚାଲିଛି। ଏଥିରେ ଶ୍ରେଷ୍ଠ ଉପାୟ ହେଉଛି ନିରପେକ୍ଷ ତଦନ୍ତ ଏବଂ ଦଣ୍ଡ ବିଧାନ। କେତେ ଜଣ ଦଣ୍ଡ ପାଇଥିବା ମନ୍ତ୍ରୀଙ୍କୁ କ୍ଷମତାଚ୍ୟୁତ କରିବା ହେଉଛି ନ୍ୟାୟପୂର୍ଣ୍ଣ ଏବଂ ଅତ୍ୟନ୍ତ ଲୋକପ୍ରିୟ ଘଟଣା। କିନ୍ତୁ ରାଜନୈତିକ ପ୍ରତିହିଂସା କ୍ଷେତ୍ରରେ ସେମାନଙ୍କୁ ବାହାର କରିବା ଆଦୌ ଠିକ୍ ନୁହେଁ।

# ନୀତିବାଣୀ



ଯଦା ଯଦା ହି ଧର୍ମସ୍ୟ ଗ୍ଳାନିର୍ଭବତି ଭାରତ,
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।
ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍,
ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥

**ଭାବାର୍ଥ :** ଯେତେବେଳେ ପୃଥିବୀ ପୃଷ୍ଠରେ ଧର୍ମର ଲୋପ ହୁଏ, ଅଧର୍ମ ବଢ଼ିଯାଏ, ସେତେବେଳେ ଅଧର୍ମର ବିନାଶ ପାଇଁ ମୁଁ ପ୍ରକଟ ହୁଏ । ସାଧୁଙ୍କ ରକ୍ଷା, ଦୁଷ୍ଟଙ୍କ ବିନାଶ ପାଇଁ ଧର୍ମର ସ୍ଥାପନା ଉଦ୍ଦେଶ୍ୟରେ ମୁଁ ସବୁ ଯୁଗରେ ପ୍ରକଟ ହୁଏ ।

# ଢେଙ୍କାନାଳର ଗର୍ବ ଓ ଗୌରବ-୨



ସରିତା ସିଂ ମହାନ୍ତି
ଗୁଡିଆନାଳି, ଢେଙ୍କାନାଳ
ମୋ: ୭୦୦୮୧୭୩୪୮୭

ଏତଦ୍ ବ୍ୟତୀତ ଆହୁରି ଅନେକ ସାରସ୍ୱତ ଅନୁଷ୍ଠାନ ଦ୍ୱାରା ମଧ ସେ ସମ୍ମାନିତ ହୋଇଥିଲେ। କାହା ଆଗରେ ନତମସ୍ତକ ନ ହୋଇ ଜଣେ ପ୍ରଚଣ୍ଡ ଆତ୍ମ ସ୍ୱାଭିମାନୀ, ନିର୍ଭୀକ, ସଚ୍ଚୋଟ, ବିଦ୍ୱାନ ବ୍ୟକ୍ତି ରୂପେ ସେ ଜିଲ୍ଲାରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ୧୯୯୫ ମସିହାରେ ଅଲ୍ ଇଣ୍ଡିଆ ରେଡିଓ, କଟକ ଦ୍ୱାରା ପ୍ରଚାରିତ ବେତାର ନାଟକ ଉତ୍ସବରେ ତାଙ୍କ ରଚିତ ନାଟକ 'ପିଙ୍ଗଳାର ରାତ୍ରୀ' ପ୍ରଚାରିତ ହୋଇ ସର୍ବ ଜନାଦୃତ ହୋଇଥିଲା। ଯାହା ଏବେ ପର୍ଯ୍ୟନ୍ତ ମଧ ଆକାଶବାଣୀ, କଟକ କେନ୍ଦ୍ରର ସାରଣୀ ଅନୁଯାୟୀ ବିଭିନ୍ନ ସମୟରେ ପ୍ରଚାରିତ ହୋଇଆସୁଛି। ଆହୁରି ଦୁଇଟି ନାଟକ 'ଯା ପରେ କ'ଣ' ଏବଂ 'ଶେଷ ଇତିହାସ' ମଧ ଆକାଶବାଣୀ କଟକ କେନ୍ଦ୍ର ଦ୍ୱାରା ପ୍ରଚାରିତ ହୋଇଛି। ଢେଙ୍କାନାଳ ମହୋତ୍ସବ ସାଂସ୍କୃତିକ କମିଟିର ସଭାପତି ରୂପେ ଦୀର୍ଘ ୧୮ ବର୍ଷ (୧୯୯୮- ୨୦୧୬) ପର୍ଯ୍ୟନ୍ତ କାର୍ଯ୍ୟ କରି ବହୁ ନୂତନ ନୃତ୍ୟ, ସଙ୍ଗୀତ, ନାଟକ, ଲୋକକଳା, ଭଜନ କୀର୍ତ୍ତନ ଇତ୍ୟାଦି ଅନୁଷ୍ଠାନମାନଙ୍କୁ ଗଠନ ଓ ସୁଯୋଗ ଦେବାର ଭୂମିକା ଗ୍ରହଣ କରିଛନ୍ତି। ବର୍ତ୍ତମାନ ଶତରୂପା ନାଟ୍ୟ ଅନୁଷ୍ଠାନରୁ ଶତରୂପା (ଓଡ଼ିଶୀ ଗବେଷଣା କେନ୍ଦ୍ର) ମାଧ୍ୟମରେ ନାଟକ ସହିତ ଓଡ଼ିଶୀ ନୃତ୍ୟ, ଗୀତ, ବାଦ୍ୟ, ଲୋକନୃତ୍ୟ ଇତ୍ୟାଦି ଶିକ୍ଷା ଦିଆଯାଉଛି। ଯାହା ତାଙ୍କର ଚାରି ସୁପୁତ୍ର ( ଖାରବେଳ ପଟ୍ଟନାୟକ, ଅଜାତଶତ୍ରୁ ପଟ୍ଟନାୟକ, ତିମିରସୁ ପଟ୍ଟନାୟକ ଓ ବିଜିଗୁପ୍ତ ପଟ୍ଟନାୟକ)ଙ୍କ ଦ୍ୱାରା ପରିଚାଳିତ ହେଉଛି। ଆହୁରି ମଧ ଏଠାରେ ସୂଚନାଯୋଗ୍ୟ ଯେ, ନାଟ୍ୟକାର ବିପିନ ବିହାରୀ ପଟ୍ଟନାୟକ ୨୦୧୦ ଓ ୨୦୧୧ ମସିହାରେ ଢେଙ୍କାନାଳରେ ତାଲିମ୍ ନେଉଥିବା ଦୁଇଜଣ ଅଣ ଓଡ଼ିଆ ସର୍ବଭାରତୀୟ ପ୍ରଶାସନିକ ଅଧିକାରୀ ଭି. ଜୟକୁମାର ଓ ସାଦିକ୍ ଆଲାମଙ୍କର ଲିଙ୍ଗ୍ୟୁଇଷ୍ଟିକ୍ ଇନଷ୍ଟ୍ରକଟର ରୂପେ ସେମାନଙ୍କୁ ତାଲିମ୍ ଦେଇଥିଲେ। ଓଡ଼ିଆ ଭାଷା ବିଷୟରେ ତାଲିମ୍ ଦେବା, ତାଙ୍କର ଅନନ୍ୟ ଗୁଣକୁ ଦର୍ଶାଇଥାଏ। ୨୦୧୭ ମସିହାର ତାଙ୍କଦ୍ୱାରା ରାଜ୍ୟସ୍ତରୀୟ କରୁବାକୀ ମହୋତ୍ସବର ଅୟଆରମ୍ଭ ଏବଂ ଯାହାକି ତାଙ୍କ ପୁତ୍ରମାନଙ୍କ ଦ୍ୱାରା ଅଦ୍ୟାବଧି ଚାଲୁ ରହିଛି।

ଏସବୁ ତ ତାଙ୍କର ଜୀବନ କାଳର ତଥ୍ୟ। ଦୁଃଖର କଥା ଆମେ ବଡ଼ ପରଦା ହେଉ କିମ୍ବା ଛୋଟ ପରଦାରେ ଦେଖୁଥିବା ଅଭିନେତା ଅଭିନେତ୍ରୀଙ୍କ କେବଳ ଅଭିନୟକୁ ଦେଖି ତାଙ୍କୁ ନିଜର ପ୍ରେରଣାଦାୟୀ ମଣିଷ ବୋଲି ଅନୁକରଣ କରୁ। କିନ୍ତୁ ନିଜ ଘର ପାଖରୁ ସ୍ୱଚକ୍ଷୁରେ ଏମିତି ପ୍ରତିଭାଙ୍କୁ ଦେଖି ଚାହିଁ ଅଣଦେଖାକରୁ। ଭଗବାନ ଆମକୁ ମଣିଷ ରୂପରେ ସୃଷ୍ଟି କରିଛନ୍ତି। ଆମ ଭିତରେ କେହି ଜଣେ ଯେତେବେଳେ ସ୍ରଷ୍ଟା ହୋଇ ନିଜ ହାତରେ କିଛି ତିଆରି କରନ୍ତି ତାଙ୍କ ପ୍ରତି ବର୍ତ୍ତମାନ ସମାଜର କି ପ୍ରକାର ସମ୍ମାନ ରହୁଛି। ସେଦିନ ତାଙ୍କ ସ୍ମୃତିଚାରଣ ସଭାରେ ତାଙ୍କ ବିଷୟରେ ଅନେକ କିଛି ଜାଣିବାକୁ ପାଇଲି। ଏଭଳି ଜଣେ ସ୍ରଷ୍ଟା ଚାହିଁଥିଲେ ନିଜ ଜ୍ଞାନକୁ ବିକି ବଡ଼ ପଦବୀରେ ରହି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରି ବିଳାସ ପୂର୍ଣ୍ଣ ଜୀବନ ବଞ୍ଚି ପାରିଥାନ୍ତେ। କିନ୍ତୁ ନିଜ ମାତୃଭାଷା, ମାତୃଭୂମି ପ୍ରତି ପ୍ରଚଣ୍ଡ ଭଲ ପାଇବାକୁ ନିଜ ହୃଦୟରେ ସାଇତି ସେ ନାଟକ ସହିତ ନିଜ ପରିବାରକୁ ମଧ ଏକ ସୂତ୍ରରେ ବାନ୍ଧି ରଖିଥିଲେ। ନିଜ ଚାରିପୁତ୍ରଙ୍କ ନାମକରଣରୁ ଏହା ସ୍ପଷ୍ଟ ଭାବରେ ଅନୁମାନ କରିହେବ ଯେ ଇତିହାସର ପୃଷ୍ଠାକୁ ପ୍ରତି ମୁହୂର୍ତ୍ତରେ ପୁଅମାନଙ୍କ ମୁଖରେ ଦେଖିବାକୁ ପଢିବାକୁ ଚାହିଁଥିଲେ। ତାଙ୍କର ଜନ୍ମସ୍ଥାନ ସହ ସେ ଏପରି ଜଡ଼ିତ ଥିଲେ ଯାହା କଲମରେ ଉତାରିବା ମୋ ପକ୍ଷରେ ସମ୍ଭବ ନୁହେଁ। ତାଙ୍କ ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ପାଖରେ ଓଡ଼ିଆ ଭାଷା, କଳା, ସଂସ୍କୃତି, ନୃତ୍ୟ, ଗୀତ, ବେଶପୋଷାକ, ଖାଦ୍ୟ ପ୍ରତି ଗଭୀର ଭଲପାଇବା ଏବଂ ସମ୍ମାନ ସେଦିନ ସଭାରେ ସ୍ପଷ୍ଟ ବାରି ହୋଇପଡୁଥିଲା। ଆଜି ଆମେ କିଛି ବି କଲେ ବେଶଭୂଷା ହୋଇ ସୋସିଆଲ ମିଡିଆରେ ନିଜକୁ ଆଧୁନିକ ରୂପରେ ସଜେଇ ଫଟୋଟିଏ ପୋଷ୍ଟ ନକଲେ ସତେ ଯେମିତି ଆତ୍ମାକୁ ଶାନ୍ତି ମିଳୁନି। ସେଦିନ ତାଙ୍କ ସହଧର୍ମିଣୀ ଓ ବୋହୂମାନଙ୍କର ମୁଣ୍ଡରେ ଓଢ଼ଣୀ ଥାଇ ସମ୍ପୂର୍ଣ୍ଣ ଓଡ଼ିଆଣୀ ରୂପ ଦେଖି ମୁଁ ମଧ ନତମସ୍ତକ ହୋଇ ଯିବାକୁ ମନେ କରୁଥିଲି। ସତେକି ମୁଁ ଏତେ ଆଯୋଗ୍ୟ ମୋ ପରିଚୟ, ମୋ ମାତୃଭୂମିର ଗରିମାକୁ ସମ୍ଭାଳିବାରେ। ଢେଙ୍କାନାଳର ସର୍ବକନିଷ୍ଠ ବୀର ସହିଦ୍ ବାଜି ରାଉତଙ୍କ କଥା ସେଦିନ ବହୁତ୍ ମନେପଡ଼ିଥିଲା। ବାଜି ରାଉତଙ୍କ ଗାଁ ଛକରେ ତାଙ୍କ ଭାଇ କୁଟୁମ୍ବଙ୍କ ସହିତ କଥା ହୋଇ ଜାଣିବାକୁ ପାଇଥିଲି ତାଙ୍କ ସରଳ, ନିଷ୍କପଟ, ମହାନ୍ ସ୍ୱଭାବକୁ ସେମାନେ ଏବେ ମଧ ବଞ୍ଚେଇ ରଖିଛନ୍ତି ବଜିରାଉତଙ୍କୁ ସ୍ମୃତି କରି। ଆଉ ଢ଼େଙ୍କାନାଳ ମାଟିର ସୁଯୋଗ୍ୟ ପୁତ୍ର ବିପିନ ବିହାରୀ ପଟ୍ଟନାୟକ ତଥା ତାଙ୍କ ପରିବାରର ଏକତା ପିତାଙ୍କ କାର୍ଯ୍ୟକୁ ଆଗେଇ ନେବାରେ ବର୍ତ୍ତମାନ ସମାଜ ନିମନ୍ତେ ଅତ୍ୟନ୍ତ ପ୍ରେରଣା ଦାୟୀ। ଢେଙ୍କନାଳ ମାଟିର ବରପୁତ୍ର, ଗର୍ବ ଏବଂ ଗୌରବ ସ୍ୱର୍ଗତ ବିପିନ ବିହାରୀ ପଟ୍ଟନାୟକଙ୍କୁ ହୃଦୟରୁ ଶ୍ରଦ୍ଧାଞ୍ଜଳି।

# ହାରିଲେବି ଆମର, ଜିତିଲେବି ଆମର



କିଶୋର ଚନ୍ଦ୍ର ବେହେରା
ନନ୍ଦପୁର, କୋରାପୁଟ
ମୋ: ୯୪୩୭୯୫୫୫୬୮

ରାଷ୍ଟ୍ରପତିଙ୍କ ପରି ଉପରାଷ୍ଟ୍ରପତି କେନ୍ଦ୍ର କାର୍ଯ୍ୟପାଳିକାର ଏକ ଅଂଶବିଶେଷ। ଭାରତୀୟ ସମ୍ବିଧାନର ୬୩ ଧାରା ଅନୁସାରେ ଭାରତରେ ଜଣେ ଉପରାଷ୍ଟ୍ରପତି ରହିବେ ଏବଂ ସେହି ପଦାଧିକାରୀ କ୍ଷମତାରେ ରାଜ୍ୟସଭାର ପଦପ୍ରଯୁକ୍ତ ଅଧକ୍ଷ ଭାବେ କାର୍ଯ୍ୟ କରିଥାନ୍ତି। ପଦମର୍ଯ୍ୟାଦା ଦୃଷ୍ଟିରୁ ରାଷ୍ଟ୍ରପତି ପ୍ରଥମ ହେଲେ ଉପରାଷ୍ଟ୍ରପତି ଦିତୀୟ, ଉପରାଷ୍ଟ୍ରପତି ପଦବୀର ଉଚ୍ଚ ସମ୍ମାନ ଓ ମର୍ଯ୍ୟାଦା ଅଛି। ସମ୍ବିଧାନର ୬୬ ଧାରାନୁସାରେ ଉଭୟ ଗୃହ ଲୋକସଭା ଓ ରାଜ୍ୟସଭାର ସଦସ୍ୟମାନଙ୍କ ଦ୍ୱାରା 'ସମାନୁପାତିକ ପ୍ରତିନିଧିତ୍ୱ ଭୋଟ ପ୍ରଥା ବ୍ୟବସ୍ଥା' ମାଧ୍ୟମରେ ପରୋକ୍ଷରେ ନିର୍ବାଚିତ ହୋଇଥାନ୍ତି। ଆସନ୍ତା ସେପ୍ଟେମ୍ବର ୯ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି ୧୬ତମ ଉପରାଷ୍ଟ୍ରପତି ନିର୍ବାଚନ। ଉକ୍ତ ନିର୍ବାଚନରେ ଏନଡିଏ ଓ ଇଣ୍ଡିମେଣ୍ଟ ପ୍ରାର୍ଥୀଙ୍କ ଭୂମିକା ହେଉଛି ଗୁରୁତ୍ୱପୂର୍ଣ୍ଣ। ମୋଟ ୭୮୨ ଜଣ ସାଂସଦ ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ମତଦାନ କରିବେ। ଯେଉଁଥିରେ ଲୋକସଭାର ୫୪୨ ଓ ରାଜ୍ୟସଭାର ୨୪୦ ସାଂସଦ ଭୋଟ ଦେବେ। ସଂଖ୍ୟା ଗଣିତର ହିସାବ ଅନୁସାରେ ଲୋକସଭାରେ ୫୪୨ ଜଣ ସାଂସଦଙ୍କ ମଧ୍ୟରେ ଏନଡିଏ ପାଖରେ ୨୯୩ ଜଣ ଓ ଇଣ୍ଡିମେଣ୍ଟ ପାଖରେ ୨୪୯ ଜଣ ସାଂସଦ ରହିଛନ୍ତି। ସେହିପରି ରାଜ୍ୟସଭାରେ ୨୪୦ ଜଣ ସାଂସଦଙ୍କ ମଧ୍ୟରୁ ୧୩୪ ଜଣ ସରକାରଙ୍କ ସହ ଥିବା ବେଳେ ବିରୋଧୀଙ୍କ ସହ ୧୦୬ ଜଣ ଅଛନ୍ତି। ସର୍ବମୋଟ ଏନଡିଏ ପାଖରେ ମୋଟ ୪୨୩ ଜଣ ସାଂସଦ ଥିବା ବେଳେ ଇଣ୍ଡିମେଣ୍ଟ ପାଖରେ ୩୧୩ ଜଣ ସାଂସଦ ଅଛନ୍ତି। ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପାଇଁ ୩୯୨ ସାଂସଦଙ୍କ ଭୋଟ ଆବଶ୍ୟକ। ଉପରାଷ୍ଟ୍ରପତି ନିର୍ବାଚନ ଲାଗି ଏନଡିଏ ଓ ଇଣ୍ଡିମେଣ୍ଟ ପ୍ରାର୍ଥୀ ଘୋଷଣା ପରେ ସଂଖ୍ୟା ଗଣିତକୁ ନେଇ ଆରମ୍ଭ ହୋଇଛି ରାଜନୀତି। ନିର୍ବାଚନ ସମୀକରଣ ଓ ସଂଖ୍ୟା ଦୃଷ୍ଟିରୁ ଏନଡିଏ ପଲ୍ଲା ଭାରି ରହିଛି। ଉପରାଷ୍ଟ୍ରପତି ନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୈତିକ ଉଷ୍ମତା ସେତିକି ବଢିବାରେ ଲାଗିଛି। ଉଭୟ ଏନଡିଏ ଓ ଇଣ୍ଡିମେଣ୍ଟ ନାମାଙ୍କନ ଦାଖଲ କରିସାରିଥିଲା ବେଳେ ଦକ୍ଷିଣ ଭାରତ ରାଜନୀତି ପାଣିପାଗରେ ବେଶ୍ ଉଷ୍ମତା ବୃଦ୍ଧି ପାଇବାରେ ଲାଗିଛି।

ଦକ୍ଷିଣ ଭାରତୀୟ ରାଜନୀତିରେ ବିଜେପିର ସ୍ଥିତ ପ୍ରାୟତଃ ଦୁର୍ବଳ ସ୍ଥିତିରେ ଗତି କରୁଛି। ଆନ୍ଧ୍ର ପ୍ରଦେଶରେ ଚନ୍ଦ୍ରବାବୁ ନାଇଡୁ ସରକାର ଏନଡିଏରେ ସାମିଲ ହୋଇ ଆପୋଷ ବୁଝାମଣା ମାଧ୍ୟମରେ ବିଜେପି ଓ ଟିଡିପି ପରିଚାଳିତ ହେଉଛି। ଦକ୍ଷିଣ ଭାରତରେ ବିଜେପିର ସ୍ଥିତକୁ କିପରି ସୁଦୃଢ କରାଯିବ ପାଇଁ ଏନଡିଏ ସିପି ରାଧାକ୍ରିଷ୍ଣନଙ୍କୁ ଉପରାଷ୍ଟ୍ରପତି ପ୍ରାର୍ଥୀ କରି ଅଣ ବିଜେପି ଶାସିତ ଅଞ୍ଚଳ ନିକଟତର ହେବାକୁ ଚାହୁଁଥିଲା ବେଳେ। ସମସ୍ତ ଆଶା ଓ ଭରସାକୁ ନିରାଶ କରିଦେଇଛି ବିରୋଧୀ ଇଣ୍ଡିମେଣ୍ଟ। କଂଗ୍ରେସ ଇଣ୍ଡିମେଣ୍ଟ ନିଜ ସ୍ଥିତିକୁ ଜାହିର କରିବା ପାଇଁ ଉପରାଷ୍ଟ୍ରପତି ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି ଜଷ୍ଟିସ ସୁଦର୍ଶନ ରେଡ୍ଡୀ। ତାମିଲନାଡୁ ବାସିନ୍ଦା ସିପି ରାଧାକ୍ରିଷ୍ଣନଙ୍କୁ ପ୍ରାର୍ଥୀ କରି ଏନ୍‌ଡିଏ ଯେଉଁ ଆଞ୍ଚଳିକ ପତ୍ର ଖେଳ ଖେଳିଲା, ତାହାକୁ ନେଇ ବଡ଼ ଚକମା ଦେଇଛନ୍ତି ବିରୋଧୀ ଏନଡି। ଅର୍ଥାତ ୧୬ତମ ଉପରାଷ୍ଟ୍ରପତି ନିର୍ବାଚନରେ ଦେଖିବାକୁ ମିଳିବ 'ତାମିଲ ବନାମ ତେଲୁଗୁ' ଲଢେଇ। ଅର୍ଥାତ ଏନ୍‌ଡିଏର ତାମିଲ ପ୍ରାର୍ଥୀ ଏବଂ ଇଣ୍ଡିଆର ତେଲୁଗୁ ପ୍ରାର୍ଥୀ। ଏହାରି ଭିତରେ ସବୁଠୁ ବଡ଼ ପ୍ରଶ୍ନ, ଦକ୍ଷିଣ ଭାରତୀୟ ରାଜନୈତିକ ଦଳଗୁଡ଼ିକର ସ୍ଥିତି କ'ଣ ରହିବ? ବର୍ତ୍ତମାନ ସାଧାରଣ ଜନତାଙ୍କ ମନରେ ଅନେକ ପ୍ରଶ୍ନ ଉଙ୍କି ମାରିବା ସହ ମୁଖ୍ୟ ଆଲୋଚ୍ୟ ପ୍ରସଙ୍ଗ ହୋଇଅଛି। ଚାରି ଦଶକର ରାଜନୈତିକ ଅଭିଜ୍ଞତା ସିପି ରାଧାକ୍ରୃଷ୍ଣନ ତାମିଲନାଡୁ ରାଜନୀତିର ଏକ ଜଣାଶୁଣା ନାମ ହୋଇଥିଲା ବେଳେ କଂଗ୍ରେସ ଦଳ ସମର୍ଥିତ ଇଣ୍ଡିମେଣ୍ଟ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ସୁଦର୍ଶନ ରେଡ୍ଡୀ ବିଶିଷ୍ଟ ଆଇନଜୀବୀଙ୍କୁ ଉପରାଷ୍ଟ୍ରପତି ପ୍ରାର୍ଥୀ ଭାବେ ମନୋନୀତ କରି ଜାତୀୟ ରାଜନୀତିରେ ହଟଚମଟ ସୃଷ୍ଟି ହୋଇଛି। ରାଜନୀତିକ ସମୀକ୍ଷକଙ୍କ ଦୃଷ୍ଟି କୋଣରୁ ଉପରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି 'ରାଜନେତା ବନାମ ଆଇନଜୀବୀ'। ଉଭୟ ପ୍ରାର୍ଥୀ ନିଜନିଜ ସ୍ତରରେ ଖ୍ୟାତି ଅର୍ଜନ କରିଛନ୍ତି ନିଜ ନିଜର କର୍ମକ୍ଷେତ୍ରରେ। ଯଦି ଓଡ଼ିଶା ରାଜନୀତି କଥା ବିଚାର କରିବା ବିଜେପିର ବରିଷ୍ଠ ନେତୃବୃନ୍ଦ ମତପୋଷଣ କରନ୍ତି ବିଜେଡି କାହାକୁ ସମର୍ଥନ କରିବ, ତାହା ତାଙ୍କ ଦଳର ନିଷ୍ପତ୍ତି। ବିଜେପି ପାଖରେ ଆବଶ୍ୟକ ସଂଖ୍ୟା ରହିଛି। କଂଗ୍ରେସ କହୁଛି ସଂଖ୍ୟା ଯାହା ଥାଉ ଇଣ୍ଡିମେଣ୍ଟ କଡା ଟକ୍କର ଦେବ। ଅଣ ଏନଡିଏ ଦଳ ଗୁଡ଼ିକ ଉପରାଷ୍ଟ୍ରପତି ନିର୍ବାଚନ ନେଇ ଇଣ୍ଡିମେଣ୍ଟକୁ ସମର୍ଥନ କରିବେ ବୋଲି କଂଗ୍ରେସର ବରିଷ୍ଠ ନେତା ମତପୋଷଣ କରିଛନ୍ତି।

ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଜାତୀୟ ରାଜନୀତି ସରଗରମ ହୋଇଉଠିଛି। ଏନଡିଏ ପକ୍ଷରୁ ମହାରାଷ୍ଟ୍ର ରାଜ୍ୟପାଳ ସିପି ରାଧାକୃଷ୍ଣନଙ୍କୁ ଉପରାଷ୍ଟ୍ରପତି ପ୍ରାର୍ଥୀ କରିବା ପରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ପୂର୍ବତନ ସୁପ୍ରିମକୋର୍ଟ ଜଜ୍ ବି. ସୁଦର୍ଶନ ରେଡ୍ଡିଙ୍କୁ ପ୍ରାର୍ଥୀ କରାଯାଇଛି। ରାଧାକୃଷ୍ଣନ୍ ତାମିଲନାଡୁର ଲୋକ ହୋଇଥିବାବେଳେ ସୁଦର୍ଶନ ରେଡ୍ଡି ଆନ୍ଧ୍ରପ୍ରଦେଶର ଲୋକ। ହରଡ଼ଘଣାରେ ପଡିଯାଇଛନ୍ତି ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ। ଏନଡିଏର ଉପରାଷ୍ଟ୍ରପତି ପ୍ରାର୍ଥୀ ସିପି ରାଧାକ୍ରିଷ୍ଣନଙ୍କ ରାଜନୈତିକ ଜୀବନ ଯାତ୍ରା ଆରମ୍ଭ ହୁଏ ତାମିଲନାଡୁର ତିରୁପୁରରେ ୧୯୫୭ ମସିହା ଅକ୍ଟୋବର ୨୦ ତାରିଖରେ ଜନ୍ମଗ୍ରହଣ କରିଥିଲେ। କୋଏମ୍ବଟୁରରୁ ଦୁଇଥର ସାଂସଦ ଭାବେ ନିର୍ବାଚିତ ହୋଇଛନ୍ତି ସିପି ରାଧାକ୍ରିଷ୍ଣନ। ଲମ୍ବା ରାଜନୈତିକ କ୍ୟାରିଅରରେ ଅନେକ ଗୁରୁତ୍ୱ ପଦପଦବୀରେ ଦାୟିତ୍ୱ ତୁଲାଇଛନ୍ତି। ୨୦୨୪ ଜୁଲାଇ ୩୧ରେ ମହାରାଷ୍ଟ୍ରର ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ପୂର୍ବରୁ ୨୦୨୩ ଫେବୃଆରୀ ୧୮ରୁ ୨୦୨୪ ଜୁଲାଇ ୩୦ତାରିଖ ଯାଏ ଝାଡ଼ଖଣ୍ଡର ରାଜ୍ୟପାଳ ଭାବେ କାର୍ଯ୍ୟ କରିଥିଲେ। ୨୦୨୪ ମାର୍ଚ୍ଚରୁ ଅଗଷ୍ଟ ଯାଏ ପୁଡୁଚେରୀର ଉପରାଜ୍ୟପାଳ ଭାବେ କାର୍ଯ୍ୟ କରିଥିଲେ। ସେହି ସମୟରେ ମାର୍ଚ୍ଚରୁ ଜୁଲାଇ ଯାଏ ତେଲଙ୍ଗାନାର ରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇଥିଲେ। ଅନ୍ୟତମ ଉପରାଷ୍ଟ୍ରପତି ବିରୋଧୀ ଇଣ୍ଡିମେଣ୍ଟ ଦଳର ପ୍ରାର୍ଥୀ ଜଷ୍ଟିସ ବି ସୁଦର୍ଶନ ରେଡ୍ଡୀ ୧୯୪୬ ମସିହା ଜୁଲାଇ ୮ ତାରିଖରେ ଆନ୍ଧ୍ରପ୍ରଦେଶର ରଙ୍ଗାରେଡ୍ଡୀ ଜିଲ୍ଲାର ଆକୁଲା ମାୟଲାରାମ ଗାଁରେ ଜନ୍ମଗ୍ରହଣ କରିଥିଲେ। ୧୯୭୧ ମସିହାରେ ସେ ଓସମାନିଆ ବିଶ୍ୱ ବିଦ୍ୟାଳୟରୁ ଆଇନ ପାଠପଢ଼ା ସମାପ୍ତ କରିଥିଲେ। ୧୯୮୮ ମସିହା ଅଗଷ୍ଟ ୮ ତାରିଖରେ ବି ସୁଦର୍ଶନ ରେଡ୍ଡୀ ଆନ୍ଧ୍ରପ୍ରଦେଶ ହାଇକୋର୍ଟରେ ସରକାରୀ ଓକିଲ ଭାବେ ନିଯୁକ୍ତି ହୋଇଥିଲେ। ପରେ ସେ କେନ୍ଦ୍ର ସରକାରଙ୍କ ପାଇଁ ଅତିରିକ୍ତ ସ୍ଥାୟୀ ପରିଷଦ ଭାବରେ କାର୍ଯ୍ୟ କରିଥିଲେ। ୧୯୯୧ ମସିହାରେ ବି ସୁଦର୍ଶନ ରେଡ୍ଡୀ ଆନ୍ଧ୍ରପ୍ରଦେଶ ହାଇକୋର୍ଟରେ ବିଚାରପତି ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ପରେ ସେ ସୁପ୍ରିମକୋର୍ଟର ବିଚାରପତି ହୋଇଥିଲେ। ୨୦୦୫ରେ ସେ ଗୁହାଟୀ ହାଇକୋର୍ଟର ମୁଖ୍ୟ ବିଚାରପତି ହୋଇଥିଲେ। ୨୦୦୫ ଡିସେମ୍ବରରେ ଗୌହାଟୀ ହାଇକୋର୍ଟର ମୁଖ୍ୟ ବିଚାରପତି ହୋଇଥିଲେ। ୨୦୦୭ ଜାନୁଆରୀ ୧୨ରେ ସୁପ୍ରିମକୋର୍ଟର ବିଚାରପତି ଭାବେ ନିଯୁକ୍ତ ହୋଇଥିଲେ। ୨୦୧୧ ଜୁଲାଇ ୮ରେ ଅବସର ନେଇଥିଲେ। ସୁପ୍ରିମକୋର୍ଟରୁ ଅବସର ନେବା ପରେ ସେ ଗୋଆର ପ୍ରଥମ ଲୋକାୟୁକ୍ତ ଭାବେ ନିଯୁକ୍ତ ହୋଇଥିଲେ। ଏହି ଦୁଇ ନେତାଙ୍କ ମଧ୍ୟରେ ରାଜନୀତି ପଶାପାଲିରେ କାହାର ଗୋଟି ଚାଳନା ରାଜ ମୁକୁଟ ପିନ୍ଧିବାରେ ସହାୟକ ହେବ ସାଂସଦମାନେ ଭୋଟ ବାକ୍ସରେ ନିଷ୍ପତ୍ତି ନେବେ। ସିଂହାସନ ଆରୋହଣ ଯେକୌଣସି ପ୍ରାର୍ଥୀର ଅଭିଷେକ ଉତ୍ସବ ପାଳନ କରାଗଲେ ମଧ ଉଭୟ ଦକ୍ଷିଣ ଭାରତୀୟର ମୂଳ ବାସିନ୍ଦା।



ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା କାପୁଡିଆ ସମାଜର ତୃତୀୟ ତ୍ରୈମାସିକ ବୈଠକ ଆଜି ସ୍ଥାନୀୟ ଯାଗଁଶୀ ପୋଖରୀ ମଠରେ ଜିଲ୍ଲା ସଭାପତି ରାମଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାପୁଡିଆ ସମାଜର ରାଜ୍ୟ ସଭାପତି ନବ କିଶୋର ଗୁରୁ ମୁଖ୍ୟ ଅତିଥି ଭାବେ ବୈଠକରେ ଉପସ୍ଥିତ ଥିଲେ । ବୈଠକରେ ଜାତିର ନାତିକାନ୍ତି ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଆସନ୍ତା ଡିସେମ୍ବର ୨୮ରେ ଭୁବନେଶ୍ୱରରେ ରାଜ୍ୟ ସମ୍ମିଳନୀ କରାଯିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା । କେନ୍ଦ୍ରରେ କପଡିଆ ଜାତିକୁ ଓବିସି ତାଲିକାଭୁକ୍ତ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସାଂସଦ ରୁଦ୍ର ନାରାୟଣ ପାଣି ଓ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କୁ ଅନୁରୋଧ କରିବା ପାଇଁ ନିଷ୍ପତ୍ତି ନିଆଗଲା । ଏହି ବୈଠକରେ ରାଜ୍ୟ ଉପସଭାପତି ଖଗେଶ୍ୱର ନାୟକ, ପୂର୍ବତନ ଜିଲ୍ଲା ସଭାପତି ରାମଚନ୍ଦ୍ର ପୋଥାଳ, ଜିଲ୍ଲା ଉପସଭାପତି ସୁରେନ୍ଦ୍ର ପୋଥାଳ, ପ୍ରମୋଦ କୁମାର ଦାସ, ଜିଲ୍ଲା ସାଧାରଣ ସଂପାଦକ ଭାସ୍କର ଚନ୍ଦ୍ର ନାୟକ, ଜିଲ୍ଲା କୋଷାଧ୍ୟକ୍ଷ ଭାଗବତ ନାୟକ, ଭୁବନ ଉପସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା, ସଦାନନ୍ଦ ପୃଷ୍ଟି, ସଂପାଦକ ବିଦ୍ୟାଧର ବିହାରୀ, ଥାନପତି ହରକିଶୋର ଗୁରୁ, ବାବନ ବେହେରା, ମନମୋହନ ବେହେରା, ଧନେଶ୍ୱର ପୃଷ୍ଟି, ଶଶିକାନ୍ତ ପୋଥାଳ, ଖଗେଶ୍ୱର ବେହେରା, ଧନେଶ୍ୱର ପୃଷ୍ଟି, ବାଲିକିଆରି ସଭାପତି ରମେଶ ଚନ୍ଦ୍ର ଦାସ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ସୁରେନ୍ଦ୍ର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଆଳି ବ୍ଲକ୍ ଧୋୟାଞ୍ଚଳ ବାହ୍ୟଜଗତରୁ ବିଚ୍ଛିନ୍ନ, ଚିନ୍ତାରେ ଚାଷୀ



ଆଳି(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକରେ ପ୍ରବାହିତ ଖରସ୍ରୋତା, ବ୍ରାହ୍ମଣୀ ଓ କାଣୀ ନଦୀରେ ତୃତୀୟ ଥର ପାଇଁ ବନ୍ୟାଜଳ ପ୍ରବେଶ କରିଛି । ଖରସ୍ରୋତା ଓ ଏହାର ଶାଖା କାଣି ନଦୀରେ ବନ୍ୟା ଆସିବା ଯୋଗୁଁ ଆଳି ଧୋୟାଞ୍ଚଳକୁ ଗମନା ଗମନ ନିମନ୍ତେ ଥିବା ଆଳି ଗୋବିନ୍ଦପୁର ମୁଖ୍ୟ ରାସ୍ତାର ମାନପୁର ଘୋଷରା ନିକଟରେ ପ୍ରାୟ ୨ ଫୁଟର ବନ୍ୟା ପାଣି ପ୍ରବାହିତ ହେଉଛି । ଯାହାଫଳରେ ଧୋୟାଞ୍ଚଳ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେବା ସହ ଯାଜପୁର ଜିଲ୍ଲା କୁ ମଧ୍ୟ ଯାତାୟତ ଠପ ହୋଇଯାଇଛି । ସେହିପରି ପେଟପଡା, ଏରଡ଼ଙ୍ଗ, ପାଳିମି, ଦେସାହି, ସଂସିଦ୍ଧା, ଗୋବିନ୍ଦପୁର, ଜୁଆଣିଆ, ଅର୍ଗଳ, ଡିମିରିପାଳ ଆଦି ପଞ୍ଚାୟତର ଅଧିବାସୀମାନେ ମଧ୍ୟ ପାଣି ଘେରରେ ରହିଛନ୍ତି । ଏହି ରାସ୍ତା ଦେଇ ଲୋକେ ସଦର ମହକୁମାକୁ ଯାଉଥିବା ବେଳେ ପ୍ରତ୍ୟକ ଦିନ ଛାତ୍ରଛାତ୍ରୀ ମାନେ ସ୍କୁଲ କଲେଜକୁ ଯାତାୟାତ କରନ୍ତି । ଯାହା ଏବେ ସେମାନଙ୍କର ମୁଖ୍ୟ ଚିନ୍ତାର ବିଷୟ । ସେହିପରି ଆଳି ବ୍ଲକ ରିଙ୍ଗ ବନ୍ଧ ନିକଟସ୍ଥ କିଛି ଗ୍ରାମ ଜଳବନ୍ଦୀ ହୋଇଥିବା ବେଳେ ହଜାର ହଜାର ହେକ୍ଟର ଚାଷ ଜମି ଜଳମଗ୍ନ ହୋଇଯାଇଛି । ଯାହାକୁ ନେଇ ପୂର୍ବ ବନ୍ୟାରେ ଚାଷୀର ଅଣ୍ଟା ଭାଙ୍ଗି ଦେଇଥିବା ବେଳେ ଚାଷୀ ପୁଣି ଅଣ୍ଟା ସଳଖିବା ପୂର୍ବରୁ ପୁଣି ଥରେ ବନ୍ୟା ଆସିବା ଫଳରେ ଚାଷୀ ହତାଶ ହୋଇପଡିଛି । ପୂର୍ବରୁ ଦୁଇ ଦୁଇ ଥର ବନ୍ୟା ଆସି ସାଧାରଣ ଲୋକେ ସରକାରୀ ସାହାଯ୍ୟ ପାଇନଥିବା ବେଳେ ତୃତୀୟ ବନ୍ୟା ସେମାନଙ୍କ ମନରେ ଛନକା ଆଣିଦେଇଛି । ତଟବନ୍ଧ ବିଭାଗ ଓ ବ୍ଲକ କାର୍ଯ୍ୟାଳୟ ସବୁ ସହାୟତା ପାଇଁ ପ୍ରସ୍ତୁତ ଥିବା ଜଣାଇଥିବା ବେଳେ ଆଳି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜରୁରୀ ଚିକିତ୍ସା ପାଇଁ ପ୍ରସ୍ତୁତ ଥିବା ଆଳି ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ପ୍ରଣବ ଶୁକ୍ଲା ସୂଚନା ଦେଇଛନ୍ତି । ଏ ନେଇ ଆଳି ବିଡିଓ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ଆଳି ପ୍ରଶାସନ ଏହା ଉପରେ ତୀକ୍ଷ୍ଣ ନଜର ରଖିବା ସହ ବନ୍ୟାକୁ ମୁକାବିଲା କରିବା ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଥିବା ସୂଚନା ଦେଇଛନ୍ତି ।

### ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

## ସଠିକ୍ ସମୟରେ କାର୍ଯ୍ୟାଳୟ ନ ଆସିଲେ କାର୍ଯ୍ୟାନୁଷ୍ଠାନ




ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ମୁଖ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ଅକ୍ଷୟ କୁମାର ଶତପଥୀ ସୋମବାର ପୂର୍ବାହ୍ନ ସମୟରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଫେରିଛନ୍ତି । ମୁଖ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ ସମୟରେ ଭିତିଭୂମି ତଦାରଖ କରିଥିଲେ । ସ୍ୱାସ୍ଥ୍ୟ କେନ୍ଦ୍ରର ଆଉଟ ଡୋର, ବିଭିନ୍ନ ୱାର୍ଡ ପରିଦର୍ଶନ କରି ରୋଗୀମାନଙ୍କ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ । ୱାର୍ଡଗୁଡିକରେ କଣ ଆବଶ୍ୟକତା ରହିଛି ସ୍ଥିତି ଅନୁଧ୍ୟାନ କରିଥିଲେ । ଏମିତିକି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ପରିଦର୍ଶନ ସମୟରେ ଦେଖିଥିଲେ ଜଣେ ଡକ୍ଟର ମୋବାଇଲ ଫୋନ୍ ଚଲାଉଥିବାରୁ ତାଙ୍କୁ ତାଗିଦ କରିଥିଲେ । ସ୍ୱାସ୍ଥ୍ୟ କେନ୍ଦ୍ରର ପରୀକ୍ଷାଗାର, ନିରାମୟ କେନ୍ଦ୍ର, ମେଡିକାଲ ପରିସରରେ ଥିବା ଗୃହ ପରିଦର୍ଶନ କରିଥିଲେ । ଏହାସହ କର୍ମଚାରୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସଠିକ ସମୟରେ ଆସୁନଥିବାରୁ କର୍ମଚାରୀଙ୍କୁ ତାଗିଦ୍ କରିବା ସହ ସମୟାନୁବର୍ତ୍ତିତା ହୁଅନ୍ତୁ, ନଚେତ ଆଗାମୀ ସମୟରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦେବା ସହ ଯେଉଁମାନେ ସଠିକ ସମୟରେ ସୋମବାର ଆସିନଥିଲେ ଉପସ୍ଥାନରେ ଅନୁପସ୍ଥିତ ପକାଇବାକୁ ନିର୍ଦ୍ଦେଶ ଦେଇଥିଲେ । ଏହା ସହ ମେଡିକାଲକୁ ଅଗ୍ରଗତି କରିବା ସହ କର୍ମଚାରୀଙ୍କ ପାଇଁ ଗୃହ ପାଇଁ ଉଚ୍ଚସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି ମତ ଦେଇଥିଲେ ।

## ପ୍ରଥମ ପତ୍ନୀକୁ ନିର୍ଯାତନା ଦେଇ ସ୍ୱାମୀର ଦ୍ୱିତୀୟ ବିବାହ

ନିମାପଡ଼ା(ଭାସ୍କର ନ୍ୟୁଜ): ରକ୍ଷିତା ପ୍ରେମରେ ପଡ଼ି ପତ୍ନୀକୁ ଯୌତୁକ ନିର୍ଯ୍ୟତନା ସ୍ୱାମୀ ଦେଉଥିବା ବେଳେ ଯୌତୁକ ଦାବି କରି ମାନସିକ ସ୍ତରରେ ନିର୍ଯାତନା ଦେବା ସହ ଥାନାକୁ ଗଲେ ପତ୍ନୀଙ୍କ ସ୍ୱାମୀଙ୍କ ସହିତ ଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ କରି ଦେବା ପାଇଁ ଧମକ ଦେଇ ସ୍ୱାମୀ ପତ୍ନୀଙ୍କୁ ବଦନାମ କରିବା ପାଇଁ ଅପଚେଷ୍ଟା ଚଳାଇ ଥିବା ଜଣାପଡ଼ିଛି । ବଳଙ୍ଗା ଥାନା ଗଡ଼ଚାନ୍ଦପୁର ଗ୍ରାମରେ ପ୍ରେମ ବିବାହ କରିଥିବା ଜଣେ ଯୁବକ ପ୍ରଥମ ପତ୍ନୀକୁ ନିର୍ଯାତନା ଦେଇ ଅନ୍ୟ ଜଣେ ଯୁବତୀକୁ ଦ୍ୱିତୀୟ ବିବାହ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଯଦି ପ୍ରଥମ ପତ୍ନୀ ଆଇନର ଆଶ୍ରୟ ନିଏ ତେବେ ପତ୍ନୀର ଅଶ୍ଳୀଳ ଫଟୋକୁ ଭାଇରାଲ କରି ଦେବାର ଧମକ ଦେଇଛି ଅଭିଯୁକ୍ତ ସ୍ୱାମୀ । ଏ ନେଇ ଥାନାରେ ଅଭିଯୋଗ ହେବା ପରେ ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରଖିଛି ବଳଙ୍ଗା ପୋଲିସ । ସୂଚନା ମୁତାବକ, ଗତ ୮ ମାସ ତଳେ ଗଡ଼ଚାନ୍ଦପୁର ଗ୍ରାମର ଜ୍ୟୋତି ରଂଜନ ଜେନାଙ୍କୁ କୋଣାର୍କର ଜଣେ ଯୁବତୀ ପ୍ରେମ ବିବାହ କରିଥିଲେ । କିଛିଦିନ ଭଲରେ ଚଳିବା ପରେ ଜ୍ୟୋତି ଏବଂ ତାଙ୍କ ବାପା, ବୋଉ ଓ ଭଉଣୀମାନେ ବାପଘରୁ ଅଧିକ ୫ଲକ୍ଷ ଟଙ୍କା ଆଣିବା ପାଇଁ ଯୁବତୀଙ୍କ ଉପରେ ଚାପ ପକାଇଥିଲେ । ଯୁବତୀ ମନା କରିବାରୁ ଆସାମୀମାନେ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଏକ ଘରେ ବନ୍ଦ କରି ରଖିଥିଲେ । ସୁଯୋଗ ଦେଖି ଯୁବତୀ ଘରୁ ଖସି ଯାଇ କୋଣାର୍କରେ ରହୁଛନ୍ତି । ବର୍ତ୍ତମାନ ଜ୍ୟୋତି ଅନ୍ୟ ଜଣେ ଯୁବତୀକୁ ବିବାହ କରିଥିବା ନେଇ ଖବର ପାଇଥିଲେ ପ୍ରଥମ ପତ୍ନୀ । ଏ ନେଇ ପ୍ରଥମ ପତ୍ନୀ ଜ୍ୟୋତିଙ୍କୁ ପଚାରିବା ସହିତ ଆଇନର ଆଶ୍ରୟ ନେବାକୁ କହିବାରୁ ଜ୍ୟୋତି ଆଇନର ଆଶ୍ରୟ ନେଲେ ନିଜ ମୋବାଇଲରେ ରଖିଥିବା ପ୍ରଥମ ପତ୍ନୀଙ୍କ ଅଶ୍ଳୀଳ ଫଟୋକୁ ଭାଇରାଲ କରି ଦେବାକୁ ଧମକ ଦେଇଥିବା ନେଇ ପ୍ରଥମ ପତ୍ନୀ ଜଣକ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ।

## ମାହାଙ୍ଗାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



ମାହାଙ୍ଗା/କଟକ(ଭାସ୍କର ନ୍ୟୁଜ): ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସୋମବାର ପୂର୍ବାହ୍ନରେ ମାହାଙ୍ଗା ପଞ୍ଚାୟତ ସମିତି ସଭାଗୃହରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନଅଭିଯୋଗ ଶୁଣାଣିରେ ସମୁଦାୟ ୧୯୭ ଅଭିଯୋଗ ହସ୍ତଗତ ହୋଇଥିବା ବେଳେ ୧୬୩ ବ୍ୟକ୍ତିଗତ ଏବଂ ୩୪ ସାମୁହିକ ଅଭିଯୋଗ ଶୁଣାଣି ହୋଇଥିଲା । ଶିବିରରେ ୪୮ ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ଜଣଙ୍କୁ ସାହାଯତା ରାଶି ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଥିଲା । ଶୁଣାଣିରେ ଆରକ୍ଷୀ ଅଧିକ୍ଷକ, (ଗ୍ରାମାଞ୍ଚଳ) ଭିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ, ବିଡିଓ, ଅନ୍ୟ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ ଉପସ୍ଥିତ ଥିଲେ ।

## ପ୍ରେମରେ ବିଫଳ ପରେ ଯୁବକଙ୍କ ଆତ୍ମହତ୍ୟା

ରାଜନଗର(ଭାସ୍କର ନ୍ୟୁଜ): ସମାଜରେ ପ୍ରେମ ଶବ୍ଦ ଶାଶ୍ୱତକୁ ଛାଡିଦେଲେ ତାହା ଭିନ୍ନ ଦୃଷ୍ଟିରେ ପ୍ରେମ କେଉଁଠି କଳୁସିତ କରୁଛି, ତ କେଉଁଠି ଚିରସ୍ଥାୟୀ ହେଉଛି । ଅନ୍ୟ କେଉଁଠି ଅସ୍ଥାୟୀ ହୋଇ ପ୍ରେମିକର ଜୀବନ ଯାଉଛି । ଏପରି ଏକ କାହାଣୀ ଶୂନ୍ୟ ଅଘଟଣ ଘଟିଛି କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳରେ । ଖମାରସାହି ପଞ୍ଚାୟତ ରଗଡାପାଟିଆ ଗାଁର ବିଜୟ ବେହେରାଙ୍କ ୨୨ ବର୍ଷିଆ ପୁଅ ରାଜକିଶୋର ବେହେରା ପ୍ରେମରେ ବିଫଳ ହୋଇ ଶନିବାର ରାତିରେ ବେକରେ ରସି ଲଗାଇ ଆତ୍ମହତ୍ୟା କରିଥିବା ସକାଳୁ ପରିବାର ଲୋକେ ଦେଖିବାକୁ ପାଇଥିଲେ । ତାଳଚୁଆ ଥାନାକୁ ଖବର ଦେବା ପରେ ପୋଲିସ୍ ଶବ ଜବତ କରି ଶବ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଥିଲେ । ହେଲେ ମୃତ୍ୟୁର କାରଣ ପ୍ରେମଜନିତ ବୋଲି ଚର୍ଚ୍ଚା ହେଉଥିବା ବେଳେ ତାଳଚୁଆ ପୋଲିସ୍ ଇଉଡି କେଶ୍ ନମ୍ବର ୧୭/୦୨୫ ପ୍ରକାର ରୁଜୁ କରି ତଦନ୍ତ ଜାରି ରଖିଛନ୍ତି ବୋଲି ଆଇଆଇସି ବିମଳ ବାବୁ ସୂଚନା ଦେଇଛନ୍ତି । ମୃତ ରାଜକିଶୋର+୩ କରି ଭୁନେଶ୍ୱରରେ ବ୍ୟାକିଂ କୋଚିଂ ନେଉଥିଲେ ।ସେ ବୁଧବାର ଦିନ ଘରକୁ ଆସିଥିଲା । ଶୁଣିବାକୁ ମିଳୁଛି ମୃତ ରାଜକିଶୋର ଶନିବାର ରାତିରେ ପ୍ରେମିକ ସହିତ କଥା ହେବା ପରେ କୌଣସି କାରଣରୁ ବିଫଳ ହୋଇ ରାତିରେ ବେକରେ ରସି ଲଗାଇ ଆତ୍ମହତ୍ୟା କରିଛନ୍ତି । ବାପ ମାଙ୍କର ଏକମାତ୍ର ପୁଅ ପାଇଁ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି । ତାଳଚୁଆ ଥାନା ଅଞ୍ଚଳରେ ୪/୫ମାସ ମଧ୍ୟରେ ଏପରି ଆତ୍ମହତ୍ୟା ୭ଜଣଙ୍କ ଘଟିଥିବା ନେଇ ଆଇଆଇସିଙ୍କ ଆଖିରୁ ନିଦ ହଜାଇ ଦେଇଛି ।

## ରାସ୍ତା ଅବରୋଧ ପରେ ସାର ପାଇଲେ ଚାଷୀ



ଉମରକୋଟ(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲାରେ ଖରିଫ ଋତୁରେ ଚାଷ ସମୟରେ ପ୍ରତିବର୍ଷ ରାସାୟନିକ ସାରର ସଙ୍କଟ ଦେଖାଦିଏ, କିନ୍ତୁ ଚଳିତ ବର୍ଷ ଅନ୍ୟ ବର୍ଷ ତୁଳନାରେ ଅସହ୍ୟ ହେଇଛି । ବିଶେଷ କରି ୟୁରିଆ ସାରର ଅଭାବ ଯୋଗୁଁ ସରକାରୀ ସାର ବିକ୍ରୟ କେନ୍ଦ୍ରଗୁଡିକରେ ଭିଡ଼ ଅସମ୍ଭାଳ ହୋଇପଡୁଛି । ଆଜି ପରିସ୍ଥିତି ଏତେ ଅସମ୍ଭାଳ ହେଲା ଚାଷୀ ଉମରକୋଟ ସହରରେ ଧାନଗଛ ଧରି ରାସ୍ତା ଅବରୋଧ କରି ବସିଥିଲେ । ଫଳରେ ଉମରକୋଟ ଓ ନବରଙ୍ଗପୁରକୁ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ୟୁରିଆ ସାର ନମିଳିଲେ ଆମେ ରାସ୍ତାରୁ ହଟିବୁ ନାହିଁ ବୋଲି କହିଥିଲେ ଚାଷୀ । ଗତ ଶନିବାର ଉମରକୋଟକୁ ୧୭୦୦ କ୍ୱିଣ୍ଟାଲ ୟୁରିୟା ସାର ଆସିଥିଲା । ଉମରକୋଟ ଲ୍ୟାମ୍ପକୁ ୬୦୦ ବସ୍ତା ଆସିଥିଲା । କିନ୍ତୁ ପ୍ରାୟ ୧୫୦୦ ଜଣ ଚାଷୀ ସାର ନେବାକୁ ଆସିଥିଲେ । ଏତେ ଭିଡ଼ ଦେଖି ଲ୍ୟାମ୍ପ କର୍ତ୍ତୃପକ୍ଷ ପୋଲିସର ସହାୟତା ନେଇ ସାର ବାଣ୍ଟିବା ଆରମ୍ଭ କରିଥିଲେ । ମାତ୍ର ଚାରି ଜଣ ସାର ନେବା ପରେ ଚାଷୀ ଲ୍ୟାମ୍ପକୁ ଧସେଇ ପଶି ଯିବା ଯୋଗୁଁ ସାର ବାଣ୍ଟିବା ବନ୍ଦ କରିଦିଆ ଯାଇଥିଲା । ସୋମବାର ଲ୍ୟାମ୍ପ ଖୋଲିବା ପରେ ସମାନ ପରିସ୍ଥିତି ସୃଷ୍ଟି ହୋଇଥିବା ଯୋଗୁଁ ସାର ବାଣ୍ଟିବା ସମ୍ଭବ ହୋଇପାରିଲା ନାହିଁ । ଉତ୍ୟକ୍ତ ଚାଷୀ ଅଧିକା ସାର ଯୋଗାଣ ଦାବିରେ ରାସ୍ତା ଅବରୋଧ କରି ରଖିଥିଲେ । ଅନ୍ୟ ପକ୍ଷରେ ଜିଲ୍ଲାକୁ ବର୍ତ୍ତମାନ ସୁଦ୍ଧା ଯାହା ସାର ଆସିବା କଥା ତାହାଠାରୁ ଅଧିକା ସାର ଆସି ସାରିଲାଣି । ଅସାଧୁ ବ୍ୟବସାୟୀ ସାର କଳାବଜାରୀ କରିବା ଲାଗି ସାର ବିଭିନ୍ନ ଗ୍ରାମରେ ଲୁଚାଇ ରଖି କୃତ୍ରିମ ଅଭାବ ସୃଷ୍ଟି କରି ଅଧିକା ଦରରେ ସାର ବିକ୍ରି କରୁଥିବା ଅଭିଯୋଗ ହେଉଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଆନ୍ଦୋଳନକାରୀଙ୍କ ସହ ଆଲୋଚନା ଚାଲିଥିଲା । ଦୀର୍ଘ ୯ ଘଣ୍ଟା ରାସ୍ତା ଅବରୋଧ ପରେ ଚାଷୀ ପାଇଲେ ସାର । ୧୩୦୦ଚାଷୀଙ୍କୁ ଟୋକେନ ପ୍ରଦାନ କରାଯାଇଥିଲା । କିନ୍ତୁ ଲ୍ୟାମ୍ପରେ କେବଳ ୬୦୦ ବସ୍ତା ସାର ରହିଥିବା ବେଳେ ବଳକା ୭୦୦ବସ୍ତା ସାର ଅଞ୍ଚଳରେ ଥିବା ଡିଲରମାନଙ୍କ ଠାରୁ ସାର ଆଣି ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ଅତିରିକ୍ତ ତହସିଲଦାର ନୀଳାମ୍ବର ପୂଜାରୀ, ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ନାୟକ, ଏସଡିପିଓ ସୂର୍ଯ୍ୟେନ୍ଦୁ କୁମାର ଶବର, ଉମରକୋଟ ଥାନା ଅଧିକାରୀ ରମାକାନ୍ତ ସାଇ, ଝରୀଗାଁ ଥାନା ଅଧିକାରୀ ପ୍ରଦୀପ କୁମାର ଶବର, ରାଇଘର ଥାନା ଅଧିକାରୀ ରଘୁନାଥ ମାଝୀ ଏବଂ ପୋଲିସ ଫୋର୍ସଙ୍କ ଉପସ୍ଥିତିରେ ମୋଟ ୧୩୦୦ ଟୋକେନ ପାଇଥିବା ଚାଷୀଙ୍କୁ ସାର ପ୍ରଦାନ କରାଯିବାରୁ ଚାଷୀ ରାସ୍ତା ଅବରୋଧ ହଟିଥିଲା ।

## ନୟା ସବେରା ୟୁଥ୍ ଟ୍ରଷ୍ଟର ସଚେତନତା ନାଟକ




ନିମାପଡ଼ା(ଭାସ୍କର ନ୍ୟୁଜ): ଆଗାମୀ ଦିନରେ ସ୍ୱାୟତ ଶାସନ ଦିବସ ପାଳନ ପାଇଁ ପ୍ରସ୍ତୁତି ଜୋର ଧରିଥିବା ବେଳେ ଚାରିଆଡ଼େ ଆବର୍ଜନାପୂର୍ଣ୍ଣ ପରିବେଶକୁ ଦେଖି ନିମାପଡ଼ାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୟା ସବେରା ପକ୍ଷରୁ ସ୍ୱଚ୍ଛ ଭାରତ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଂଚଳର ଜନସାଧାରଣ ସ୍ୱାଗତ କରିଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ, ସୋମବାର ସ୍ୱାୟତ ଶାସନ ଦିବସ ସପ୍ତାହ ପାଳନ ଅବସରରେ ନୟା ସବେରା ନିମାପଡ଼ା ୟୁଥ୍ ଟ୍ରଷ୍ଟ ଦ୍ୱାରା ଜନ ସଚେତନତ ନାଟକ ପରିବେଷଣ କରାଯାଇଛି । ଏଥିରେ ଲେଖକ ନିର୍ମଳ ପରିଜା, ନିର୍ଦ୍ଦେଶକ ବନବିହାରୀ ପ୍ରଧାନ, ସଂଗୀତ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ସାମନ୍ତ ରାୟ, ମୁଖ୍ୟ ବିଷୟ ଯେଉଁଠି ନିଶା ନିବାରଣ, ସ୍ୱଚ୍ଛତା, ବୃକ୍ଷରୋପଣ ଏହି ନାଟକରେ ସଚେତନ କରାଯାଉଥିଲା । ଏହା ନିମାପଡ଼ାର ଦୋଳବେଦୀ ଛକ, ଡ଼େଲଟା ଛକ, ଜୟଶ୍ରୀ ଛକ ସହୀଦ ପଡ଼ିଆ ସାମ୍ନାରେ ହୋଇଥିଲା । ନାଟକ ସହିତ ଜନତା ସ୍କୁଲରେ ୩୦ରୁ ଊର୍ଦ୍ଧ୍ୱ ନଡ଼ିଆ ଗଛ ଲଗା ଯାଇଥିଲା । ଏଥିରେ ଉପଦେଷ୍ଟା ଜୀବନ ଜ୍ୟୋତି ଶତପଥୀ, ସଂପାଦକ ନିର୍ମଳ ପରିଜା, ସଦସ୍ୟ ଅମିତ ପରିଜା, ରାକେଶ ସ୍ୱାଇଁ, ପ୍ରିୟଦର୍ଶିନୀ ପତି, ଶ୍ରଦ୍ଧାଳି ଓଝା, ଅନୁପମା ରାଉତ, ପ୍ରଦୀପ ପତି, ବିଚିତ୍ରାନନ୍ଦ ପାତ୍ର, ଟି ମୁନୀ, ରଶ୍ମିରେଖା ଜେନା, ଦୀପକ କୁମାର ନାୟକ, ପ୍ରଶାନ୍ତ କୁମାର ରାଉତରାୟ, ଅଲେଖ ସାହୁ, ସୁବାଶିଷ ସ୍ୱାଇଁ, ଅକ୍ଷୟ କୁମାର ମଲିକ, ଜିତେଶ କାନୁନ୍‌ଗୋ, ବନିତା ଜେନା ଇତ୍ୟାଦି ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଅଂଶଗ୍ରହଣ କରିଥିଲେ ।

## ମହିମା ଗାଦିରେ ନବାନ୍ନ ଉତ୍ସବ ପାଳିତ



ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ଠାରେ ବିଶ୍ୱ ପ୍ରସିଦ୍ଧ ମହିମାଗାଦିର ଦ୍ୱିତୀୟ ବଡପର୍ବ ନବାନ୍ନ ଉତ୍ସବ ଆଜି ପାଳିତ ହୋଇଛି । ଏହି ଉତ୍ସବରେ ୧୦ହଜାରରୁ ଊର୍ଦ୍ଧ୍ୱ ସାଧୁ ଭକ୍ତ ଯୋଗ ଦେଇଥିଲେ । ପ୍ରତିବର୍ଷ ଭାଦ୍ରବ ଶୁକ୍ଳପକ୍ଷ ଦ୍ୱିତୀୟାରେ ଏହି ପର୍ବ ପାଳନ ହେଉଛି । ଚଳିତ ବର୍ଷ ମହିମାଗାଦିରେ ନବାନ୍ନ ଉତ୍ସବ ପାଳନ କରିବା ଓ ନବାନ୍ନ ପ୍ରସାଦ ଖାଇବା ପାଇଁ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ସାଧୁଭକ୍ତ ମହିମା ଗାଦିରେ ପହଞ୍ଚିଥିଲେ । ଆଠଗଡ଼ ତରସିଂହ ଅଞ୍ଚଳର ମହିମା ଭକ୍ତ ଭୋଇ ପରିବାର ନୂଆଧାନରେ ତିଆରି ଚୁଡା ପ୍ରଭୁଙ୍କ ପ୍ରସାଦ ପାଇଁ ପ୍ରଦାନ କରିଥିଲେ । ଆଜି ପ୍ରାତଃ ବ୍ରାହ୍ମମୂହୁର୍ତ୍ତରେ ସାଧୁମାନେ ଅହ୍ଣିଆ ମଣ୍ଡପରେ ନୂଆଚୁଡା, କଦଳୀ, ନଡ଼ିଆ, ଦହି, ଗୁଡ଼, କାଜୁ, କିସମିସ, ଅଦା, ଗୁଜୁରାତି, ଅଳେଇଚ, ଲବଙ୍ଗ ଓ ବିଭିନ୍ନ ପ୍ରକାର ଫଳମୂଳ ଦ୍ୱାରା ପ୍ରସ୍ତୁତ ସୁସ୍ୱାଦୁ ନବାନ୍ନକୁ ୭ଟି ନୂଆ ମାଟି ହାଣ୍ଡିରେ ସାତଜଣ ତ୍ୟାଗୀ ବରିଷ୍ଠ ବକ୍କଳ ଧାରୀ ସନ୍ନ୍ୟାସୀଙ୍କ ଉପସ୍ଥିତିରେ ଅଲେଖ ମହିମା ଡାକ ଦେଇ ମହିମା ସ୍ୱାମୀଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଥିଲେ । ହଜାର ହଜାର ସାଧୁ ଭକ୍ତଙ୍କ ଗହଳି ମଧ୍ୟରେ ସାଧୁସନ୍ଥମାନେ ମହିମା ସ୍ୱାମୀଙ୍କୁ ପ୍ରାର୍ଥନା କରି ଜଗତବାସୀଙ୍କର ମଙ୍ଗଳ କାମନା କରି ପୃଥିବୀ ଶସ୍ୟଶ୍ୟାମଳା ହେବା ପାଇଁ ଅଲେଖ ଡାକ ଦେଇଥିଲେ । ପ୍ରାତଃ ୭ଟା ସମୟରେ ବାଲ୍ୟଲୀଳା ଭୋଗ ବଣ୍ଟନ କରାଯାଇଥିଲା । ପୂର୍ବାହ୍ନ ୯ଘଣ୍ଟା ସମୟରେ ଭୀକ୍ଷାଭଣ୍ଡାରରେ ପ୍ରସ୍ତୁତ ନବାନ୍ନ ସତସଙ୍ଗ ବିଧିରେ ସନ୍ୟାସୀ ମାନେ ପରସ୍ପର ଆଦାନ ପ୍ରଦାନ କରି ପ୍ରସାଦ ସେବନ କରିଥିଲେ । ଶେଷରେ ହଜାର ସଂଖ୍ୟାରେ ଉପସ୍ଥିତ ସାଧୁଭକ୍ତ, ସ୍ଥାନୀୟ ଅଞ୍ଚଳର ଗ୍ରାମବାସୀ ମାନେ ପ୍ରସାଦ ସେବନ କରିଥିଲେ । ଆଜି ବକ୍କଳଧାରୀ ମହିମା ସମାଜ ସଭାପତି ସୁକଦେବ ବାବା ଓ ସଂପାଦକ ନିତ୍ୟାନନ୍ଦ ବାବାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନବାନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା । କମିଟି ସଭ୍ୟ ପ୍ରସନ୍ନ ବାବା, ଅନାମ ବାବା, ପ୍ରଭାସ ବାବା, ବରିଷ୍ଠ ସନ୍ୟାସୀ ନଟବର ବାବା, ଗଦାଧର ବାବା, ଜୟରାମ ବାବା, ଦୀନବନ୍ଧୁ ବାବା, ସୁବ୍ରତ ବାବା, ସାଧୁ ଅନାମ ଦାସ, ଚୈତନ୍ୟ ଦାସ, ବିଶ୍ୱାନନ୍ଦ ଦାସ ପ୍ରମୁଖଙ୍କ ସହାୟତାରେ ନବାନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା ।

## ଜମିବାଡ଼ି ବିବାଦରୁ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଆତ୍ମହତ୍ୟା ଉଦ୍ୟମ

ପୁରୀ(ଭାସ୍କର ନ୍ୟୁଜ): ପୁରୀ ଏସପିଙ୍କ କାର୍ଯ୍ୟାଳୟରେ ଜଣେ ବ୍ୟକ୍ତି କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । ଆହତ ବ୍ୟକ୍ତି ହେଉଛନ୍ତି ସତ୍ୟବାଦୀ ଅଲୁଗୁମ୍ବର ଲଲାଟ ଜେନା । ଲଲାଟଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ସେ ଅଭିଯୋଗ କରିଥିଲେ ଯେ ଗତ ୭ ବର୍ଷ ହେବ ସେ ନ୍ୟାୟ ପାଇବା ପାଇଁ ସମସ୍ତଙ୍କ ଦ୍ୱାରସ୍ଥ ହୋଇଛନ୍ତି କିନ୍ତୁ ସବୁଠି ତାଙ୍କୁ ନିରାଶ ହେବାକୁ ପଡ଼ିଛି ।ତାଙ୍କ କହିବାନୁଯାୟୀ ପୁରୀ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ପ୍ରଭାତ ଲେନରେ ତାଙ୍କର ଏକ ଘର ରହିଛି ଏହି ଘରର ସମସ୍ତ କାଗଜପତ୍ର ସହ ବିଲ୍ଡିଂ ପ୍ଲାନ୍, ଶ୍ରୀମନ୍ଦିର ପ୍ରଶାସନର ଏନଓସି ଆଦି ରହିଛି । ଏହା ସତ୍ତ୍ୱେ ସୁଧାକର ଭୋଳ ନାମକ ଜଣେ ବ୍ୟକ୍ତି ବିନା କୌଣସି କାଗଜ ପତ୍ରରେ ତାଙ୍କ ଘର ମାଡ଼ି ବସିଛନ୍ତି । ସେତେବେଳେ ସେ ଏ ନେଇ ଏତଲା ଦେଇଥିଲେ କିନ୍ତୁ ପୋଲିସ ତାଙ୍କ ଅଭିଯୋଗ ଗ୍ରହଣ କରିନଥିଲା । ଦୀର୍ଘ ୭ ବର୍ଷ ହେବ ସେ ବିଭିନ୍ନ ସ୍ତରରେ ଦ୍ୱାରସ୍ଥ ମଧ୍ୟ ହୋଇଛନ୍ତି କିନ୍ତୁ କିଛି ସୁଫଳ ମିଳିନାହିଁ । ତେବେ ଗତ ଦୁଇ ଦିନ ତଳେ ରାତି ଅଧରେ ପୋଲିସ ଉପସ୍ଥିତିରେ ତାଙ୍କ ଘରେ ଛାତ ପକାଯାଇଛି । ସେହିଦିନ ରାତିରେ ସେ ପୋଲିସ ଠାରୁ ଆରମ୍ଭ କରି ସମସ୍ତଙ୍କ ସହ ଯୋଗାଯୋଗ କରିଥିଲେ ହେଁ କୌଣସି ସୁଫଳ ନ ମିଳିବାରୁ ସେ ଭୁବନେଶ୍ୱର ବରଗଡ଼ ଥାନାରେ ଜିରୋ ଏତଲା ଦେଇଥିଲେ । ତେଣୁ ଏହି ଜମିବାଡ଼ି ବିବାଦକୁ ନେଇ ପୁରୀ ଏସପିଙ୍କ କାର୍ଯ୍ୟାଳୟକୁ ଆସି ଆତ୍ମହତ୍ୟା ଉଦ୍ୟମ କରିଥିଲେ । ତେବେ ଏ ନେଇ ପୋଲିସର ପ୍ରତିକ୍ରିୟା ମିଳିପାରିନାହିଁ ।

## ବିଦ୍ୟୁତ କର୍ମଚାରୀଙ୍କୁ କାଠ ଫାଳିଆରେ ଆକ୍ରମଣ, ଅଭିଯୁକ୍ତ ଫେରାର

ନିଆଳି(ଭାସ୍କର ନ୍ୟୁଜ): ନିଆଳି ବିଦ୍ୟୁତ ବିଭାଗ ଅଧୀନରେ ଥିବା କପାସି ସେଣ୍ଟରର ବିଭାଗୀୟ ଯନ୍ତ୍ରୀ ଦିବ୍ୟ ଜ୍ୟୋତି ଜେନାଙ୍କୁ ଆକ୍ରମଣ କରାଯାଇଥିବା ନେଇ ନିଆଳି ଥାନାରେ ଅଭିଯୋଗ ହୋଇଛି । ଯନ୍ତ୍ରୀ ଦିବ୍ୟଜ୍ୟୋତି ଜେନା, ତିହୁଡି ଗ୍ରାମର ଦେବାଶିଷଙ୍କ ଘରୁ ବିଲ ଆଦାୟ କରିବାକୁ ଯାଇଥିଲେ । ଦେବାଶିଷଙ୍କ ସ୍ମାର୍ଟ ମିଟର ଲାଗିଥିବାରୁ ସେ ଦୁଇମାସ ଟଙ୍କା ଦେଇ ନଥିବାରୁ ଘରକୁ ବିଦ୍ୟୁତ ବିଚ୍ଛିନ୍ନ ହୋଇଥିଲା । ଏହି ଘଟଣାକୁ ନେଇ ଦେବାଶିଷ ଉତ୍ତେଜିତ ହୋଇ ଯନ୍ତ୍ରୀଙ୍କୁ କାଠ ଫାଳିଆରେ ପିଟୁଥିବା ନିଆଳି ଥାନାରେ ଅଭିଯୋଗ ହୋଇଛି । ନିଆଳି ଥାନା ପୋଲିସ ୩୮୦/୨୫ ରେ ମାମଲା ରୁଜୁ କରି ପୋଲିସ ବିଭିନ୍ନ ଜାଗାରେ ଚଢ଼ାଉ ଜାରି ରଖିଛି । ଅଭିଯୁକ୍ତ ଫେରାର ଥିବାରୁ ଗିରଫ କରାଯାଇ ନାହିଁ । ମିଳିଥିବା ସୂଚନା ଅନୁଯାଇ ଯନ୍ତ୍ରୀ ଦିବ୍ୟଜ୍ୟୋତି ନିଆଳୀରେ ପ୍ରାଥମିକ ଚିକିତ୍ସା ପରେ ଘରକୁ ଯାଇଛନ୍ତି । ଏ ନେଇ ଦେବାଶିଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

## ଟାଙ୍ଗୀକୁ ଏନ୍‌ଏସି ଘୋଷଣା ପାଇଁ ବିଜେଡ଼ିର ଦାବିପତ୍ର




ଟାଙ୍ଗୀ(ଭାସ୍କର ନ୍ୟୁଜ): ଟାଙ୍ଗୀକୁ ଏନ୍‌ଏସି ଘୋଷଣା ପାଇଁ ଜନ ଆନ୍ଦୋଳନ ଆରମ୍ଭ ହୋଇଛି । ବିଜୁ ଜନତା ଦଳ ପକ୍ଷରୁ ଆନ୍ଦୋଳନ କରାଯାଇଛି । ଟାଙ୍ଗୀ ଅଞ୍ଚଳକୁ ସହରାଞ୍ଚଳ ଘୋଷଣା କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଟାଙ୍ଗୀ ବିଡ଼ିଓଙ୍କୁ ବିଜେଡ଼ି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି । ଗତ ସାଧାରଣ ନିର୍ବାଚନ ପୂର୍ବରୁ ପୂର୍ବ ସରକାର ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଅଞ୍ଚଳକୁ ଏନ୍.ଏ.ସି. କରାଗଲା ବୋଲି ଘୋଷଣା କରିଥିଲେ । ତା'ପରେ ସରକାର ବଦଳି ଗଲା ଏବଂ ନୂଆ ସରକାର ଆସିବା ପରେ ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଅଞ୍ଚଳକୁ ଏନ୍.ଏ.ସି. ଘୋଷଣା ନେଇ କୌଣସି ସରକାରୀ ନଥିପତ୍ର ନାହିଁ ବୋଲି ମାନ୍ୟବର ମନ୍ତ୍ରୀ ସ୍ପଷ୍ଟ କରିଥିଲେ । ଯାହାକୁ ନେଇ ଟାଙ୍ଗୀ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା । ରାଜ୍ୟ ସରକାର ତୁରନ୍ତ ଟାଙ୍ଗୀ ଅଞ୍ଚଳକୁ ସହରାଞ୍ଚଳ ଘୋଷଣା କରନ୍ତୁ ନଚେତ୍ ବିଜେଡ଼ି ପକ୍ଷରୁ ଏହାର ଦୃଢ଼ ଜବାବ ଦିଆଯିବ ବୋଲି ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ କଡ଼ା ଚେତାବନୀ ଦେଇଛନ୍ତି । ବିରାଟ ଶୋଭାଯାତ୍ରାରେ ବିଜୁ ଜନତା ଦଳ ପକ୍ଷରୁ ଟାଙ୍ଗୀ ଅଞ୍ଚଳ ପରିକ୍ରମା କରିବା ପରେ ଟାଙ୍ଗୀ ବ୍ଲକ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧାର ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ବିଜେଡ଼ି ନେତା ମନ୍ମଥ ରାଉତରାୟ, ଟାଙ୍ଗୀ ସମବାୟ ସମିତିର ସଭାପତି ମହେନ୍ଦ୍ର କୁମାର ସାହୁ, ପୂର୍ବତନ ସମିତି ସଭ୍ୟ ନୀଳକଣ୍ଠ ବେହେରା, ରାଜନେତା ଓ ସଂଗଠକ ଅଶୋକ ମହାପାତ୍ର, ସଞ୍ଜୟ ହରିଚନ୍ଦନ, ବୁଲୁ ରାଉତ, ପ୍ରଦୀପ ମହାପାତ୍ର ଓ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଏହାର ନେତୃତ୍ୱ ନେଇଥିବା ବେଳେ ଏମାନଙ୍କ ସହିତ ବହୁ ୱାର୍ଡ ମେମ୍ବର ଓ ଟାଙ୍ଗୀର ବହୁ ବିଜେଡି ନେତା-କର୍ମୀ, ସମର୍ଥକ ଏବଂ ଶତାଧିକ ମହିଳା ବିଜେଡି କର୍ମୀ ଏଥିରେ ସାମିଲ ହୋଇଥିଲେ ।

## ଓସାକ୍ସ ଦ୍ୱାରା ଏଚ୍‌ଆଇଭି/ ଏଡ୍ସ ସଚେତନତା ଉପରେ ରାଜ୍ୟସ୍ତରୀୟ କୁଇଜ୍




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶା ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସମାଜ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରୁ ଅଂଶଗ୍ରହଣ କରି ଏଚ୍‌ଆଇଭି/ଏଡ୍ସ ଏବଂ ଯୌନ ସଂକ୍ରମିତ ସଂକ୍ରମଣ ଉପରେ ସଚେତନତା ବୃଦ୍ଧି କରିବା ପାଇଁ ଏକ ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତା ଆୟୋଜନ କରିଥିଲା । ସ୍କୁଲ, ବ୍ଲକ ଏବଂ ଜିଲ୍ଲାସ୍ତରରେ ଏକ କଠୋର ଚୟନ ପ୍ରକ୍ରିୟା ପରେ, ଶ୍ରେଷ୍ଠ ଦଳଗୁଡ଼ିକ ରାଜ୍ୟସ୍ତରୀୟ ଇଭେଣ୍ଟରେ ପ୍ରତିଯୋଗିତା କରିଥିଲେ । କେନ୍ଦ୍ରାପଡା ଜିଲ୍ଲାର ଦିବ୍ୟାଶ୍ରୀ ଦାସ ଏବଂ ରୋହିତ କୁମାର ରାଉତ ପ୍ରଥମ ସ୍ଥାନ ଅଧିକାର କରିଥିଲେ, ବଲାଙ୍ଗୀର ଜିଲ୍ଲା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା ଏବଂ ମୟୂରଭଞ୍ଜ ଜିଲ୍ଲା ତୃତୀୟ ସ୍ଥାନ ଅଧିକାର କରିଥିଲା । କାର୍ଯ୍ୟକ୍ରମକୁ ଏଚ୍‌ଆଇଭି/ଏଡ୍ସର ପ୍ରକଳ୍ପ ନିର୍ଦ୍ଦେଶକ ଡକ୍ଟର ସନ୍ତୋଷ କୁମାର ସ୍ୱାଇଁ ଉଦଘାଟନ କରିଥିଲେ, ଯିଏ ଅଭିଯାନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ ଏବଂ ଏଚ୍‌ଆଇଭି/ ଏଡ୍ସ ନିବାରଣରେ ଯୁବପିଢ଼ିଙ୍କ ସମ୍ପୃକ୍ତିର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମରେ ମେଜର ଡକ୍ଟର କଳ୍ପନା ଦାସ; ଯୁବ ରେଡକ୍ରସ୍ ଅଧିକାରୀ, ଡକ୍ଟର ରମେଶ ଚନ୍ଦ୍ର ବେହେରା ଏବଂ ଚନ୍ଦକା କଲେଜର ଅଧ୍ୟାପକ ସୁରେଶ ଚନ୍ଦ୍ର ମହାନ୍ତିଙ୍କ ସମେତ ବିଶିଷ୍ଟ ଅତିଥିମାନେ ଯୋଗ ଦେଇଥିଲେ । କୁଇଜ୍ ପାଇଁ ଜୁରୀ ମେଜର ଡକ୍ଟର କଳ୍ପନା ଦାସ ଏବଂ ଶ୍ରୀ ସୁରେଶ ଚନ୍ଦ୍ର ମହାନ୍ତି ଥିଲେ । ସମାବେଶକୁ ସମ୍ବୋଧିତ କରି, ଡକ୍ଟର ଡି.ଏସ୍. ଅରବିନ୍ଦ, ଯୁଗ୍ମ ନିର୍ଦ୍ଦେଶକ, ଆଇଇସି, ଓସାକ୍ସ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ସଚେତନତାର ବାର୍ତ୍ତା ସେମାନଙ୍କ ସାଥୀମାନଙ୍କ ପାଖରେ ପହଞ୍ଚାଇବାକୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସ୍ମୃତି ସାଗରିକା କାନୁନଗୋ, ସହକାରୀ ନିର୍ଦ୍ଦେଶକ, ଓସାକ୍ସ ଦ୍ୱାରା ସଂଯୋଜିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଡକ୍ଟର ସୁବ୍ରତ କୁମାର ତ୍ରିପାଠି, ଏଡିପିଏଚ୍‌ଓ(ଟିବି) ଏବଂ ନୋଡାଲ ଅଧିକାରୀ ଏଡ୍ସ ବିଧାନ ଚନ୍ଦ୍ର ନାୟକ, ଡିପିଏମ୍ ଖୋର୍ଦ୍ଧା; ଏବଂ ଡିଏପିସିୟୁ ସହଯୋଗରେ ଅନୁଷ୍ଠିତ ହୋଇଥିଲା । ୫ଟି ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା । ଶିଶିର ବାହିନିପତି କଇଜ୍ ମାଷ୍ଟର ଭାବେ ଯୋଗ ଦେଇଥିଲେ । ରେଡକ୍ରସ୍ ସୋସାଇଟିର କନିଷ୍ଠ ରେଡ଼କ୍ରସର ସକ୍ରିୟ ସମର୍ଥନରେ ଆୟୋଜିତ ଏହି ପ୍ରତିଯୋଗିତାର ଲକ୍ଷ୍ୟ ଥିଲା ସଠିକ୍ ସୂଚନା ପ୍ରସାର କରିବା ଏବଂ ଏଚ୍‌ଆଇଭି/ଏଡ୍ସ ଏବଂ ଏସ୍‌ଟିଆଇ ସମ୍ପର୍କିତ ଭ୍ରମ ଭାଙ୍ଗିବା, ଯୁବକମାନଙ୍କ ମଧ୍ୟରେ ଦାୟିତ୍ୱବୋଧତା ସୃଷ୍ଟି କରିବା ।



ପାରାଦୀପ, (ଭାସ୍କର ନ୍ୟୁଜ) : ପାରାଦୀପ ବନ୍ଦର ଗୋପବନ୍ଧୁ କ୍ରୀଡା ସଂସଦର(ଜିକେଏସ) ନୂତନ ସମ୍ପାଦକ ଭାବେ ଧ୍ରୁବଚନ୍ଦ୍ର ତରାଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଭାରତକୁ ୱାର୍ଲଡ ମାଷ୍ଟର ଆଥଲେଟରେ ଦୁଇଥର ପ୍ରତିନିଧିତ୍ୱ କରିଛନ୍ତି। ଏତଦବ୍ୟତୀତ ସେ ଜଣେ ଭଲ କବାଡି ଏବଂ ଭଲ ଆଥଲେଟ। ପ୍ରଥମ କାର୍ଯ୍ୟ ଦିନରେ ସେ ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଉପଲକ୍ଷେ ବିଦ୍ୟାଳୟ ସ୍ତରୀୟ ଫୁଟବଲ ବାଳକ ବିଭାଗ ର ୪ଟି ଗ୍ରୁପରେ ୩ଟି ମ୍ୟାଚ ଏବଂ ଭଲିବଲ ବାଳକ ଓ ବାଳିକା ବିଭାଗର ୪ଟି ଗ୍ରୁପରେ ୧୦ଟି ପ୍ରତିଯୋଗିତାକୁ ସୁଚାରୁ ରୂପେ ତୁଲାଇ ଥିଲେ। ତାଙ୍କୁ ବହୁ ଶୁଭେଚ୍ଛୁ ମାନେ ଶୁଭେଚ୍ଛା ଜଣାଇଥିବା ବେଳେ ଜିକେଏସର କାର୍ଯ୍ୟକାରୀ ସଭାପତି ଡା.ଦୁର୍ଗା ପ୍ରସାଦ ସେଠି, କ୍ରୀଡା ଉପଦେଷ୍ଟା ରବୀନ୍ଦ୍ର ଦାସ, ଭଲିବଲ କୋଚ ସଞ୍ଜୟ ଦାସ, ପୁରାତନ ଯୁଗ୍ମ ସମ୍ପାଦକ ନିରଞ୍ଜନ ସ୍ୱାଇଁ, କ୍ରିକେଟ ପ୍ରଶିକ୍ଷକ ଜର୍ଜ ପଲ ରବିନସନ, ଟେକ୍ନିକାଲ ମେମ୍ବର ଲିଟାରାମ ହାଇବ୍ରୁ, ବିଶ୍ୱ ରଞ୍ଜନ ଦାସ, ବିପ୍ଲବ କୁମାର ଜେନା ଏବଂ ଗୋପବନ୍ଧୁ କ୍ରୀଡା ସଂସଦର ଅନ୍ୟ କର୍ମଚାରୀ ମାନେ ଶ୍ରୀ ତାରାଇଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ।

# କାଞ୍ଜିପାଣି ଘାଟିରେ ମାଟି ଅତଡା ଧସି ଯାତାୟତ ବ୍ୟାହତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲ୍ଲାରେ ଗତ ୩ଦିନ ହେବ ଲଗାଣ ବର୍ଷା ଯୋଗୁଁ ଜିଲ୍ଲାର ବିଭିନ୍ନ ସ୍ଥାନରେ ରାସ୍ତା ପାଶ୍ୱର୍ ପାହାଡରୁ ମାଟି ଓ ପଥର ଅତଡା ଖସି ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଛି। ଗତ ଶନିବାର ରାତି ପ୍ରାୟ ୧୨ଟାରେ ଜାତୀୟ ରାଜପଥ ୪୯ର କାଞ୍ଜିପାଣି ଘାଟିରେ ପାହାଡରୁ ମାଟି ଅତଡ଼ା ଧସିବା ଫଳରେ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ପ୍ରାୟ ୮ ଫୁଟ ଉଚ୍ଚତାର ମାଟି ରାସ୍ତା ଉପରେ ଜମା ହୋଇ ରହିଛି। ବଲାଣିରୁ ରାଉରକେଲା ଯାଉଥିବା ଏକ ଯାତ୍ରୀବାହୀ ବସ ପ୍ରାୟ ୪ଘଣ୍ଟା ଫସି ରହିବା ପରେ ଏନ୍‌ଏଚ୍‌ଏଆଇ ପକ୍ଷରୁ ଜେସିବି ମେସିନ ଦ୍ୱାରା ମାଟି ଏବଂ ଗଛ ସଫେଇ କରାଯିବା ପରେ ବସ୍‌ଟି ଗନ୍ତବ୍ୟ ସ୍ଥଳକୁ ଯାଇଥିଲା। ଜାତୀୟ ରାଜପଥରେ ଶହ ଶହ ସଂଖ୍ୟାରେ ଗାଡି, ଟ୍ରକ ଓ ଛୋଟ ଯାନାବାହାନ ରାତି ତମାମ ଅଟକି ରହିଥିଲା। ଏନ୍‌ଏଚ୍‌ଏଆଇ ପକ୍ଷରୁ କେନ୍ଦୁଝରରୁ ଜଗମୋହନପୁର ଗୋଟିଏ ପାଶ୍ୱର୍ ସଫେଇ କରାଯିବା ପରେ ଗାଡି ଚଳାଚଳ ଆରମ୍ଭ ହୋଇଥିଲା। ଗୋଟିଏ ପାଶ୍ୱର୍ ରାସ୍ତାରେ ଉଭୟ ପାଶ୍ୱର ଗାଡି ଚଳାଚଳ କରୁଥିବାରୁ ଟ୍ରାଫିକ ଜାମ ରହୁଛି। ତେବେ ଆଜି ରାତି ସୁଦ୍ଧା ଅନ୍ୟପଟ ରାସ୍ତା ଉପରେ ଜମି ଥିବା ମାଟିକୁ ଉଠାଯାଇ ଯାତାୟତ ସ୍ୱାଭାବିକ କରାଯିବ ବୋଲି ଏନ୍‌ଏଚ୍‌ଏଆଇ ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ସେହିପରି ଜାତୀୟ ରାଜପଥ ୪୯ର ଜୁଡିଆ ଘାଟି ରାସ୍ତା ପାଶ୍ୱର୍ ପାହାଡରୁ ଆଜି ଭୋର ସମୟରେ ୨ଟି ବଡ ପଥର ଖସି ଗାଡି ଚଳାଚଳ ବ୍ୟାଘାତ ହୋଇଥିଲା। ଏନ୍‌ଏଚ୍‌ଏଆଇ ପକ୍ଷରୁ ପଥର ହଟାଯିବା ପରେ ଗାଡି ଚଳାଚଳ କରିଥିଲା। ତେବେ ଏହି ଭୁସ୍ଖଳନରେ କୌଣସି ଅଘଟଣ ଘଟିନାହିଁ।

# ନାବାଳିକା ଦୁଷ୍କର୍ମ ଓ ହତ୍ୟା ମାମଲା
# ଅଭିଯୁକ୍ତକୁ ଆଜୀବନ ଜେଲ




ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍) : ପାଟପୁର ଥାନା ଅଞ୍ଚଳରେ ୫ ବର୍ଷ ନାବାଳିକାକୁ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ବ୍ରହ୍ମପୁର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଜର୍ଜ୍ ପ୍ରଣତୀ ପଟ୍ଟନାୟକ ସମ୍ପୃକ୍ତ ଅଭିଯୁକ୍ତକୁ ଆଜୀବନ ଜେଲ ଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ କାଳିଆ ନାହାକ ଓରଫ ଷଣ୍ଡ କାଳିଆ (୨୭)। ଅଭିଯୁକ୍ତ କାଳିଆ ନାହାକ ଗତ ଏପ୍ରେଲ ୨୫ ତାରିଖରେ ଗାଁ ଦାଣ୍ଡରେ ୫ବର୍ଷର ନାବାଳିକା ଜଣଙ୍କ ଖେଳୁଥିବା ବେଳ ଅପହରଣ କରି ନିକଟସ୍ଥ ପୁରୁଣା ଅଙ୍ଗନ୍ୱାଡ଼ି କେନ୍ଦ୍ର ବାରଣ୍ଡାରେ ଦୁଷ୍କର୍ମ କରି ହତ୍ୟା କରି ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲା। ଘଟଣାକୁ ନେଇ ଥାନାରେ ଅଭିଯୋଗ ହେବା ପରେ ଗଞ୍ଜାମ ଏସପି ଶୁଭେନ୍ଦୁ ପାତ୍ର ନିଜେ ଘଟଣାର ସୁପରଭିଜନ କରିଥିଲେ। ଅନ୍ୟପକ୍ଷରେ ତଦନ୍ତକାରୀ ଅଧିକାରୀ ଶୁଭଲକ୍ଷ୍ମୀ କଂହର ଓ ଚାର୍ଜସିଟ ଦାଖଲ କରିଥିବା ଥାନା ଅଧିକାରୀ ଦୀପ୍ତି ରଞ୍ଜନ ବେହେରା ଘଟଣାର ତନାଘନା କରି ଅଭିଯୁକ୍ତ କାଳିଆକୁ ଗିରଫ କରିବା ସହ ମୃତ ନାବାଳିକାଙ୍କ ପରିବାରଙ୍କୁ ନ୍ୟାୟ ଦେବା ପାଇଁ ଆବଶ୍ୟକ ପ୍ରମାଣ କୋର୍ଟରେ ଉପସ୍ଥାପନ କରିଥିଲେ। ସାକ୍ଷୀ ଓ ପୁଲିସର ଚାର୍ଜସିଟକୁ ଆଧାର କରି କୋର୍ଟ ଉପଯୁକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।

## ଆଦର୍ଶ ଯୁବ ପରିଷଦ ପକ୍ଷରୁ ବୃକ୍ଷର ସୁରକ୍ଷା କାର୍ଯ୍ୟକ୍ରମ

ବାଙ୍କୀ, (ଭାସ୍କର ନ୍ୟୁଜ୍) : ବାଙ୍କୀର ଅଗ୍ରଣୀ ଯୁବ ଅନୁଷ୍ଠାନ ଆଦର୍ଶ ଯୁବ ପରିଷଦ ତରଫରୁ ଅନୁଷ୍ଠାନ ପକ୍ଷରୁ ବାଙ୍କୀର ବିଭିନ୍ନ ସ୍ଥାନରେ ହୋଇଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମର ସୁରକ୍ଷା ପାଇଁ ଅଣ୍ଟା ଭିଡିଛନ୍ତି ଅନେକ ସମାଜସେବୀ। ଡମପଡ଼ା ବ୍ଲକ ଅନ୍ତର୍ଗତ କୁଶୁପଙ୍ଗୀ, ତାଳବସ୍ତ ପଞ୍ଚାୟତ ଅଧିନସ୍ଥ ପଦନପୁର, ଭିଜିପୁଟ ତଥା ଚନ୍ଦକା ପାଦଦେଶରେ ଅବସ୍ଥିତ ବାଘଖିଆ ନାଳ ନିକଟରେ ଲଗାଯାଇଥିବା, ଜାମୁ, ବେଲ, ବର, ଓସ୍ତ ଆଦି ଗଛ ଗୁଡିକର ସୁରକ୍ଷା ଦୃଷ୍ଟିରୁ ଗଛର ଚତୁପାର୍ଶ୍ୱକୁ ତାର ବାଡି ଓ କଣ୍ଟାଗଛଦ୍ୱାରା ଆବଦ୍ଧ କରାଯାଇଛି। ଏହାସହିତ ନିକଟସ୍ଥ ଗ୍ରାମର ମେଣ୍ଢା, ଛେଳି, ଗାଈଗୋରୁ ରଖିଥିବା ଲୋକମାନଙ୍କୁ ବୃକ୍ଷ ହିଁ ଜୀବନ ଓ ବୃକ୍ଷର ସୁରକ୍ଷା ଆମର ଦାୟିତ୍ୱ ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଛି। ପରିଷଦର ଆବାହକ ଅକ୍ଷୟ କୁମାର ସାମଲଙ୍କ ପରିଚାଳନାରେ ଆୟୋଜିତ ପରିବେଶ ସୁରକ୍ଷା ଓ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସମାଜସେବୀ ଶଶୀଭୂଷଣ ତ୍ରିପାଠୀ, ଶଙ୍କର ନାୟକ, ରବୀନ୍ଦ୍ର କୁମାର ଲେଙ୍କା, ସୁବ୍ରତ କୁମାର ନାୟକ ପ୍ରମୁଖ ନିଜକୁ ସାମିଲ କରିଥିଲେ। ଆମପରିବାର ଚକ୍ରର ପ୍ରତିଷ୍ଠାତା କୁମାର ଅମୀୟ(ବୁଲୁ ବାବା) ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶାବର ଶ୍ରୀକ୍ଷେତ୍ରରେ ପ୍ରବଚନ

କୋରାପୁଟ,(ଭାସ୍କର ନ୍ୟୁଜ) : କୋରାପୁଟ ଶାବର ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଭାରତ ଖଣ୍ଡରେ ଏକ ଆଧ୍ୟାତ୍ମିକ ପ୍ରବଚନ ଆୟୋଜିତ ହୋଇଯାଇଛି। ଏଥିରେ ଓଡିଶାର ଜଗନ୍ନାଥ ସଂସ୍କୃତି ଗବେଷକ ଡ.ଆଶୁତୋଷ ପ୍ରସାଦ ମିଶ୍ର ଜଗନ୍ନାଥଙ୍କର ମାନବୀୟ ଲୀଳା ଉପରେ ଏକ ସାବଲିଳ ଓ ସୁନ୍ଦର ପ୍ରବଚନ ପ୍ରଦାନ କରିଥିଲେ। ସଭା ପ୍ରାରମ୍ଭରେ ମନ୍ଦିର ସମ୍ପାଦକ ଭବାନୀ ଶଙ୍କରଆଚାର୍ଯ୍ୟ ପ୍ରବଚକ ଡାକ୍ତର ମିଶ୍ରଙ୍କୁ ଉପଢୌକନ ଦେଇ ସ୍ୱାଗତ କରିଥିଲେ। ଏହା ପରେ ଭକ୍ତମାନଙ୍କ ପାଇଁ ମନ୍ଦିର ସଂସ୍ଥା ପକ୍ଷରୁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଶତାଧିକ ଭକ୍ତ ଉପସ୍ଥିତ ଥିଲେ।

## ୫୧ ଚୋରି ମୋବାଇଲ୍ ଫେରାଇଲା ସାଇବର ପୋଲିସ

ବ୍ରହ୍ମପୁର, (ଭାସ୍କର ନ୍ୟୁଜ): ପୋଲିସ ଷ୍ଟେସନ୍ ନଯାଇ ହଜିଯାଇଥିବା ମୋବାଇଲ୍ ରିପୋର୍ଟ କରିବା ପାଇଁ ବ୍ରହ୍ମପୁର ପୋଲିସ ଏକ ଉତ୍ସର୍ଗୀକୃତ ଅନଲାଇନ୍ ହେଲ୍ପଲାଇନ୍ ଆରମ୍ଭ କରିଛି। ଆଜି ବ୍ରହ୍ମପୁର ପୋଲିସ ଅଧୀକ୍ଷକଙ୍କ ଦ୍ୱାରା ଅଫିସରେ ପ୍ରକୃତ ମାଲିକଙ୍କୁ ଉଦ୍ଧାର ହୋଇଥିବା ମୋବାଇଲ୍ ଫୋନ୍ ବଣ୍ଟନ ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସାରା ଜିଲ୍ଲାରେ ଆଇଫୋନ୍ ସମେତ ମୋଟ ୫୧ଟି ସ୍ମାର୍ଟଫୋନ୍ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯାଇଥିଲା। ବ୍ରହ୍ମପୁର ପୋଲିସ ଅଧୀକ୍ଷକଙ୍କ ନିର୍ଦ୍ଦେଶ ଅନୁଯାୟୀ ବ୍ରହ୍ମପୁର ସାଇବର ପୋଲିସ ଷ୍ଟେସନ୍ ଜୁନ୍-୨୫ରୁ ଜୁଲାଇ-୨୫ ମାସ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଅଭିଯାନ ଚଳାଇଥିଲା। ପୋଲିସ ଦଳରେ ଇନ୍ସପେକ୍ଟର ଶଙ୍କର ପଣ୍ଡା, ଏସଆଇ ଏ. ସ୍ୱର୍ଣ୍ଣଲତା ପାତ୍ର, ଅଜିତ କୁମାର ଗୌଡ଼ା, କୈଳାସ ଚନ୍ଦ୍ର ମହାରଣା, ରାଜେନ୍ଦ୍ର କୁମାର ବେହେରା ଏବଂ ସନ୍ତୋଷ କୁମାର ଜେନା ସାମିଲ ଥିଲେ। ଉତ୍ସର୍ଗୀକୃତ ଦଳ ଉନ୍ନତ ଟ୍ରାକିଂ କୌଶଳ ବ୍ୟବହାର କରିଥିଲେ ଏବଂ ଡିଭାଇସଗୁଡ଼ିକୁ ଟ୍ରେସ୍ କରିବା ପାଇଁ ମୋବାଇଲ୍ ସେବା ପ୍ରଦାନକାରୀ ଏବଂ ଅନ୍ୟାନ୍ୟ ଏଜେନ୍ସିଗୁଡ଼ିକ ସହିତ ସମନ୍ୱୟ ରଖି କାର୍ଯ୍ୟ କରିଥିଲେ ଏବଂ ୫୧ଟି ମୋବାଇଲ୍ ଉଦ୍ଧାର କରିବାରେ ସଫଳ ହୋଇଥିଲେ।



## ଅଟୋ ସହ ୮ ଖଣ୍ଡ କାଠ ଜବତ, ଜଣେ ଗିରଫ



କୋରୁକୋଣ୍ଡା/ବାଲିମେଳା, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ବାଲିମେଳା ବନାଞ୍ଚଳ ବେଆଇନ କାଠ ଦଣ୍ଡା ଚାଲାଣକୁ ରୋକିବାରେ ସକ୍ଷମ ହୋଇଛି। ମିଳିଥିବା ସୂଚନାନୁଯାୟୀ ବାଲିମେଳା ବନାଞ୍ଚଳ ରେଞ୍ଜର ଲିପ୍ସିତା କଂହର ବିଶେଷ ସୁତରୁ ଖବର ପାଇ ଏକ ଟିମ ନେଇ ରବିବାର ସନ୍ଧ୍ୟା ସମୟରେ ବାଲିମେଳା ଛକ ନିକଟରେ ଜଗି ରହିଥିଲେ। ବେଆଇନ ଭାବେ କାଠ ଗଣ୍ଡି ଅଟୋ ଯୋଗେ ନାକାମାମୁଡ଼ି ଅଞ୍ଚଳର ଡୁମରିପଦର ଗ୍ରାମରୁ ଆସୁଥିବା ବେଳେ ଅଟୋଟିକୁ ଦେଖି ବନାଞ୍ଚଳ ଟିମ ଅଟକାଇଥିଲେ। ଉକ୍ତ ଅଟୋରୁ ୮ ଖଣ୍ଡ କାଠ ଗଣ୍ଡି ଜବତ କରାଯାଇଥିଲା। ପରେ ଜବତ ଅଟୋ ସମେତ ଉକ୍ତ କାଠ ଖଣ୍ଡ ଗୁଡିକୁ ବାଲିମେଳା ବନାଞ୍ଚଳ କାର୍ଯ୍ୟାଳୟକୁ ନିଆଯାଇଥିଲା। ଜବତ ୮ ଖଣ୍ଡ ଟେକ କାଠ ଦଣ୍ଡାର ଆନୁମାନିକ ମୂଲ୍ୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ସୂଚନା ମିଳିଛି। ଗିରଫ ବ୍ୟକ୍ତି ଜଣକ ହେଲେ ବାଲିମେଳା ସହରର ସୁଜିତ ମାଝୀ ବୋଲି କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଏହି ଟିମରେ ବନରକ୍ଷୀ ସନ୍ତୋଷ କୁମାର, ବନରକ୍ଷୀ ପ୍ରଶାନ୍ତ ରାଉତ, ବନରକ୍ଷୀ ଜ୍ୟୋତ୍ସ୍ନା ପଣ୍ଡା, ପାରା ଷ୍ଟାଫ ରାଜେନ୍ଦ୍ର ଖରା, ସମୀର ହରିଜନ, ଆଦୁ ଖିଲ, ଦାମ ଖରା ଏବଂ ସନିଆ ବାଘ ସାମିଲ ଥିଲେ। ଆଜି ଅଭିଯୁକ୍ତ ସୁଜିତଙ୍କୁ କୋର୍ଟଚାଲାଣ କରାଯାଇଥିବା ବାଲିମେଳା ବନାଞ୍ଚଳ ଅଧିକାରିଣୀ ଲିପ୍ସିତା କଂହର ସୂଚନା ଦେଇଛନ୍ତି।

## ଲଗାଣ ବର୍ଷାରେ ଭାଙ୍ଗିଲା ଘର, ଅଳ୍ପକେ ବର୍ତ୍ତିଲେ ଦମ୍ପତି



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲ୍ଲାରେ ଗତ ୩ ଦିନ ଧରି ଅବିଶ୍ରାନ୍ତ ବର୍ଷାରେ ଲୋକମାନେ ନାହିଁ ନଥିବା ଅସୁବିଧାରେ ପଡିଛନ୍ତି। ଜିଲ୍ଲାର ବିଭିନ୍ନ ସ୍ଥାନରେ କଚ୍ଚା ଏବଂ ଆଜବେଷ୍ଟସ ଘର ଭାଙ୍ଗି ଯାଇଛି। ହରିଚନ୍ଦନପୁର ବ୍ଲକ ତେନ୍ତଳାପଶି ପଞ୍ଚାୟତ ଅନ୍ତର୍ଗତ ବଡକମଣ୍ଡରା ଗ୍ରାମର ରଞ୍ଜନ କୁମାର ନାୟକଙ୍କ ଆଜବେଷ୍ଟସ ଘର ଭାଙ୍ଗି ଯାଇଛି। ରଞ୍ଜନ ନାୟକ ଏବଂ ତାଙ୍କ ସ୍ତ୍ରୀ ଜୟନ୍ତୀ ନାୟକ ଘରେ ଶୋଇଥିବାବେଳେ ବିଳମ୍ବିତ ରାତିରେ ମାଟି କାନ୍ଥ ଓଦା ହୋଇ ଭାଙ୍ଗି ଯାଇଥିଲା। କାନ୍ଥଟି ବାହାର ଆଡକୁ ପଡିଯିବାରୁ ଦମ୍ପତି ଅଳ୍ପକେ ବର୍ତ୍ତୀ ଯାଇଥିଲେ। ସେମାନେ ଅତ୍ୟନ୍ତ ଗରିବ ହୋଇଥିବାରୁ ଘର ତିଆରି କରିବାକୁ ଅକ୍ଷମ ଅଟନ୍ତି। ଏପରିକି ରହିବା ପାଇଁ ବାସସ୍ଥାନ ଟିଏ ମଧ୍ୟ ନାହିଁ। ପ୍ରଶାସନ ପକ୍ଷରୁ ସେମାନଙ୍କୁ ତୁରନ୍ତ ସାହାଯ୍ୟ କରିବାକୁ ରଞ୍ଜନ ନାୟକ ହରିଚନ୍ଦନପୁର ବିଡିଓଙ୍କ ନିକଟରେ ଦାବି କରିଛନ୍ତି। ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ପକ୍କା ଘର ଯୋଗାଇ ଦେବା ପାଇଁ ବଡକମଣ୍ଡରା ଗ୍ରାମବାସୀମାନେ ଦାବି କରିଛନ୍ତି।

## ସାଚି କାରାମ ମେମୋରିଆଲ୍ ଫୁଟବଲ୍ ଉଦ୍‌ଯାପିତ
## ଆମ୍ବେଦକର ଏଫ୍‌ସି ଦଳ ଚାମ୍ପିଅନ୍



କାଲିମେଳା, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ୍ ସଦର ମହକୁମାରେ ଚାଲିଥିବା ସାଚି କାରାମ ମେମୋରିଆ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଆମ୍ବେଦକର ଏଫ୍‌ସି ଦଳ ୪-୨ ଗୋଲରେ ଚନ୍ଦ୍ରା ଏଫ୍‌ସି ଦଳକୁ ହରାଇ ଚାମ୍ପିୟନ୍ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ୍ ଅଧକ୍ଷ ଦାୟୀତ୍ୱରେ ରହିଥିବା ଉପାଧ୍ୟକ୍ଷ କଲ୍ୟାଣ ବିଶ୍ୱାସ, ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ସଭାପତି ଏମ୍‌ଡି ଫାରୁକ, ବିଜେଡି ବ୍ଲକ୍ ସଭାପତି ସିଏଚ୍ ରବୀଟ କୁମାର, ସମାଜସେବୀ ଏନ୍. ରାଘବ ରାଓ, ସାମ୍ବାଦିକ କେ.ଭାସ୍କର ରାଓ, ଛତିଶଗଡ଼ର ସନୁ କରସ୍ତା, ଦୋରନାପାଲର ଗଣେଶ ବାହିନୀ ପ୍ରମୁଖଙ୍କ ସମେତ ସରପଞ୍ଚ ଗଙ୍ଗା କାରାମୀଙ୍କ ପରିବାର ସଦସ୍ୟ ଯୋଗଦେଇ ଚାମ୍ପିୟନ୍ ଆମ୍ବେଦକର ଏଫ୍‌ସି ଦଳକୁ ନଗଦ ୪୦ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ ଅପ୍ ଚନ୍ଦ୍ରା ଏସ ଦଳକୁ ନଗଦ ୩୦ ହଜାର ଟଙ୍କା ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ସୂଚନାଥାଉକି, ବର୍ଷେ ତଳେ ସରପଞ୍ଚ ଶ୍ରୀ କାରାମଙ୍କ ପତ୍ନୀ ସାଚି କାରାମଙ୍କ ଦେହାନ୍ତ ହୋଇଥିଲା। ପତ୍ନୀଙ୍କ ନାଁରେ ସରପଞ୍ଚ ଶ୍ରୀ କାରାମ ଏହି ମେମୋରିଆନ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟର ଆୟୋଜନ କରିଥିଲେ। ଗତ ୧୮ ତାରିଖରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ଓ ଅନ୍ତରାଜ୍ୟର ୮ଟି ଦଳ ଭାଗ ନେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଭାରତୀୟ କ୍ରିକେଟ ଦଳ ପୂର୍ବତନ ମ୍ୟାନେଜର ସତବୀର ସିଂ ରିୟର ରେଫରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ସପ୍ତାହେ ଧରି ନିଭାସ ଦାସ ଧାରା ବିବରଣୀ ପ୍ରଦାନ କରିଥିଲେ। ପ୍ରତିଦିନ ଖେଳ ଦେଖିବା ଲାଗି ରାଜ୍ୟ ଏବଂ ପଡୋଶୀ ରାଜ୍ୟରୁ ବହୁ ଦର୍ଶକଙ୍କ ଭିଡ ଜମିରହିଥିଲା। ସଭାପତି ଶ୍ରୀ କାରାମ ଓ ସମ୍ପାଦକ ଟି. ବିଚେମଙ୍କ ନେତୃତ୍ୱରେ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଇଥିଲା।

## ବିଦ୍ୟୁତ ଆଘାତରେ ଯୁବକ ମୃତ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍) : ଗଜପତି ଜିଲ୍ଲା ଅଡବା ଥାନା ବିରିକୋଟରେ ବିଦ୍ୟୁତ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ବ୍ରହ୍ମପୁରର ପ୍ରଫୁଲ ବାଡତ୍ୟା। ବିରିକୋଟ ଗାଁରେ ଜଣେ ବ୍ୟକ୍ତିଙ୍କ ପାଣି ମୋଟର ମରାମତି କରୁଥିଲେ ପ୍ରଫୁଲ। ତେବେ ମୋଟରରେ ସଂଯୋଗ ଥିବା ବିଦ୍ୟୁତ ସଂସ୍ପର୍ଶରେ ଆସିଥିଲେ ପ୍ରଫୁଲ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବିରିକୋଟ ମେଡିକାଲରେ ଭର୍ତ୍ତି କରିଥିଲେ। ଏହାପରେ ଅଡବା ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ଅମରେଶ ପାତ୍ର ମୃତ ଘୋଷଣା କରିଛନ୍ତି। ଖବର ପାଇ ଅଡବା ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ କରୁଛି।

## ପ୍ରଧାନ ଶିକ୍ଷୟିତ୍ରୀଙ୍କ ହିଟଲର ଶାସନ
## ଦଣ୍ଡମୁକ୍ତ ଅଞ୍ଚଳରେ ଦେଲେ ଦଣ୍ଡ



ଫୁଲନଖରା, (ଭାସ୍କର ନ୍ୟୁଜ୍) : ବୟାଳିଶମୌଜା ଅନର୍ଗତ ବେଣ୍ଟକାର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରି ଖଣ୍ଡେଇଙ୍କ ନାମରେ ଆସିଛି ସାଙ୍ଘାତିକ ଅଭିଯୋଗ। ଦଣ୍ଡ ମୁକ୍ତ ଅଞ୍ଚଳକୁ ଦଣ୍ଡଯୁକ୍ତ ଅଞ୍ଚଳ କରି ନିରୀହ ଶିଶୁଙ୍କ ଦେଇଛନ୍ତି କଷ୍ଟ। ଅଭିଯୋଗ ଅନୁଯାୟୀ ପ୍ରାର୍ଥନା କ୍ଲାସ ପରେ ଏକ ନୀତିବାଣୀ କ୍ଲାସ ଆରମ୍ଭ କରିଥିଲେ ପ୍ରଧାନ ଶିକ୍ଷୟିତ୍ରୀ। ନୀତିବାଣୀ କହିସାରିବା ପରେ ପିଲାମାନେ ତାକୁ ବାଖ୍ୟା କରୁଥିଲେ। ହେଲେ ଗତ ଶନିବାର ଦିନ ଶିକ୍ଷୟତ୍ରୀ କହିଥିବା ନୀତିବାଣୀଟିକୁ ସଂସ୍କୃତରେ ବାଖ୍ୟା କରିବାକୁ। ଯେଉଁଥିରେ ପିଲାମାନେ ସ୍ୱଷ୍ଟ ଭାବରେ କହି ପାରିନଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ପ୍ରଧାନ ଶିକ୍ଷୟିତ୍ରୀ ସମସ୍ତଙ୍କୁ କାନ ଧରି ଆଣ୍ଠେଇବାକୁ କହିଥିଲେ। ଶ୍ରେଣୀ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ସମସ୍ତ ଶିଶୁ ସେହି ପ୍ରାର୍ଥନା ସଭାରେ ଆଣ୍ଠେଇ ଥିଲେ। ଏହି ସମୟରେ କିଛି ହିନ୍ଦୀ ରଖିଥିବା ପିଲା ନ ଆଣ୍ଠେଇ ହିନ୍ଦୀ ନେଇ ସଂସ୍କୃତରେ କିଭଳି କହିବୁ ବୋଲି ପ୍ରଶ୍ନ କରିଥିଲେ। ହେଲେ ସେ କିଛି ନଶୁଣି ସମସ୍ତଙ୍କୁ ଦଣ୍ଡ ଦେଇଥିଲେ। ପିଲାମାନେ ଅତି ଦୁଃଖର ସହିତ ତଳେ ଆଣ୍ଠେଇ ଥିଲେ। ତେବେ ଶିକ୍ଷା ବିଭାଗ ଦ୍ୱାରା ହୋଇଥିବା ଦଣ୍ଡମୁକ୍ତ ଅଞ୍ଚଳରେ କିଭଳି ସବୁ ନିୟମ ଭୁଲି ପ୍ରଧାନଶିକ୍ଷୟତ୍ରି ନିଜ ଦବଙ୍ଗ ଗିରି ଚଳାଇଲେ ତାହା ଏବେ ବିଭାଗୀୟ ପଦାଧିକାରୀଙ୍କ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନା ଯୋଗ୍ୟ ଯେ ପୂର୍ବ ବିଦ୍ୟାଳୟରେ ଥିବା ବେଳେ ଏବଂ ଏହି ବିଦ୍ୟାଳୟରେ ମାତ୍ର ଦୁଇମାସ ନ ପୁରୁଣୁ ଏହି ପ୍ରଧାନ ଶିକ୍ଷୟତ୍ରିଙ୍କ ବିରୁଦ୍ଧରେ ବହୁ ଅଭିଯୋଗ ହୋଇଛି। ନିଜ ହିଟଲର ଶାସନ ପାଇଁ ସବୁବେଳେ ଚର୍ଚ୍ଚାରେ ରହୁଥିବା ଏହି ପ୍ରଧାନଶିକ୍ଷୟତ୍ରି ଅତୀତରେ ବିଭାଗ ଦ୍ୱାରା ନିଲମ୍ବନ ମଧ୍ୟ ହୋଇଛନ୍ତି।

## ବେଆଇନ ବାଲି ହାଇୱା ଜବତ

ପଦ୍ମପୁର, (ଭାସ୍କର ନ୍ୟୁଜ୍) : ବେଆଇନ ଭାବରେ ବାଲି ଚୋରାଚାଲାଣ ବେଳେ ଗୁଡ଼ାରୀ ଚକ ନିକଟରେ ୨ ହାଇୱା ବାଲି ବୋଝେଇ ଟ୍ରକ୍ କୁ ଜବତ କଲା ଗୁମୁଡା ପୋଲିସ ସୁଚନା ଅନୁସାରେ ବିନା କାଗଜ ପତ୍ର ରେ ବାଲି ଚୋରା ଚାଲାଣ ଅଭିଯୋଗରେ ପାଇବା ପରେ ଗୁମୁଡା ପୋଲିସ ର ଏକ ଟିମ୍ ଗୁଡ଼ାରୀ ଛକ ନିକଟରେ ଜବତ କରି ଅଧିକ ତଦନ୍ତ କରୁଥିବା ଜଣା ପଡିଛି।ଜିଲ୍ଲା ମାଇନ୍ସ ବିଭାଗ ଆସିବା ପରେ କେତେ ଫାଇନ ପଡ଼ିବ ଜଣା ପଡ଼ିବ ବୋଲି ଫାଣ୍ଡି ଅଧିକାରୀ ସୂଚନା ଦେଇଥିଲେ।

## ମମତା ବାନାର୍ଜୀଙ୍କ ବିବୃତିକୁ ଜିଲ୍ଲା ବଙ୍ଗାଳି ସମାଜ ସଭାପତିଙ୍କ ଖଣ୍ଡନ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ଓଡ଼ିଶାରେ ବଙ୍ଗାଳି ଲୋକ ଅସୁରକ୍ଷିତ। ସେମାନଙ୍କ ଉପରେ ଅତ୍ୟାଚାର କରାଯାଉଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦେଇଥିବା ଏହି ବିବୃତିକୁ ଖଣ୍ଡନ କରିଛନ୍ତି ଜିଲ୍ଲା ବଙ୍ଗାଳି ସମାଜ ସଭାପତି ଗୌରାଙ୍ଗ କର୍ମକାର। ଏହା ରାଜନୈତିକ ଚାଲ। ଭାଇଚାରା ଏବଂ ଶାନ୍ତି ନଷ୍ଟ ଲାଗି ଚକ୍ରାନ୍ତ କରାଯାଉଛି ବୋଲି କହିଛନ୍ତି। ଗତ କିଛିଦିନ ତଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ଏବଂ ତୃଣମୂଳ କଂଗ୍ରେସ ନେତ୍ରୀ ମହୁଆ ମୋଇତ୍ର ଓଡ଼ିଶାରେ ବସବାସ କରୁଥିବା ବଙ୍ଗଳା ଭାଷାଭାଷୀ ଲୋକଙ୍କ ଉପରେ ନକରାତ୍ମକ ମନ୍ତବ୍ୟ ଦେଇଥିଲେ। ଏହାକୁ ଖଣ୍ଡନ କରି ବଙ୍ଗାଳି ସମାଜ ସଭାପତି ଶ୍ରୀ କର୍ମକାର କହିଛନ୍ତି କି, ମାଲକାନଗିରି ସହ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବସବାସ କରୁଥିବା ବଙ୍ଗୀୟ ସମ୍ପ୍ରଦାୟର ଲୋକେ ସମ୍ପୂର୍ଣ୍ଣ ସୁରକ୍ଷିତ। ମାଲକାନଗିରିରେ ଭାଇଚାରା, ଶାନ୍ତି ଭଙ୍ଗ ପାଇଁ ଚାଲିଛି ରାଜନୈତିକ ଚକ୍ରାନ୍ତି ଏବଂ ଓଡ଼ିଆ ଲୋକଙ୍କ ସହିତ ମିଳିମିଶି ଚଳୁଛନ୍ତି। ଚାଷ, ବ୍ୟବସାୟ ଏବଂ ଚାକିରି କରି ପ୍ରଗତି ହାସଲ କରିଛନ୍ତି। ନିର୍ବାଚନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି। ମମତା ଏବଂ ମହୁଆଙ୍କ ବିବୃତି ବଙ୍ଗୀୟ ଭାଷାଭାଷୀଙ୍କ ଏକତାକୁ ଦୁର୍ବଳ କରିବାର ଅପଚେଷ୍ଟା। ରାଜ୍ୟ ସରକାର ସମ୍ପ୍ରଦାୟଙ୍କ ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ସମସ୍ତେ ସ୍ଥାନୀୟ ଲୋକଙ୍କ ସହ ମିଶି ସୁଖ ଶାନ୍ତିରେ ଅଛନ୍ତି। ଏମଭି ଓ ଏମପିଭି ଗାଁ ନାମ ବଦଳାଇ ଏହାକୁ ରାଜସ୍ୱ ମାନ୍ୟତା ଏବଂ ବଙ୍ଗାଳି ଭାଷା ଭିତ୍ତିକ ଶିକ୍ଷକ ନିଯୁକ୍ତି ଲାଗି ସର୍ଭେ ଆରମ୍ଭ ହୋଇଛି। ୨୧୪ ଶରଣାର୍ଥୀ ଗ୍ରାମରେ ପ୍ରାୟ ୪ ଲକ୍ଷରୁ ଉର୍ଦ୍ଧ୍ୱ ବଙ୍ଗାଳି ବସବାସ କରୁଛନ୍ତି। ସେମାନେ ସ୍ଥାନୀୟ ଆଦିବାସୀଙ୍କ ସହ ମିଳିମିଶି ରହୁଛନ୍ତି।

# ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ କର୍ମଚାରୀଙ୍କ ବଦଳି ଦାବି




ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଦୀର୍ଘ ୧୦ ରୁ ୧୨ ବର୍ଷ ହେବ ଗୋଟିଏ ସ୍ଥାନରେ ବରିଷ୍ଠ ଓ କନିଷ୍ଠ କିରାଣୀମାନେ କାର୍ଯ୍ୟ କରି ଆସୁଥିଲା ବେଳେ ସେମାନଙ୍କ ବଦଳି କେବେ ହେବ ବୋଲି ଶିକ୍ଷକ ମହଲରେ ଆଲୋଚନା ହେଉଛି। ଗୋଟିଏ କାର୍ଯ୍ୟାଳୟରେ ଦୀର୍ଘ ୧୨ ବର୍ଷ ହେଲା ରହିବା ଫଳରେ ଦୁର୍ନୀତି ଓ ମନମୁଖୀ କାର୍ଯ୍ୟକଳାପ ବୃଦ୍ଧି ପାଇଛି ବୋଲି ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ଯେ ମାଲକାନଗିରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଟି ୨୦୧୨ ମସିହାରୁ ଆରମ୍ଭ ହୋଇଥିଲା। ନୂତନ କାର୍ଯ୍ୟାଳୟ ହେତୁ ବିଭିନ୍ନ ସ୍ଥାନରୁ କିଛି କିରାଣୀ ମାନଙ୍କୁ ଡେପୁଟେସନରେ ଅଣାଯାଇ ଜିଲ୍ଲାଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ପରେ ସଂପୃକ୍ତ କର୍ମଚାରୀମାନେ ସ୍ଥାୟୀ ଭାବେରେ ରହି କାର୍ଯ୍ୟାଳୟରେ କାମ କରି ଆସୁଥିବା ବେଳେ ସେମାନଙ୍କର ଅଦ୍ୟାବଧି ବଦଳ ହେଉ ନାହିଁ। ଫଳରେ ଶିକ୍ଷକ ଶିକ୍ଷୟିତ୍ରୀ ମାନ ବଦଳି, ଉପଯୁକ୍ତ ସ୍ଥାନରେ ଥଇଥାନ, ଶିକ୍ଷକମାନଙ୍କ ପଦୋନ୍ନତି, ବାର୍ଷିକ ଇନକ୍ରିମେଣ୍ଟ ଆଦି ବିଭିନ୍ନ କାର୍ଯ୍ୟ ପାଇଁ ଭିତିରିଆ ଅର୍ଥ କାରବାର ହୋଇଥାଏ। ବିନା ଲାଞ୍ଚରେ କୌଣସି କାମ ହେଉ ନଥିବାରୁ ଶିକ୍ଷକ ମହଲରେ ଦିନକୁ ଦିନ ଅଶାନ୍ତି ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ମାଲକାନଗିରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପ୍ରତିଷ୍ଠା ହେବା ଠାରୁ ଅଦ୍ୟାବଧି ୬ ଜଣ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିଯୁକ୍ତି ଓ ବଦଳି ହୋଇଥିବା ବେଳେ କିରାଣୀମାନେ ୧୦ ରୁ ୧୨ ବର୍ଷ ହେବ ଆସ୍ଥାନ ମାଡିବସି ରହିଛନ୍ତି। ଜିଲ୍ଲାରେ ସମସ୍ତ ବିଭାଗର କର୍ମଚାରୀମାନଙ୍କୁ ବଦଳି ହେଉଥିବା ବେଳେ ସେମାନଙ୍କ ବଦଳି ପ୍ରତି କୌଣସି ଜିଲ୍ଲାପାଳ ମଧ୍ୟ ଦୃଷ୍ଟି ଦେଉ ନଥିବା ଜଣା ପଡ଼ିଛି। ତେଣୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଦୁର୍ନୀତିର ଚେର ବଢିବାରେ ଲାଗିଛି। ଅନ୍ୟ ପକ୍ଷରେ ଜିଲ୍ଲା ଶିକ୍ଷା ଅଧିକାରୀ ମାନଙ୍କୁ ଦୁର୍ନୀତି କରିବା ପାଇଁ ଏହି କର୍ମଚାରୀମାନେ ପ୍ରବର୍ତ୍ତାଇ ଫାଇଦା ଉଠାଇଥାନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁଙ୍କୁ ଛାଡି ଦେଲେ ଅନ୍ୟାନ୍ୟ ଡିଇଓ ମାନେ ଉକୋଚ ନେବାରେ ସଂକୋଚ କରୁ ନଥିଲେ, ଯାହାକି ବାଟ ଘାଟର ଚର୍ଚ୍ଚା ହେଉଥିବା ପରିଲକ୍ଷିତ କରାଯାଉଛି। ବର୍ତ୍ତମାନ ଗଣ ଶିକ୍ଷା ବିଭାଗ ନିର୍ଦ୍ଦେଶକ ଭୁବନେଶ୍ୱରଙ୍କ ପତ୍ର ସଂଖ୍ୟା ୨୨୦୬୯ ତା-୨୦/୦୮ ଅନୁସାରେ ୩ ବର୍ଷରୁ ଉର୍ଦ୍ଧ୍ୱ ଥିବା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଗୁଡିକର କର୍ମଚାରୀମାନଙ୍କୁ ବଦଳି ଲାଗି ନିର୍ଦ୍ଦେଶ ଦିଆ ଯାଇଛି। ତେବେ ଏହି ଆଦେଶ ମାଲକାନଗିରି ଜିଲ୍ଲା ଶିକ୍ଷା ବିଭାଗରେ କେବେ କାର୍ଯ୍ୟକାରୀ ହେବ ଦେଖିବାକୁ ବାକି ରହିଲା। ବର୍ତ୍ତମାନ ନୂତନ ଜିଲ୍ଲା ଶିକ୍ଷା ଅଧିକାରୀ ଭାବେ ଚିତ୍ତ ରଂଜନ ପାଣିଗ୍ରାହୀ ନିଯୁକ୍ତି ହୋଇଥିବା ବେଳେ ନୂତନ ଭାବରେ ମାଲକାନଗିରି ଜିଲ୍ଲାର ଜିଲ୍ଲାପାଳ ଭାବେ ସୋମେଶ ଉପାଧ୍ୟାୟ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏଣୁ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ଆଦେଶକୁ କଡାକଡି ପାଳନ କରି ଦୀର୍ଘ ବର୍ଷ ଧରି ବିଭିନ୍ନ ଦୁର୍ନୀତିରେ ସଂପୃକ୍ତ କିରାଣୀ ମାନଙ୍କୁ ଅନ୍ୟତ୍ର ବଦଳି କରା ଗଲେ ସ୍ୱଚ୍ଛତା ବଜାୟ ରହିବ ବୋଲି କୁହାଯାଇଛି।



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ସ୍ଥିତ ପଥପ୍ରାନ୍ତ ସୁବିଧା କେନ୍ଦ୍ର ପରିସରରେ ଆଜି ଅପରାହ୍ନରେ ଡେରାବିଶ ବ୍ଲକ ଯାତ୍ରା କମିଟି ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜୟ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ବ୍ଲକ ଅନ୍ତର୍ଗତ ୨୬ ପଞ୍ଚାୟତର କର୍ମକର୍ତାମାନେ ଯୋଗ ଦେଇଥିଲେ। ବର୍ତମାନ ସମୟରେ ଗ୍ରାମାଞ୍ଚଳରେ ଯାତ୍ରା କରିବା ଏକ କଷ୍ଟକର ବ୍ୟାପାର ହୋଇଥିବା ବେଳେ ଯାତ୍ରାମାନଙ୍କରେ ଅଶ୍ଳୀଳ ନୃତ୍ୟକୁ ଏହି ବୈଠକରେ ତିବ୍ର ବିରୋଧ କରାଯାଇଥିଲା। ଏଥିସହିତ କିପରି ଗ୍ରାମାଞ୍ଚଳରେ ସୁଲଭ ମୂଲ୍ୟରେ ଯାତ୍ରା ପାର୍ଟି ସେମାନଙ୍କ ଯାତ୍ରା କରିବେ ଓ ଗ୍ରାମାଞ୍ଚଳର ଲୋକମାନେ ଏହି ସାଂସ୍କୃତିକ କାର୍ଯ୍ୟକମକୁ ଶାନ୍ତି ଶୃଙ୍ଖଳାର ସହ ଉପଭୋଗ କରିବେ ସେ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ପରେ ଉପସ୍ଥିତ ସଦସ୍ୟମାନଙ୍କ ମଧ୍ୟରୁ ବ୍ଲକ କମିଟିର କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତି କ୍ରମେ ବିଜୟ କୁମାର ସାମଲଙ୍କୁ ଡେରାବିଶ ବ୍ଲକ ଯାତ୍ରା କମିଟିର ସଭାପତି ଭାବେ ମନୋନୟନ କରାଯାଇଥିବା ବେଳେ ସମ୍ପାଦକ ଭାବେ ଲକ୍ଷ୍ମୀକାନ୍ତ ମହାନ୍ତି, ଉପସଭାପତି ଭାବେ ପ୍ରଶାନ୍ତ ସାମନ୍ତରାୟ, ସହ-ସମ୍ପାଦକ ଭାବେ ପୂର୍ଣ୍ଣଚନ୍ଦ୍ର ଦାସ ଓ କୋଷାଧ୍ୟକ୍ଷ ଭାବେ କୈଳାସ ଚନ୍ଦ୍ର ସାହାଣୀଙ୍କୁ ମନୋନୀତ କରାଯାଇଥିଲା।

## ମରଣଯନ୍ତା ସାଜିଛି ହାତିଲୁଚାଣି ଗାଁ ରାସ୍ତା



ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକରେ ଦେଶ ସ୍ୱାଧୀନତାର ୭୯ ବର୍ଷ ପରେ ମଧ ଅଧିକାଂଶ ଗାଁ ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ପରଜଙ୍ଗ ବ୍ଲକ ଅଧିନସ୍ଥ ହାତିଲୁଚାଣି ଗାଁରେ। ଏହି ଗାଁ ରାସ୍ତାରେ ଗଲେ ହାତିଲୁଚାଣି, ବ୍ରାହ୍ମଣବେଡିଆ ନାମରେ ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟ ରହିଛି। ଏହି ବିଦ୍ୟାଳୟ ଠାରୁ ଗୋଟିଏ ରାସ୍ତା ମୁଣ୍ଡେଇଲୋ ପଞ୍ଚାୟତ ଅଧିନସ୍ଥ ହାତିଲୁଚାଣି ଗାଁ ରହିଥିବା ବେଳେ ଆଉ ଗୋଟିଏ ରାସ୍ତା କଲଦା ପଞ୍ଚାୟତ ଅଧିନସ୍ଥ ବ୍ରାହ୍ମଣବେଡ଼ିଆ ଗାଁ ରହିଛି। କିନ୍ତୁ ଉଭୟ ଗାଁ ପୃଥକ ପୃଥକ ଦୁଇଟି ପଞ୍ଚାୟତ ଅଧୀନରେ ଥିବାବେଳେ ଏହି ଦୁଇଟି ଗାଁ ପାଖ ପଡୋଶୀ ହୋଇ ରହିଛି। ସ୍କୁଲ ଠାରୁ ରହିଥିବା ରାସ୍ତାଟି ହାତିଲୁଚାଣି ଛକରୁ ସିଂହଡା ଛକ ଦିଗକୁ ଯାଇଥିବା ରାସ୍ତା ସହିତ ସଂଯୋଗ ହୋଇଥିବା ରାସ୍ତାର ମରାମତି ଅଭାବରୁ ମରଣଯନ୍ତା ପାଲଟିଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବସବାସ କରୁଥିବା ପରିବାର ଲୋକଙ୍କ ସମେତ ଅନ୍ୟ ଲୋକ ଏହି ରାସ୍ତାରେ ଅନେକ ଅସୁବିଧାର ସହିତ ଯାତାୟତ କରୁଛନ୍ତି। ଲୋକଙ୍କ ଠାରୁ ଆରମ୍ଭ କରି କୋମଳମତି ପାଠପଢା ପିଲା ଯିବା ଆସିବା କରିବାରେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି। ଏଥିପ୍ରତି ବିଭାଗୀୟ ଦୃଷ୍ଟି ଦେଇ ତୁରନ୍ତ ମରାମତି କରିବାକୁ ସ୍ଥାନୀୟ ଲୋକମାନେ ଦାବି ରଖିଛନ୍ତି।

# ବୈତରଣୀ ବନ୍ୟାରେ ଧାମନଗର ଉବୁଟୁବୁ

## ଖଡିପଦା-କାଞ୍ଜିଆପାଳ ଯୋଗାଯୋଗ ବିଚ୍ଛିନ୍ନ, ରନ୍ଧାଖାଦ୍ୟ ଯୋଗାଇଲା ପ୍ରଶାସନ





ଧାମନଗର (ଭାସ୍କର ନ୍ୟୁଜ୍) : ଦୁଇଦିନ ହେବ ଧାମନଗରରେ ବନ୍ୟା ବିଭୀଷିକା ଜାରି ରହିଛି। ବୈତରଣୀ ଓ ଏହାର ଶାଖା ନଦୀ ଗେଙ୍ଗୁଟି, କୋଚିଲା ରେ ବନ୍ୟା ଯୋଗୁଁ ବ୍ଲକର ଆନନ୍ଦପୁର, ଖଡ଼ିପଦା, ସୋହଡ଼ା, କରଦା, ଦଳାଙ୍ଗ, ପଧାନି, ଅର୍ଜୁନପୁର, ଭଟ୍ଟସାହି, ନଦୀଗାଁ, ଧୁଷୁରୀ, ହସନାବାଦ ଓ ପାଳସାହି ପଞ୍ଚାୟତର ବିଭିନ୍ନ ଗାଁ ଜଳମଗ୍ନ ହୋଇଛି। ଅଧିକ ମାତ୍ରାରେ ପ୍ରଭାବିତ ହୋଇଛି ଅର୍ଜୁନପୁର, ପଧାନି ଓ ହସନାବାଦ ପଞ୍ଚାୟତ। ୩ ପଞ୍ଚାୟତର ଅର୍ଦ୍ଧାଧିକ ଗାଁରେ ଘର ଭିତରେ ପାଣି ପଶିଯାଇଛି। ଅନଳଡିହ ବାଟେ ବୈତରଣୀ ଓ କୋଚିଳାର ତଳ ଆଡୁ ବନ୍ୟାଜଳ ଆସିବା ଯୋଗୁଁ ହସନାବାଦ, ଗୋପବନ୍ଧୁନଗର, ଅସ୍ତକ, ପଙ୍ଗଟା, ଅନଳଡିହ, ବାଲିପାଟନା, ଅର୍ଜୁନପୁର ଆଦି ଗାଁରେ ଘର ଭିତରେ ପାଣି ପଶିଛି। ଫଳରେ ଲୋକମାନେ ରୋଷେଇବାସ କରି ପାରିନାହାନ୍ତି। ଗରିବ ଲୋକମାନେ ବାତ୍ୟା ଆଶ୍ରୟସ୍ଥଳୀରେ ଯାଇ ରହିଛନ୍ତି। ଗୃହ ପାଳିତ ପଶୁଙ୍କ ନଦୀବନ୍ଧ ଓ ଉଚ୍ଚା ସ୍ଥାନକୁ ନେଇ ବାନ୍ଧିଛନ୍ତି। ଧାମନଗର ବିଡିଓ ବନବିହାରୀ ଦିନ୍ଦା, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ ଏବଂ ଧାମନଗର ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ ପାୱାର ବୋଟ୍ ନେଇ ବନ୍ୟାଞ୍ଚଳ ବୁଲି ଅନୁଧ୍ୟାନ କରିଛନ୍ତି। ଗେଙ୍ଗୁଟି ନଦୀ ର ବନ୍ୟା ଜଳ କାଞ୍ଜିଆପାଳ ଗାଇଛନ୍ଦା, ମଠମାହାରା ଓ କନକେଇ ଏସକେପ ଯୋଗେ ଗାଁ ଭିତରେ ବନ୍ୟା ପାଣି ପଶିଛି। ଖଡ଼ିପଦା ପଞ୍ଚାୟତର କାଞ୍ଜିଆପାଳ ଓ କମଳପୁର ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ରହିଛି। ଦୁଇ ଗାଁର ପ୍ରାୟ ୧୫୦ ପରିବାର ଜଳବନ୍ଦୀ ହୋଇ ରହିଛନ୍ତି। ଖଡ଼ିପଦା ଓ ଆନନ୍ଦପୁର ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ପାଳସାହି ପଞ୍ଚାୟତ ର ବୈତରଣୀ ନଦୀର ଗଡଗଡି ଠାରେ ନଦୀବନ୍ଧ ବୁଡ଼ି ବନ୍ୟା ପାଣି ବାହାରିବା ଫଳରେ ଲୋକ ମାନେ ଭୟଭୀତ ଅବସ୍ଥା ରେ ଅଛନ୍ତି। ଏହି ବନ୍ୟାରେ ଗୋପବନ୍ଧୁନଗର-ହସନାବାଦ, ଅସ୍ତକ-ଅନଳଡିହ ରାସ୍ତାରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହେଇଛି। ପ୍ରଶାସନ ପକ୍ଷରୁ ଅର୍ଜୁନପୁର, ହସନାବାଦ, ପଧାନି, ସୋହଡା, ଖଡ଼ିପଦା ପଞ୍ଚାୟତ ର ୨୨ଟି ସ୍ଥାନ ରେ ରନ୍ଧା ଖାଦ୍ୟ ବିପନ୍ନଙ୍କୁ ଦିଆଯାଉଛି। ଖୁବଶୀଘ୍ର ଗୋଖାଦ୍ୟ ଯୋଗାଇ ଦିଆଯିବ ବୋଲି ବିଡ଼ିଓ କହିଛନ୍ତି। ତେବେ ବୈତରଣୀ ନଦୀର ବନ୍ୟାଜଳ କମୁଥିଲେ ମଧ ବିପଦ ସଂକେତ ଉପରେ ବନ୍ୟା ଜଳ ପ୍ରବାହିତ ହେଉଛି। ତେବେ ସୋମବାର ସକାଳେ ପଧାନି ପଞ୍ଚାୟତ ର ୯ ନମ୍ବର ୱାର୍ଡ ର ସଇଲୋ ଠାରେ ବନ୍ୟା ଜଳ ମାଡ଼ିଯିବା ଦ୍ୱାରା ବୃଦ୍ଧ ଦୁଃଶାସନ ପାତ୍ର ଓ ତାଙ୍କ ସ୍ତ୍ରୀ ଜାନକୀ ପାତ୍ର ବନ୍ୟା ଘେରରେ ରହିଯାଇଥିଲେ। ଖବର ପାଇ ପଧାନି ସରପଞ୍ଚ ଅଶୋକ କୁମାର ପୁହାଣ ଓ ତାଙ୍କ ସହଯୋଗୀଙ୍କ ଦ୍ୱାରା ସେମାନଙ୍କୁ ଉଦ୍ଧାରକରୀ ତାଙ୍କର ସମ୍ପର୍କୀୟଙ୍କ ଘରକୁ ଅଟୋ ଯୋଗେ ପଠାଇ ଥିଲେ। ସରପଞ୍ଚଙ୍କ ଏପରି ମାନବିକତା ଯୋଗୁଁ ସ୍ଥାନୀୟ ଅଞ୍ଚଳବାସୀ ସରପଞ୍ଚଙ୍କ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି।

## ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଭିନ୍ନକ୍ଷମ ଉପକରଣ ବିତରଣ

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍) : ଭଣ୍ଡାରିପୋଖରୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସୋମବାର ଭିନ୍ନକ୍ଷମ ଉପକରଣ ବିତରଣ କରାଯାଇଛି। କାର୍ଯ୍ୟାଳୟର ଭିନ୍ନକ୍ଷମ ଅର୍ନ୍ତନିବେଶୀ ଶିକ୍ଷା ବିଭାଗ ଆନୁକୂଲ୍ୟରେ ହାରାମଣୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଡ. ପ୍ରଫୁଲ କୁମାର ସାହୁ ୪୯ଜଣ ଛାତ୍ରଛାତ୍ରୀଙ୍କୁ ଟ୍ରାଇ ସାଇକେଲ, ହୁଇଲ ଚେୟାର, ଶ୍ରବଣ ଯନ୍ତ୍ର, ଆଶାବାଡି, ଟି.ଏଲ.ଏମ. କିଟ ଆଦି ବିତରଣ କରିଥିଲେ। ଏଥିରେ ଗୋଷ୍ଠୀ ଶିକ୍ଷା ସଂଯୋଜକ ଅକ୍ଷୟ କୁମାର ଜେନା, ମନୋହରପୁର ସରକାରୀ ଉପ୍ର ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ରଥ, ସମ୍ବଳ ଶିକ୍ଷକ ରଶ୍ମିରଞ୍ଜନ ଦାସ, ସନାତନ ପଣ୍ଡା, ମନସ୍ୱିନୀ ଦାଶ, ଶିକ୍ଷା ସଂଯୋଜକ ବିଶ୍ୱରଞ୍ଜନ ଶେଣ୍ଠ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପକରଣ ବିତରଣରେ ସହଯୋଗ କରିଥିଲେ।

## ଚଣ୍ଡିତଳ ସାର୍ବଜନୀନ ଦୁର୍ଗାପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ

ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍) : ପାର୍ବଣ ଋତୁ ଆରମ୍ଭ ହେବା ମାତ୍ରେ ପୂଜା କମିଟି ଗୁଡିକ ଚଳଚଞ୍ଚଳ ହୋଇପଡିଛନ୍ତି। ଆଗମୀ ଶାରଦୀୟ ଦୁର୍ଗାପୂଜାକୁ ଶାନ୍ତି ଶୃଙ୍ଖଳା ଓ ଜାକଜମକରେ ପାଳନ କରିବା ପାଇଁ ବିଭିନ୍ନ ପୂଜା କମିଟି ନିଜ ନିଜର ପ୍ରସ୍ତୁତି ବୈଠକ କରି ଯୋଜନା ପ୍ରସ୍ତୁତ ଆରମ୍ଭ କରିଦେଲେଣି। ଏହି ଅବସରରେ ବଡଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିତଳ ସାର୍ବଜନୀନ ଦୁର୍ଗାପୂଜା କମିଟିର ଏକ ପ୍ରସ୍ତୁତି ବୈଠକ ତ୍ରିଲୋଚନ ମହାନ୍ତିଙ୍କ ସଭାପତିତ୍ୱରେ ଦୂର୍ଗାମଣ୍ଡପ ଠାରେ ହୋଇଯାଇଛି। ଚଳିତ ବର୍ଷ ଦୁର୍ଗାପୂଜାକୁ ଶାନ୍ତି ଶୃଙ୍ଖଳାରେ ପାଳନ କରିବା ପାଇଁ ଏକ ନୂତନ ଦୁର୍ଗାପୂଜା କମିଟି ଗଠନ କରାଯାଇଛି। ଏଥିରେ ସଭାପତି ଭାବରେ ଚିନ୍ମୟ ମହାନ୍ତି, ଉପ ସଭାପତି ଧନେଶ୍ୱର ଦାସ, ସମ୍ପାଦକ ମହେଶ୍ୱର ମହାନ୍ତି, ସହ ସମ୍ପାଦକ ସନ୍ତୋଷ ଦାସ, କୋଷଧକ୍ଷ ପ୍ରବୀର ଦାସ ଓ ହିସାବ ରକ୍ଷକ ଭାବେ ସୁଶାନ୍ତ ଦାସଙ୍କୁ ମନୋନୀତ କରାଯାଇଛି। ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପଙ୍କଜ ଦାସ, ତପନ ତରାଇ, ସନ୍ଦୀପ କାନୁନଗୋଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। ଚଳିତ ବର୍ଷ ଦୁର୍ଗାପୂଜାରେ ସାଂସ୍କୃତିକ କାର୍ଯ୍ୟ କ୍ରମ, ମିନାବଜାର, ପାରମ୍ପରିକ ପୂଜାବିଧି ସମେତ ସାମୂହିକ ପ୍ରସାଦ ସେବନ ଉପରେ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ ଦୁର୍ଗାପୂଜାକୁ ଶାନ୍ତି ଶୃଙ୍ଖଳା ସହିତ ପାଳନ କରିବା ପାଇଁ ନୂତନ କମିଟିର କର୍ମକର୍ତ୍ତାମାନେ ସମସ୍ତଙ୍କର ସାହାଯ୍ୟ ସହଯୋଗ କାମନା କରିଥିଲେ।

## ଗ୍ୟାସ ଲିକ୍, ଜଳିଗଲା ୪ ବଖରା



ଚାନ୍ଦବାଲି (ଭାସ୍କର ନ୍ୟୁଜ୍) : ଚାନ୍ଦବାଲି ବ୍ଲକ ଉତ୍ତୁକୁଡା ପଞ୍ଚାୟତ ବହୁଗାଁରେ ସୋମବାର ସଖାଳୁ ସୁରେନ୍ଦ୍ର ମଲ୍ଲିକଙ୍କ ଘରେ ଗ୍ୟାସ୍ ଲିକ୍ କରି ନିଆଁ ଲାଗିଯାଇଛି। ନିଆଁର ଆଁ ଏତେ ତୀବ୍ର ଥିଲା ଚାରି ବଖରା ଚାଳଘର ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଛି। ଖବର ପାଇ ଚାନ୍ଦବାଲି ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ ସୁଦ୍ଧା ଚାଳଘର ହେତୁ ନିଆଁ ତୀବ୍ରରେ ବ୍ୟାପି ଘରେ ଥିବା ସମସ୍ତ ଉପକରଣ ଜଳି ପାଉଁଶ ହୋଇଯାଇଛି। ଖବର ପାଇ ଚାନ୍ଦବାଲି ରାଜସ୍ୱ ବିଭାଗର ଅଧିକାରୀ ପହଞ୍ଚି କ୍ଷୟକ୍ଷତି ଆକାଳନ କରିବା ସହ ସହାୟତା ପାଇଁ ପ୍ରତିଶ୍ରୁତି ଦେଇ ପାଲ ପ୍ରଦାନ କରିଛନ୍ତି। ଉତୁକୁଡା ସରପଞ୍ଚ ସ୍ୱର୍ଣ୍ଣଲତା ପୁହାଣ ଘଟଣାସ୍ଥଳର ପହଞ୍ଚି କିଛି ଶୁଖିଲା ଖାଦ୍ୟ ଓ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ତାଙ୍କ ସହ ସମାଜସେବୀ ସୁଶାନ୍ତ ପୁହାଣ ଓ ବରିଷ୍ଠ ଭାଜପା ନେତା କାହ୍ନୁଚରଣ ବେହେରା ଉପସ୍ଥିତ ଥିଲେ।


## ମିଳିତ ଅଭିଯୋଗ ଶୁଣାଣି ଶିବିର

କୋରେଇ (ଭାସ୍କର ନ୍ୟୁଜ୍) : ଆଜି କୋରେଇ ବ୍ଲକ ସଭା ଗୃହରେ କୋରେଇ ବିଡ଼ିଓ ଅବନୀ କାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଏକ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଓ ଜିଲ୍ଲା ଆରକ୍ଷୀ ଅଧକ୍ଷ୍ୟକ ୟସ ପ୍ରତାପ ଶ୍ରୀମଲଙ୍କ ଅନୁପସ୍ଥିତ ରେ ଉପ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, କଳିଙ୍ଗ ନଗର ଏଡିଏମ ସପନ ନନ୍ଦ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ସିଡ଼ିଏମ (ପିଏଚଓ)ବିଜୟ କୁମାର ମିଶ୍ର, ବ୍ୟାସନଗର ତହସିଲଦାର ଦେବାଶିଷ ରାଉତ ଯୋଗ ଦେଇ ଅଭିଯୋଗ ଶୁଣାଣି ଶିବିର ଆରମ୍ଭ କରିଥିଲେ। ଏଥିରେ କୋରେଇର ଶିକ୍ଷ୍ୟା, ସ୍ୱାସ୍ଥ୍ୟ, ପାନୀୟ ଜଳ, ପରିମଳ, ଯୋଗାଣ ବିଭାଗ, ଉଦ୍ୟାନ ବିଭାଗ, ଅବକାରୀ ବିଭାଗ, ମହିଳା ଶିଶୁ ବିକାଶ ବିଭାଗ, ଗ୍ରାମୀଣ ବିକାଶ ବିଭାଗ, ପୂର୍ତ୍ତ ବିଭାଗ, ସାଧାରଣ ପ୍ରଶାସନ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ। ଆଜିର ଶିବିରରେ ମୋଟ ୯୯ଟି ଅଭିଯୋଗ ଆସିଥିବା ବେଳେ ବ୍ୟକ୍ତିଗତ ଅଭିଯୋଗ ୭୦ଟି ଓ ସାମୂହିକ ଅଭିଯୋଗ ୫ଟି ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ପାଇଁ ୨୪ଜଣ ଆବେଦନ କରିଥିଲେ। ତନ୍ମଧ୍ୟରୁ ୨୫ଟି ଅଭିଯୋଗର ତତ୍କାଳ ସମାଧନ ହୋଇଥିବା ବେଳେ ଅନ୍ୟ ସବୁ ଅଭିଯୋଗ ବିଚାରଧୀନ ଅଛି। ସାମୂହିକ ଅଭିଯୋଗ ମଧ୍ୟରୁ ସମାଜସେବୀ ତଥା କଂଗେସ ଯୁବନେତା ରାକେଶ ସାହୁ କୋରେଇ ଭବନ କାହିଁକି ନିର୍ମାଣ କରାଯାଉନି, ଭବନ କ'ଣ ପାଇଁ ଅର୍ଦ୍ଧନିର୍ମିତ ହୋଇ ରହିଛି, ସେଥିପାଇଁ ସରକାର ଏବେ କ'ଣ ପଦକ୍ଷେପ ନେଉଛନ୍ତି ବୋଲି ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ବରିଷ୍ଠ ସାମ୍ବାଦିକ ସୁବାସ ଧଳ ବରୁଣ୍ଡେଇ-ସଠିପୁର ରାସ୍ତା ନିର୍ମାଣରେ ବିଳମ୍ବର ପ୍ରମୁଖ କାରଣ ଭାରୀଯାନ ଚଳାଚଳ କରିବା, ସେଥିପାଇଁ ରାସ୍ତା ନିର୍ମାଣ ସମୟରେ ଭାରୀଯାନ ଚଳାଚଳ ବନ୍ଦ ପାଇଁ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ଆମ୍ ଆଦମୀ ପାର୍ଟିର ଜିଲ୍ଲା ସମ୍ପାଦକ ବାସୁ କିଶୋର ଦାସ ଓ ସାଥିମାନେ ବୈତରଣୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତରଙ୍କ ବିରୁଦ୍ଧରେ ବିଭିନ୍ନ ଅନିୟମିତତାର ଅଭିଯୋଗ କରିଥିଲେ। ଆଜିର ଶୁଣାଣି ଶିବିରରେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକଙ୍କ ଅନୁପସ୍ଥିତ ଥିବାରୁ କିଛି ଅଭିଯୋଗକାରୀ ଅଭିଯୋଗ ନକରି ଫେରି ଯାଉଥିବା ଦେଖିବାକୁ ମିଳିଥିଲା। ଏଠାରେ ପ୍ରଶ୍ନ ଉଠେ ଯଦି ଅଭିଯୋଗ ଶୁଣାଣି ଶିବିରରେ ଉଚ୍ଚ ଅଧିକାରୀମାନେ ଯୋଗନଦେବେ ଲୋକ ଅଭିଯୋଗ କରିବେ କାହାକୁ? ଅନ୍ୟପଟେ ଅଧିକାରୀଙ୍କର ଲୋକମାନଙ୍କ ଅସୁବିଧା ଶୁଣିବାକୁ ମନବୃତ୍ତି ନାହିଁ ବୋଲି ସେଠାରେ ଉପସ୍ଥିତ ଥିବା ଜନସାଧାରଣ ମଧ୍ୟରେ ଆଲୋଚନା ହେଉଥିଲା। ଆଜିର ଶିବିରକୁ କୋରେଇ ଥାନାର ଭାରପ୍ରାପ୍ତ ଅଧିକାରୀ ରାକେଶ କୁମାର ତ୍ରିପାଠୀ, ଏସ ଆଇ ବାସୁଦେବ ପରିଡା ଓ ଅନ୍ୟାନ୍ୟ ପୋଲିସ ଅଧିକାରୀ ମାନେ ଶୃଙ୍ଖଳାର ସହିତ ପରିଚାଳନା କରିଥିଲେ।

## ଦାଦି ପ୍ରକାଶମଣିଙ୍କ ଅବ୍ୟକ୍ତ ସ୍ମୃତି ଦିବସ ପାଳିତ

ଆସିକା (ଭାସ୍କର ନ୍ୟୁଜ୍) : ଆସିକା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସ୍ଥାନୀୟ ସେବା କେନ୍ଦ୍ର ଶାନ୍ତି ଶକ୍ତି ଭବନରେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ତତ୍କାଳୀନ ମୁଖ୍ୟ ପ୍ରଶାସିକା ଦାଦି ପ୍ରକାଶମଣିଙ୍କ ୧୮ତମ ଅବ୍ୟକ୍ତ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଶାନ୍ତି ଶକ୍ତି ଭବନରେ ଏକ ଆଧାତ୍ମିକ ସ୍ନେହ ମିଳନ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଶାନ୍ତି ଶକ୍ତି ଭବନ ସଂଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ ଦାଦି ପ୍ରକାଶମଣିଙ୍କ ସ୍ମୃତି ଚାରଣ କରିଥିଲେ। ଏଥିରେ ଆସିକା ପୋଷ୍ଟାଲ ଡିଭିଜନର ସୁପରିଣ୍ଟେଣ୍ଡେଣ୍ଟ କର୍ଣ୍ଣେଲ ଦିଲ୍ଲୀପ କୁମାର ବେହେରା, ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ସନ୍ତୋଷ କୁମାର ଚୌଧୁରୀ, ଆସ୍କା ମ୍ୟାକ ମାଇକେଲ୍ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଅଶ୍ୱିନୀ କୁମାର ଦାସ, ବରିଷ୍ଠ ଅଧ୍ୟାପକ ଡକ୍ଟର ଅଭୟ କେଶରୀ ପରିଛା ପଟ୍ଟନାୟକ, ବରିଷ୍ଠ ଅଧ୍ୟାପିକା ସ୍ମିତାରାଣୀ ପଣ୍ଡା, ବରିଷ୍ଠ ଅଧ୍ୟାପିକା ନନ୍ଦିତା ଦାସ ଆସିକା ପୋଷ୍ଟାଲ୍ ଡିଭିଜନର ଆସିଷ୍ଟାଣ୍ଟ ସୁପରିଟେଣ୍ଡେଣ୍ଟ ପରମାନନ୍ଦ କଣ୍ଡ ଯୋଗଦେଇ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସହଜ ରାଜ ଯୋଗ ଶିକ୍ଷା ମାନସିକ ଅବସାଦ ଦୂର କରିବା ସହିତ କର୍ମରେ କୁଶଳତା ତଥା ପରିବାର ଓ ସମାଜରେ ପାରସ୍ପରିକ ସମ୍ପର୍କରେ ଏକତା, ସମରସତା ଓ ସହିଷ୍ଣୁତା ଆଦି ଗୁଣର ବିକାଶରେ ସହାୟକ ହେଉଛି ବୋଲି ମତ ବ୍ୟକ୍ତ କରିଥିଲେ।

## ଷଣ୍ଡକୁଦ ବସ୍ତିରେ ବିପଦ ସାଜିଛି ୧୧କେଭି ତାର



ପାରାଦୀପ (ଭାସ୍କର ନ୍ୟୁଜ୍) : ପାରାଦୀପର ସର୍ବ ପୁରାତନ ଷଣ୍ଡକୁଦ ବସ୍ତିରେ ରକ୍ଷଣାବେକ୍ଷଣ ଅଭାବରୁ ୧୧ କେଭି ବିଦ୍ୟୁତ ତାର ଏବେ ସାଧାରଣରେ ବିପଦ ସୃଷ୍ଟି କରିଛି। ଏହି ବସ୍ତିରେ ୧୭, ୧୮ ଓ ୧୯ ତିନୋଟି ୱାର୍ଡରେ ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ବସବାସ କରିଥିବା ବେଳେ ବସ୍ତି ଦେଇ ଯାଇଥିବା ଏହି ବିଦ୍ୟୁତ ତାର ପୁରୁଣା ତଥା ତଳକୁ ଓହଳି ଛିଣ୍ଡିବାର ବିପଦ ସୃଷ୍ଟି କରୁଛି। ଏତଦବ୍ୟତୀତ ବିଭିନ୍ନ ଘରକୁ ଯାଇଥିବା ସର୍ଭିସ ତାର ରାସ୍ତାର ଅତି ନିକଟରେ ଓହଳିବା ଏବଂ ଏହାକୁ ତୁରନ୍ତ ଠିକ୍ କରିବାକୁ କର୍ମଚାରୀଙ୍କୁ ଜଣାଇବା ସତ୍ତ୍ୱେ ମଧ୍ୟ କେହି ଏଥିପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି। ଯଦି ଦୈବାଦ ଏହି ତାର ଛିଣ୍ଡି ବସ୍ତି ଘର ମାନଙ୍କରେ ପଡେ, ତେବେ ଭୟାବହ ଅଗ୍ନିକାଣ୍ଡ ଘଟି ଅନେକ ଧନଜୀବନ ହାନି ହେବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ତେବେ ଏହି ବିଦ୍ୟୁତ ରକ୍ଷଣାବେକ୍ଷଣ ପାଇଁ ୪ ଜଣ କର୍ମଚାରୀ ନିୟୋଜିତ ହୋଇଥିଲେ ମଧ୍ୟ କାହାରି ଦେଖାଦର୍ଶନ ମିଳୁନାହିଁ। ତେବେ ଏହି ବାବଦରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ବସ୍ତି ବାସିନ୍ଦାମାନେ ଦାବି କରିଛନ୍ତି।

## ସରସଦା ପାକ୍ସ ନିଲମ୍ବିତ ସମ୍ପାଦକ ଦାୟିତ୍ୱ ହସ୍ତାନ୍ତର ଦାବି, ସମିତିରେ ପଡିଛି ତାଲା



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍) : ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ସରସଦା ପ୍ରାଥମିକ କୃଷି ସମବାୟ ସମିତି ଲିଃ ଭାରପ୍ରାପ୍ତ ସମ୍ପାଦକ ଅଜୟ କୁମାର ବେହେରା ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି। ଭାରପ୍ରାପ୍ତ ସମ୍ପାଦକ ବିରଞ୍ଚି ନାରାୟଣ ରାଉତ ସମିତିର କାର୍ଯ୍ୟ ଚଳାଇବା ସମ୍ଭବ ହେଉନାହିଁ। ନିଲମ୍ବିତ ସମ୍ପାଦକ ଦାୟିତ୍ୱ ହସ୍ତାନ୍ତର ନକରିବା ପର୍ଯ୍ୟନ୍ତ ସମିତିରେ ପରିଚାଳନା ନିର୍ଦ୍ଦେଶକମାନେ ପକାଇଥିବା ତାଲାବନ୍ଦ ସୋମବାର ଅବ୍ୟାହତ ରହିଛି। ଏହାଦ୍ୱାରା ସମିତିରେ ଅଚଳାବସ୍ଥା ଲାଗି ରହିଛି। ଏହି ଅଚଳାବସ୍ଥା ପାଇଁ ସମିତି ସଭାପତି ଅବିନାଶ ରାଉତ ଭଦ୍ରକ ସମବାୟ ନିବନ୍ଧକ ଓ ଉପନିବନ୍ଧକଙ୍କୁ ଦାୟୀ କରିଛନ୍ତି। ସମିତିର ସ୍ୱତନ୍ତ୍ର ଅଡିଟ ପାଇଁ ହୋଇଥିବା ଅନୁରୋଧକୁ ସମବାୟ ନିବନ୍ଧକ ଓ ଉପନିବନ୍ଧକ କାର୍ଯ୍ୟକାରି କରୁନଥିବା ବିସ୍ମୟଜନକ ବୋଲି ଶ୍ରୀ ରାଉତ ଦୋଷାରୋପ କରିଛନ୍ତି। ସମିତିର ଅଚଳାବସ୍ଥା ସମ୍ପର୍କରେ ସମବାୟ ନିବନ୍ଧକ ଓ ଉପନିବନ୍ଧକଙ୍କୁ ଅବଗତ କରାଯାଇଛି ବୋଲି ସମବାୟ ନିରୀକ୍ଷକ ରତ୍ନପୂର୍ଣ୍ଣା ସାହୁ ମତ ଦେଇଛନ୍ତି। ଏଠାରେ ପ୍ରକାଶ ଯୋଗ୍ୟ ଯେ ଗତ ଶୁକ୍ରବାର ସମିତିର ଭାରପ୍ରାପ୍ତ ସମ୍ପାଦକ ଶ୍ରୀ ବେହେରାଙ୍କୁ ନିଲମ୍ବିତ କରାଯାଇଛି। ଏଥିପୂର୍ବରୁ ଶ୍ରୀ ବେହେରାଙ୍କୁ ଗତ ୨ ତାରିଖ ଶନିବାର ଭଦ୍ରକ ସହକାରୀ ସମବାୟ ନିବନ୍ଧକ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୧୬୦୩ ଅନୁଯାୟୀ ଦାୟିତ୍ୱରୁ ଅନ୍ତର ଆଦେଶ ଦେଇଥିଲେ। ସରସଦା ପରିଚାଳନା ବୋର୍ଡ ପ୍ରସ୍ତାବ ଅନୁଯାୟୀ ଏହି ପଦକ୍ଷେପ ଗ୍ରହଣ କରାଗଲା ବୋଲି ସଂପୃକ୍ତ ଆଦେଶରେ କାରଣ ଦର୍ଶାଯାଇଥିଲା। ସରସଦା ପାକ୍ସର ଆକାଉଣ୍ଟାଣ୍ଟ ବିରଞ୍ଚି ନାରାୟଣ ରାଉତଙ୍କୁ ନୂତନ ସମ୍ପାଦକ ଭାବେ କାର୍ଯ୍ୟ କରିବାକୁ ଏଥିରେ ଆଦେଶ ହୋଇଥିଲା। ସୋମବାର ବିରଞ୍ଚି ନାରାୟଣ ରାଉତ କାର୍ଯ୍ୟରେ ଯୋଗ ଦେଇଥିଲେ। ଭଦ୍ରକ ସହକାରୀ ସମବାୟ ନିବନ୍ଧକ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୧୬୨୨ ଅନୁଯାୟୀ ପୂର୍ବ ଆଦେଶକୁ ଗତ ୫ତାରିଖରେ ବାତିଲ କରିଦିଆଯାଇଥିଲା। ଏହି ଆଦେଶ ବାତିଲ ବିରୋଧରେ ସଭାପତି ଶ୍ରୀ ରାଉତ ହାଇକୋର୍ଟରେ ମାମଲା ଦାୟର କରିଥିଲେ। ଡବ୍ଲୁ.ପି.ସି. ୨୨୪୩୮ ନଂ ମାମଲାର ବିଚାର କରି ଗତ ୧୪ ତାରିଖରେ ଶ୍ରୀ ବେହେରାଙ୍କ ବିରୋଧରେ ଏ.ଆର.ସି.ଏସ.ଙ୍କ ଦ୍ୱାରା ଜାରି ବାତିଲ ଆଦେଶର କାର୍ଯ୍ୟକାରିତା ଉପରେ ରହିତାଦେଶ ଜାରି କରିଥିଲେ। ଫଳରେ ଶ୍ରୀ ବେହେରାଙ୍କ ଅଡୁଆ ବଢି ଯାଇଥିଲା। ଆଜି ତାଙ୍କୁ ନିଲମ୍ବନ କରାଯିବା ସହ ଶ୍ରୀ ରାଉତଙ୍କୁ ନୂତନ ଭାରପ୍ରାପ୍ତ ସମ୍ପାଦକ ଭାବେ କାର୍ଯ୍ୟଭାର ଅର୍ପଣ କରାଯାଇଛି ବୋଲି ସଭାପତି ଶ୍ରୀ ରାଉତ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଶ୍ରୀ ବେହେରା ଦାୟିତ୍ୱ ହସ୍ତାନ୍ତର ନକରିବା ପର୍ଯ୍ୟନ୍ତ ସମିତି କାର୍ଯ୍ୟାଳୟ ଚାଲିପାରିବ ନାହିଁ ବୋଲି ପ୍ରକାଶ କରି ପରିଚାଳନା ନିର୍ଦ୍ଦେଶକମାନେ ମିଳିତ ହୋଇ ତାଲା ଝୁଲାଇ ଦେଇଥିବା ଜଣାଯାଇଛି।

## ଡେରାବିଶ ସାଂସ୍କୃତିକ ସଂଗଠନର ବୈଠକ



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଗୋଲରାହାଟ ପଂଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ସାଇ ଟ୍ୟୁଟୋରିଆଲ୍ ପରିସରରେ ଡେରାବିଶ ସାଂସ୍କୃତିକ ସଂଗଠନର କର୍ମକର୍ତାମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ଡ. ଭକ୍ତକବି ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଂଗଠନର ସମସ୍ତ ସଦସ୍ୟମାନେ ଯୋଗଦେଇ ଆସନ୍ତା ୨୦୨୬ ଡେରାବିଶ ମହୋତ୍ସବକୁ ସରସ ସୁନ୍ଦର ଓ ଶୃଙ୍ଖଳିତ କରିବା ପାଇଁ ବିଭିନ୍ନ ପ୍ରସ୍ତାବମାନ ଗ୍ରହଣ କରାଯାଇଥିଲା। ଏହି ଅବସରରେ କର୍ମକର୍ତ୍ତାମାନଙ୍କ ମଧ୍ୟରୁ ସଂଗଠନର ନୂତନ କର୍ମକର୍ତା ଚୟନ କରାଯାଇଥିଲା। ସର୍ବସମ୍ମତି କ୍ରମେ ଡଃ ଭକ୍ତକବି ଦାସଙ୍କୁ ପୁନର୍ବାର ସଂଗଠନର ସଭାପତି, ଉପସଭାପତି ଭାବେ ନିଗମ ସାହୁ, ସମ୍ପାଦକ ଭାବେ ସରୋଜ କୁମାର ଦାଶ, ସହ-ସମ୍ପାଦକ ଭାବେ ଶାନ୍ତିସ୍ୱରୂପ ଭୂୟାଁ ଓ କୋଷାଧକ୍ଷ ଭାବେ ରାମଚନ୍ଦ୍ର ରାଉତଙ୍କ ମନୋନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଗଠନର ସଦସ୍ୟ ନିରଞ୍ଜନ କର, ଅତୁଲ୍ୟ କୁମାର ରଥ, ତ୍ରିଲୋଚନ ରାଉତ, ଇଶ୍ୱର ପୃଷ୍ଟି, ସତ୍ୟଜିତ ଲେଙ୍କା, ସୁନାକର ମହାରଣା, ବିଷ୍ଣୁ ଦେବ ବେହେରା, ଚିତ୍ତରଞ୍ଜନ ଦାସ, ଲକ୍ଷ୍ମୀକାନ୍ତ ଜେନା, ରାମଚନ୍ଦ୍ର ସେନାପତି, ହରିଶ୍ଚନ୍ଦ୍ର ସାହୁ, ନୀଳମଣି ବେହେରା, ଗୌରାଙ୍ଗ ସାହୁ, କରୁଣା କର କର, ବିପିନ ସାହୁ ପ୍ରମୁଖ ସଦସ୍ୟ ଉପସ୍ଥିତ ରହିଥିଲେ।

## ରାଶିଫଳ


**ମଙ୍ଗଳବାର, ୨୬ ଅଗଷ୍ଟ ୨୦୨୫**



**ମେଷ:** ପରିବାରରେ ସୁଖ ଏବଂ ଧନ ବୃଦ୍ଧି ପାଇବ। ଚାକିରିରେ ପଦୋନ୍ନତିର ସମ୍ଭାବନା। ଯଦି ଆପଣ ଯତ୍ନର ସହିତ ଖାଦ୍ୟ ଗ୍ରହଣ କରନ୍ତି ତେବେ ସ୍ୱାସ୍ଥ୍ୟ ଭଲ ରହିବ। ଶରୀରରେ ଅଧିକ ଶକ୍ତି ଯୋଗୁଁ ସମସ୍ତ ସ୍ଥଗିତ କାର୍ଯ୍ୟ ସମାପ୍ତ କରିବାକୁ ସକ୍ଷମ ହେବେ। ଜୀବନ ବିଷୟରେ କଠିନ ନିଷ୍ପତ୍ତି ନେଇପାରନ୍ତି।




**ବୃଷ:** ଆଜି ଏକ ଭଲ ଦିନ ହେବ। ବ୍ୟବସାୟରେ ଲାଭ ପାଇବା ସମ୍ଭାବନା ଅଛି। ଆର୍ଥିକ ବିନିଯୋଗ ଲାଭଦାୟକ ହେବ। ଟଙ୍କା ସମ୍ବନ୍ଧୀୟ ସମସ୍ୟା ସମାପ୍ତ ହେବ। ମାନସିକ ଶାନ୍ତି ଅନ୍ୱେଷଣରେ ଆଧାତ୍ମିକତାରେ ଯୋଗଦେବାର ଏକ ସୁଯୋଗ ରହିବ। ସ୍ୱାସ୍ଥ୍ୟରେ ଉନ୍ନତି ହେବାର ସମ୍ଭାବନା ଅଛି।



**ମିଥୁନ:** ଆଜି ମିଶ୍ରିତ ଦିନ ହେବ। ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ପ୍ରାପ୍ତ ହେବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚର ମଧ୍ୟ ଅଧିକ ମଧ୍ୟ ହେବ। ସ୍ୱାସ୍ଥ୍ୟ ଖରାପ ହେତୁ, ଆପଣ ଜରୁରୀ କାର୍ଯ୍ୟ କରିବାକୁ ସକ୍ଷମ ହେବେ ନାହିଁ। ତେଣୁ ଶରୀରକୁ ବିଶ୍ରାମ ଦିଅନ୍ତୁ।




**କର୍କଟ:** ଅର୍ଥନୈତିକ ଲାଭର ରାଶି ସୃଷ୍ଟି ହେଉଛି। ବ୍ୟବସାୟରେ ନୂତନ ଯୋଜନା ଆରମ୍ଭ ହୋଇପାରେ। ସମୟ ଅନୁସାରେ ଖାଦ୍ୟ ଗ୍ରହଣ ଆପଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବ, କିନ୍ତୁ ଆପଣ ବାହାରେ ଖାଦ୍ୟ ଖାଇବା ଠାରୁ ଦୂରେଇ ରହିବା ଉଚିତ୍। ଆପଣଙ୍କର କାର୍ଯ୍ୟ କରିବାର ପଦ୍ଧତିରେ ପରିବର୍ତ୍ତନ କରନ୍ତୁ, ନଚେତ୍ କ୍ଷତି ହୋଇପାରେ।



**ସିଂହ:** ବ୍ୟବସାୟରେ ଲାଭ ହେବ। ସମାଜରେ ଖ୍ୟାତି ଏବଂ ସମ୍ମାନ ବୃଦ୍ଧି ପାଇବ। ସରକାରୀ କାର୍ଯ୍ୟରେ ସଫଳତା ମିଳିବ, କିନ୍ତୁ ଲୋକଙ୍କ ଆଚରଣ ଆପଣଙ୍କ ପାଇଁ ନିରାଶାଜନକ ହେବ। ଖାଦ୍ୟ ଏବଂ ପାନୀୟର ଯତ୍ନ ନେବାକୁ ପଡ଼ିବ, ନଚେତ୍ ହଜମ ପ୍ରକ୍ରିୟା ଖରାପ ହୋଇପାରେ, ଯେଉଁଥିପାଇଁ ଦିନସାରା ମନ ଖରାପ ରହିବ।




**କନ୍ୟା:** ଆପଣଙ୍କର ବୁଝାମଣା ଦ୍ୱାରା ବ୍ୟବସାୟରେ ଭଲ ଲାଭ ଆଣିବ। ପରିବାର ଏବଂ ସାଙ୍ଗମାନଙ୍କ ଠାରୁ ସମ୍ପୂର୍ଣ୍ଣ ସମର୍ଥନ ମିଳିବ। ଚାକିରିରେ ପଦୋନ୍ନତି ହେବାର ସମ୍ଭାବନା ଅଛି। ଭ୍ରମଣରୁ ଦୂରେଇ ରୁହନ୍ତୁ। ପରିବାରରେ ଖୁସିର ପରିବେଶ ରହିବ।



**ତୁଳା:** ବ୍ୟବସାୟରେ ଆର୍ଥିକ ଲାଭ ହେବ ଏବଂ ସେଠାରେ ଅର୍ଥର ପରିମାଣ ମଧ ରହିବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚ ବୃଦ୍ଧି ହେତୁ ଚିନ୍ତା ମଧ ହେବ। ପରିବାରରେ ଖୁସିର ବାତାବରଣ ରହିବ। ସ୍ୱାସ୍ଥ୍ୟଗତ ଅଭିଯୋଗ ଥାଇପାରେ, ତେଣୁ ଡାକ୍ତରଙ୍କ ସହିତ ପରାମର୍ଶ କରି ନିଶ୍ଚିତ ହୁଅନ୍ତୁ।




**ବିଛା:** ଆଜି ଏକ ସାଧାରଣ ଦିନ ହେବ। କ୍ୟାରିୟର ବିଷୟରେ ଚିନ୍ତିତ ହେବେ। କିନ୍ତୁ ପାରିବାରିକ ଦାୟିତ୍ୱକୁ ଭଲ ଭାବରେ ପୂରଣ କରିବାକୁ ସମର୍ଥ ହେବେ। ମୁଣ୍ଡବିନ୍ଧା ସମସ୍ୟା ବିରକ୍ତିକର ହୋଇପାରେ। କୌଣସି କାରଣ ବିନା ମନ ଅସ୍ଥିର ରହିବ, ଯେଉଁ କାରଣରୁ, କୌଣସି କାମ କରିବାକୁ ଇଚ୍ଛା ହେବ ନାହିଁ। ଶାନ୍ତି ପାଇଁ ଯୋଗ ଏବଂ ଧ୍ୟାନ କରିବାକୁ ଚେଷ୍ଟା କରନ୍ତୁ।



**ଧନୁ:** ବ୍ୟବସାୟରେ ଭଲ ଲାଭ ହେବ। କଣ୍ଟିଜେନ୍ସି ସୁବିଧା ମଧ୍ୟ ମିଳିବ, କିନ୍ତୁ ଅନାବଶ୍ୟକ ଏବଂ ଅପଚୟ ଖର୍ଚ୍ଚ ମଧ୍ୟ ଅଧିକ ହେବ, ଯାହା ପରିବାରରେ ଅସନ୍ତୋଷ ସୃଷ୍ଟି କରିପାରେ। କଥାବାର୍ତ୍ତାକୁ ନିୟନ୍ତ୍ରଣ କରିବାକୁ ପଡିବ। ହଠାତ୍ ଏକ ନିର୍ଦ୍ଦିଷ୍ଟ ବନ୍ଧୁଙ୍କ ଖରାପ ଖବର ଶୁଣି ମନ ଦୁଃଖଦାୟକ ହେବ। ସ୍ୱାସ୍ଥ୍ୟର ଯତ୍ନ ନେବାକୁ ପଡ଼ିବ।



**ମକର:** ଆଜି ଏକ ଭଲ ଦିନ ହେବ। ବ୍ୟବସାୟର ଦୃଢ ଆର୍ଥିକ ଲାଭ ଅଛି। ସାମାଜିକ କାର୍ଯ୍ୟରେ ସଫଳତା ମିଳିବ ଏବଂ ସମାଜରେ ପ୍ରତିଷ୍ଠା ଏବଂ ପ୍ରଭାବ ବୃଦ୍ଧି ପାଇବ। ଆପଣ କର୍ମକ୍ଷେତ୍ରରେ ଏକ ନୂତନ ଯୋଜନା ଆରମ୍ଭ କରିପାରିବେ, ଯାହା ସମସ୍ତେ ଆଲୋଚନା କରିବେ। ସ୍ୱାସ୍ଥ୍ୟ ବିଷୟରେ ସତର୍କ ରୁହନ୍ତୁ ଏବଂ ଖାଦ୍ୟ ପ୍ରତି ଧ୍ୟାନ ଦିଅନ୍ତୁ।



**କୁମ୍ଭ:** ଧନ ପାଇବା ସମ୍ଭାବନା ରହିବ, କିନ୍ତୁ ଆପଣ ଅନାବଶ୍ୟକ ଖର୍ଚ୍ଚ ବିଷୟରେ ଚିନ୍ତିତ ହେବେ। ଚାକିରିକୁ ପଦୋନ୍ନତି ମିଳିପାରେ। ସେଠାରେ ଅଧିକ କାର୍ଯ୍ୟ ଭାର ରହିବ। ସାଙ୍ଗ ଏବଂ ସହକର୍ମୀଙ୍କଠାରୁ ପୂର୍ଣ୍ଣ ସମର୍ଥନ ମିଳିବ। ପରିବାର ସହିତ ସମୟ ଭଲ ବ୍ୟବହାର ହେବ। ବିତର୍କ ଏବଂ ଝଗଡା ଯୋଗୁଁ ମାନସିକ ଦୁଃଖ ବୃଦ୍ଧି ପାଇବ।



**ମୀନ:** ବ୍ୟବସାୟରେ ଭଲ ଲାଭ ହେବ। ପାରିବାରିକ ସୁଖ ଏବଂ ଧନ ବୃଦ୍ଧି ପାଇବ। ସମାଜର କାର୍ଯ୍ୟରେ ଉତ୍ସାହର ସହିତ ଅଂଶଗ୍ରହଣ କରିବେ। ଚାକିରିରେ ପଦୋନ୍ନତି ହୋଇପାରେ। ଯେ କୌଣସି କ୍ରନିକ ରୋଗରୁ ମୁକ୍ତି ମିଳିପାରେ। ପରିବାରରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ। ଧାର୍ମିକ ଯାତ୍ରାକୁ ଯାଇପାରନ୍ତି। ସ୍ୱାସ୍ଥ୍ୟ ଭଲ ହେବ।



ପ୍ରସ୍ତୁତି

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଉମରକୋଟ, (ଭାସ୍କର ନ୍ୟୁଜ୍): ଉମରକୋଟ ପୌର ପରିଷଦର ସନ୍ତୋଷୀ ନଗର ଠାରେ ଦୁର୍ଗା ପୂଜା କମିଟି ଗଠିତ ହୋଇଛି। ଆଇନଜୀବି ସାନ୍ତନୁ ବାହିନୀପତି ଓ ସରୋଜ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଦଶହରା ପର୍ବ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ପ୍ରଥମେ ୨୦୨୪ ମସିହା ର ଦଶହରା ପୂଜା ର ସମସ୍ତ ହିସାବ ର ବିବରଣୀ ପାଠ କରାଯାଇଥିଲା। ପରେ ଚଳିତ ବର୍ଷ ମଧ ମହା ଆଡ଼ମ୍ବର ସହ ପାଳନ କରିବା ପାଇଁ ନୂତନ ପୂଜା କମିଟି ଗଠିତ ହୋଇଥିଲା। ଏହି ପୂଜା କମିଟି ର ସଭାପତି ଭାବେ ବାବୁ ଦଲେଇ, ଉପ ସଭାପତି - ଦେବାଶିଷ୍ ଦ୍ୱାଲା ଓ ସୁବ୍ରତ ଦେବନାଥ, ସମ୍ପାଦକ - ଲଳିତ ସେଠି, ସହ ସମ୍ପାଦକ ଭାବେ ଶିବୁ ସ୍ୱାଇଁ ଓ ନାଗେଶ ପଟ୍ଟନାୟକ କୋଷାଧକ୍ଷ ନିହଲା ଦାସ ଓ ଅଭିଜିତ ମଣ୍ଡଳ ଙ୍କୁ ଚୟନ କରାଯାଇଥିଲା ଉମରକୋଟ ଦଶହରା ପର୍ବ ଜିଲ୍ଲା ପାଇଁ ଏକ ନିଆରା ପର୍ବ ହୋଇଥାଏ। ଏହି ଅଞ୍ଚଳ ରେ ବଙ୍ଗୀୟ ରିତି ନିତି ରେ ପୂଜା ହୋଇଥାଏ। ବଙ୍ଗୀୟସମ୍ପ୍ରଦାୟର ମହିଳା ମାନେ ମାଁ ଦୁର୍ଗା ଙ୍କ ସହ ସିନ୍ଦୂର ଖେଳ ଖେଳିଥାନ୍ତି। ଏହି ବୈଠକରେ ଚଳିତ ବର୍ଷ ଦୁର୍ଗାପୂଜା କୁ ଅଧିକ ରୁ ଅଧିକ ଯାକଯକୋମରେ ପାଳନ କରିବା ସହ ଶାନ୍ତି ଶୃଙ୍ଖଳା ରେ ପୂଜା ହୋଇପାରିବ ସେଥିପାଇଁ କମିଟି ତରଫରୁ ନିଷ୍ପତ୍ତି ନିଆଯାଇଥିଲା। ମହାଷ୍ଟମୀ ଦିନ ଅନ୍ନ ପ୍ରସାଦ ଭୋଗ, 'ଦଶହରା ଦିନ ବାହାରୁ ଆସୁଥିବା ଗ୍ରାମାଞ୍ଚଳ ଓ ଗାଁର ଶତାଧିକ ଶ୍ରଦ୍ଧାଳୁଙ୍କ ପାଇଁ ମଧ ଖେଚୁଡ଼ି ଭୋଗର ଆୟୋଜନ କରାଯିବ, ଶାନ୍ତି ଶୃଙ୍ଖଳାରେ ପୂଜା ସମ୍ପନ୍ନ କରାଯିବ ଏନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଏହି ବୈଠକ ରେ ସନ୍ତୋଷୀ ନଗର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ

# ବଙ୍ଗୋମୁଣ୍ଡା ଏନ୍ଏସି ନ ହେଲେ ଆନ୍ଦୋଳନ ଚେତାବନୀ



ମୁରିବାହାଲ/ବଙ୍ଗୋମୁଣ୍ଡା, (ଭାସ୍କର ନ୍ୟୁଜ୍): ଦାବି ପରେ ଦାବି ହେଉଛି ହେଲେ ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ବଙ୍ଗୋମୁଣ୍ଡା ପଞ୍ଚାୟତକୁ ଏନଏସି ମାନ୍ୟତା ମିଳିପାରୁ ନାହିଁ । ବଙ୍ଗୋମୁଣ୍ଡା ଗ୍ରାମପଞ୍ଚାୟତ କୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବେ ମାନ୍ୟତା ଦେବାପାଇଁ ବିଭିନ୍ନ ସମୟ ରେ ଆନ୍ଦୋଳନ କରାଯାଇଛି । ଏବେ ବିଜେପି ସରକାର ଉପରେ ଆଶା ରଖିଛନ୍ତି ସ୍ଥାନୀୟ ବାସିନ୍ଦା । ବର୍ତ୍ତମାନ ନୂତନ ଭାବେ ରାଜ୍ୟ ସରକାର ଘୋଷିତ ୧୨ ଗୋଟି ବିଜ୍ଞାପିତ ଅଞ୍ଚଳ ପରିଷଦ ତାଲିକାରେ ବଙ୍ଗୋମୁଣ୍ଡା ସ୍ଥାନ ପାଇଲା ନାହିଁ । ଯାହା ବଙ୍ଗୋମୁଣ୍ଡା ଓ ଗୋହିରାପଦର ଗ୍ରାମ ସମେତ ସମଗ୍ର ଅଞ୍ଚଳବାସୀଙ୍କୁ କ୍ଷୁବ୍ଧ ରେ ରହିଛନ୍ତି। ବଙ୍ଗୋମୁଣ୍ଡା ଗ୍ରାମ ପଞ୍ଚାୟତର ଜନସଂଖ୍ୟା ୧୨ ହଜାରରୁ ଅଧିକ ଅଟେ । ଯାହା ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ପାଇଁ ମାନଦଣ୍ଡ ପୁରଣ କରୁଛି। ଐତିହାସିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ବଙ୍ଗୋମୁଣ୍ଡା ଗଡ଼ଜାତ ସମୟର ଏକ ପ୍ରମୁଖ ଜମିଦାରୀ ଥିଲା। ସେହି ସମୟରୁ ବଙ୍ଗୋମୁଣ୍ଡା ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ ରହି ଆସିଛି। ସେ ସମୟରେ ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ବିଜୟନଗରମ (ବସ୍ତର ଅଞ୍ଚଳ), ଜୟପୁର, କଳାହାଣ୍ଡି ଆଦି ଇଷ୍ଟେଟ ସହ ସିଧା ସଳଖ ବ୍ୟବସାୟିକ ସମ୍ପର୍କ ରଖିଥିବା ନେଇ ଜଣାପଡିଛି । ବଙ୍ଗୋମୁଣ୍ଡା ଏପରି କେନ୍ଦ୍ରସ୍ଥଳୀ ଯାହା ପଶ୍ଚିମାଞ୍ଚଳର କଳାହାଣ୍ଡି, ନୂଆପଡ଼ା ଏବଂ ବଲାଙ୍ଗୀର ଜିଲ୍ଲାକୁ ଗମନାଗମନରେ ସଂଯୋଗ କରିଥାଏ। ବଲାଙ୍ଗୀର ଜିଲ୍ଲାର ତିନୋଟି ବ୍ଲକ ସମେତ ସୀମାନ୍ତ କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାର ଅନେକ ଅଞ୍ଚଳର ଜନସାଧାରଣ ଆବଶ୍ୟକତା ପୁରଣ ପାଇଁ ବଙ୍ଗୋମୁଣ୍ଡା ସହର ଉପରେ ନିର୍ଭର କରିଥାନ୍ତି । ବର୍ତ୍ତମାନ ବଙ୍ଗୋମୁଣ୍ଡା ଦେଇ ଜାତୀୟ ରାଜପଥ ନଂ ୫୯ ଏବଂ ରାଜ୍ୟ ରାଜପଥ ନଂ ୪୨ ସିଧାସଳଖ ସଂଯୋଗ କରୁଥିବାରୁ ଜନସାଧାରଣଙ୍କ ନିର୍ଭରତା ବଢ଼ିବା ସହିତ ଗମନାଗମନ ସରଳ ହୋଇପାରିଛି । ବର୍ତ୍ତମାନ ଶିକ୍ଷା କ୍ଷେତ୍ରରେ ମଧ ବଙ୍ଗୋମୁଣ୍ଡା ସହର ବେଶ ପ୍ରଗତୀ କରିଛି । ୯ ଗୋଟି ଅଙ୍ଗନଓ୍ୱାଡ଼ି କେନ୍ଦ୍ର, ଗୋଟିଏ ବାଳିକା ବିଦ୍ୟାଳୟ ସହ ଛଅଗୋଟି ସରକାରୀ ପ୍ରାଥମିକ ବିଦ୍ୟାଳୟ ରହିଛି । ୩ ଗୋଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି । ବାଳକ ଓ ବାଳିକା ଦୁଇଗୋଟି ସରକାରୀ ଉଚ୍ଚ ବିଦ୍ୟାଳୟ ରହିଛି । ଯୁକ୍ତ ଦୁଇ ରୁ ସ୍ନାତକ ପର୍ଯ୍ୟନ୍ତ କଳା, ବାଣିଜ୍ୟ ଓ ବିଜ୍ଞାନ ପାଠ୍ୟକ୍ରମ ଥିବା ମହାବିଦ୍ୟାଳୟ ରହିଛି । ଗୋଟିଏ ମହିଳା ମହାବିଦ୍ୟାଳୟ ମଧ୍ୟ ରହିଛି । ଚାରିଗୋଟି ଘରୋଇ ବିଦ୍ୟାଳୟ ରହିଛି। ଆଖପାଖ ଅଞ୍ଚଳର ଲୋକେ ଶିକ୍ଷା ସୁବିଧା ପାଇଁ ବଙ୍ଗୋମୁଣ୍ଡା ଉପରେ ନିର୍ଭର କରିଥାନ୍ତି । ସମସ୍ତ ସୁବିଧା କାରଣରୁ ଅନ୍ୟ ଅଞ୍ଚଳରୁ ଲୋକ ଆସି ବଙ୍ଗୋମୁଣ୍ଡାରେ ସ୍ଥାୟୀ ଭାବରେ ବସବାସ କରୁଛନ୍ତି । ଫଳରେ ଏହାସହ ଏକ କ୍ରମ ବର୍ଦ୍ଧିଷ୍ଣୁ ସହର ଭାବରେ ପରିଣତ ହେଉଛି । କଣ୍ଟାବାଞ୍ଜି ରେଳଷ୍ଟେସନ ଏବଂ ଟିଟିଲାଗଡ଼ ରେଳ ଜଙ୍କସନ ଅନତି ଦୂରରେ ଥିବାରୁ ବଙ୍ଗୋମୁଣ୍ଡାକୁ ଲୋକେ ସ୍ଥାୟୀ ବସତି ଭାବେ ରହିବାକୁ ପ୍ରାଥମିକତା ଦେଇଥାନ୍ତି । ବଙ୍ଗୋମୁଣ୍ଡା ଏକ ପୁରୁଣା ପଞ୍ଚାୟତ ସମିତି ମୁଖ୍ୟାଳୟ ହୋଇଥିବା ସହ ବର୍ତ୍ତମାନ ତହସିଲ ଏବଂ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ରହିଥିବା ସତ୍ତ୍ୱେ ବଙ୍ଗୋମୁଣ୍ଡା ସହର ର ପୂର୍ବ ମାନ୍ୟତା ଗ୍ରାମପଞ୍ଚାୟତ ଭାବରେ ଅପରିବର୍ତ୍ତିତ ରହିଛି । ବଙ୍ଗୋମୁଣ୍ଡା ନାଗରିକ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ସାଂସଦ, ବିଧାୟକ ଙ୍କୁ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ଦାବୀପତ୍ର ଦେବାସହ ବଙ୍ଗୋମୁଣ୍ଡା ବନ୍ଦ ପାଳନ ଓ ଆମରଣ ଅନଶନ ମଧ ହୋଇଥିବା ଜଣାପଡିଛି। ତେବେ ଦେଖିବାକୁ ବାକି ରହିଲା ବଙ୍ଗୋମୁଣ୍ଡା ଗ୍ରାମପଞ୍ଚାୟତ କୁ କେବେ ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବେ ମାନ୍ୟତା ମିଳୁଛି ତାହାହିଁ ଅପେକ୍ଷା। ଆଗାମୀ ଦିନରେ ଏନଏସି ମାନ୍ୟତା ନ ମିଳିଲେ ବିକାଶ ଜୈନ,ବିନୋଦ ମେହେର,ନରସିଂହ ଥନାପତି,କେଶବ ନାରାୟଣ ଜୈନ, ଅଜିତ କୁମାର ଯୋଶୀଙ୍କ ସହ ଅନ୍ୟ ମାନେ ଆନ୍ଦୋଳନ ଚେତାବନୀ ଦେଇଛନ୍ତି ।

# ସାନ ଡେଙ୍ଗନେଲି-ବଡ଼ ଡେଙ୍ଗନେଲି ରାସ୍ତା ମରଣଯନ୍ତା



କଲ୍ୟାଣସିଂହପୁର, (ଭାସ୍କର ନ୍ୟୁଜ୍): ଗ୍ରାମାଞ୍ଚଳର ବିକାଶ ପାଇଁ ସରକାରଙ୍କର ଅନେକ ଯୋଜନା ଏଥି ନିମନ୍ତେ ଖର୍ଚ୍ଚ ହୋଉଛି କୋଟି କୋଟି ଟଙ୍କା। ଏ ଚିତ୍ର ହୋଉଛି ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ପାର୍ସାଲି ପଞ୍ଚାୟତର ଦୁର୍ଗମ ନିୟମଗିରି ଅଞ୍ଚଳର ଦୃଶ୍ୟ । ସାନ ଡେଙ୍ଗନେଲି ଛକ ଠାରୁ ବଡ଼ ଡେଙ୍ଗନେଲି ଛକ ପର୍ଯ୍ୟନ୍ତ ଦୁଇ କିଲ ମିଟର କାଦୁଅରେ ପଚ୍ ପଚ୍ ରାସ୍ତା ପାଦ ରେ ଚାଲିବା କଷ୍ଟ କର। ପ୍ରତ୍ୟେକ ଦିନ ଯାତାୟାତରେ କିଛି ନା କିଛି ଅଘଟଣ ଘଟିବା ନଜରରେ ଆସିଥାଏ । ଗ୍ରୀଷ୍ମ ଋତରେ ତ ଚଳିଯାଏ କିନ୍ତୁ ବର୍ଷାରେ ସ୍ଥିତି ଦୟନୀୟ ଏ ରାସ୍ତା ନୁହେଁ ତ ମରଣଯନ୍ତା। ସାଧାରଣ ତ ପଞ୍ଚାୟତକୁ କାଡ଼ ଚାଉଳ ହେଉ କିମ୍ବା ଭତା ପଇସା ଆଣିବାକୁ ହେଲେ ଏହି ରାସ୍ତା ଉପରେ ନିର୍ଭର କରିବାକୁ ପଡିଥାଏ । ଦୁର୍ଭାଗ୍ୟବଶତଃ କାହାର ଦେହ ଖରାପ ହେଇଯାଏ ତାକୁ ଖଟିଆ ଭରସା । ଏହି ରାସ୍ତା ଉପରେ ନିର୍ଭର କରନ୍ତି ନିୟମଗିରି ଅଞ୍ଚଳର ଲାଖପଦର ,ପଟାଙ୍ଗ ପଦର , ଡଙ୍ଗା ମାଟି , ଲାମ୍ଭା , ଗୁମା, କୋଡ଼ଙ୍ଗେଏଉ, ସାରିଝୋଲା , ବଡଡେଙ୍ଗନେଲି ଲୋକେ। ଲାଇଫ ଲାଇନ୍ ପାଲଟି ଥିବା ଏହି ରାସ୍ତା ସୁରକ୍ଷିତ ନ ଥିବାରୁ ନାହିଁନଥିବା ଅସୁବିଧାର ସମୁଖୀନ ହୋଉଛନ୍ତି ନିୟମଗିରି ଅଞ୍ଚଳର ଡଙ୍ଗରିଆ । ଯଦି ଏହି ରାସ୍ତା ମରାମତି ନ ହୁଏ ଆଗମୀ ଦିନରେ ବ୍ଲକ ରେ ଧାରଣାରେ ବସିବୁ କହିଛନ୍ତି ନୀୟମଗିରି ଅଞ୍ଚଳବାସୀ। ।

# ନିଟ୍‌ରେ ସୁହାନାଙ୍କ ସଫଳତା



ରାଇଘର,(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ସୀମାନ୍ତ ରାଇଘର ବ୍ଲକ ସଦର ମହକୁମା ସ୍ଥିତ କୋଦଭଟା ଠାରେ ରହୁଥିବା ସୁହନା ବେହେରା ପ୍ରଥମ ଥରରେ ନିଟ୍ ପରୀକ୍ଷାରେ ସଫଳତା ଅର୍ଜନ କରି ହାଇଦ୍ରାବାଦ ସ୍ଥିତ ଏମ୍ସରେ ଏମବିବିଏସ ପଢ଼ିବା ପାଇଁ ମନୋନୀତ ହୋଇଥିବା ଜଣାଯାଇଛି। କଠିନ ପରିଶ୍ରମ ଓ ପ୍ରଚେଷ୍ଟା ଫଳରେ ଏହି କୃତିତ୍ୱ ହାସଲ କରିପାରିଛନ୍ତି ସୁହାନା। ସୁହାନା ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରାଇଘର ସ୍ଥିତ ସହିଦ୍ ଲକ୍ଷଣ ନାୟକ ପବ୍ଲିକ ସ୍କୁଲ ରେ ଅଧ୍ୟୟନ ପରେ ନବରଙ୍ଗପୁର ନବୋଦୟ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରିଥଲେ। ସେଠାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ପୁନେ ଜବାହର ନବୋଦୟ ବିଦ୍ୟାଳୟରେ ଯୁକ୍ତ ଦୁଇ ପରୀକ୍ଷାରେ ସଫଳତାର ସହ କୃତକାର୍ଯ୍ୟ ହୋଇ ନିଟ୍ ପରୀକ୍ଷାରେ ମଧ ପ୍ରଥମ ଥର ରେ ଉତ୍ତୀର୍ଣ୍ଣ ହୋଇ ବର୍ତ୍ତମାନ ହାଇଦ୍ରାବାଦ ଏମ୍ସ ମେଡ଼ିକାଲ କଲେଜ ରେ ଏମବିବିଏସ ଭାବେ ଅଧ୍ୟୟନ କରୁଛନ୍ତି। ବାପା ବଳରାମ ବେହେରା ଅବସରପ୍ରାପ୍ତ ଫାର୍ମାସିଷ୍ଟ ଓ ମା ବର୍ତ୍ତମାନ ଫାର୍ମାସିଷ୍ଟ ଭାବେ କାର୍ଯ୍ୟରତ ରହିଛନ୍ତି। ସୁହାନା ଙ୍କ ବୟସ ବର୍ତ୍ତମାନ ୧୮ ହୋଇଥିବା ବେଳେ ସୁହାନାଙ୍କ ଏହି ସଫଳତା ପରେ ସ୍ଥାନୀୟ ଅଞ୍ଚଳରେ ସୁହାନା ଶୁଭେଚ୍ଛା ସୁଅ ଛୁଟିବାରେ ଲାଗିଛି।

# କୁଟିଙ୍ଗାରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): ଲକ୍ଷ୍ମୀପୁର ବ୍ଲକ୍ କୁଟିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ସରପଞ୍ଚ ସୁଲୋଚନା ମାଝିଙ୍କ ଅଧ୍ୟକ୍ଷତା ରେ ଆଜି ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବିଡ଼ିଓ ସବ୍ୟସାଚୀ ବେହେରା ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସିଡିପିଓ ପାର୍ବତୀ ଆଚାର୍ଯ୍ୟ,ଭାରପ୍ରାପ୍ତ ଗ୍ରାମ ପଞ୍ଚାୟତ ଅଧିକାରୀ ପ୍ରଫୁଲ୍ଲ ସାହୁ,ଗ୍ରାମୀଣ ଆବାସ ଯୋଜନା କୋଡିନେଟର ଜାନାର୍ଦ୍ଦନ ଚୌଧରୀ,ଓଡ଼ିଶା ଜୀବିକା ମିଶନ ବିପିଏମଓ ଟୁନା ଖଟେଇ,ବ୍ଲକ୍ ରିଶୋର୍ସ କୋଡିନେଟର ଦାମଦର କନ୍ଦପାଣି ପ୍ରଭୁତି ମଞ୍ଚାସିନ ରହି ପଞ୍ଚାୟତ ରେ ଲାଗିରହିଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ଲଗାଣ ବର୍ଷା ଯୋଗୁଁ ଅଭିଯୋଗ କରିବାକୁ ଅଧିକାଂଶ ଲୋକେ ନଆସିବାରୁ ମାତ୍ର ତିନଟି ଅଭିଯୋଗ ହୋଇଥିଲା। ଏହି ଶିବିରରେ ଭେଟେନାରୀ,ବନବିଭାଗ,ଉଠା ଜଳ ସେଚନ ଶିଶୁ କଲ୍ୟାଣ ବିଭାଗ,ରାଜସ୍ୱ ବିଭାଗ ଅଧିକାରୀ ଙ୍କ ସମେତ, ଅଙ୍ଗନବାଡି କର୍ମୀ,ଏମ୍ପିକେ ଓ ସିଆରପି ମହିଳା ମାନେ ଉପସ୍ଥିତ ଥିବା ବେଳେ ଅନ୍ୟ କୌଣସି ବିଭାଗର ଦେଖା ନଥିଲା । କୁଟିଙ୍ଗା ପିଇଓ ଉର୍ବଶୀ ତୁରୁକ କାର୍ଯ୍ୟକ୍ରମ ପରିଚାଳନା କରିବା ବେଳେ ଏଡିଓ ସୁବାସ ପଣ୍ଡିତ ଓ ଜିଆରଏସ ଗୁଡ଼ିଆ ନାୟକ ସହଯୋଗ କରିଥିଲେ। ଲୋକଙ୍କ ଅଭିଯୋଗ ଶୁଣିବା ପରେ ତୁରନ୍ତ ସମାଧାନ ଦିଗରେ ଦୃଷ୍ଟି ଦିଆଯିବ ବୋଲି ବିଡ଼ିଓ ଶ୍ରୀଯୁକ୍ତ ବେହେରା ପ୍ରକାଶ କରିଥିଲେ।

# ଗଛ ପଡି ତିନି ଘଣ୍ଟା ଧରି ରାସ୍ତା ଅବରୋଧ



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍) : ଲକ୍ଷ୍ମୀପୁର ବ୍ଲକ ପିପଲପଦର ପଞ୍ଚାୟତର ମଣ୍ଡଳ ଗୁଡା କଲନି ପାଖ ରାସ୍ତାରେ ଆଜି ଏକ ବିରାଟ କାୟ ଆମ୍ବ ଗଛ ଉପୁଡି ପଡି ତିନି ଘଣ୍ଟା ଧରି ଟିକିରି ରାୟଗଡା ରାସ୍ତା ଅବରୋଧ ଥିଲା। ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଆଜି ସକାଳ ସାତଟା ବେଳେ ଆମ୍ବ ଗଛ ଉପୁଡି ପଡ଼ିଥିବା ବେଳେ ସ୍ଥାନୀୟ ଲୋକଙ୍କ ସହାୟତାରେ ଗଛ କାଟି ସଫା କରିବାରୁ ଦଶଟା ବେଳେ ଯାତାୟାତ ସ୍ୱାଭାବିକ ହୋଇଥିଲା। ପ୍ରାୟ ତିନି ଘଣ୍ଟା ଧରି ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଥିବାରୁ ଯାତ୍ରୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। କିଛି ଦୁଇ ଚକିଆ ଓ ତିନି ଚକିଆ ଜାନ ବାରିଗାଁ ଗ୍ରାମରେ ପଶି ଖାଲ କଣା ଦେଇ ଲକ୍ଷ୍ମୀପୁର ଯାଏଁ ଯାତାୟତ କରିବାକୁ ବାଧ ହୋଇଥିଲେ। ରାୟଗଡା ଯିବା ଯାନବାହନ ତିନି ଘଣ୍ଟା ଧରି ଅଟକି ରହିଥିଲେ। ଗଛଟି ପଡିବା ସମୟରେ କୌଣସି ଯାନବାହନ ସେହି ରାସ୍ତାରେ ଯାତାୟାତ କରୁନଥିବାରୁ ଏକ ବଡ ଧାରଣର ଅଘଟଣ ଗଡିବାରୁ ବର୍ତ୍ତୀ ଯାଇଥିବା ଜଣାପଡିଛି।

# ଗଜପତି ବ୍ରାହ୍ମଣ ମହାସଙ୍ଘ ବୈଠକ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଓଡିଶା ବ୍ରାହ୍ମଣ ମହାସଙ୍ଘ ର ଶାଖା ଗଜପତି ବ୍ରାହ୍ମଣ ମହାସଂଘର ଏକ ବୈଠକ ପାରଳାଖେମୁଣ୍ଡିର ଶ୍ରୀ ଶୈଳମ କଲ୍ୟାଣ ମଣ୍ଡପ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଙ୍କ ସଭାପତିତ୍ୱରେ ବସିଥିଲା। ବୈଠକରେ ନୂତନ ସଭ୍ୟ ସଂଗ୍ରହ, ବ୍ଲକସ୍ତର ସଂଗଠନ ଓ ଜିଲ୍ଲାସ୍ତର ର କାର୍ଯ୍ୟକ୍ରମ ନିମନ୍ତେ ବ୍ରାହ୍ମଣ ଦେବତାମାନେ ମତ ପ୍ରକାଶ କରିଥିଲେ। ସର୍ବସମ୍ମତି କ୍ରମେ ଏକ ଅସ୍ଥାୟୀ କମିଟି ନିମ୍ନ ମତେ ଗଠନ କରାଯାଇଥିଲା ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସଭାପତି ଅଶ୍ୱିନୀ କୁମାର ପାଢ଼ୀ, ଉପସଭାପତି ଶ୍ୟାମସୁନ୍ଦର ଗନ୍ତାୟତ, ସମ୍ପାଦକ ସିଦ୍ଧେଶ୍ୱର ମିଶ୍ର ଓ ସହ ସମ୍ପାଦକ ପ୍ରମୋଦ ଚନ୍ଦ୍ର ପାଢ଼ୀ। ଆଗାମୀ ୩୧ ତାରିଖରେ ପୁନଃ ବୈଠକ ବସିବାକୁ ସ୍ଥିର କରାଯାଇଛି।

# ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବାଲିମେଳା, (ଭାସ୍କର ନ୍ୟୁଜ୍): ସୋମବାର ଅପରାହ୍ନ ୩.୦୦ ଘଟିକା ସମୟରେ କୋରୁକୋଣ୍ଡା ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅରୁଣ କୁମାର ରାୟଙ୍କୁ କୋରୁକୋଣ୍ଡା ବ୍ଲକ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କ ତରଫରୁ ସ୍ୱାଗତ୍ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଗୋଷ୍ଠି ଶିକ୍ଷା ଅଧିକାରୀ ଅସିତ୍ ମିସ୍ତ୍ରୀ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୋମନାଥପୁର ଯତିନ୍ଦ୍ର ସ୍ୱାଇଁ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଓଲଡ କତାପାଲ୍ଲୀ ପ୍ରଦ୍ୟୁମ୍ନ ସ୍ୱାଇଁ, ନାକାମାମୁଡି ରଞ୍ଜିତ ସେଠି, ପଟ୍ରୋଲ ସରୋଜ କୁମାର ପ୍ରଧାନ, ମାରିଓଡା ଉତ୍ତମ ସମଦାର, ଚିତ୍ରାପାରି - ୩ ପ୍ରଦୀପ କୁମାର ମଲ୍ଲିକ, ବାଲିମେଳା ଏନ୍ଏସି, ଭଗବାନ ସାହୁ ଚିତ୍ରକୋଣ୍ଡା ନିରୋଦ ଜେନା ତଥା ଅନ୍ୟାନ୍ୟ ସାଧନ କେନ୍ଦ୍ର ସଂଯୋଜକ ଆଦି ଉପସ୍ଥିତ ରହି ଶିକ୍ଷା ବିଭାଗର ପ୍ରମୁଖ ଦିଗ ଉପରେ ଆଲୋଚନା କରିଥିଲେ।

# ଶିକ୍ଷକ ବସନ୍ତ କୁମାର ପାଇବେ ଜାତୀୟ ଶିକ୍ଷକ ପୁରସ୍କାର



ମାଲକାନଗିରି, (ଭାସ୍କର ନ୍ୟୁଜ୍) : ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର କୁନି କୁନି ପିଲାଙ୍କୁ ଭଲ ପାଉଥିବା ଶିକ୍ଷକ ଓ ଶିକ୍ଷାକୁ ବୃତ୍ତି ଭାବେ ବାଛି ନେଇଥିବା ଶିକ୍ଷକ, ବସନ୍ତ କୁମାର ରଣା। ୨୦୨୫ ମସିହା ପାଇଁ ପାଇବେ ଜାତୀୟ ଶିକ୍ଷକ ପୁରସ୍କାର। ମାଲକାନଗିରି ଜିଲ୍ଲାର କନ୍ଦେଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ବସନ୍ତ କୁମାର ରଣା ଚଳିତବର୍ଷ ପାଇଁ ଜାତୀୟ ଶିକ୍ଷକ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ସଦା ସର୍ବଦା ଚେଷ୍ଟିତ ଏହି ଶିକ୍ଷକ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଉତ୍ସର୍ଗୀକୃତ। ସେ ଏହି ପୁରସ୍କାର ପାଇଁ ୫୦୦୦୦ ଅର୍ଥ ରାଶି ଓ ମାନ ପତ୍ର ୫ ସେପ୍ଟେମ୍ବର ୨୦୨୫ ଦିନ ନୂଆଦିଲ୍ଲୀର ବିଜ୍ଞାନ ଭବନ ଠାରେ ଗ୍ରହଣ କରିବେ। ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ମାଲକାନଗିରି ଚିତ୍ତ ରଞ୍ଜନ ପାଣିଗ୍ରାହୀ ଉକ୍ତ ଶିକ୍ଷକଙ୍କୁ ଅଭିନନ୍ଦନ ଓ ଶୁଭକାମନା ଜଣାଇଛନ୍ତି।

# ରେଢ଼ାଖୋଲ ପ୍ରେସକ୍ଲବ୍‌ର କାର୍ଯ୍ୟକାରିଣୀ ବୈଠକ



ରେଢ଼ାଖୋଲ, (ଭାସ୍କର ନ୍ୟୁଜ୍): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ରେଢ଼ାଖୋଲ ପ୍ରେସକ୍ଲବ୍‌ର ତ୍ରୟୋମାସିକ କାର୍ଯ୍ୟକାରୀଣି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟିର ସଭାପତି ରମାକାନ୍ତ ମହାନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାପାଇଁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା । ସେଥି ମଧ୍ୟରୁ ଆଗାମୀ ଦିନରେ ରକ୍ତଦାନ ଶିବିର, ପ୍ରତିଷ୍ଠା ଦିବସ, ଏବଂ ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ସେହିପରି ଅନ୍ୟ ପ୍ରସ୍ତାବ ଗୁଡ଼ିକ ଆଲୋଚନା କରି ଗୃହୀତ ହୋଇଥିଲା। ଏହି ବୈଠକରେ ସାଧାରଣ ସମ୍ପାଦକ ତପନ କୁମାର ବିଶ୍ୱାଳ, କୋଷାଧ୍ୟକ୍ଷ ଯଶବନ୍ତ ନାରାୟଣ ସାହୁ, ପ୍ରସନ୍ନ ପ୍ରଧାନ, ଶଙ୍କର ପୃଷ୍ଟି, ଶରତ ପ୍ରଧାନ, ଅନିଲ ପୃଷ୍ଟି, ସୁଧିର ସୁନା, ଲିଙ୍ଗରାଜ ପ୍ରଧାନ, ଅନିଲ କୁମାର ପୃଷ୍ଟି, ଶୁଶାନ୍ତ କୁମାର ନାଗ, ରଶ୍ମିରଞ୍ଜନ ଖଡିରନ୍, ରବିନ୍ଦ୍ର ସାହୁ , ପ୍ରମୁଖ ସମେତ ଅନ୍ୟ ସାମ୍ବାଦିକ ମାନେ ଉପସ୍ଥିତ ରହିଥିଲେ ।

# ଗଣପର୍ବ 'ପୁରା ଉଆଁସ' ପାଳିତ

ରେଢ଼ାଖୋଲ, (ଭାସ୍କର ନ୍ୟୁଜ୍): ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ କଦଳୀଗଡ ତଥା ଆଖପାଖ ଅଞ୍ଚଳରେ ଆନନ୍ଦ ଉଲ୍ଲାସର ସହ ଗଣପର୍ବ 'ପୁରା ଉଆଁସ' ପାଳିତ ହୋଇଯାଇଛି। ଏହି ପର୍ବକୁ ନେଇ ଛୋଟପିଲାଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ଛୋଟପିଲାମାନେ ଯୁଦ୍ଧର ପ୍ରତୀକ ମାଟି ଓ କାଠରେ ନିର୍ମିତ ସୁସଜ୍ଜିତ ହାତୀ, ଘୋଡା ଆଦି ଟାଣି ଟାଣି ଯାଇଥିବା ବେଳେ କୁନି କୁନି ବାଳିକାମାନେ ମାଟି କାଞ୍ଚି,କୁଣ୍ଢି,କୁଲେଇ,ଉଖୁଡା ନେଇ ଘୋଡା ହାତୀମାନଙ୍କୁ ପୂଜାର୍ଚ୍ଚନା କରି ବନ୍ଦାପନା କରିଥିଲେ । ଏହାପରେ କାଞ୍ଚି କୁଣ୍ଢିରେ ଆଣିଥିବା ଉଖୁଡା,ଭଜା ମଟର ଚଣା,ମୁଗ,ଶିମ୍ବ,ତିଆସି ସବୁକୁ ପ୍ରସାଦ ଆକାରରେ ବାଣ୍ଟି ଖାଇଥିଲେ । ଝିପ୍ ଝିପ୍ ବର୍ଷାରେ କଦଳୀଗଡ ପଞ୍ଚାୟତର କଦଳୀଗଡ, କନ୍ଧରା, ବିଶିପାଲି, ଧଉରାଖମଣ, ମହତପୁର, ତନ୍ତଗାଡ, ମଧୁପୁର, ପଣ୍ଡକିମାଳ, ସାମସିଂହା ସହିତ ପୋଡଶୀ ସୁବର୍ଣ୍ଣପୁର ଜିଲ୍ଲାର ଗରିଆମୁଣ୍ଡା,ଅନୁଗୁଳ ଜିଲ୍ଲାର ଓରଡା,ଭୋଜପୁର,ଟସରାବେଡା ଆଦି ଗାଁ ଗୁଡିକରେ ବାଳକ ବାଳିକାମାନେ ଗାଁ ମୁଣ୍ଡ ଆମ୍ବତୋଟା,ସ୍କୁଲ ପରିସର ଓ ଖେଳ ପଡିଆ ଗୁଡିକରେ ପୁରା ଉଆଁସ ପର୍ବ ପାଳିତ ହୋଇଥିଲା।

# ଜଳପ୍ରପାତରେ ଭାସିଗଲେ ୟୁ-ଟ୍ୟୁବର

କୋରାପୁଟ, (ଭାସ୍କର ନ୍ୟୁଜ): ଲମତାପୁଟ ବ୍ଲକ ମାଛକୁଣ୍ଡ ଜଳପ୍ରପାତରେ ୟୁ-ଟ୍ୟୁବର ସାଗର କୁମାର କୁଣ୍ଡୁ (୨୨) ଭାସି ଯାଇଥିବା ଜଣାପଡିଛି । ଉଦ୍ଧାର କାର୍ଯ୍ୟ ଚାଲିଥିବା ବେଳେ ତାଙ୍କ ସନ୍ଧାନ ମିଳିପାରିନାହିଁ । ସେ ବ୍ୟବହାର କରୁଥିବା ଡ୍ରୋନ୍ କ୍ୟାମେରାର କିଛି ଅଂଶ ମିଳିଥିବା ଜଣାପଡିଛି । ଘଟଣାସ୍ଥଳରେ ମାଛକୁଣ୍ଡ ଥାନା ଅଧିକାରୀ ମଧୁସୂଦନ ଭୂଇଁ, ନନ୍ଦପୁର ଏସ୍‌ଡିପିଓ ଦେବେନ୍ଦ୍ର ମଲ୍ଲିକ ପଂହଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ । ସେହିପରି କୋରାପୁଟ ଓଡ୍ରାଫ ଟିମ୍ ଓ ଲମତାପୁଟ ଅଗ୍ନିଶମ ବିଭାଗ ମିଳିତ ଭାବେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ ମଧ୍ୟ ସଫଳତା ମିଳିନାହିଁ । ବ୍ରହ୍ମପୁର ୟୁ-ଟ୍ୟୁବର ସାଗର କୁମାର କୁଣ୍ଡୁ ନିଜେ ସାଥି ଅଭିଜିତ ବେହେରାଙ୍କ ସହ ଲମତାପୁଟ ସ୍ଥିତ ମାଛକୁଣ୍ଡ ଜଳପ୍ରପାତରେ ନିଜ ୟୁ-ଟ୍ୟୁବ୍ ଚ୍ୟାନେଲ ନିମନ୍ତେ ଭିଡିଓ କରିବାକୁ ଆସିଥିଲେ । ମାଛକୁଣ୍ଡ ଜଳପ୍ରପାତର ଉପର ଭାଗର ପଥର ଉପରେ ଠିଆ ହୋଇ ଭିଡିଓ କରୁଥିଲେ । ସେହି ସମୟରେ ଡି ଡ୍ୟାମର ୫ନମ୍ବର ଗେଟ୍ ଖୋଲି ଦିଆଯାଇଥିଲା । ଯାହା ଫଳରେ ପ୍ରବଳ ବେଗରେ ବନ୍ୟାପାଣି ଆସିବାରୁ ପାଣି ଭିତରେ ସାଗର ଫସି ଯାଇଥିଲେ । ଆଖପାଖରେ ଥିବା ଲୋକ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ ସୁଦ୍ଧା ବିଫଳ ହୋଇଥିଲେ । ଅନ୍ୟପଟେ ପାଣିର ସ୍ରୋତରେ ସାଗର ଭାସି ଯାଇଥିଲେ । ଖବର ପାଇ ପୋଲିସ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀ ପହଂଚି ଉଦ୍ଧାର କାର୍ଯ୍ୟ ଯାରି ରଖିଛନ୍ତି ।

# ହଳଦୀପଦର ବୁଲିଲେ ମେଘାଳୟ ଚାଷୀ

କନ୍ଧମାଳ, (ଭାସ୍କର ନ୍ୟୁଜ୍): ମେଘାଳୟର ଚାଷୀ ଲାକଡ଼ୋଙ୍ଗ ହଳଦୀ ସହକାରୀ ସଂଘର ପ୍ରତିନିଧି ଦଳ କନ୍ଧମାଳ ଏପେକ୍ସ ସ୍ପାଇସେସ ଆସୋସିଏସନ୍ ଫର ମାର୍କେଟିଙ୍ଗ (କସମ) ଭ୍ରମଣ କରି ମେଘାଳୟର ହଳଦୀ ଜିଆଇ ମାନ୍ୟତା ପାଇବା ପରେ କନ୍ଧମାଳ ଜିଲ୍ଲାର କସମ ସଂସ୍ଥା ଜିଆଇ ପାଇବା ପରେ କ'ଣ ସଫଳ ହୋଇଛି ଚାଷୀମାନଙ୍କ ସହ ମିଶି ପଚାରି ବୁଝିଥିଲେ। ଏହି ଦୁଇ ଦିନିଆ ଭ୍ରମଣର ଉଦ୍ଦେଶ୍ୟ ଥିଲା-ମେଘାଳୟ ଓ ଓଡିଶାର ହଳଦୀ ଚାଷୀ ସମୁଦାୟଙ୍କ ମଧ୍ୟରେ ସହଯୋଗକୁ ସୁଦୃଢ଼ କରିବା, ସହକାରୀ ଭଲ ପ୍ରକ୍ରିୟା, ହଳଦୀ ମୂଲ୍ୟ ଶୃଙ୍ଖଳ ପରିଚାଳନା ଏବଂ ବଜାର ମୁଖୀ ପ୍ରୟାସ ସମ୍ପର୍କରେ ପ୍ରଥମ-ହାତର ଅଭିଜ୍ଞତା ପ୍ରଦାନ କରିବା । ଏହି ଭ୍ରମଣକୁ ସଞ୍ଜୀତ କୁମାର ପଟ୍ଟନାୟକ, (ସମ୍ପାଦକ କସମ) ଓ ବିଭି ଶଙ୍କର (ପ୍ରକଳ୍ପ ପରିଚାଳକ, କସମ୍) ଙ୍କ ସହଯୋଗରେ ସଫଳ କରାଯାଇଥିଲା। ମେଘାଳୟରୁ ପ୍ରତିନିଧି ଦଳରେ ଅନ୍ୟାନ୍ୟ ଅଧିକାରୀମାନେ ଅନ୍ତର୍ଭୁକ୍ତ ଥିଲେ। ଲାକଡ଼ୋଙ୍ଗ ହଳଦୀ ସମ୍ପର୍କରେ ମେଘାଳୟରେ ଚାଷ ହେଉଥିବା ଲାକଡ଼ୋଙ୍ଗ ହଳଦୀ ଜିଆଇ ଟ୍ୟାଗ୍ ପ୍ରାପ୍ତ, ଯାହା ରେ ସର୍ବାଧିକ କୁରୁର୍କୁମିନ୍ (୭-୧୨%) ହୋଇ ଥିବାରୁ ଏହା ବିଶ୍ୱବ୍ୟାପୀ ଭାବରେ ସବୁଠାରୁ ମୂଲ୍ୟବାନ୍ ମସଲା ଗୁଡିକ ମଧ୍ୟରେ ଗଣ୍ୟ। କନ୍ଧମାଳ ଚାଷୀ କିପରି ହଳଦୀ ନିଜ ବିହନ ରଖୁ ଛନ୍ତି ମା ହଳଦୀ ବିହନ କଣ ପଚାରି ବୁଝି ଥିଲେ। କନ୍ଧମାଳ ର ଲୋକାଲ ହଳଦୀ କୁରୁର୍କୁମିନ୍ ପରିମାଣ ୨ ରୁ ୩ ପରିମାଣ ରହୁଛି ଓ ଔଷଧିଅ ଗୁଣ ରହିଛି ଏଥି ପାଇଁ ବିଶ୍ୱରେ କନ୍ଧମାଳ ହଳଦୀ ର ଚାହିଦା ବୃଦ୍ଧି ହେବାରେ ଲାଗି ଛି । ମିସନ ଲାକ ଡଙ୍ଗ (୨୦୧୮) ଅଧିନରେ ମେଘାଳୟ ସରକାର ଉତ୍ତମ ଚାରା ବିତରଣ କରିଛି । କୃଷକ ସମୂହ ଏବଂ ସହକାରୀ ବଜାର ପ୍ରଣାଳୀକୁ ଶକ୍ତିଶାଳୀ କରିଛି । ପୋଷ୍ଟ-ହାରଭେଷ୍ଟ ପ୍ରସେସିଂ ଓ ଭାଲ୍ୟୁ-ଏଡିସନ୍ ସଂରଚନା ତିଆରି କରିଛି । ଦେଶୀୟ ଓ ଆନ୍ତର୍ଜାତୀୟ ବଜାର ସହିତ ସଂଯୋଗ ସୃଷ୍ଟି କରିପାରିଛି । କାନ୍ଧମାଳରେ ଅଭିଜ୍ଞତା ପ୍ରତିନିଧି ଦଳ ଫିରିଙ୍ଗିଆ ବ୍ଲକ୍‌ରେ କସମ ପରିଚାଳିତ ହଳଦୀ ପ୍ରସେସିଂ ପ୍ଲାଣ୍ଟକୁ ଭ୍ରମଣ କରି ପ୍ରାଥମିକ ଓ ଦ୍ୱିତୀୟ ପ୍ରସେସିଂ, ପୋଷ୍ଟ-ହାରଭେଷ୍ଟ ପ୍ରଣାଳୀ ପ୍ୟାକେଜିଂ ନବୀନତା ବ୍ରାଣ୍ଡିଂ ଓ ସହକାରୀ ପରିଚାଳନା ସମ୍ପର୍କରେ ଶିଖିଲେ । ଏହାଛଡ଼ା, ଦଳ କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡ଼ୀ (ଯାହାକୁ "ଓଡିଶାର କାଶ୍ମୀର" ବୋଲି କୁହାଯାଏ) ଭ୍ରମଣ କରି ସ୍ଥାନୀୟ ହଳଦୀ କୃଷକମାନଙ୍କ ସହିତ ଆଲୋଚନା କରିଲେ । କୃଷକ-ରୁ-କୃଷକ ଶିକ୍ଷା ଏହି ଆଦାନ-ପ୍ରଦାନ ସହକାରୀ ଆନ୍ଦୋଳନର ଶକ୍ତିକୁ ପ୍ରକାଶ କରିଥିଲା ସ୍ମଲ୍ ହୋଲ୍ଡର୍ କୃଷକଙ୍କ ସଶକ୍ତିକରଣ। ଦେଶୀୟ ଓ ବିଦେଶୀ ବଜାରରେ ପରିଚୟ- ଏଓ-ଆଧାରିତ ବ୍ରାଣ୍ଡିଂ । ଏହାର ଫଳରେ ମେଘାଳୟ-ଓଡିଶା ସହ ଯୋଗକୁ ସୁଦୃଢ଼ କରିବା ସହିତ ସାମୂହିକ ଉନ୍ନତିର ପଥ ସୃଷ୍ଟି ହେବ।

# ସାପ କାମୁଡ଼ାରେ ଯୁବକ ମୃତ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ବିଷାକ୍ତ ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକ ହେଲେ ଅଡବା ଥାନା ବିରିକୋଟ ପୁରୁଣାଗାଁର ପ୍ରତାପ ମାଝୀ । ରବିବାର ବିଳମ୍ବିତ ରାତିରେ ପ୍ରତାପ ନିଜ ପରିବାର ସହ ଘରେ ଶୋଇଥିଲେ । ଏହି ସମୟରେ ଏକ ପାହାଡିଆ ବିରଳ ପ୍ରଜାତିର ବିଷାକ୍ତ ସାପ ପ୍ରାତପଙ୍କ ଡାହାଣ ହାତରେ କାମୁଡିଥିଲା। ପରେ ପରିବାର ଲୋକ ବିଷାକ୍ତ ସାପକୁ ମାରିବା ସହ ପ୍ରତାପଙ୍କୁ ଚେରମୁଳି ଉପଚାର କରାଇଥିଲେ । ଉପଚାରର କୌଣସି ସୁଧାର ନ ଆସିବାରୁ ପ୍ରଥମେ ବିରିକୋଟ ପରେ ମୋହନା ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ମୃତ ଘୋଷଣା କରିଛନ୍ତି । ଖବର ପାଇ ମୋହନା ଓ ଅଡବା ଥାନା ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି। ବିଷାକ୍ତ ସାପଟି କମନ କ୍ରେଟ ବୋଲି କୁହାଯାଉଛି । ଯାହାକି ଅତି ବିଷାକ୍ତ ସାପ ମଧ୍ୟରୁ ଗୋଟିଏ ପ୍ରଜାତିର ବୋଲି ଜଣାପଡିଛି ।

# କୋଇଡା ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ



କୋଇଡା (ଭାସ୍କର ନ୍ୟୁଜ୍) : ସୁନ୍ଦରଗଡ ଜିଲ୍ଲା କୋଇଡା ଦୁର୍ଗାପୂଜା କମିଟି ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ମହା ଆଡମ୍ବରରେ ଦୁର୍ଗାପୂଜା କରାଯିବା ନେଇ କୋଇଡା ଥାନା ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ଥିଲେ। କୋଇଡା ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ପତିଙ୍କ ସଭାପତିତ୍ୱ ରେ ବୈଠକ ଅନୁଷ୍ଠିତ ହୋଇଥିଲା, ସର୍ବ ପ୍ରଥମେ ଗତ ବର୍ଷର ସମସ୍ତ ଖର୍ଚ୍ଚ ବିବରଣୀ କମିଟି ସମ୍ପାଦକ ଅଶୋକ କୁମାର ନାଏକ ଉପସ୍ଥାପନ କରିଥିଲେ। ପରେ ଚଳିତ ବର୍ଷ ପାଇଁ ନୂତନ ପୂଜା କମିଟି ଗଠନ କରା ଯାଇଥିଲା ଚଳିତ ବର୍ଷ ପୂଜା କମିଟି ସଭାପତି କୋଇଡା ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ପତି, ସମ୍ପାଦକ ଭାବେ ଅଶୋକ କୁମାର ନାଏକ କୋଷାଧ୍ୟକ୍ଷ ଭାବେ ବୀରବର ବେହେରା ମନୋନୀତ କରାଯାଇଛି । ପୂଜା କାର୍ଯ୍ୟରେ ସହଯୋଗ କରିବା ପାଇଁ କମିଟି ମଧ ଚୟନ କରାଯାଇଛି। କମିଟିର ସମସ୍ତ ସଦସ୍ୟ ପୂଜା କାର୍ଯ୍ୟ ରେ ସହଯୋଗ କରିବେ ବୋଲି ନିଷ୍ପତି ନିଆଯାଇଛି। ଆଜିର ବୈଠକ ର ନିଷ୍ପତ୍ତି ଅନୁସାରେ ୨୮/୮/୨୫ ତାରିଖରେ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ କରାଯିବ ଏବଂ ଚଳିତ ଥର ମଧ ପୂଜା ମଣ୍ଡପରେ ନବରାତ୍ରି ପୂଜା କରାଯିବ ଏବଂ ୨୨/୦୯/୨୫ ଅଶ୍ୱିନ ଶୁକ୍ଳ ପ୍ରତିପଦା ତିଥିରେ ନବରାତ୍ରି ପାଇଁ ସଂକଳ୍ପ କରାଯିବ ବୋଲି ସୂଚନା ଦେଲେ ପୂଜକ। ଆଜିର ଏହି ବୈଠକରେ ପୂଜା ପାଇଁ ମେଢ଼, ବାଜା, ମହାଅଷ୍ଟମୀ ଭୋଗ, ବିସର୍ଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ଶାନ୍ତି ଶୃଙ୍ଖଳାରେ କିପରି ପୂଜା ସମ୍ପନ୍ନ କରାଯିବ ଏନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ମାଙ୍କ ପୂଜା କାର୍ଯ୍ୟ ମନୋଜ କୁମାର ମାହାନା ସମ୍ପାଦନ କରିବେ। ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ ରାବଣ ପୋଡି କରାଯିବ ବୋଲି ନିଷ୍ପତି ନିଆଯାଇଛି। ଆଜିର ଏହି ବୈଠକରେ କମିଟିର ବରିଷ୍ଠ ସଦସ୍ୟ ତଥା ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ, ଭୀମସେନ ଚୌଧୁରୀ, ଅଶୋକ କୁମାର ନାଏକ, ମନୋଜ କୁମାର ମାହାନା, ଦେବ ନାରାୟଣ ଯୌସ୍ୱାଲ, ଶ୍ରୀକାନ୍ତ ଜେନା, ଛୋଟରାୟ ନାଏକ, ଗୟାଧର ସ୍ୱାଇଁ, ପ୍ରଶାନ୍ତ କଇବ୍ରତ, ମନୋଜ କୁମାର ପଟ୍ଟନାୟକ, ଯଦୁମଣି ପାତ୍ର,ରାଜକିଶୋର ପାତ୍ର,ସୁବାଷ ରଣା, ସୁନିଲ ପଣ୍ଡା, ବିଜୟ କୁମାର ଦାସ, ବିଜୟାନନ୍ଦ ଜେନା, ସମ୍ବିତ ଜେନା, ନଗେଶ ପାଢ଼ୀ, ସୁରେଶ ଦାଶ ପ୍ରମୁଖ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।



ପୁରୀ (ଭାସ୍କର ନ୍ୟୁଜ) : ସୋମବାର ପୁରୀ ଏସପି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ପ୍ରତୀକ ସିଂ। ପୁରୀ ଏସପି ଭାବରେ ଦାୟିତ୍ୱ ପାଇବାପରେ ପ୍ରଥମେ ମହାପ୍ରଭୁଙ୍କ ଦର୍ଶନ ସହ ସାନ୍ନିଧ୍ୟ ନେଇଛନ୍ତି ଏସପି ପ୍ରତୀକ ସିଂ। ମହାପ୍ରଭୁଙ୍କ ଦର୍ଶନରୁ ଦାୟିତ୍ୱ ତୁଲାଇବାକୁ ଯାଉଥିବାରୁ ଧନ୍ୟ ହୋଇଛି ବୋଲି କହିଥିଲେ ଏସପି ପ୍ରତୀକ ସିଂ। ନୂଆ ଏସପି ଭାବରେ ଯୋଗଦେବା ପରେ ଶ୍ରୀମନ୍ଦିର ସୁରକ୍ଷା ସହ ପର୍ଯ୍ୟଟକଙ୍କ ସୁରକ୍ଷା ଉପରେ ଫୋକସ୍ ରହିବ ବୋଲି ସେ କହିଥିଲେ। ପୁରୀ ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବାକୁ ସରକାର ଦାୟିତ୍ୱ ଦେଇଛନ୍ତି। ପୂର୍ବ ଅଭିଜ୍ଞତାକୁ ପାଥେୟ କରି ଭଲ କାମ କରିବାକୁ ଲକ୍ଷ ରହିଛି। ପୁରୀ ପୋଲିସ ଟିମ୍ ଠାରୁ ଜାଣିବାର ଶିଖିବାର ଅଛି ବୋଲି କହିଥିଲେ ଏସପି। ଭକ୍ତଙ୍କ ଦର୍ଶନ ଶୃଙ୍ଖଳା ,ନୀତି କାନ୍ତି ଠାରୁ ଆରମ୍ଭ କରି ସ୍ଥାନୀୟ ଲୋକଙ୍କୁ ନ୍ୟାୟ ଓ ସେବା ଦେବା ଲକ୍ଷ ରହିବ। ପୁରୀ ଭଳି ସ୍ଥାନରେ ଉଭୟ ଦର୍ଶନାର୍ଥି ଓ ପର୍ଯ୍ୟଟକଙ୍କ ସୁରକ୍ଷା ସହ ଶ୍ରୀମନ୍ଦିର ଦର୍ଶନ ଶୃଙ୍ଖଳା ନୂଆ ଏସପିଙ୍କ ପାଇଁ ଚ୍ୟାଲେଞ୍ଜ ରହିବ। କିପରି ଜିରୋ କ୍ରାଇମ ପୁରୀ ଗଠନ ହେବ ସେ ନେଇ କାମ କରିବୁ। ଶ୍ରଦ୍ଧାଳୁ ମାନଙ୍କ ଶୃଙ୍ଖଳିତ ଦର୍ଶନ ସହ ଭିଡ଼ ନିୟନ୍ତ୍ରଣ କିପରି କରାଯିବ ତାହା ଉପରେ ଗୁରୁତ୍ୱ ଦିଆଯିବ। ଆଗକୁ ଅନେକ ଯାନିଯାତ୍ରା କିପରି ଶୃଙ୍ଖଳିତ ଭାବେ ଅନୁଷ୍ଠିତ ହେବ ଶ୍ରଦ୍ଧାଳୁ ମାନେ କିପରି ଉପଭୋଗ କରିପାରିବେ ତା ପ୍ରତି ପୁରୀ ପୋଲିସ କାର୍ଯ୍ୟ କରିବ। ସେବାୟତ ଙ୍କ ସହ ଉତ୍ତମ ସମନ୍ୱୟ, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଶ୍ରୀ ସିଂ ପ୍ରକାଶ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଜେଲ୍‌ରୁ ସରକାରଙ୍କ...

ସରକାର ନଜରବନ୍ଦୀ କରି ରଖିଥିବା ଦାବି କରୁଛନ୍ତି। ସତ ଏବଂ ମିଛର ବ୍ୟାଖ୍ୟା କେବଳ ବିରୋଧୀଙ୍କ ବୟାନ ଉପରେ ନିର୍ଭର ହେବା କଥା ନୁହେଁ। ସେ ସ୍ୱାସ୍ଥ୍ୟଗତ କାରଣରୁ ଇସ୍ତଫା ଦେଇଥିବା ଶାହ ସ୍ପଷ୍ଟ କରିଥିଲେ।

## ବଡ଼ ବିପଦ ନେଇ...

ଟାର୍ଗେଟ କରିଥିଲା। ଗତ ମେ ୧୦ ତାରିଖରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ହୋଇଥିଲେ ମଧ୍ୟ ଦୁଇଦେଶ ମଧ୍ୟରେ ସଂପର୍କ ଉତ୍ତେଜନାପୂର୍ଣ୍ଣ ରହିଛି। ପ୍ରବଳ ବର୍ଷା ଏବଂ ବାଦଲଫଟା ବର୍ଷା ଭାରତ ଏବଂ ପାକିସ୍ତାନର ବହୁ ଅଞ୍ଚଳକୁ ପ୍ରଭାବିତ କରିଛି। ଏ ନେଇ ଭାରତ ପକ୍ଷରୁ ପାକିସ୍ତାନକୁ ସୂଚନା ମଧ୍ୟ ଦିଆଯାଇଛି। ତେବେ ଏହାର ସିନ୍ଧୁଜଳ ଚୁକ୍ତିନାମା ସହିତ କୌଣସି ସଂପର୍କ ନାହିଁ ବୋଲି କୁହାଯାଇଛି। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ସିନ୍ଧୁଜଳ ଚୁକ୍ତିନାମା ଉପରେ ଆଲୋଚନା କରିବାକୁ ପାକିସ୍ତାନ ଚାହୁଁଛି। ସୂଚନାଯୋଗ୍ୟ ଯେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ନଦୀର ଜଳକୁ ବିଭାଜିତ କରୁଥିବା ଏହି ଚୁକ୍ତିନାମା ୧୯୬୦ ମସିହାରେ ସ୍ୱାକ୍ଷରିତ ହୋଇଥିଲା।

## ଦାଦନ ରୋକିବାକୁ...

ଏପରିକି ବହୁ ସମୟରେ ଦାଦନଙ୍କ ମୃତଦେହ ମଧ୍ୟ ରାଜ୍ୟକୁ ଫେରିଥାଏ। ତେଣୁ ଏଭଳି ଏକ ପ୍ରଥାକୁ ରୋକିବା ପାଇଁ ସରକାର ଏବେ ଯୋଜନା ପ୍ରସ୍ତୁତ କରୁଛନ୍ତି। ଶ୍ରୀ ସିଂହଦେଓ ଆହୁରି କହିଛନ୍ତି ଯେ ରାଜ୍ୟ ସରକାର ଧାନ କ୍ୱିଣ୍ଟାଲ ପିଛା ୮ଶହ ଟଙ୍କା ଇନପୁଟ୍ ସବ୍‌ସିଡି ଦେବାପରେ ଚଳିତବର୍ଷ ପୂର୍ବବର୍ଷ ଅପେକ୍ଷା ଦାଦନ ସଂଖ୍ୟାରେ ହ୍ରାସ ଘଟିଛି। ଅନ୍ୟପକ୍ଷରେ ପଞ୍ଚାୟତିରାଜ ମନ୍ତ୍ରୀ କହିଛନ୍ତି ଯେ ବର୍ଷକରେ ନୂଆପଡ଼ା ହେବ ଦାଦନ ମୁକ୍ତ। ସାରା ରାଜ୍ୟରେ ଦାଦନ କମିବାକୁ ଭିତ୍ତିଭୂମି ପ୍ରସ୍ତୁତ କରୁଛନ୍ତି ସରକାର। ମନରେଗା ଏବଂ ଜୀବିକା ମିଶନରେ ଅଧିକ କାର୍ଯ୍ୟକ୍ରମ ହାତକୁ ନିଆଯାଇ ଉଦାହରଣ ସୃଷ୍ଟି କରାଯିବ। ଟାସ୍କଫୋର୍ସ କମିଟିକୁ ଦୁଇ ଭାଗରେ ବିଭକ୍ତ କରାଯିବ। ଦାଦନ ଯାଉଥିବା ରାଜ୍ୟକୁ ଗୋଟିଏ କମିଟି ଯିବ ଏବଂ ଏନଜିଓର ସର୍ଭେ ରିପୋର୍ଟକୁ ଆଧାର କରି ଭବିଷ୍ୟତ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ।

## ସ୍ୱାସ୍ଥ୍ୟାବସ୍ଥା...

ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ଏହାପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ ସମ୍ ଅଲ୍ଟିମେଟ୍ ମେଡ଼ିକେୟାରରେ ଭର୍ତ୍ତି କରାଯାଇଥିଲା। ସେଠାରେ ୩ ଦିନ ଧରି ଚିକିତ୍ସିତ ହେବାପରେ ଗତ ୨୦ ତାରିଖରେ ସେ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଥିଲେ। ବର୍ତ୍ତମାନ ସେ ନବୀନ ନିବାସରେ ଥିବାବେଳେ ନିୟମିତ ଭାବେ ଏକ ଡାକ୍ତରୀ ଟିମ୍ ତାଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖିଛନ୍ତି। ପୂର୍ବରୁ ଗତ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବୀନ ନିବାସ ଯାଇ ବିରୋଧୀଦଳ ନେତାଙ୍କୁ ଭେଟିଥିଲେ। ଏହାସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ବିଧାନସଭା ମୌସୁମୀ ଅଧିବେଶନ ଯେପରି ସୁରୁଖୁରୁରେ ଚାଲିପାରିବ ସେ ନେଇ ନିବେଦନ କରିଥିଲେ। ସେହିପରି ହସ୍ପିଟାଲରୁ ଡିସ୍‌ଚାର୍ଜ ହେବାପରେ ନବୀନଙ୍କ ଫୋନ୍ କରି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏଥିସହ ତାଙ୍କ ଆଶୁ ଆରୋଗ୍ୟ ମଧ୍ୟ କାମନା କରିଥିଲେ। ଗତ ଶୁକ୍ରବାର ତାଙ୍କ ବଡ଼ଭାଇ ପ୍ରେମ ପଟ୍ଟନାୟକ ମଧ୍ୟ ନବୀନ ନିବାସ ଆସି ନବୀନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିବା ସହ ଡାକ୍ତରୀ ଟିମ୍ ସହିତ ଆଲୋଚନା କରିଥିଲେ। ନବୀନ ହସ୍ପିଟାଲରେ ଥିବାବେଳେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏବଂ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଧ୍ୟ ହସ୍ପିଟାଲ ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ। ଏମାନଙ୍କ ବ୍ୟତୀତ ନବୀନ ନିବାସରେ ନବୀନଙ୍କୁ ଭେଟିଥିଲେ ଦଳୀୟ ରାଜ୍ୟସଭା ସାଂସଦ ସୁଲତା ଦେଓ ଓ ନିରଞ୍ଜନ ବିଶି। ଅନ୍ୟପକ୍ଷରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ।

## କାର୍ଯ୍ୟକାରୀ ହେବ...

ଉତ୍ପାଦନ କେନ୍ଦ୍ର ଭାବରେ ପ୍ରତିଷ୍ଠା କରିବା, ଉଚ୍ଚ- କୁଶଳୀ ନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟି କରିବା ଏବଂ ଆମଦାନୀ ହେଉଥିବା ଯନ୍ତ୍ରାଂଶ ଉପରେ ଭାରତର ନିର୍ଭରଶୀଳତା ହ୍ରାସ କରିବ। ବିଶେଷକରି କେନ୍ଦ୍ର ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଯନ୍ତ୍ରପାତି ଉତ୍ପାଦନ ପରିଯୋଜନା ଦ୍ୱାରା ପ୍ରଦାନ କରାଯାଉଥିବା ସହାୟତାର ସମତୁଲ ସହାୟତା ପ୍ରଦାନ କରିବା ସହ ଏହି ନୀତି ପ୍ରୋତ୍ସାହନ ଉପରେ ଏକ ବଳିଷ୍ଠ ଢାଞ୍ଚା ପ୍ରବର୍ତ୍ତନ କରିଛି । ନିବେଶକମାନେ ପ୍ରଥମ ପାଞ୍ଚଟି ମେଗା ପ୍ରକଳ୍ପ ପାଇଁ ୫୦% ପୁଞ୍ଜି ସବସିଡ଼ି କିମ୍ବା ଟର୍ଣ୍ଣଓଭର-ଲିଙ୍କ୍ ପ୍ରୋତ୍ସାହନ ଏବଂ ଅତିରିକ୍ତ ପୁଞ୍ଜି ସବସିଡ଼ି ଦ୍ୱାରା ପରିପୂରକ ସମତୁଲ ସବସିଡ଼ି ମଧ୍ୟରୁ ଗୋଟିଏକୁ ବାଛିପାରିବେ। ଏହି ଯୋଜନା ଜମି ଆବଣ୍ଟନ, ଭଡ଼ା ସହାୟତା, ବିଦ୍ୟୁତ୍ ଶୁଳ୍କରେ ଦଶ ବର୍ଷର ଛାଡ଼ ଏବଂ ବିଦ୍ୟୁତ୍ ଶୁଳ୍କ ପ୍ରତିପୂର୍ତ୍ତି ମାଧ୍ୟମରେ ମଧ ଗୁରୁତ୍ୱପୂର୍ଣ୍ଣ ସହାୟତା ପ୍ରଦାନ କରୁଛି ଯାହା ପ୍ରକଳ୍ପ ନିବେଶର ୭୫% ମଧ୍ୟରେ ସୀମିତ । ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କିମ୍ବା ୧,୦୦୦ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଥିବା ମେଗା ପ୍ରକଳ୍ପଗୁଡ଼ିକ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଉପଲବ୍ଧ । ସେମାନଙ୍କୁ କଷ୍ଟୋମାଇଜ୍ ରିହାତି ପ୍ରଦାନର ବ୍ୟବସ୍ଥା ରହିଛି । ''ମେକ୍ ଇନ୍ ଇଣ୍ଡିଆ' ପଦକ୍ଷେପ ସହିତ ସମନ୍ୱିତ ଏହି ବିସ୍ତୃତ ନୀତି ଓଡ଼ିଶାକୁ ଏକ ଆତ୍ମନିର୍ଭରଶୀଳ ଇଲେକ୍ଟ୍ରୋନିକ୍ସ ଇକୋସିଷ୍ଟମ୍ ଗଠନ ଦିଗରେ ଏବଂ ଆର୍ଥିକ ଅଭିବୃଦ୍ଧିକୁ ଆଗେଇ ନେବାରେ ସହାୟକ ହେବ । ଓଡ଼ିଶାର ଡିଜିଟାଲ୍ ରୂପାନ୍ତରଣକୁ ଆଗେଇ ନେବା ଏବଂ ବୈଷୟିକ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ପାଇଁ ଏକ ରଣନୈତିକ ପଦକ୍ଷେପ ସ୍ୱରୂପ ରାଜ୍ୟ ମନ୍ତ୍ରିମଣ୍ଡଳ ସୋମବାର ଓଡ଼ିଶା ଆଇଟି ନୀତି ୨୦୨୫କୁ ଅନୁମୋଦନ କରିଛି । ଏହି ଦୂରଦୃଷ୍ଟିସମ୍ପନ୍ନ ନୀତି ଓଡ଼ିଶାକୁ ବୈଷୟିକ ଜ୍ଞାନ ଏବଂ ଉଦ୍ଭାବନ ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବରେ ସ୍ଥାପିତ କରିବାକୁ ଉଦ୍ଦିଷ୍ଟ । କୃତ୍ରିମ ବୁଦ୍ଧିମତା, କ୍ଲାଉଡ୍ କମ୍ପ୍ୟୁଟିଙ୍ଗ୍ ଏବଂ ଡାଟା ଆନାଲିଟିକ୍ସ ଭଳି ଅତ୍ୟାଧୁନିକ ଜ୍ଞାନକୌଶଳକୁ ଆପଣାଇ ଏହି ନୀତି ଶାସନକୁ ମଜବୁତ କରିବା, ସର୍ବସାଧାରଣ ସେବା ଯୋଗାଇବାରେ ଉନ୍ନତି ଆଣିବା ଏବଂ ଏକ ଡିଜିଟାଲ୍ ଅନ୍ତର୍ଭୁକ୍ତ ସମାଜକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖୁଛି । ଏହା ଉଦ୍ଭାବନ, ଉଦ୍ୟୋଗୀତା ଏବଂ ସ୍ଥାୟୀ ବିକାଶକୁ ସମର୍ଥନ କରୁଥିବା ଏକ ଦୃଢ଼ ଡିଜିଟାଲ୍ ପରିବେଶ ସୃଷ୍ଟି କରିବା ପାଇଁ ରାଜ୍ୟର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ଓଡ଼ିଶା ଆଇଟି ନୀତି ୨୦୨୫ ପଲିସି ପିରିୟଡ ମଧ୍ୟରେ ଆଇ.ଟିଆଇ.ଟି.ଇ.ଏସ୍ କ୍ଷେତ୍ରରେ ୧୦ ଲକ୍ଷ ଲୋକଙ୍କ ପାଇଁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ପରିକଳ୍ପନା କରାଯାଇଛି । ଏହା ଆଇଟି ପାର୍କ, ଆଲଟି ଟାୱାର ଏବଂ ଏସ.ଇ.ଜେଡ୍ ପରି ବିଶ୍ୱସ୍ତରୀୟ ଭିତ୍ତିଭୂମି ବିକାଶ କରିବା ସହିତ ଗବେଷଣା ଏବଂ ବିକାଶ, ବିଭିନ୍ନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତା ର ସମନ୍ୱୟ ଏବଂ ଏକାଡେମିଆ ଏବଂ ଷ୍ଟାର୍ଟଅପ୍ ସହିତ ସହଯୋଗ ମାଧ୍ୟମରେ ବୈଷୟିକ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦେଇଥାଏ । ଏହି ନୀତି ସାଇବର ସୁରକ୍ଷା, ଡାଟା ଆନାଲିଟିକ୍ସ, ୫ଜି/ ମୋବାଇଲ୍ ଟେକ୍, ଆଇଓଟି, ଏଆର/ଭିଆର, କ୍ଲାଉଡ୍ କମ୍ପ୍ୟୁଟିଙ୍ଗ୍, ଡିପ୍ ଲର୍ଜିଙ୍ଗ୍, ବ୍ଲକଚେନ୍, ଏ.ଆଇ ଏବଂ ଏମ.ଏଲ୍ ପରି ଉଦୀୟମାନ ପ୍ରଯୁକ୍ତିକୁ ପ୍ରୋତ୍ସାହିତ କରିଥାଏ । ଓଡ଼ିଶା ଆଇ.ଟି. ନୀତି ୨୦୨୫ ବୈଶ୍ୱିକ ବ୍ୟବସାୟକୁ ଓଡ଼ିଶା ଆଡ଼କୁ ଆକୃଷ୍ଟ କରିବ, ଯାହା ଆର୍ଥିକ ଅଭିବୃଦ୍ଧିକୁ ବୃଦ୍ଧି କରିବ, ନିଯୁକ୍ତି ସୃଷ୍ଟି କରିବ, ବୈଷୟିକ ଉଦ୍ଭାବନକୁ ପ୍ରୋତ୍ସାହିତ କରିବ ଏବଂ ଆଇ.ଟି., ଅର୍ଥ, ଆର ଆଣ୍ଡ ଡି. ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ବୈଶ୍ୱିକ ବ୍ୟବସାୟ ପରିଚାଳନା ପାଇଁ ରାଜ୍ୟଟିକୁ ଏକ ପ୍ରମୁଖ କେନ୍ଦ୍ର ଭାବେ ପ୍ରତିଷ୍ଠିତ କରିବ ବୋଲି ଆଶା କରାଯାଉଛି । ସେହିପରି ଉଦୟ ନାରାୟଣ ଦାସ, ମିହିର ପ୍ରସାଦ ମିଶ୍ର ଏବଂ ମନୋଜ କୁମାର ମହାନ୍ତିଙ୍କୁ ଓଡ଼ିଶା ଲୋକସେବା ଆୟୋଗରେ ସଦସ୍ୟ ପଦବୀରେ ନିଯୁକ୍ତି ଦେବା ସମ୍ପର୍କରେ ଆସିଥିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ମଞ୍ଜୁର କରିଛି। ଉଦୟ ନାରାୟଣ ଦାସ, ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଜନଗଣନା କାର୍ଯ୍ୟ ନିର୍ଦ୍ଦେଶକ ରହିଥିଲେ। ସେହିପରି ମିହିର ପ୍ରସାଦ ମିଶ୍ର ପୁରୀ ଏସ.ସି.ଏସ (ସ୍ୱୟଂଶାସିତ) ମହାବିଦ୍ୟାଳୟର ଅଧ୍ୟକ୍ଷ ଅଛନ୍ତି ଏବଂ ମନୋଜ କୁମାର ମହାନ୍ତି, ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ପୂର୍ବତନ ଅତିରିକ୍ତ ଶାସନ ସଚିବ ଅଟନ୍ତି। ରାଜ୍ୟ କ୍ୟାବିନେଟ ଆଜିର ବୈଠକରେ ଲୋକସେବା ଆୟୋଗରେ ଉପରୋକ୍ତ ସଦସ୍ୟଙ୍କ ନିଯୁକ୍ତିକୁ ଅନୁମୋଦନ କରିଛନ୍ତି।

## ବନ୍ୟା ସ୍ଥିତି...

ନଦୀର ଶାଖାନଦୀ କାଣୀରେ ଷଷ୍ଠଥର ପାଇଁ ବନ୍ୟା ଆସି କସପା ପଞ୍ଚାୟତ ଅହିୟାସ ଦରଘା ନିକଟରେ ୩୦ ମିଟରର ଘାଇ ହୋଇଛି। ଫଳରେ ବନ୍ୟାଜଳ ଗାଁରେ ପ୍ରବେଶ କରିବା ସହ ଅହିୟାସ ବୁଡ଼ି ଯାଇଛି। ୨୦୦ ପରିବାରର ୧ହଜାରରୁ ଊର୍ଦ୍ଧ୍ୱ ଲୋକ ଜଳବନ୍ଦୀ ହୋଇଛନ୍ତି। ସୁରକ୍ଷାକୁ ଦୃଷ୍ଟିରେ ରଖି ଦଶରଥପୁର ଓ ମଙ୍ଗଳପୁର ଥାନା ପକ୍ଷରୁ ପୋଲିସ ମୁତୟନ କରାଯାଇଛି। ବୈତରଣୀ ବନ୍ୟାଜଳରେ ବୁଡ଼ି ଭାଗବତ ମାଝୀ ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। କଟିକଟା ଗାଁର ଭାଗବତ ଠାକୁରଙ୍କୁ ନମସ୍କାର କରୁଥିବାବେଳେ ଗୋଡ଼ ଖସିଯାଇଥିଲା। ପରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଅନ୍ୟପକ୍ଷରେ ରାଜ୍ୟ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ଲୋକମାନେ ପାଣି ଘେରରେ ନ ରହି ଆଶ୍ରୟସ୍ଥଳକୁ ଆସନ୍ତୁ। ପାଣି ଛାଡ଼ିଲେ ଘରକୁ ଫେରିବେ। କାରଣ ପାଣିରେ ସାପଭୟ ରହୁଛି। ପାଣି ଛାଡ଼ିବା ପରେ ସରକାର କ୍ଷତିପୂରଣ ଯୋଗାଇଦେବେ ବୋଲି ସେ କହିଥିଲେ।

## ଆଦିବାସୀ ଝିଅ...

୧୪ଟି ବିମାନବନ୍ଦର ହେବ ଏବଂ ଯେଉଁ ଜିଲ୍ଲାରେ ବିମାନବନ୍ଦର ନାହିଁ, ସେଠାରେ ସମୁଦାୟ ୧୫ଟି ହେଲିପୋର୍ଟ ସ୍ଥାପନ ପାଇଁ ସରକାର କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ପୁଣି କହିଥିଲେ ଯେ, ଉଡାଣ ଯୋଜନା ପରି ଟ୍ରାନ୍ସଫର୍ମେଟିଭ୍ ପଦକ୍ଷେପକୁ ପ୍ରେରଣା ଦେଇଛି, ଯାହା ସତ୍ୟରେ ଏଭିଏସନ୍‌କୁ ଡେମୋକ୍ରେଟାଇଜ୍ କରିଛି ଓ ପୂର୍ବ ଭାରତ ପାଇଁ ନୂଆ ଦିଗନ୍ତ ଖୋଲିଛି। ଏଭିଏସନ୍ କେବଳ ବିମାନବନ୍ଦର ଓ ବିମାନସେବା ପର୍ଯ୍ୟନ୍ତ ସୀମିତ୍ ନୁହେଁ, ଏହା ଆମ ଲୋକଙ୍କର ସ୍ୱପ୍ନକୁ ସୁଯୋଗ ସହିତ ଯୋଡିବା, ଆମର ଅର୍ଥନୀତିକୁ ସଶକ୍ତ କରିବା ଓ ବିକଶିତ ଭାରତ – ୨୦୪୭ ର ସ୍ୱପ୍ନକୁ ସାକାର କରିବାର ଏକ ଅନନ୍ୟ ପ୍ରୟାସ। ଆମ ପ୍ରଧାନମନ୍ତ୍ରୀଙ୍କର ଅବିରତ ପ୍ରୟାସ, ୨୦୪୭ ମଧ୍ୟରେ ଏକ ବିକଶିତ ଭାରତ ଗଢ଼ିବା ପାଇଁ, ଆମକୁ ସଦା ଉତ୍ସାହିତ କରୁଛି। ଉକ୍ତ କାର୍ଯ୍ୟକ୍ରମରେ ବେସାମରିକ ବିମାନ ପରିବହନ ମନ୍ତ୍ରୀ ରାମ ମୋହନ ନାଇଡୁ କିଞ୍ଜାରାପୁ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ,'ହାୱାଇ ଚପଲ୍ ପିନ୍ଧିଥିବା ମାନଙ୍କୁ ମଧ, ଏବେ ଉଡ଼ାଜାହାଜରେ ଯିବା ସୁଯୋଗ ମିଳିବ'କୁ ସରକାର ସମ୍ପୂର୍ଣ୍ଣ ରୂପରେ କାର୍ଯ୍ୟକାରୀ କରିବାକୁ ସମସ୍ତ ପ୍ରୟାସ କାର୍ଯ୍ୟକାରୀ କରାଯିବ। ଏହି ଅବସରରେ କେନ୍ଦ୍ର ରାଜ୍ୟମନ୍ତ୍ରୀ, ବେସାମରିକ ବିମାନ ପରିବହନ ମୁରଲୀଧର ମୋହଲ, ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଅର୍ଥମନ୍ତ୍ରୀ, ଛତିଶଗଡ଼ ସରକାର, ଓମ ପ୍ରକାଶ ଚୌଧୁରୀ ପ୍ରମୁଖ ଅଭିଭାଷଣ ରଖି ଥିଲେ । କାର୍ଯ୍ୟକ୍ରମରେବେସାମରିକ ବିମାନ ପରିବହନ ମନ୍ତ୍ରାଳୟର ସଚିବ ସମୀର ସିହ୍ନା ସ୍ୱାଗତ ଭାଷଣ ଦେଇଥିବା ବେଳେ, ପ୍ରମୁଖ ଶାସନ ସଚିବ ବାଣିଜ୍ୟ ଓ ପରିବହନ ବିଭାଗ ଉଷା ପାଢ଼ୀ ବିବରଣୀ ରଖିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ସତ୍ୟନାରାୟଣ ଦାସଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା

ପୁରୀ (ଭାସ୍କର ନ୍ୟୁଜ) : ଚଳିତ ମାସ ରବିବାର ଦିନ ଆମ ପୁରୀର ଜଣେ ଫୋଟୋଗ୍ରାଫର ସହକର୍ମୀ ସତ୍ୟନାରାୟଣ ଦାସ (ଚିକୁ )ଙ୍କ ସଡକ ଦୁର୍ଘଟଣା ଜନିତ ମୃତ୍ୟୁ ହୋଇଯାଇଥିଲା। ଏହି ପରିପ୍ରେକ୍ଷୀରେ ଶନିବାର ସନ୍ଧ୍ୟା ୭ଘଟିକା ସମୟରେ ବଡଦାଣ୍ଡ ସ୍ଥିତ ମାଉସୀମାଙ୍କ ମନ୍ଦିର ସମ୍ମୁଖରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ ପୁରୀର ଫଟୋଗ୍ରାଫର ମାନଙ୍କ ଦ୍ୱାରା ହୋଇଥିଲା । ଏହି ସଭାରେ ବରିଷ୍ଠ ଫୋଟୋଗ୍ରାଫର ସଦସ୍ୟମାନେ ଶରତ ପାତ୍ର, ଦେବେନ୍ଦ୍ର ନନ୍ଦ, ରଞ୍ଜିତ ପଟନାୟକ, ଶିବଚରଣ ମହାନ୍ତି, ହରପ୍ରସାଦ ଚାଟାର୍ଜୀ, ଅମୀୟ ପଣ୍ଡା, ସୁଦୀପ୍ତ ମିଶ୍ର, ଏମଡି ଉଆଜିରଉଆଲା, କୃଷ୍ଣଚନ୍ଦ୍ର ଷଡଙ୍ଗୀ, ସୁରେନ୍ଦ୍ର ସାହୁ, ପ୍ରକାଶ ଦଳେଇ, ମିଥୁନ ଜେନା, ଉମେଶଙ୍କା ଲେଙ୍କା, ରଞ୍ଜନ ସୁବୁଦ୍ଧି, ବିଷ୍ଣୁ ତ୍ରିପାଠୀ, ଗୁରୁପ୍ରସାଦ, ଅଭିଷେକ ମହାନ୍ତି, ବିଶ୍ୱରଞ୍ଜନ, ସୁକାନ୍ତ ସାହୁ,ତପନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଏହି ଦୁଖଦ ସମୟରେ ନିରବ ପ୍ରାଥନା କରି ଭଗବାନ ତାଙ୍କ ଅମର ଆତ୍ମାକୁ ବୈକୁଣ୍ଠ ପ୍ରାପ୍ତ କରିବା ପାଇଁ ମହାପ୍ରଭୁଙ୍କ ଚରଣାର୍ଥେ ଦୀପ ପ୍ରଜ୍ୱଳନ ସହିତ ନଗଦ କିଛି ଟଙ୍କା ନିଜ ନିଜ ମଧରେ ସଂଗ୍ରହ କରି ପରଲୋକ ଗମନ କରିଥିବା ସତ୍ୟନାରାୟଣଙ୍କ ମାତ୍ର ୮ ମାସର ପୁତ୍ର ସନ୍ତାନ ଉଦ୍ଦେଶ୍ୟରେ ପରିବାରକୁ ହସ୍ତାନ୍ତର କରିଥିଲେ ।

# ରାୟଗଡ଼ାରେ ବେଦାନ୍ତ ଆଲୁମିନିୟମର ମାଗଣା ଚକ୍ଷୁ ପରୀକ୍ଷା ଶିବିର




ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍, ଏଲଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ ସହିତ ମିଶି ରାୟଗଡ଼ାର କାଶୀପୁର ବ୍ଲକର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚସି)ରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରିଥିଲା। ଏହି ପଦକ୍ଷେପ କାଶୀପୁର ବ୍ଲକ ଏବଂ ନିକଟସ୍ଥ ଗ୍ରାମଗୁଡ଼ିକର ୧୬୫ରୁ ଅଧିକ ବାସିନ୍ଦାଙ୍କୁ ଉପକୃତ କରିଥିଲା, ଯାହା ଗୋଷ୍ଠି ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ବୃଦ୍ଧି ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ଦର୍ଶାଇଥିଲା । ଏହି ଶିବିରରେ ମୋତିଆବିନ୍ଦୁ ଏବଂ ଅନ୍ୟାନ୍ୟ ଚକ୍ଷୁ ସମ୍ବନ୍ଧୀୟ ସମସ୍ୟାର ପ୍ରାରମ୍ଭିକ ଚିହ୍ନଟ ଉପରେ ଧ୍ୟାନ ଦିଆଯାଇଥିଲା। କାଶୀପୁରର ଭାରପ୍ରାପ୍ତ ଇନ୍ସପେକ୍ଟର ଦେବବ୍ରତ ମଲ୍ଲିକ, କାଶୀପୁରର ସିଏଚସି ମୁଖ୍ୟ ଡକ୍ଟର ନେତ୍ରାନନ୍ଦ ନାୟକଙ୍କ ଉପସ୍ଥିତିରେ ସ୍ଥାନୀୟ ସ୍ୱାସ୍ଥ୍ୟ କର୍ମୀ ଏବଂ ସମ୍ପ୍ରଦାୟ ପ୍ରତିନିଧିଙ୍କ ସହିତ ଏହାକୁ ଉଦଘାଟନ କରିଥିଲେ। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ବେଦାନ୍ତ ଆଲୁମିନିୟମରେ, ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଉପଲବ୍ଧତା ନିଶ୍ଚିତ କରିବା ଆମର ସମ୍ପ୍ରଦାୟ ବିକାଶ ପ୍ରୟାସର ଏକ ମୂଳଦୁଆ। କମ୍ପାନୀର ପ୍ରୟାସକୁ ପ୍ରଶଂସା କରି, କମ୍ୟୁନିଟି ହେଲଥ ସେଣ୍ଟରର ମୁଖ୍ୟ ଡକ୍ଟର ନେତ୍ରାନନ୍ଦ ନାୟକ କହିଛନ୍ତି, "ଗ୍ରାମୀଣ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଆବଶ୍ୟକତା ପୂରଣ କରିବାରେ ଏହି ପଦକ୍ଷେପ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଚକ୍ଷୁ ସ୍ୱାସ୍ଥ୍ୟ ସଚେତନତାକୁ ଆଗକୁ ବଢାଇବା ଏବଂ ଆମ ସମ୍ପ୍ରଦାୟ ପାଇଁ ଗୁଣାତ୍ମକ ସେବାକୁ ଅଧିକ ସୁଲଭ କରିବାରେ ବେଦାନ୍ତ ଆଲୁମିନିୟମର ସହଭାଗୀତାକୁ ଆମେ ପ୍ରଶଂସା କରୁଛୁ।" ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଭିତ୍ତିଭୂମି ଏବଂ ତୃଣମୂଳ କ୍ରୀଡା ଏବଂ ସଂସ୍କୃତିକୁ ପ୍ରୋତ୍ସାହିତ କରି ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା ପାଇଁ ଉତ୍ସର୍ଗୀକୃତ ରହିଛି। ଏହି ପ୍ରୟାସଗୁଡ଼ିକ ବେଦାନ୍ତ ଆଲୁମିନିୟମର କାର୍ଯ୍ୟକ୍ଷମ କ୍ଷେତ୍ର ମଧ୍ୟରେ ଏବଂ ବାହାରେ ପରିବର୍ତ୍ତନ ଆଣିବା ପାଇଁ ପ୍ରତିବଦ୍ଧତାକୁ ରେଖାଙ୍କିତ କରେ, ଓଡ଼ିଶାର ସାମଗ୍ରିକ ଅଭିବୃଦ୍ଧି ଏବଂ ଉନ୍ନତି ପାଇଁ ସମ୍ପ୍ରଦାୟ ଅବଦାନର ଭାବନାକୁ ପ୍ରୋତ୍ସାହିତ କରେ। ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ଗୋଷ୍ଠି ଅଂଶୀଦାରମାନଙ୍କ ସହିତ ଘନିଷ୍ଠ ଭାବରେ ସହଯୋଗ କରି, କମ୍ପାନୀ ନିଶ୍ଚିତ କରେ ଯେ ଏହାର ହସ୍ତକ୍ଷେପ ଦୃଢ ସାମାଜିକ-ଆର୍ଥିକ ପ୍ରଗତି ଆଡ଼କୁ ନେଇଯାଏ। ବେଦାନ୍ତ ଲିମିଟେଡର ଏକ ବ୍ୟବସାୟ, ବେଦାନ୍ତ ଆଲୁମିନିୟମ୍, ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ, ଯାହା ଆର୍ଥିକ ବର୍ଷ ୨୫ ମସିହାରେ ଭାରତର ଅଧାରୁ ଅଧିକ ଅର୍ଥାତ୍ ୨.୪୨ ନିୟୁତ ଟନ୍ ଆଲୁମିନିୟମ୍ ଉତ୍ପାଦନ କରିଛି। ଏହା ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦରେ ଏକ ନେତା ଯାହା ମୁଖ୍ୟ ଶିଳ୍ପଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ ଖୋଜେ। ଆଲୁମିନିୟମ୍ ଶିଳ୍ପ ପାଇଁ ଗ୍ଲୋବାଲ୍ କର୍ପୋରେଟ୍ ସଷ୍ଟେନେବିଲିଟି ଆସେସମେଣ୍ଟ ୨୦୨୪ ବିଶ୍ୱ ରାଙ୍କିଂରେ ବେଦାନ୍ତ ଆଲୁମିନିୟମ୍ ଦ୍ୱିତୀୟ ସ୍ଥାନରେ ଅଛି, ଯାହା ଏହାର ପ୍ରମୁଖ ସ୍ଥାୟୀ ବିକାଶ ଅଭ୍ୟାସର ପ୍ରତିଫଳନ।


झारखण्ड सरकार
अधीक्षक का कार्यालय, शहीद निर्मल महतो मेडिकल कॉलेज अस्पताल, धनबाद
दूरभाष : 0326-2230352(O), 9431120164(M)
Email: superintendentsnmmch@gmail.com

पत्रांक :– 1367/SNMMCH    दिनांक :– 25.08.2025

अति अल्पकालीन ई–निविदा सूचना

शहीद निर्मल महतो चिकित्सा महाविद्यालय अस्पताल, धनबाद में वित्तीय वर्ष 2025–26 के लिए मानक स्तर के निर्माताओं अथवा उनके अधिकृत एवं अनुभवी वितरक से केमिकल की आपूर्ति हेतु तृतीय बार 2–बोली व्यवस्था (2-bid system) के अन्तर्गत ONLINE निविदा आमंत्रित किया जाता है। ई–निविदा को www.jharkhandtenders.gov.in पर देखी जा सकती है। निविदा अपलोड करने की अंतिम तिथि– 08.09.2025 को संध्या 5.00 बजे तक होगी।

ह0/–अधीक्षक
शहीद निर्मल महतो चिकित्सा महाविद्यालय अस्पताल, धनबाद

PR 360437 (Health Med Edu and Family Welfare)25-26*D



झारखण्ड सरकार
कार्यपालक अभियंता का कार्यालय
ग्रामीण विकास विशेष प्रमण्डल, हजारीबाग

ई– अल्पकालीन निविदा आमंत्रण सूचना

ई–निविदा सं0 :– RDSPL/SD/HZB/08/2025-26

1. कार्य की विस्तृत विवरणी :

| ग्रुप सं0 | आईडेन्टी फिकेशन संख्या /पैकेज संख्या | प्रखण्ड | योजना का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|---|---|
| 1. | RDSPL/SD/HZB/8/2025-26 | बड़कागांव | हजारीबाग जिला के बड़कागांव प्रखण्ड अंतर्गत जरजरा चौक से गरसुल्ला जाने वाले पथ में तेतरिया नाला पर पुल निर्माण कार्य। | 29597400.00 | 592000.00 | 10000.00 | 15 माह |

2. वेबसाइट में निविदा प्रकाशन की तिथि – 02.09.2025
3. ई–निविदा प्राप्ति की तिथि एवं समय – दिनांक 02.09.2025 से दिनांक 12.09.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, हजारीबाग
5. ई–निविदा खोलने की तिथि एवं समय –13.09.2025 अपराह्न 5:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, हजारीबाग
7. ई–निविदा प्रकोष्ठ का दूरभाष सं० – 9430154806
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, हजारीबाग

PR 360426 Rural Development(25-26)#D



कार्यपालक अभियंता का कार्यालय
ग्रामीण विकास विषेश प्रमंडल, पश्चिमी सिंहभूम, चाईबासा

अति अल्पकालीन ई-निविदा आमंत्रण सूचना

ई–निविदा सूचना संख्या – RDD/SD/CHAIBASA/07/2025-26(DMFT Fund)

1. कार्य की विस्तृत विवरणी :

| क्र० सं० | प्रखण्ड | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|---|
| 1 | मनोहरपुर | चिड़िया पंचायत में बिनुवा गांव अंकेआ टोला के मेन सड़क से उप स्वास्थ्य केन्द्र भवन होते हुए मुख्य सड़क तक पी०सी०सी० पथ निर्माण। | 4520100.00 | 90500.00 | 5000.00 | 3 माह |
| 2 | आनन्दपुर | आनन्दपुर पंचायत में ग्राम बेड़ाइचिंडा रमण टोला से खड़िया टोला तक पी०सी०सी० पथ निर्माण। | 23141900.00 | 463000.00 | 10000.00 | 6 माह |
| 3 | गोईलकेरा | गोईलकेरा पंचायत के गाईलकेरा थाना नीचे से क्रिस्तानटोला/बेड़ाहुण्डरू सिमाना होते हुए पुराना गोईलकेरा कुम्हार टोला होते हुए संतपाल/उर्सला विद्यालय तक पी०सी०सी० पथ एवं पुलिया निर्माण। | 15033600.00 | 300700.00 | 10000.00 | 6 माह |
| 4 | गुदड़ी | बान्दु पंचायत के ग्राम बुरूउरूडिंग से गिरू तक पी०सी०सी० पथ निर्माण। | 24832700.00 | 497000.00 | 10000.00 | 6 माह |
| 5 | गोईलकेरा | सारूगाड़ा पंचायत के High School Serengada Project +2 का चहारदिवारी निर्माण। | 4131500.00 | 82700.00 | 5000.00 | 3 माह |
| 6 | आनन्दपुर | बिंजु पंचायत के UPG High School Binju का चहारदिवारी निर्माण। | 3987500.00 | 80000.00 | 5000.00 | 3 माह |
| 7 | गोईलकेरा | गोईलकेरा पंचायत के KGBV Goelkera में चहारदीवारी निर्माण। | 5656700.00 | 120000.00 | 10000.00 | 6 माह |

2. वेबसाइट में निविदा प्रकाशन की तिथि– 28.08.2025
3. ई–निविदा प्राप्ति की तिथि एवं समय –दिनांक 28.08.2025 से दिनांक 09.09.2025 को अपराह्न 2:00 बजे तक
4. ई–निविदा खोलने का स्थान–कार्यपालक अभियंता का कार्यालय, ग्रामीण विकास विशेष प्रमण्डल, पश्चिमी सिंहभूम, चाईबासा।
5. ई–निविदा खोलने की तिथि एवं समय – 10.09.2025 अपराह्न 5:00 बजे
6. ई–निविदाआमंत्रित करने वाले पदाधिकारी का नाम एवं पता :–कार्यपालक अभियंता, ग्रामीण विकास विशेष प्रमंडल, पश्चिमी सिंहभूम, चाईबासा।
7. ई–निविदा प्रकोष्ठ का दूरभाष सं०–8709623131 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. सरकार के संयुक्त सचिव ग्रामीण कार्य विभाग झारखण्ड सरकार राँची के पत्रांक 02(नि०नि०–17)–251/23 ग्रामीण कार्य विभाग 3130(अनु०), राँची, दिनांक 09.10.2023 द्वारा दिये गये निदेश के अनुपालन में सभी कागजात के साथ, निविदा शुल्क एवं अग्रधन की राशिं Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाब देही आपकी होगी।
11. निविदा खोलने की तिथि से 5 दिनों के अन्दर निविदादाता द्वारा अपनी आपत्ति/दावा दर्ज कराये अन्यथा अवधि बीतने के पश्चात् कोई भी आपत्ति /दावा मान्य नहीं होगा।
12. ग्रामीण विकास विभाग (ग्रामीण कार्य मामले) झारखण्ड के अन्तर्गत पंजीकृत समुचित श्रेणी के संवेदक भाग ले सकेगें ।
13. बिना कारण बताये किसी भी समय निविदा को रद्द करने का अधिकार अधोहस्ताक्षरी को सुरक्षित रहेगा।
14. जिन संवेदक का कार्य लंबित है उनको कार्य आवंटन नहीं किया जायेगा।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचनापट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल,
पश्चिमी सिंहभूम, चाईबासा

PR 360378 West Singhbhum (25-26)_D



कार्यपालक अभियंता का कार्यालय
लघु सिंचाई प्रमंडल, दुमका।

रद्ध–पत्र

एतद द्वारा सूचित किया जाता है कि इस कार्यालय के द्वारा आमंत्रित निविदा संख्या – W.R.D./M.I.D./DUMKA/$F_2$-01/2025-26 Dated – 18.06.2025 एवं PR 355383 Irrigation (25-26).D के क्रमांक – 05 को अपरिहार्य कारणवश रद्द किया जाता है।

ह0/–
कार्यपालक अभियंता,
लघु सिंचाई प्रमंडल, दुमका।

PR 360388 (Minor Irrigation) 25-26 (D)



ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

DISTRICT PROJECT OFFICE,SAMAGRA SHIKSHA,BHADRAK

n-129

No. 2191 / PLG./2025    Dated. 21.08/2025

TENDER CALL NOTICE FOR PRINTING & SUPPLY OF IDENTITY CARD & BADGE FOR PM SHRI SCHOOL STUDENTS AND TEACHERS

Sealed tenders under two bid systems are invited from the reputed agency/supplier/manufacturer having valid PAN, GST & IT clearance, registration of firm etc for supply of **Identity Card & PM SHRI Logo Badge for PM SHRI School students & teachers under PM SHRI scheme.** The tender papers ( bid documents ) containing detailed specification with terms and conditions ,application of Technical Bid & application of Financial Bid can be obtained by downloading form the web site i.e. www.bhadrak.odisha.gov.in and www.osepa.odisha.gov.in. The bidders are required to submit demand Draft **of Rs. 2000/- (Rupees Two thousand only)** drawn in favour of Dist. Project Coordinator, SS, Bhadrak towards cost of tender paper along with the application of technical bid. The last date and time for receiving of tender paper is **08 /09/2025 at 5.00 P.M** and will be opened on the next day. on dtd. **09 /9/2025 at 11.00** in the office of the Collectorate Bhadrak in presence of tenderers or their authorized representatives. Corrigendum/addendum if required will be uploaded in the above web site. Hence potential bidders are requested to go through with the above web site. The authority reserves the right to reject any or all the tenders without assigning any reasons thereof.

Sd/- Collector-cum-Chairman
Samagra Shiksha, Bhadrak

OIPR 27135/11/0004/2526



ODISHA STATE HOUSING BOARD
SCHIVALAYA MARG, BHUBANESWAR – 751001
Phones EPABX: (0674) 2393524, 2390141, 2391542, 2393277, FAX: (0674) 2393952
Visit us at: http://www.oshb.org

CAD-1583

No- 726/CE/OSHB
File No- PEED-12/2024

Dated -21.08.2025

TENDER CALL NOTICE NO 04/CE/OSHB/2025-26
E-procurement notice for online bidding
Chief Engineer, OSHB invites online tenders as per the following schedule.

| Sl No | Name of the work | Approximate estimate cost in ₹ | EMD required in ₹ | Class of Contractor | Period of completion |
|---|---|---|---|---|---|
| 1 | Supply, installation, commissioning testing, and inspection of 02 nos of 10(Ten) passenger lift to Head Office Building, OSHB, Bhubaneswar with dismantling and buyback of the existing lifts and Comprehensive Maintenance Contract (CMC) for a period of 03 years | 47.03 lakh | 48,000/- | Manufacturer (OEM)/ Authorised Dealer | 6 (Six) months |

1. Other details.

| Procurement Officer | Bid Identification No | Availability of Tenders for online bidding | |
|---|---|---|---|
| Chief Engineer, OSHB, Bhubaneswar | 04/CE/OSHB/2025-26 | From 26/08/2025 at 1.00 P.M | To Dt. 09.09.2025 up to 3.00 P.M |

2. Place and date of opening of the bids - Office of the Chief Engineer, OSHB, Bhubaneswar at 12.30 P.M on Dt. 10/09/2025.

Further details can be seen from the website www.tendersorissa.gov.in.

-sd-
Chief Engineer

OIPR 13030/11/0834/2526



AFFIDAVIT

By virtue of an affidavit sworn before the Executive Magistrate, Nimapara, dated: 19.08.2025, I Durksan Mahejabi Akhtar, Address: At- Siripari, Po- Abhayamukhi, Ps- Balipatna, Dist- Khordha, Odisha, PIN-752103, declare that I have changed my name from Apasana Begum to Durksan Mahejabi Akhtar. Henceforth, I shall be known as Durksan Mahejabi Akhtar for all purposes.

Sd/- Durksan Mahejabi Akhtar

AFFIDAVIT

By virtue of an affidavit sworn before the Executive Magistrate, Pattamundai, dated: 15.07.2025, I Rasmita Barik, Address: At- Gopalpur, Po- Taradipal, Ps- Pattamundai, Dist- Kendrapara, Odisha, PIN-754240, declare that I have changed my son's name from Jashobat Barik to Yashobanta Barik. Henceforth, he shall be known as Yashobanta Barik for all purposes.

Sd/- Rasmita Barik



ନୂଆଦିଲ୍ଲୀ: ଫୌଜଦାରୀ ମାମଲାରେ ଗିରଫ ହେବା ପରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀଙ୍କୁ ସେମାନଙ୍କ ପଦବୀରୁ ହଟାଇବା ପାଇଁ ବିଲ୍ ଉପରେ ଆପ ସଂଯୋଜକ ଅରବିନ୍ଦ କେଜରିୱାଲ ତୀବ୍ର ପ୍ରତିକ୍ରିୟା ଦେଇଛନ୍ତି। ସେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ବୟାନକୁ ବିରୋଧ କରି କହିଛନ୍ତି ଯେ ଯେଉଁ ବ୍ୟକ୍ତି ଗମ୍ଭୀର ଅପରାଧର ଅଭିଯୁକ୍ତଙ୍କୁ ତାଙ୍କ ଦଳରେ ସାମିଲ କରନ୍ତି ଏବଂ ସେମାନଙ୍କର ସମସ୍ତ ମାମଲା ସମାଧାନ କରନ୍ତି ଏବଂ ସେମାନଙ୍କୁ ମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ କରନ୍ତି, ସେପରି ମନ୍ତ୍ରୀ/ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ତାଙ୍କ ପଦବୀ ଛାଡିବା ଉଚିତ କି ? ଏପରି ବ୍ୟକ୍ତିଙ୍କୁ କେତେ ବର୍ଷ ଜେଲ୍ ହେବା ଉଚିତ? ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଇନଷ୍ଟାଗ୍ରାମରେ ଅମିତ ଶାହଙ୍କ ବୟାନକୁ ଉଦ୍ଧୃତ କରି ଲେଖିଛନ୍ତି, 'ଯଦି କାହା ବିରୁଦ୍ଧରେ ମିଥ୍ୟା ମାମଲା ରୁଜୁ ହୁଏ ଏବଂ ତାଙ୍କୁ ଜେଲ୍ ପଠାଯାଏ ଏବଂ ପରେ ସେ ନିର୍ଦୋଷ ସାବ୍ୟସ୍ତ ହୁଅନ୍ତି, ତେବେ ତାଙ୍କ ବିରୁଦ୍ଧରେ ମିଥ୍ୟା ମାମଲା ରୁଜୁ କରିଥିବା ମନ୍ତ୍ରୀଙ୍କୁ କେତେ ବର୍ଷ ଜେଲ୍ ହେବା ଉଚିତ ?

## ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ଜେଡ୍+ ସୁରକ୍ଷା



ନୂଆଦିଲ୍ଲୀ: ଦିଲ୍ଲୀ ପୁଲିସ ପକ୍ଷରୁ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସୁରକ୍ଷା ବୃଦ୍ଧି କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କୁ ଏଣିକି ଜେଡ୍+ ସୁରକ୍ଷା ଯୋଗାଇ ଦିଆଯିବ। ରେଖାଙ୍କ ଉପରେ ଆକ୍ରମଣ ହେବା ପରେ ପୁଲିସ ପକ୍ଷରୁ ଏହି ପଦକ୍ଷେପ ନିଆଯିବ। ତାଙ୍କ ସୁରକ୍ଷାରେ ୪୦ ସୁରକ୍ଷାକର୍ମୀ ନିୟୋଜିତ ରହିବେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ଆସିବାକୁ ଥିବା ପରିଦର୍ଶକମାନଙ୍କୁ ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଜରିଆରେ ଯାଞ୍ଚ କରାଯାଇ ଭିତରକୁ ପ୍ରବେଶ ଅନୁମତି ଦିଆଯିବ। ଆକ୍ରମଣ ଘଟଣା ପରେ ସ୍ୱରାଷ୍ଟ୍ର ମନ୍ତ୍ରାଳୟ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଜେଡ୍ କାଟାଗୋରୀ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦେବାକୁ ସିଆରପିଏଫକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଏହାକୁ ପରେ ପ୍ରତ୍ୟାହାର କରିନିଆଯାଇଥିଲା। ଏହା ପରେ ଦିଲ୍ଲୀ ପୁଲିସ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାକୁ ନିଜ ହାତକୁ ନେଇଥିଲା। ମୁଖ୍ୟମନ୍ତ୍ରୀଙ୍କ ପାଇଁ ଜେଡ୍+ ସୁରକ୍ଷା ସହ ଅତିରିକ୍ତ ସୁରକ୍ଷାକର୍ମୀ ନିୟୋଜିତ କରିବା ଭଳି ବ୍ୟବସ୍ଥା ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ସହିତ ସର୍ବଦା ୪୦ କର୍ମଚାରୀ ସୁରକ୍ଷା ଦାୟିତ୍ୱରେ ରହିବେ। ସୂଚନାଯୋଗ୍ୟ, ଗତ ୨୦ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି କାର୍ଯ୍ୟକ୍ରମରେ ଜଣେ ବ୍ୟକ୍ତି ତାଙ୍କୁ ଆକ୍ରମଣ କରିଥିଲେ।

## ଛତିଶଗଡରେ ପୁଞ୍ଜି ନିବେଶ ପାଇଁ ଶିଳ୍ପପତି ସହମତ: ବିଷ୍ଣୁଦେବ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ଜାପାନ ଗସ୍ତ ସମୟରେ ସୋମବାର ଓସାକା ଠାରେ ଆୟୋଜିତ ନିବେଶ ସମ୍ମିଳନୀରେ ଉପସ୍ଥିତ ରହି ଶିଳ୍ପପତିଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଶ୍ରୀ ସାଏ ଛତିଶଗଡର ପ୍ରାକୃତିକ ସମ୍ବଳ, ଦକ୍ଷତା ଏବଂ ଶିଳ୍ପନୀତିକୁ ନେଇ ସେମାନଙ୍କୁ ଅବଗତ କରାଇଥିଲେ। ଓସାକାଠାରେ ଆୟୋଜିତ ଏହି ନିବେଶକାରୀ ସମ୍ମିଳନୀରେ ଶ୍ରୀ ସାଏ କହିଥିଲେ ଯେ, ଛତିଶଗଡ ଏବଂ ଜାପାନ ଶିଳ୍ପପତିଙ୍କ ଭାଗିଦାରୀରେ ଛତିଶଗଡରେ ଶିଳ୍ପର ବିକାଶ ହୋଇପାରିବ। ସେ ଏହି ଅବସରରେ ଘୋଷଣା କରିଥିଲେ ଯେ, ସରତାଜ ଫୁଡ୍ସ ଛତିଶଗଡରେ ୧୦୦କୋଟି ଟଙ୍କା ବିନିଯୋଗରେ ଏକ ଖାଦ୍ୟପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ କରିବ। ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରକୁ ଏହା ଏକ ଶକ୍ତି ଯୋଗାଇବ। ଏଥିସହ ବିପୁଳ ପରିମାଣର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ଏବଂ ସ୍ଥାନୀୟ ଚାଷିମାନେ ଏଥିରେ ଉପକୃତ ହୋଇପାରିବେ। ଏହାପରେ ଶ୍ରୀ ସାଏ ମୋରାକୁ ହାନସିନ ନିର୍ଦ୍ଦେଶକ ନ୍ୟାୟୁକି ସାମାୟାଙ୍କ ସାକ୍ଷାତ କରି ଆଲୋଚନା କରିଥିଲେ। ଏହି ସଂସ୍ଥା କୃଷକ ଯନ୍ତ୍ର ପ୍ରସ୍ତୁତ କରିବା ସହ ଦକ୍ଷତା ତାଲିମ ଦେବାରେ ପ୍ରବୀଣ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ଯାଇଥିବା ଛତିଶଗଡର ଅଧିକାରୀମାନେ ଛତିଶଗଡର ଶିଳ୍ପନୀତି ନେଇ ପୁଞ୍ଜିପତିମାନଙ୍କୁ ଅବଗତ କରାଇଥିଲେ। ଖଣିଜ ସଂପଦରେ ପରିପୂର୍ଣ୍ଣ ଥିବା ଛତିଶଗଡରେ ଶିଳ୍ପ ପ୍ରତିଷ୍ଠା କଲେ ବିଶ୍ୱସ୍ତରୀୟ ଭିତ୍ତିଭୂମି ଯୋଗାଇ ଦେବା ସହ ସିଙ୍ଗଲ ୱିଣ୍ଡୋ କ୍ଲିୟାନ୍ସ ମାଧ୍ୟମରେ ସମସ୍ତ କାଗଜପତ୍ର ପ୍ରସ୍ତୁତି କରାଯିବାର ପ୍ରତିଶ୍ରୁତି ଦେଇଥିଲେ।

## ପ୍ରାଥମିକ ସଦସ୍ୟ ପଦରୁ ବିଧାୟକ ନିଲମ୍ବିତ



ତିରୁଅନନ୍ତପୁରମ : ଯୌନ ଦୁରାଚାର ଅଭିଯୋଗର ସମ୍ମୁଖୀନ ହୋଇଥିବା କଂଗ୍ରେସ ନେତା ତଥା ପଲ୍ଲକଡ୍ ବିଧାୟକ ରାହୁଲ ମମକୁଟିଥଲଙ୍କୁ ସୋମବାର ପାର୍ଟିର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବିତ କରାଯାଇଛି। କେରଳ ପ୍ରଦେଶ କଂଗ୍ରେସ କମିଟି (କେପିସିସି) ମୁଖ୍ୟ ସନି ଜୋସେଫ ଏହି ସୂଚନା ଦେଇଛନ୍ତି। ତେବେ ବିଧାୟକ ପଦରୁ ମମକୁଟିଥଲଙ୍କ ଇସ୍ତଫା ପାଇଁ ରାଜନୈତିକ ବିରୋଧୀଙ୍କ ଦାବିକୁ ଜୋସେଫ ଅଗ୍ରାହ୍ୟ କରିଦେଇଛନ୍ତି। ଜୋସେଫ କହିଛନ୍ତି ଯେ ବିଧାୟକ ଉପରେ ଅଭିଯୋଗ ବା ମାମଲା ରୁଜୁକୁ ଅପେକ୍ଷା ନକରି କେରଳ ଯୁବ କଂଗ୍ରେସ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇ ଏକ ଉଦାହରଣ ସ୍ଥାପନ କରିଛନ୍ତି। ଇରିଟି ସ୍ଥିତ ବାଭଲକକରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଜୋସେଫ କହିଛନ୍ତି ଯେ ମମକୁଟିଥଲଙ୍କ ବିରୋଧରେ ଅଭିଯୋଗକୁ କଂଗ୍ରେସ ଗୁରୁତର ମନେ କରୁଛି। ଏଣୁ କେରଳ କଂଗ୍ରେସ କମିଟି ଏ ନେଇ ବିରୋଧୀ ଦଳ ନେତା ଭି.ଡି.ସତୀସନ, କେପିସିସିର ପୂର୍ବତନ ମୁଖ୍ୟ ତଥା ରାଜ୍ୟ ଏଆଇସିସି କାର୍ଯ୍ୟକମିଟିର ସଦସ୍ୟଙ୍କ ସମେତ ବିଭିନ୍ନ ନେତାଙ୍କ ସହ ପରାମର୍ଶ କରି ଏହି ମାମାଲାରେ ସର୍ବସମ୍ମତ ନିଷ୍ପତ୍ତି ନେଇଛି। ଜୋସେଫ କହିଛନ୍ତି ଯେ ଏ ନେଇ ପାର୍ଟିକୁ ଏ ପର୍ଯ୍ୟନ୍ତ କୌଣସି ଅଭିଯୋଗ ମିଳି ନାହିଁ। ମାମଲାରେ ଆଇନଗତ ଅଭିଯୋଗ ମଧ୍ୟ ହୋଇନି। କେଉଁଠାରେ ବି କୌଣସି ପ୍ରକାରର ମାମଲା ରୁଜୁ ହୋଇ ନାହିଁ। ଏଣୁ ରାଜନୈତିକ ବିରୋଧୀଙ୍କ ଦ୍ୱାରା ମମକୁଟିଥଲଙ୍କ ଇସ୍ତଫା ଦାବିର କୌଣସି ଔଚିତ୍ୟ ନାହିଁ। ମାଲାୟଲମ ଅଭିନେତ୍ରୀ ରିନୀ ଏନ.ଜର୍ଜ ଏକ ରାଜନୈତିକ ଦଳର ଯୁବ ନେତାଙ୍କ ଉପରେ ଦୁର୍ବ୍ୟବହାର ଅଭିଯୋଗ କରିବା ପରେ ବିଜେପି, ମାର୍କସବାଦୀ କମ୍ୟୁନିଷ୍ଟ ପାର୍ଟି (ମାକପା) ଓ ଡେମୋକ୍ରାଟିକ ୟୁଥ ଫେଡେରେସନ ଅଫ ଇଣ୍ଡିଆ (ଡିୱାଇଏଫଆଇ) ବିରୋଧ ପ୍ରଦର୍ଶନ କରିବା ପରେ ମମକୁଟିଥଲ ଯୁବ କଂଗ୍ରେସ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଛନ୍ତି।

### ସେପ୍ଟେମ୍ବର ୨୬ରେ ଅବସର ନେବ ବାୟୁସେନା ମୁଖ୍ୟ
## ବିଦାୟ ପୂର୍ବରୁ ଉଡାଣ କଲେ ଏମ୍‌ଆଇଡି-୨୧



ବିକାନେର : ବାୟୁ ସେନାରୁ ସମ୍ପୂର୍ଣ୍ଣ ରିଟାୟାର ହେବାର ଠିକ୍ ପୂର୍ବରୁ ମିଗ୍-୨୧କୁ ବାୟୁସେନା ମୁଖ୍ୟ ଏୟାରଚିଫ୍ ମାର୍ଶଲ ଏ.ପି.ସିଂହ ଶେଷ ଥର ଉଡାଣ କରିଛନ୍ତି। ୨୫ ଅଗଷ୍ଟ ସୋମବାର ବାୟୁସେନା ମୁଖ୍ୟ ବିକାନେର ନିକଟସ୍ଥ ନାଲ ଏୟାର ବେସ୍ ରେ ସାଥୀ ଫାଇଟର ପାଇଲଟ୍ ସ୍କ୍ୱାଡ୍ରନ ଲିଡର ପ୍ରିୟାଙ୍କ ସହିତ ସେ ଏହି ଉଡାଣ କରିଛନ୍ତି। ଆଗାମୀ ମାସରେ ଅର୍ଥାତ ସେପ୍ଟେମ୍ବର ୨୬ ତାରିଖରେ ମିଗ୍-୨୧ ଭାରତୀୟ ବାୟୁସେନାରୁ ଅବସର ଗ୍ରହଣ କରିବ। ନାଲ ଏୟାରବେସ୍‌ରେ ମିଗ୍-୨୧ର ଶେଷ ସ୍କ୍ୱାଡ୍ରନ(ସ୍କ୍ୱାଡ୍ରନ-୨୩) ମୁତୟନ ଅଛି। ଏୟାର ଚିଫମାର୍ଶଲଙ୍କ ଫ୍ଲାଇଂକୁ ନେଇ ଏକ ସଂକ୍ଷିପ୍ତ ବୟାନ ଜାରି କରି ବାୟୁସେନା କହିଛି ଯେ ମିଗ୍-୨୧ର ଚିରସ୍ଥାୟୀ ଐତିହ୍ୟର ସମ୍ମାନରେ ବାୟୁସେନାମୁଖ୍ୟ ୨୩ତମ ସ୍କ୍ୱାଡ୍ରନ ପାନ୍ଥରର ପରିଦର୍ଶନ କରିଛନ୍ତି, ଯାହା ଏହି ମହାନ ଯୁଦ୍ଧବିମାନର ସଞ୍ଚାଳନ କରୁଥିବା ଶେଷ ସ୍କ୍ୱାଡ୍ରନ ଅଟେ। ବାୟୁସେନା ଅନୁସାରେ ବାୟୁସେନା ମୁଖ୍ୟ ଏକ କମ୍ବାଟ ଉଡାଣ କରିଛନ୍ତି ଓ ତାହାବି ସ୍କ୍ୱାଡ୍ରନ ଲିଡର ପ୍ରିୟାଙ୍କ ନେତୃତ୍ୱରେ, ଯାହା ପରମ୍ପରା ଓ ପରିବର୍ତ୍ତନ ଉଭୟର ପ୍ରତୀକ। ୨୬ ସେପ୍ଟେମ୍ବର ୨୦୨୫ରେ ଭାରତୀୟ ବାୟୁସେନାରେ ଦୀର୍ଘ ୬ ଦଶନ୍ଧୀର ସେବା ପରେ ମିଗ୍-୨୧ ଅବସର ଗ୍ରହଣ କରିବ। ଗତ ୬୨ ବର୍ଷରେ ସବୁଠୁ ଅଧିକ ଉଡାଣ ସତ୍ତ୍ୱେ ବିବାଦରେ ଥିବା ଭାରତୀୟ ବାୟୁସେନାର ମିଗ୍-୨୧ ଫାଇଟର ଜେଟ୍ ଶେଷରେ ସମ୍ପୂର୍ଣ୍ଣ ରିଟାୟାର ହେବାକୁ ଯାଉଛି। ଲଗାତାର ଦୁର୍ଘଟଣାଗ୍ରସ୍ତ ହେଉଥିବାରୁ ଗତ କିଛି ବର୍ଷ ହେଲା ମିଗ-୨୧କୁ ଗ୍ରାଉଣ୍ଡ କରିଦିଆଯାଇଥିଲା। ଅର୍ଥାତ ଏହି ବିମାନଗୁଡିକର ଉଡାଣ ପାଖାପାଖି ବନ୍ଦ ହୋଇ ଯାଇଥିଲା। ଋଷିଆରେ ନିର୍ମିତ ମିଗ୍-୨୧କୁ ୧୯୬୩ ମସିହାରେ ଭାରତୀୟ ବାୟୁସେନାରେ ସାମିଲ କରାଯାଇଥିଲା। ଏହା ଭାରତର ପ୍ରଥମ ସୁପରସୋନିକ୍ ଫାଇଟର ଜେଟ୍ ଥିଲା।

## ଅପରେସନ 'ସିନ୍ଦୂର'ରେ ସୀମାନ୍ତ ଅଞ୍ଚଳ ଲୋକଙ୍କ ଭୂମିକା ପ୍ରମୁଖ ଥିଲା: ରାଜନାଥ ସିଂହ



ନୂଆଦିଲ୍ଲୀ: 'ଅପରେସନ ସିନ୍ଦୂର' ସମୟରେ ସୀମାନ୍ତ ଅଞ୍ଚଳର ଲୋକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଲୋକ ମାନେ ପ୍ରଶାସନ ଏବଂ ସେନାକୁ ସମସ୍ତ ପ୍ରକାରର ସମର୍ଥନ ଦେଇଥିଲେ। ଏନେଇ ସୋମବାର ଦିନ ଯୋଧପୁରରେ ଏକ କାର୍ଯ୍ୟକ୍ରମରେ ଉଦବୋଧନ ଦେଇ କହିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ଯେ ଅପରେସନ ସିନ୍ଦୂର ସମୟରେ ଭାରତୀୟ ସୈନିକମାନେ ଆତଙ୍କବାଦୀଙ୍କୁ ସେମାନଙ୍କ ଧର୍ମ ପଚାରି ନୁହେଁ ବରଂ ସେମାନଙ୍କ କର୍ମ ଆଧାରରେ ହତ୍ୟା କରିଥିଲେ। ସେନା ପାକିସ୍ତାନକୁ କଡ଼ା ଜବାବ ଦେଇଥିଲେ। ସେନା ଯେଉଁ ଟାର୍ଗେଟଗୁଡ଼ିକୁ ଠାବ କରିଥିଲା ତାହାକୁ ସଠିକ୍ ଆକ୍ରମଣରେ ଧ୍ୱଂସ କରାଯାଇଥିଲା। ସେ ଆହୁରି ମଧ୍ୟ କହିଛନ୍ତି ଯେ ପହଲଗାମ ଆକ୍ରମଣ ବିଷୟରେ ସୂଚନା ପାଇବା ପରେ ମୁଁ ତିନି ସେନା ମୁଖ୍ୟଙ୍କୁ ଫୋନ୍ କରି ପଚାରିଥିଲି ଯେ ସେମାନେ ଅପରେସନ ପାଇଁ ପ୍ରସ୍ତୁତ କି ନାହିଁ। ତିନି ସେନା ମୁଖ୍ୟ ନିର୍ଭୀକ ଭାବରେ ଯେକୌଣସି ଅପରେସନ ପାଇଁ ପ୍ରସ୍ତୁତ ବୋଲି କହିଥିଲେ। ଭାରତ 'ବସୁଧୈବ କୁଟୁମ୍ବକମ୍' ନୀତିରେ ବିଶ୍ୱାସ କରେ। ଏହା ଜାତି ଏବଂ ଧର୍ମ ଆଧାରରେ ଭେଦଭାବ କରେ ନାହିଁ କିନ୍ତୁ ଆତଙ୍କବାଦୀମାନେ ଲୋକଙ୍କୁ ସେମାନଙ୍କ ଧର୍ମ ପଚାରି ହତ୍ୟା କରିଥିଲେ। ଅପରପକ୍ଷରେ ଏହି କାର୍ଯ୍ୟକ୍ରମ ସମୟରେ ପ୍ରତିରକ୍ଷା ମନ୍ତ୍ରୀ କ୍ରୀଡ଼ା ଏକାଡେମୀର ଉଦଘାଟନ କରିଥିଲେ। ଏହି ସମୟରେ, କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଏବଂ ଅନ୍ୟାନ୍ୟ ନେତାମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଅନୁପ୍ରବେଶ ଉଦ୍ୟମ ପଣ୍ଡ କଲା ସେନା

ନୂଆଦିଲ୍ଲୀ: ଜାମ୍ମୁ-କାଶ୍ମୀରର ଉରି ଅନ୍ତର୍ଗତ ନିୟନ୍ତ୍ରଣ ରେଖା (ଏଲଓସି)ରେ ସୋମବାର ଆତଙ୍କବାଦୀଙ୍କ ଅନୁପ୍ରବେଶ ଉଦ୍ୟମ ପଣ୍ଡ କରିଛି ସେନା। ନିୟନ୍ତ୍ରଣ ରେଖା ନିକଟରେ କିଛି ସନ୍ଦିଗ୍ଧ ଗତିବିଧି ଦେଖିବା ପରେ ଯବାନଙ୍କ ପକ୍ଷରୁ ଗୁଳିମାଡ଼ କରାଯାଇଥିଲା। ଫଳରେ ଆତଙ୍କୀମାନେ ଛତ୍ରଭଙ୍ଗ ଦେଇଥିଲେ ବୋଲି ସେନା ସୂତ୍ରରୁ ଜଣାପଡ଼ିଛି। ଏହି ଘଟଣା ପରେ ସେନା ପକ୍ଷରୁ ସେହି ଅଞ୍ଚଳରେ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଛି। ସୋମବାର ସକାଳେ ପାକିସ୍ତାନ ପଟୁ ୬ରୁ ଅଧିକ ଡ୍ରୋନ ପୁଞ୍ଚ ଜିଲାର ଏଲଓସି ଉପରେ ଚକ୍କର କାଟିଥିଲା। ପ୍ରାୟ ୫ ମିନିଟ ପରେ ସେସବୁ ଫେରିଯାଇଥିଲା। ଏଲଓସି ନିକଟବର୍ତ୍ତୀ ଅଞ୍ଚଳରେ କୌଣସି ଯବାନ ମୁତୟନ ହୋଇଛନ୍ତି କି ନାହିଁ ତାହାର ତଦାରଖ କରିବାକୁ ଏହି ଡ୍ରୋନ ଛଡ଼ାଯାଇଥିବା ଅନୁମାନ କରାଯାଉଛି। ଏହା ପରେ ଆତଙ୍କୀମାନେ ଅନୁପ୍ରବେଶ ଉଦ୍ୟମ କରିଥିଲେ।

## ଡାକ୍ତରଖାନା ଉପରେ ଇସ୍ରାଏଲର କ୍ଷେପଣାସ୍ତ୍ର ମାଡ଼, ୪ ସାମ୍ବାଦିକଙ୍କ ସମେତ ୧୫ ମୃତ

ନୂଆଦିଲ୍ଲୀ: ଗାଜା ଉପରେ ଇସ୍ରାଏଲର ଆକ୍ରମଣ ଅବ୍ୟାହତ ରହିଛି। ତେବେ ଇସ୍ରାଏଲ ଯୁଦ୍ଧରେ ନୂଆ ରଣନୀତି ଆପଣାଇଥିବା ଦେଖିବାକୁ ମିଳିଛି। ଗାଜାର ଏକ ଡାକ୍ତରଖାନା ଉପରେ ଇସ୍ରାଏଲ ସେନା ପକ୍ଷରୁ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି। ଦକ୍ଷିଣାଞ୍ଚଳରେ ଥିବା ଖାନ ୟୁନିସ ହସ୍ପିଟାଲରେ ଏହି ଆକ୍ରମଣ କରାଯାଇଥିବାବେଳେ ଏଥିରେ ୪ ଜଣ ସାମ୍ବାଦିକଙ୍କ ସମେତ ମୋଟ ୧୫ ଜଣଙ୍କ ମୃତ୍ୟୁ ଘଟିଛି। ନୂଆ ରଣନୀତି ହିସାବରେ ଇସ୍ରାଏଲ ସେନା ଉକ୍ତ ଡାକ୍ତରଖାନାକୁ ଟାର୍ଗେଟ କରି ଗୋଟିଏ କ୍ଷେପଣାସ୍ତ୍ର ମାଡ଼ କରିଥିଲା। କିଛି ସମୟ ମଧ୍ୟରେ ସେଠାରେ ଉଦ୍ଧାରକାରୀ ଦଳ ପହଞ୍ଚିଥିଲା। ଉଦ୍ଧାରକାର୍ଯ୍ୟ ଚାଲିଥିବା ସମୟରେ ପୁଣି ଏକ କ୍ଷେପଣାସ୍ତ୍ର ମାଡ଼ ହୋଇଥିଲା। ଯାହାଫଳରେ ୧୫ ଜଣଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ଆଉ କିଛି ଲୋକ ଆହତ ହୋଇଥିବା ସୂଚନା ମିଳିଛି। ତେବେ ଇସ୍ରାଏଲ-ହମାସ ମଧ୍ୟରେ ଯୁଦ୍ଧ ଆରମ୍ଭ ହେବା ଦିନଠାରୁ ଏହି ଡାକ୍ତରଖାନା ଉପରେ ଏକାଧିକ ଥର ଆକ୍ରମଣ ହୋଇଛି। ପ୍ରାଣ ହରାଇଥିବା ସାମ୍ବାଦିକମାନେ ଅଲ ଜଜିରା, ରଏଟର ସଂସ୍ଥାର ହୋଇଥିବାବେଳେ ଜଣେ ଫ୍ରିଲାନ୍ସର ମଧ୍ୟ ରହିଛନ୍ତି। ତେବେ ଗତ ୨୨ ମାସ ମଧ୍ୟରେ ଗାଜାରେ ୧୯୨ ସାମ୍ବାଦିକ ଏହି ଯୁଦ୍ଧରେ ପ୍ରାଣ ହରାଇଲେଣି।

# ବାଣିଜ୍ୟ



ମସ୍କୋ:ରୁଷିଆରେ ଭାରତୀୟ ରାଷ୍ଟ୍ରଦୂତ ବିନୟ କୁମାର ସ୍ପଷ୍ଟ କରିଛନ୍ତି ଯେ, ଭାରତ ତୈଳ କ୍ରୟ ପ୍ରକ୍ରିୟାରେ କୌଣସି ଚାପ କାମ କରିବ ନାହିଁ। ଭାରତୀୟ କମ୍ପାନିଗୁଡ଼ିକ ଯେଉଁଠାରୁ ସର୍ବୋତ୍ତମ ଡିଲ୍ ପାଇବେ ସେଠାରୁ ତେଲ କିଣିବା ଜାରି ରଖିବେ। ଆମେରିକାକୁ ସମାଲୋଚନା କରି ସେ କହିଛନ୍ତି, ନୂଆଦିଲ୍ଲୀ ନିଜର ଜାତୀୟ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରିବ। ଆମେରିକା ଦ୍ୱାରା ଭାରତ ଉପରେ ଅତିରିକ୍ତ ଶୁଳ୍କ ଘୋଷଣା ନେଇ ବିନୟଙ୍କର ଏହି ମନ୍ତବ୍ୟ ଆସିଛି। ଆମେରିକା କହି?ଥିଲା, ଭାରତ ଉପରେ ଶୁଳ୍କ ଲଗାଇବାର ଉଦ୍ଦେଶ୍ୟ ହେଉଛି ଏହାକୁ ରୁଷିଆରୁ ତେଲ କିଣିବାରୁ ରୋକିବା। ରୁଷିଆର ସରକାରୀ ସମାଚାର ଏଜେନ୍ସି ଟିଏଏସଏସ ସହିତ ଏକ ସାକ୍ଷାତକାରରେ ବିନୟ କୁମାର ଭାରତର ତୈଳ କ୍ରୟ ଏବଂ ଆମେରିକା ସହିତ ଉତ୍ତେଜନା ବିଷୟରେ କହିଛନ୍ତି। ସେ କହିଛନ୍ତି, ନୂଆଦିଲ୍ଲୀର ପ୍ରାଥମିକତା ହେଉଛି ଦେଶର ୧.୪ ବିଲିୟନ ଲୋକଙ୍କ ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବା। ଭାରତ ଏବଂ ରୁଷିଆ ମଧ୍ୟରେ ବାଣିଜ୍ୟ ପାରସ୍ପରିକ ସ୍ୱାର୍ଥ ଏବଂ ବଜାର କାରକ ଉପରେ ଆଧାରିତ। ବିନୟ କୁମାର ରୁଷିଆ ସହିତ ନୂଆଦିଲ୍ଲୀର ନିରନ୍ତର ଶକ୍ତି ବାଣିଜ୍ୟର ଜବାବରେ ଭାରତୀୟ ଆମଦାନୀ ଉପରେ ଶୁଳ୍କ ଦ୍ୱିଗୁଣିତ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିଷ୍ପତ୍ତିକୁ କଡ଼ା ସମାଲୋଚନା କରିଛନ୍ତି।

## ଜିନ୍ଦଲ ପକ୍ଷରୁ 'ମିଳାପ' ରିଟେଲର ସମ୍ମିଳନୀ ଆୟୋଜିତ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ବିସି ଜିନ୍ଦଲ ଗ୍ରୁପ୍‌ର ଅଂଶ ଓ ଭାରତର ଅନ୍ୟତମ ଅଗ୍ରଣୀ ଆନୁଷଙ୍ଗିକ ଇସ୍ପାତ ଉତ୍ପାଦ ନିର୍ମାତା ଜିନ୍ଦଲ (ଇଣ୍ଡିଆ) ଲିମିଟେଡ୍ ପକ୍ଷରୁ ଭୁବନେଶ୍ୱରରେ ସଫଳତାର ସହ 'ମିଳାପ' ରିଟେଲର ସମ୍ମିଳନୀ ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କମ୍ପାନିର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇ ଏହି ଅଂଚଳର ରିଟେଲ୍‌ରମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ଓ ଭାବ ବିନିମୟ କରିଥିଲେ। ଚାନ୍ଦି ଷ୍ଟିଲ୍‌ସ ସହଯୋଗରେ ଆୟୋଜିତ ଏହି ସମ୍ମିଳନୀରେ ୬୦ରୁ ଅଧିକ ରିଟେଲର୍ ସହଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଜିନ୍ଦଲ (ଇଣ୍ଡିଆ) ଲିମିଟେଡ୍‌ର ପ୍ରବକ୍ତା କହିଛନ୍ତି ଯେ, 'ଆନୁଷଙ୍ଗିକ ଇସ୍ପାତ ଉତ୍ପାଦ କ୍ଷେତ୍ରରେ ଭାରତର ଅନ୍ୟତମ ଅଗ୍ରଣୀ ସଂସ୍ଥା ଭାବେ ଆମେ ଉଲ୍ଲେଖନୀୟ ମାଇଲଖୁଂଟ ହାସଲ କରିବା ସହ ଆମ ସର୍ବଭାରତୀୟ ଉପସ୍ଥିତିର ସମ୍ପ୍ରସାରଣ କରୁଛୁ। ଆମ ଅଗ୍ରଣୀ ଉପସ୍ଥିତି ବିଭିନ୍ନ ବଜାରରେ ଥିବା ବେଳେ ପୂର୍ବାଂଚଳ ଓ ଦକ୍ଷିଣ ଭାରତୀୟ ବଜାରରେ ବେଶ୍ ସୁଦୃଢ଼ ରହିଛି। ଆମ ମୂଲ୍ୟବାନ ରିଟେଲର ସହଯୋଗୀମାନଙ୍କ ସହ ସିଧାସଳଖ ଯୋଡ଼ିହେବା ଏବଂ ଆମ ସଦ୍ୟତମ ଉତ୍ପାଦକୁ ଉପସ୍ଥାପନ କରିବା ସହ ସେମାନଙ୍କ ସହ ସମ୍ପର୍କକୁ ମଜଭୂତ କରିବା ଲାଗି 'ମିଳାପ' ହେଉଛି ଏକ ପ୍ରମୁଖ କାର୍ଯ୍ୟକ୍ରମ। ଜିନ୍ଦଲ ସବରଙ୍ଗ ଓ ନିଓକଲର+ ଭଳି ଉତ୍ପାଦର ଶୁଭାରମ୍ଭ ସହିତ ଆମେ ଉତ୍ପାଦ ବିକଳ୍ପରେ ଉନ୍ନତି ଆଣୁଥିବା ବେଳେ ଗ୍ରାହକମାନଙ୍କ ଉଦୀୟମାନ ଆବଶ୍ୟକତା ପୂରଣ କରିବା ଲାଗି ଆମ ସହଯୋଗୀମାନଙ୍କୁ ସଶକ୍ତ କରୁଛୁ।' ଏହି କାର୍ଯ୍ୟକ୍ରମରେ ଜିନ୍ଦଲ (ଇଣ୍ଡିଆ) ଲିମିଟେଡ୍‌ର ପ୍ରତିନିଧିମାନେ ଏହି ଅଂଚଳ ପାଇଁ କମ୍ପାନିର ଯୋଜନା ସମ୍ପର୍କରେ ଆଲୋଚନା କରିବା ସହ ରିଟେଲରମାନଙ୍କ ମତାମତ ସଂଗ୍ରହ କରିଥିଲେ ଏବଂ ସେମାନେ ସାମ୍ନା କରୁଥିବା ଆହ୍ୱାନଗୁଡ଼ିକର ସମାଧାନ କରିଥିଲେ। ଏହି ସମ୍ମିଳନୀ କମ୍ପାନିକୁ ରିଟେଲର ବନ୍ଧୁମାନଙ୍କ ସହ ନେଟୱର୍କ କରିବା, ଏହି ଅଂଚଳରେ ଅଭିବୃଦ୍ଧି ବଢ଼ାଇବା ଏବଂ ଏକ ବିଶ୍ୱସନୀୟ ସହଯୋଗୀମାନେ କମ୍ପାନିର ସ୍ଥିତି ସୁଦୃଢ଼ କରିବାରେ ସହାୟକ ହୋଇଥିଲା। ସହାୟକ କମ୍ପାନି ଜିନ୍ଦଲ ଇଣ୍ଡିଆ ଷ୍ଟିଲଟେକ୍ ଲିମିଟେଡ୍ (ଜେଆଇଏସ୍‌ଟିଏଲ୍) ଜରିଆରେ ପ୍ରଥମ ପର୍ଯ୍ୟାୟରେ ୩୬୦୦ କୋଟି ଟଙ୍କା ନିବେଶ ସହ ଓଡ଼ିଶାର ଢେଙ୍କାନାଳରେ ଏକ ନୂଆ ଇସ୍ପାତ କାରଖାନା ସ୍ଥାପନ କରିବା ଲାଗି କମ୍ପାନି ନିକଟରେ ମୁରି ପତ୍ର ହାସଲ କରିଥିଲା। ତିନିଟି ପର୍ଯ୍ୟାୟରେ ଏହି ପ୍ରକଳ୍ପରେ କମ୍ପାନି ୧୫୦୦ କୋଟି ଟଙ୍କା ନିବେଶ କରିବ। ୧୯୫୨ ମସିହାରେ ସ୍ଥାପନ ହୋଇଥିବା ଜିନ୍ଦଲ (ଇଣ୍ଡିଆ) ଲିମିଟେଡ୍ ହେଉଛି ବି ସି ଜିନ୍ଦଲ ଗ୍ରୁପ୍‌ର ଅଂଶ ଯାହାର କାରବାର ୧୮,୦୦୦ କୋଟି ଟଙ୍କା ରହିଥିବା ବେଳେ ଏହା ପ୍ୟାକେଜିଂ ଫିଲ୍ମ, ଶକ୍ତି ଓ ଇସ୍ପାତ କ୍ଷେତ୍ରରେ କାରବାର କରୁଛି। ନିକଟରେ ବି ସି ଜିନ୍ଦଲ ଗ୍ରୁପ୍ ଅକ୍ଷୟ ଶକ୍ତି ଉତ୍ପାଦନ, ସୋଲାର ସେଲ୍ ଓ ମଡ୍ୟୁଲ୍ ଉତ୍ପାଦନ ବ୍ୟବସାୟ କ୍ଷେତ୍ରରେ ପ୍ରବେଶ କରିଛି।

## ମୋଲବିଓ ଡାଏଗ୍ନୋଷ୍ଟିକ୍ସ ପକ୍ଷରୁ ଡିଆର୍‌ଏଚ୍‌ପି ଦାଖଲ

ନୂଆଦିଲ୍ଲୀ ଅଗ୍ରଣୀ ଡାଏଗ୍ନୋଷ୍ଟିକ୍ସ କମ୍ପାନି ମୋଲବିଓ ଡାଏଗ୍ନୋଷ୍ଟିକ୍ସ ଲିମିଟେଡ୍ ପକ୍ଷରୁ ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ଜରିଆରେ ପାଣ୍ଠି ହାସଲ କରିବା ଲାଗି ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ଓ ଡ୍ରାଫ୍ଟ ରେଡ୍ ହେରିଂ ପ୍ରୋସପେକ୍ଟସ୍ (ଡିଆର୍‌ଏଚ୍‌ପି) ଦାଖଲ କରାଯାଇଛି। ଗୋଆର ଏହି କମ୍ପାନି ନୂଆ ଇକ୍ୱିଟି ସେୟାର ଜାରି କରି ୨୦୦ କୋଟି ଟଙ୍କା ସଂଗ୍ରହ କରିବ ଏବଂ ଅଫର ଫର ସେଲ୍‌ରେ ଅଂଶଧନକାରୀମାନେ ୧,୨୫,୫୬,୦୦୦ ଇକ୍ୱିଟି ସେୟାରକୁ ବିକ୍ରି କରିବେ। ଅଫର ଫର୍ ସେଲ୍‌ରେ ଏକ୍ୱୋରା ଟ୍ରେଡିଂ ଏଲ୍‌ଏଲ୍‌ପି, ଡକ୍ଟର ଚନ୍ଦ୍ରଶେଖର ଭାସ୍କରନ ନାୟାର, ଅବଦୁଲ କାଦିର ମହମ୍ମଦ ଥେରୁଭାଥ, ଚିଉବାକା ସର୍ଭିସେସ୍ ଲିମିଟେଡ୍, ଜେ ଗୁରୁ ଦତ, ଗୋପାଳକ୍ରିଷ୍ଣନ ମାଙ୍ଗାଲୋର କିନି, ଗୋପାଳକ୍ରିଷ୍ଣନ ସମ୍ପତଗିରି, ଇଣ୍ଡିଆ ବିଜନେସ୍ ଏକ୍ସଲେନ୍ସ ଫଣ୍ଡ୍ ୩, ଏମ୍ ଗଣେଶ କାମଥ, ଏମ୍ ଏ ରୋହିତ, ଏମ ଏ ଶରତ, ଏମଏ ଉଷା ରାଣୀ, ସଙ୍ଗୀତା ଏମ୍ କିନି, ସାହିଦା ଅବଦୁଲ କାଦର, ଶ୍ରୁତି ଜି କିନି, ସୁଜୟ ଲିମିଟେଡ୍, ଭି ସାଇନସେସ୍ ଇନଭେଷ୍ଟମେଂଟ୍‌ସ ପିଇଟି ଲିମିଟେଡ୍ ଓ ବିବେକ ଦେବରାଜ ଭଳି ଅଂଶଧନକାରୀ ସେୟାର ବିକ୍ରି କରିବେ। ଏହି ଇସ୍ୟୁରୁ ଯେଉଁ ପାଣ୍ଠି ସଂଗୃହୀତ ସେଥିରୁ ୯୯.୩ କୋଟି ଟଙ୍କାକୁ ଆର୍‌ଆଣ୍ଡଡି କେନ୍ଦ୍ର, ଉତ୍କର୍ଷ କେନ୍ଦ୍ର ଓ କନେକ୍ଟେଡ୍ କାର୍ଯ୍ୟାଳୟ କ୍ଷେତ୍ର ସ୍ଥାପନ କରିବା ଲାଗି ପୁଞ୍ଜି ବ୍ୟୟ, ୭୩.୫ କୋଟି ଟଙ୍କାକୁ ଗୋଆର ୟୁନିଟ୍, ୧, ୟୁନିଟ୍ ୨ ଓ ବିଶାଖାପାଟଣା କାରଖାନାର କାରଖାନା, ମେସିନ ଓ ଅନ୍ୟାନ୍ୟ ଉପକରଣ ଏବଂ ଅବଶିଷ୍ଟ ରାଶିକୁ ସାଧାରଣ କର୍ପୋରେଟ୍ କାର୍ଯ୍ୟରେ ବ୍ୟବହାର କରାଯିବ। ମୋଲବିଓ ଡାଏଗ୍ନୋଷ୍ଟିକ୍ସକୁ ୨୦୦୦ରେ ସ୍ଥାପନ କରାଯାଇଥିଲା ଏବଂ ଏହାର ପାଂଚଟି କାରଖାନା ମଧ୍ୟରୁ ଗୋଆରେ ଦୁଇଟି, ବିଶାଖାପାଟଣାରେ ଗୋଟିଏ ଏବଂ ବେଙ୍ଗାଲୁରୁରେ ଦୁଇଟି ରହିଛି। ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ମୋଲବିଓର ସ୍ଥାପିତ କ୍ଷମତା ବାର୍ଷିକ ୩୬୦୦ ଡିଭାଇସ୍ ଏବଂ ୩,୯୦,୦୦,୦୦୦ ଟ୍ରୁନାଟ୍ ଟେଷ୍ଟ କିଟ୍ ରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନିର ପରିଚାଳନାରୁରାଜସ୍ୱ ପରିମାଣ ୧୦୨୦ କୋଟି ଟଙ୍କା ରହିଥିଲା ଯାହା ୨୦୨୩-୨୪ ତୁଳନାରେ ୨୧.୯୮ ପ୍ରତିଶତ ଅଧିକ। ଟିକସ ପରବର୍ତ୍ତୀ ଲାଭ ୧୩୮.୫ କୋଟି ଟଙ୍କା ହୋଇଛି। କମ୍ପାନିର ପ୍ରତିଷ୍ଠାତାମାନେ ହେଉଛନ୍ତି ଶ୍ରୀରାମ ନଟରାଜ, ଚନ୍ଦ୍ରଶେଖର ଭାସ୍କରନ ନାୟାର, ସଙ୍ଗୀତା ଶ୍ରୀରାମ, ଶିବା ଶ୍ରୀରାମ,ସୌମ୍ୟା ଶ୍ରୀରାମ, ଏକ୍ୱୋରା ଟ୍ରେଡିଂ ଏଲ୍‌ଏଲ୍‌ପି। ଏହି ଇସ୍ୟୁର ବୁକ୍ ରନିଂ ଲିଡ୍ ମ୍ୟାନେଜରମାନେ ହେଉଛନ୍ତି କୋଟକ୍ ମହିନ୍ଦ୍ରା କ୍ୟାପିଟାଲ୍ ଲିମିଟେଡ୍, ଆଇଆଇଏଫ୍‌ଏଲ୍ କ୍ୟାପିଟାଲ୍ ସର୍ଭିସେସ୍ ଲିମିଟେଡ୍, ଜେଫେରିଜ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଓ ମୋତିଲାଲ ଓସ୍ୱାଲ ଇନଭେଷ୍ଟମେଂଟ୍ ଆଡଭାଇଜର୍ସ ଲିମିଟେଡ୍।

## ଭିଗେମ୍‌ସ ପକ୍ଷରୁ ଗାଲାକ୍ସିସୁଟର୍ସ ଫ୍ରିଡମ୍ ଫେଷ୍ଟ୍‌ର ଶୁଭାରମ୍ଭ

ନୂଆଦିଲ୍ଲୀ: ଭାରତର ଅଗ୍ରଣୀଟେଲିକମ୍ କମ୍ପାନି ଭୋଡାଫୋନ୍ ଆଇଡିଆ (ଭି) ପକ୍ଷରୁ ଭି ଆପ୍‌ର ଭିଗେମ୍‌ସରେ ଗାଲାକ୍ସି ସୁଟର୍ସର ଫ୍ରିଡମ୍ ଫେଷ୍ଟ୍ ସଂସ୍କରଣର ଶୁଭାରମ୍ଭ କରାଯାଇଛି। ଅଗଷ୍ଟ ୩୧ ପର୍ଯ୍ୟନ୍ତ ଏହି ଆପ୍‌ର ସ୍ୱତନ୍ତ୍ର ସଂସ୍କରଣ ଉପଲବ୍ଧ ହେବ ଯାହା ଗ୍ରାହକମାନଙ୍କୁ ଗେମିଂ, ମନୋରଂଜନ ଓ ସ୍ୱତନ୍ତ୍ର ରିୱାର୍ଡର ମିଶ୍ରିତ ଅନୁଭବ ପ୍ରଦାନ କରିବ। ଏହି ଅଭିଯାନକୁ ଏଭଳି ଏକ ସମୟରେ ଆରମ୍ଭ କରାଯାଇଛି, ଯେତେବେଳେ ଭାରତର ମୋବାଇଲ୍ ଗେମିଂ ବଜାର ଦ୍ରୁତ ଗତିରେ ଆଗକୁ ବଢୁଛି ଏବଂ ୨୦୨୫ ସୁଦ୍ଧା ୭.୫-୮.୭୫ ବିଲିୟନ ଡଲାରକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଗ୍ରାହକ ସମ୍ପୃକ୍ତି ବଢ଼ାଇବାର ଅନ୍ୟତମ ଗେମ୍ କ୍ଷେତ୍ର ହେଉଛିସ ଟର୍‌ଗେମ୍ ଯାହା ଗ୍ରାହକମାନଙ୍କୁ ଡିଜିଟାଲ୍ ଅନୁଭୂତି ଓ ମନୋରଂଜନର ଶ୍ରେଷ୍ଠ ମୂଲ୍ୟ ପ୍ରଦାନ କରି ଭିରଡିଜିଟାଲ ସେବାକୁ ସୁଦୃଢ଼ କରିବ। ଗାଲାକ୍ସି ସୁଟର ଫ୍ରିଡମ୍‌ଫେଷ୍ଟ୍ ଗ୍ରାହକମାନଙ୍କୁ ୧ ଟଙ୍କାରେ ୪୯୯ ଟଙ୍କାର ବାର୍ଷିକ ରିଚାର୍ଜ ଭଳି ରିୱାର୍ଡ ଜିତିବାର ସୁଯୋଗ ପ୍ରଦାନ କରିବ। ଯେଉଁଥିରେ ଗ୍ରାହକମାନେ ଆମାଜନ ପ୍ରାଇମ ଭିଡିଓ ରହିଛି ଏବଂ ଭିମୁଭିଜ୍ ଆଣ୍ଡ୍ ଟିଭି ସୁପର ସବସ୍କ୍ରିପ୍‌ସନ୍‌ରେ ସୋନିଲିଭ, ଜୀ୫, ଲାୟନ୍ସ ଗେଟ ପ୍ଲେ, ଫ୍ୟାନ୍‌କୋଡ୍ ଭଳି ୧୯ଟି ଓଟିଟି ଆପ୍ ହାସଲ କରିପାରିବେ ଏବଂ ଏକ ବର୍ଷ ପର୍ଯ୍ୟନ୍ତ ଦୈନିକ ୨ ଜିବି ଡାଟା ମାଗଣାରେ ପାଇପାରିବେ। ସେହିପରି ଅନ୍ୟ ରିୱାର୍ଡ ହେଉଛି ୧ ଟଙ୍କାରେ ଭିମୁଭିଜ ଆଣ୍ଡ ଟିଭି ସୁପର ସବସ୍କ୍ରିପସନ ସହିତ ୧୯ଟି ଓଟିଟି ଆପ ତଥା ୧୦ ଜିବିଡାଟା ଏବଂ ୨୮ ଦିନର ବୈଧତା ଥିବା ଏକ ୫୦ ଜିବି ପ୍ୟାକ ଓ ୫୦ ଟଙ୍କାର ଗିଫ୍ଟ ଭାଉଚର ଜିତିପାରିବେ।

## ଆର୍‌ଏସ୍‌ପିରେ ଶ୍ରମିକ କଲ୍ୟାଣ ସୁବିଧା ଓ ସୁରକ୍ଷା ହଲ୍ ଉଦ୍‌ଘାଟିତ



ରାଉରକେଲା (ଭାସ୍କର ନ୍ୟୁଜ୍) : ସାମ୍ପ୍ରତିକ ଶ୍ରମିକ କଲ୍ୟାଣ ଏବଂ ସୁରକ୍ଷା ପଦକ୍ଷେପର ଏକ ଅଂଶ ସ୍ୱରୂପ, ସେଲ୍ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର କୋକ୍ ଓଭେନ୍ ବ୍ୟାଟେରୀ-୭ (ସିଓବି ୭) ପ୍ରକଳ୍ପ ସ୍ଥଳରେ ଏକ କର୍ମଚାରୀ ବିଶ୍ରାମ ସେଡ୍ ସହ ସୁରକ୍ଷା କାର୍ଯ୍ୟ ହଲ୍ ଉଦଘାଟିତ ହୋଇ ଯାଇଛି । ପ୍ରକଳ୍ପ ବିଭାଗର ଜିଏମ କେ.କେ. ପାତ୍ର, ଏଚଆର ବିଭାଗର ଜିଏମ ଜିଆର ଦାସ ଏବଂ ଏଲ ଏଣ୍ଡ ଟି ର ପ୍ରୋଜେକ୍ଟ ମ୍ୟାନେଜର ଗୋକୁଲନ୍ ଏସଙ୍କ ଉପସ୍ଥିତିରେ ଆରଏସପିର ସୁରକ୍ଷା ବିଭାଗର ଜିଏମ ଅବକାଶ ବେହେରା ଏହି ହଲର ଶୁଭ ଉଦ୍‌ଘଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏହି ପ୍ରକଳ୍ପ ସହିତ ଜଡିତ ବହୁ ସଂଖ୍ୟକ କର୍ମଚାରୀ ଉପସ୍ଥିତ ଥିଲେ। ଶ୍ରୀ ବେହେରା ନିଜର ଅଭିଭାଷଣରେ, ସୁରକ୍ଷାକୁ ପ୍ରୋତ୍ସାହିତ କରିବାରେ ଏଲ ଏଣ୍ଡ ଟି ର ପଦକ୍ଷେପର ବହୁ ପ୍ରଶଂସା କରିବା ସହିତ 'ଶୂନ୍ୟ କ୍ଷତି' ଲକ୍ଷ୍ୟ ହାସଲ କରିବା ପାଇଁ ସମସ୍ତଙ୍କୁ ସତର୍କ ରହିବା ଏବଂ ନିରାପଦ କାର୍ଯ୍ୟ ଅଭ୍ୟାସ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ଶ୍ରୀ ପାତ୍ର ନିଜର ଅଭିଭାଷଣରେ ଏଯାବତ ଶୂନ୍ୟ ଦୁର୍ଘଟଣା ରେକର୍ଡ ବଜାୟ ରଖିବା ପାଇଁ ଏଲ ଏଣ୍ଡ ଟି କୁ ଅଭିନନ୍ଦନ ଜଣାଇବା ସହିତ ପ୍ରକଳ୍ପ ସମାପ୍ତ ହେବା ପର୍ଯ୍ୟନ୍ତ ଶତ ପ୍ରତିଶତ ସୁରକ୍ଷାର ଅନୁପାଳନ ଉପରେ ନିରନ୍ତର ଧ୍ୟାନ ଦେବାକୁ ଆହ୍ୱାନ କରିଥିଲେ। ଶ୍ରୀ ଗୋକୁଲାନ୍ ଏସ ତାଙ୍କ ବକ୍ତବ୍ୟ ରେ ଆର ଏସ ପି ପରିଚାଳନାକୁ ସେମାନଙ୍କର ସମର୍ଥନ ପାଇଁ ଧନ୍ୟବାଦ ଜଣାଇବା ସହିତ କର୍ମକ୍ଷେତ୍ର ସୁରକ୍ଷା ଏବଂ କଲ୍ୟାଣ କୁ ସୁନିଶ୍ଚିତ କରିବା ପାଇଁ ଏଲ ଏଣ୍ଡ ଟି ର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ଏହି କାର୍ଯ୍ୟକ୍ରମଟି ଇଏଚ୍‌ଏସ, ଏଲ ଏଣ୍ଡ ଟିର ଇନଚାର୍ଜ ଏନ.କେ. ଧଳ ଙ୍କ ସ୍ୱାଗତ ଅଭିଭାଷଣ ସହିତ ଆରମ୍ଭ ହୋଇଥିଲା, ପରେ ସୁରକ୍ଷା ସଂକଳ୍ପ ଗ୍ରହଣ କରାଯାଇଥିଲା। ଅସୁରକ୍ଷିତ କାର୍ଯ୍ୟ ଅଭ୍ୟାସ କୁ କମ କରିବା ସହିତ ସୁରକ୍ଷା ସଚେତନତା ବୃଦ୍ଧି କରିବା ପାଇଁ ଏକ ପ୍ରୟାସ 'ହଟ୍ ବଲ୍ ଗେମ୍' କୁ ଶ୍ରୀ ଧଳ ଉପସ୍ଥାପିତ କରିଥିଲେ ଯାହାକୁ ମଞ୍ଚରେ ଥିବା ସମ୍ମାନିତ ବ୍ୟକ୍ତିମାନେ ଶୁଭାରମ୍ଭ କରିଥିଲେ।

## ହାଟ୍ରିକ୍ ଅଫର ଘୋଷଣା କଲା ବଜାଜ୍ ପଲସର

ନୂଆଦିଲ୍ଲୀ: ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦୁଇ ଚକିଆ ଏବଂ ତିନି ଚକିଆ କମ୍ପାନୀ ବଜାଜ ଅଟୋ ଲିମିଟେଡ ଆଜି ମହାରାଷ୍ଟ୍ର, ଗୁଜରାଟ, କର୍ଣ୍ଣାଟକ, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, ଓଡ଼ିଶା, ପଶ୍ଚିମବଙ୍ଗ, ଉତ୍ତର-ପୂର୍ବ ଭାରତ ଏବଂ ଉତ୍ତର ପ୍ରଦେଶର ବଜାରରେ ଏହାର ହାଟ୍ରିକ ଅଫର ଚାଲୁ କରିବାକୁ ଘୋଷଣା କରିଛି। ସୀମିତ ଅବଧିର ଉତ୍ସବଭିତ୍ତିକ ଉଦ୍ୟୋଗ ଭାବରେ ଡିଜାଇନ କରାଯାଇଥିବା ଏହି ହାଟ୍ରିକ ଅଫର ରାଇଡରମାନଙ୍କୁ ପଲସର ରେରେ ସ୍ୱତନ୍ତ୍ର ମୂଲ୍ୟ, ନଗଦ ଲାଭ ଏବଂ ମୂଲ୍ୟଯୁକ୍ତ କରିବା ପରି ତିନୋଟି ବିଶେଷ ସୁବିଧା ପ୍ରଦାନ କରିବ। ଏହି ହାଟ୍ରିକ ଅଫର ଗ୍ରାହକମାନଙ୍କୁ ୧୦,୦୦୦/- ମୂଲ୍ୟର ଲାଭ ପ୍ରଦାନ କରିବ। ଏହାର ତିନୋଟି ଅଂଶ ରହିଛି - ପ୍ରଥମରେ ଏକ କ୍ୟାଶବ୍ୟାକ ଅଫର ମିଳିବ; ଦ୍ୱିତୀୟରେ ବୀମା କ୍ଷେତ୍ରରେ ସଞ୍ଚୟର ସୁଯୋଗ ପ୍ରଦାନ କରାଯିବ; ଏବଂ ତୃତୀୟରେ କୌଣସି ପ୍ରକ୍ରିୟାକରଣ ଶୁଳ୍କ ଲାଗୁ ହେବ ନାହିଁ। ପଲସରର ନୂତନ ଅଭିଯାନ 'ଦୁନିଆ ଦେଖତି ହେ ତୁ ଦିଖା' ପରେ ପରେ ହିଁ ଉତ୍ସବର ଏହି ଅଫର ଆସିଛି ଯାହା ଭାରତର ଯୁବପିଢ଼ିଙ୍କୁ ସେମାନଙ୍କର ନିଜସ୍ୱ ସ୍ଥାନ ଅକ୍ତିଆର କରିବା ସହିତ ସାହସିକ ମନୋଭାବ ପ୍ରଦର୍ଶନ କରିବା ପାଇଁ ଏକ ଆହ୍ୱାନ ଦେଇଛି। ଗୁଜରାଟରେ ନବରାତ୍ରିର ଆନନ୍ଦ ଉଲ୍ଲାସ, ପଶ୍ଚିମବଙ୍ଗରେ ଦୁର୍ଗା ପୂଜାର ଉତ୍ସାହ ଏବଂ କର୍ଣ୍ଣାଟକ ଓ ଆନ୍ଧ୍ର ପ୍ରଦେଶରେ ଦଶହରାର ଉଦ୍ଦୀପନାରୁ ଆରମ୍ଭ କରି କେରଳର ଓନାମ ଉତ୍ସବ ପର୍ଯ୍ୟ' ବିଭିନ୍ନ ପର୍ବରେ ବଜାଜ ପଲସର ସୁନିଶ୍ଚିତ କରେ ଯେ ପ୍ରତ୍ୟେକ ରାଇଡର ଯେପରି ଉପଯୁକ୍ତ କାର୍ଯ୍ୟଦକ୍ଷତା, ଗର୍ବ ଏବଂ ଉନ୍ନତ ଗୁଣବତଆ ସହିତ ଉତ୍ସବ ପାଳନ କରିପାରିବେ।

ଓଡ଼ିଶା ଭାସ୍କର
ODISHA BHASKAR
ଖେଳ ଖବର





ନୂଆଦିଲ୍ଲୀ: ଭାରତୀୟ ଟେଷ୍ଟ କ୍ରିକେଟର ନିର୍ଭରଯୋଗ୍ୟ ବ୍ୟାଟସମ୍ୟାନ ଚେତେଶ୍ୱର ପୂଜାରା ସମ୍ପ୍ରତି ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କହିଛନ୍ତି। ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଫାଇନାଲ ୨୦୨୩ ପରଠାରୁ ତାଙ୍କୁ ଭାରତୀୟ ଦଳରେ ସ୍ଥାନ ମିଳିନାହିଁ। ନିରନ୍ତର ପ୍ରୟାସ ସତ୍ତ୍ୱେ ଦଳରେ ସ୍ଥାନ ନପାଇବାରୁ ସେ ୨୪ ଅଗଷ୍ଟରେ ତାଙ୍କ କ୍ରିକେଟ କ୍ୟାରିୟରରୁ ଅବସର ନେଇଥିଲେ। ୨୦୧୮-୧୯ ଅଷ୍ଟ୍ରେଲିଆ ଗସ୍ତ ସହିତ ଜଡିତ ଏକ ଘଟଣା ସଂପ୍ରତି ପୁଣି ଥରେ ଖବରରେ ଅଛି। ସେହି ଗସ୍ତରେ, ପୂଜାରା ସିଡନୀ ଟେଷ୍ଟ ପାଇଁ ପ୍ରସ୍ତୁତି କରୁଥିଲେ, ସେ ସ୍ତ୍ରୀଙ୍କୁ ହୋଟେଲରେ ତାଙ୍କ ସହିତ ନ ରହିବାକୁ କହିଥିଲେ। କାରଣ କେବଳ ଏତିକି ଥିଲା ଯେ, ସେ ମ୍ୟାଚ ପୂର୍ବରୁ କୌଣସି ପ୍ରକାରର ବିଭ୍ରାନ୍ତି ଚାହୁଁ ନ ଥିଲେ। ଏକ ସାକ୍ଷାତକାରରେ ତାଙ୍କ ସ୍ତ୍ରୀ ପୂଜା ଏହି ଘଟଣା ବିଷୟରେ ଉଲ୍ଲେଖ କରି କହିଥିଲେ ଯେ, ଟେଷ୍ଟ ମ୍ୟାଚର ୩ ଦିନ ପୂର୍ବରୁ, ଚେତେଶ୍ୱର ତାଙ୍କୁ ସ୍ପଷ୍ଟ ଭାବରେ କହିଥିଲେ ଯେ ତୁମର ପାଖରେ ୨୪ ଘଣ୍ଟା ଅଛି, ତୁମେ ନିଜ ପାଇଁ ଅନ୍ୟ ଏକ ଘର କିମ୍ବା ରୁମ୍ ଖୋଜିବା ଉଚିତ। ଯଦି ତୁମେ ମୋ ସହିତ ହୋଟେଲରେ ରୁହ, ତେବେ ମୁଁ ପ୍ରସ୍ତୁତିରେ ଧ୍ୟାନ ଦେଇପାରିବି ନାହିଁ। ଏହି ବିଷୟରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପୂଜା ତାଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ, ଏହା ଏକ ଅଜବ ସହର ଏବଂ ଏତେ ଛୋଟ ପିଲା ସହିତ ନିଜ ପାଇଁ ଏକ ପୃଥକ ସ୍ଥାନ ଖୋଜିବା ସହଜ ହେବ ନାହିଁ। ସେ ଅନୁରୋଧ କରିଥିଲେ ଯେ ନୂତନ ଘର ନ ମିଳିବା ପର୍ଯ୍ୟନ୍ତ ତାଙ୍କୁ ହୋଟେଲରେ ରହିବାକୁ ଅନୁମତି ଦିଆଯିବା ଉଚିତ। ବହୁତ ପ୍ରୟାସ ପରେ, ପୂଜା ନିକଟରେ ଏକ ଆପାର୍ଟମେଣ୍ଟ ଭଡା ନେଇ ତାଙ୍କ ଝିଅ ସହିତ କିଛି ଦିନ ପାଇଁ ସେଠାରେ ରହିବାକୁ ଲାଗିଲେ।

### ବିସିସିଆଇ ଓ ଡ୍ରିମ ୧୧ ସହିତ ୩୫୮ କୋଟି ଟଙ୍କାର ଚୁକ୍ତି ସମାପ୍ତ

# ବିନା ସ୍ପନସରରେ ଏସିଆ କପ୍ ଖେଳିବ ଟିମ୍ ଇଣ୍ଡିଆ !



ନୂଆଦିଲ୍ଲୀ: ଅନଲାଇନ୍ ଗେମିଂ ବିଲ୍, ୨୦୨୫ ପାସ୍ ହେବା ପରେ ଟିମ୍ ଇଣ୍ଡିଆ ଓ ଡ୍ରିମ ଇଲେଭେନ ସଂପର୍କରେ ପୂର୍ଣ୍ଣଚ୍ଛେଦ ପଡିଛି। ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଓ ସ୍ପୋର୍ଟ୍ସ କମ୍ପାନି ଡ୍ରିମ ଇଲେଭେନ ମଧ୍ୟରେ ଦୁଇ ବର୍ଷରୁ ଅଧିକ ସମୟ ଧରି ଚାଲି ଆସିଥିବା ପ୍ରାୟୋଜକ ଚୁକ୍ତିନାମା ସମାପ୍ତ ହୋଇଛି। ବୋର୍ଡର ସଚିବ ଦେବଜିତ ସୈକିୟା ସୋମବାର ଏହାର ସୂଚନା ଦେଇଛନ୍ତି। ବୋର୍ଡ ଏବେ ନୂଆ ପ୍ରାୟୋଜକ ସନ୍ଧାନରେ ରହିଛି। ସଂସଦରେ ଅନଲାଇନ ଗେମିଂ ବିଲ୍ ୨୦୨୫ ଗୃହୀତ ହେବା ଏବଂ ରାଷ୍ଟ୍ରପତିଙ୍କ ମଞ୍ଜୁରୀ ପାଇବା ପରେ ବିସିସିଆଇ ଏହି ପଦକ୍ଷେପ ନେଇଛି। ଏହି ବିଧେୟକ ଆଇନର ରୂପ ନେବା ପରେ ଡ୍ରିମ ଇଲେଭେନ ନିଜର ସମସ୍ତ ଅନଲାଇନ ଗେମିଂ କଣ୍ଟେଷ୍ଟକୁ ବନ୍ଦ କରି ଦେଇଛି। ୨୦୨୩ରେ ବିସିସିଆଇ ଓ ଡ୍ରିମ ଇଲେଭେନ ମଧ୍ୟରେ ପ୍ରାୟୋଜକ ନେଇ ଚୁକ୍ତି ହୋଇଥିଲା। ଏହି ଚୁକ୍ତିନାମା ତିନି ବର୍ଷୀୟା ହୋଇଥିଲା, ଯାହାର ମୂଲ୍ୟ ୩୫୮ କୋଟି ଟଙ୍କା ଥିଲା। ମାତ୍ର ନୂଆ ଆଇନ ଆଧାରରେ ଆର୍ଥିକ ନେଣଦେଣ କରୁଥିବା ଗେମିଂ ଆପ୍ ଗୁଡ଼ିକ ଉପରେ ସଂପୂର୍ଣ୍ଣ ପ୍ରତିବନ୍ଧକ ଲାଗିଛି। ଆଉ ଏହାର ସିଧାସଳଖ ପ୍ରଭାବ ଡ୍ରିମ ଇଲେଭେନର ବ୍ୟବସାୟ ଉପରେ ପଡ଼ିଛି। ବିସିସିଆଇ ସଚିବ ଦେବଜିତ ସୈକିୟା କହିଛନ୍ତି, ନୂଆ ଆଇନ ଆଧାରରେ ବିସିସିଆଇ ପାଇଁ ଡ୍ରିମ ଇଲେଭେନ କିମ୍ବା ଅନ୍ୟ କୌଣସି ଗେମିଂ କମ୍ପାନି ସହିତ ରହିବା ମୁସ୍କିଲ। ତେଣୁ ଆମକୁ ଆଉ ଡ୍ରିମ ଇଲେଭେନ ସହ ଆଗକୁ ବଢିବା ଠିକ୍ ହେବ ନାହିଁ। ଭାରତୀୟ କ୍ରିକେଟ୍ ବୋର୍ଡ ସହିତ ଡ୍ରିମ ଇଲେଭେନର ଚୁକ୍ତିନାମାକୁ ଶେଷରେ ସମାପ୍ତ କରିବାକୁ ପଡ଼ିଛି। ଏଥିପାଇଁ କୌଣସି ଜରିମାନା ଭରିବାକୁ ପଡ଼ିବ ନାହିଁ। କାରଣ ଏହି ଅନୁବନ୍ଧରେ ଏକ ବିଶେଷ କ୍ଲଜ ଥିଲା, ଯଦି ସରକାରୀ ପ୍ରତିବନ୍ଧକ କିମ୍ବା ଆଇନରେ ପରିବର୍ତ୍ତନ ହୁଏ ତେବେ ଏମିତି ସ୍ଥିତିରେ ଚୁକ୍ତିନାମାରେ ପୂର୍ଣ୍ଣଚ୍ଛେଦ ପଡ଼ିବ। ଏମିତି ସ୍ଥିତିରେ ଭାରତୀୟ ଦଳ ସେପ୍ଟେମ୍ବର ୯ରୁ ଆରମ୍ଭ ହେଉଥିବା ଟି-୨୦ ଏସିଆ କପ୍ ୨୦୨୫ରେ ବିନା ପ୍ରାୟୋଜକରେ ମଇଦାନକୁ ଓହ୍ଲାଇବ। କାରଣ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁ ମାତ୍ର ଦୁଇ ସପ୍ତାହରୁ କମ ସମୟ ରହିଛି।

## ପ୍ରଥମ ଖେଲୋ ଇଣ୍ଡିଆ ଜଳ କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ

# ଶୀର୍ଷରେ ଓଡ଼ିଶା, ମଧ୍ୟପ୍ରଦେଶ ଏବଂ କେରଳ







ନୂଆଦିଲ୍ଲୀ: ଜାମ୍ମୁକାଶ୍ମୀର ଶ୍ରୀନଗରସ୍ଥିତ ଡାଲ୍ ହ୍ରଦରେ ଆୟୋଜିତ ପ୍ରଥମ ଖେଲୋ ଇଣ୍ଡିଆ ଜଳ କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଖେଲୋ ଇଣ୍ଡିଆ ଜଳକ୍ରୀଡା ମହୋତ୍ସବରେ ମଧ୍ୟପ୍ରଦେଶ, ଓଡ଼ିଶା ଏବଂ କେରଳ ଶ୍ରେଷ୍ଠ ତିନୋଟି ରାଜ୍ୟ ଭାବରେ ଉଭା ହୋଇଛନ୍ତି। ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଏବଂ ଜାମ୍ମୁ ଓ କାଶ୍ମୀର କ୍ରୀଡ଼ା ପରିଷଦର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପ୍ରଥମ ଥର ପାଇଁ ଆୟୋଜିତ ହେଉଥିବା ଏହି ଜାତୀୟ ସ୍ତରର ପ୍ରତିଯୋଗିତା ଦେଶର ଜଳ କ୍ରୀଡ଼ା କ୍ଷେତ୍ରରେ ଏକ ନୂଆ ଇତିହାସ ରଚିଛି। ଏଥିରେ ଭାଗ ନେଇଥିବା ଖେଳାଳୀ ଓ ପ୍ରଶିକ୍ଷକମାନେ ଆଗାମୀ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସ ୨୦୨୮ ପାଇଁ ଯଥେଷ୍ଟ ଅଭିଜ୍ଞତା ହାସଲ କରିଥିବା କହିଛନ୍ତି। ପ୍ରତିଯୋଗିତାରେ ଖେଳାଳୀମାନେ ମୋଟ୍ ୨୪ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏଥିମଧ୍ୟରୁ ୧୦ଟି ସ୍ୱର୍ଣ୍ଣ କେବଳ ରୋଇଂ ଖେଳରୁ ମିଳିଛି । ପ୍ରତିଯୋଗିତାରେ କାୟାକିଙ୍ଗ, କୋଚିଂ, ରୋଇଂ ଆଦି ବର୍ଗରେ ମୁକାବିଲା ହୋଇଥିଲା। ଭୋପାଳ ଏବଂ କେରଳର ଆଲାପୁଝା ସ୍ଥିତ ଜଳ କ୍ରୀଡ଼ା କେନ୍ଦ୍ରରେ ତାଲିମ ନେଇଥିବା ଖେଳାଳୀମାନେ ଏଠାରେ ଭଲ ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେହିପରି ଓଡ଼ିଶାର ଜଗତପୁରସ୍ଥିତ ସାଇ କେନ୍ଦ୍ରରେ ତାଲିମ ନେଉଥିବା ରସ୍ମିତା ସାହୁ, ବିଦ୍ୟା ଦେବୀ ଓଇନମ୍ ଏବଂ ଶ୍ରୁତି ତାନାଜୀ ଚୌଗୁଲେଙ୍କ ପରି ପ୍ରତିଭାବାନ ଖେଳାଳୀ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି । ସାରା ଭାରତରେ ପାଞ୍ଚଟି ସାଇ କେନ୍ଦ୍ରରେ ତାଲିମ ନେଉଥିବା କାୟାକର ଏବଂ କାନୋଇଷ୍ଟଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ଥିଲା। ୪୭ ଜଣ ସାଇ ଆଥଲେଟ୍ ପାଞ୍ଚଟି ସ୍ୱର୍ଣ୍ଣ, ସାତଟି ରୌପ୍ୟ ଏବଂ ତିନୋଟି କାଂସ୍ୟ ପଦକ ଜିତିଥିଲେ। ଏହି ପ୍ରତିଯୋଗିତାରେ ଜଗତପୁର ସାଇ କେନ୍ଦ୍ରର ୧୫ଜଣ ଖେଳାଳୀ ଭାଗ ନେଇ ତିନୋଟି ସ୍ୱର୍ଣ୍ଣ ଏବଂ ପାଞ୍ଚଟି ରୌପ୍ୟ ସହିତ ସର୍ବୋତ୍ତମ ପ୍ରଦର୍ଶନ କରିଥିଲେ। ନୂଆ କ୍ରୀଡ଼ା ନୀତି ଅଧୀନରେ ଖେଳାଳୀମାନଙ୍କୁ ସୁଧାର ପାଇଁ ସୁଯୋଗ ଦେବା ଲାଗି ଖେଲୋ ଇଣ୍ଡିଆ ଜଳ କ୍ରୀଡ଼ା ମହୋତ୍ସବ ଯୁଗାନ୍ତକାରୀ ହେବ। ଏହା ଟାର୍ଗେଟ୍ ଅଲିମ୍ପିକ୍ସ ପୋଡିୟମ (ଟପ୍ସ) ଏବଂ ଟାର୍ଗେଟ ଏସୀୟ ଗେମ୍ସ ଗ୍ରୁପ (ଟିଏଜିଜି) ଯୋଜନା ମାଧ୍ୟମରେ ସରକାରଙ୍କ ସମର୍ଥନକୁ ଆଉ ପାଦେ ଆଗେଇ ନେଇଛି। ଏହି ପ୍ରତିଯୋଗିତାରୁ ମିଳିଥିବା ଅନୁଭୂତି ଆସନ୍ତା ବର୍ଷ ଜାପାନରେ ହେବାକୁ ଥିବା ଏସୀୟ ଗେମ୍ସରେ ବିଶେଷ ସହାୟକ ହୋଇପାରିବ। କେବଳ କାୟାକିଂ ଏବଂ କାନୋଇଂରେ ଅଲିମ୍ପିକ୍ସ ଏବଂ ଏସୀୟ କ୍ରୀଡାରେ ୩୦ରୁ ଅଧିକ ସ୍ୱର୍ଣ୍ଣ ପଦକ ଜିତିବାର ସୁଯୋଗ ରହିଛି । ଭାରତ ନିଶ୍ଚିତ ଭାବରେ ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ପଦକ ଜିତିବା ବିଷୟରେ ଚିନ୍ତା କରିପାରିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଓଡ଼ିଶା ଏବଂ କେରଳରେ ସାଇ ଜାତୀୟ ଉତ୍କର୍ଷ କେନ୍ଦ୍ର ସହିତ ଜଡିତ ପ୍ରଶିକ୍ଷକମାନେ ଏହି ପ୍ରତିଯୋଗିତାକୁ ନେଇ ଉତ୍ସାହ ପ୍ରକାଶ କରିଛନ୍ତି। ଜଗତପୁରର ପ୍ରଶିକ୍ଷକ ଲାଇଶରମ ଜନସନ ସିଂହ କହିଛନ୍ତି ଯେ ଓଡ଼ିଶାର ପ୍ରଦର୍ଶନ ଭାରତର ଜଳକ୍ରୀଡା ପରିଦୃଶ୍ୟରେ ପରିବର୍ତ୍ତନର ସଙ୍କେତ ଦେଉଛି। ଏହା ଓଡ଼ିଶାର ପାଇଁ କେବଳ ଆରମ୍ଭ। ପ୍ରତିଭା ପୁଲ ଗଭୀର ଏବଂ ଅଧିକ ନିବେଶ ଓ ସମର୍ଥନ ସହିତ ଆମେ ଶୀଘ୍ର ନେତୃତ୍ୱ ନେବୁ।

## ମହିଳା ବିଶ୍ୱକପ୍ ପାଇଁ ପାକିସ୍ତାନ ଦଳ ଘୋଷଣା

# ଫାତିମା ସାନା ଅଧିନାୟକ



ନୂଆଦିଲ୍ଲୀ: ପାକିସ୍ତାନ କ୍ରିକେଟ୍ ବୋର୍ଡ ସୋମବାର ମହିଳା ବିଶ୍ୱକପ୍ ଦଳ ଘୋଷଣା କରିଛି। ଆସନ୍ତା ମାସ ସେପ୍ଟେମ୍ବର ୩୦ ରୁ ନଭେମ୍ବର ୨ ପର୍ଯ୍ୟନ୍ତ ଆରମ୍ଭ ହେବାକୁ ଥିବା ମହିଳା ବିଶ୍ୱକପ୍ ପାଇଁ ପାକିସ୍ତାନ କୋଡ଼ିଏ ବର୍ଷୀୟ ଐମାନ ଫାତିମାଙ୍କୁ ସାମିଲ କରିଛି। ଐମାନଙ୍କ ସହିତ, ପ୍ରଥମ ଥର ପାଇଁ ଅନ୍ୟ ଛଅ ଜଣ ଖେଳାଳିଙ୍କୁ ଦିନିକିଆ ବିଶ୍ୱକପ୍ ଦଳରେ ସ୍ଥାନ ଦିଆଯାଇଛି। ଏମାନେ ହେଲେ ନାତାଲିଆ ପରଭାଇଜ୍, ରମୀନ୍ ଶାମିମ୍, ସଦାଫ୍ ଶମାସ୍, ସାଦିଆ ଇକବାଲ୍, ଶାୱାଲ୍ ଜୁଲଫିକର ଏବଂ ସୈୟଦା ଆରୁବ୍ ଶାହ। ୧୫ ଜଣିଆ ଦଳ ଫାତିମା ସାନାଙ୍କ ଦ୍ୱାରା ରକ୍ଷକ-ବ୍ୟାଟ୍ସମ୍ୟାନ ମୁନିବା ଅଲିଙ୍କ ସହ ଡେପୁଟି ହେବେ। ଏହି ଦଳରେ ପାଞ୍ଚଟି ଭ୍ରମଣ ଭଣ୍ଡାର ରହିଛି। ପାକିସ୍ତାନ ଦଳ : ଫାତିମା ସାନା (ଅଧିନାୟକ), ମୁନିବା ଅଲି ସିଦ୍ଦିକି (ଉପ-ଅଧିନାୟକ), ଆଲିଆ ରିଆଜ, ଡାଏନା ବାଏଗ, ଆଇମାନ ଫାତିମା, ନାଶ୍ରା ସୁନ୍ଦର, ନାତାଲିଆ ପରଭାଇଜ, ଓମାଇମା ସୋହେଲ, ରମିନ ଶାମିମ, ସାଦାଫ ଶାମାସ, ସାଦିଆ ଇକବାଲ, ଶୱାଲ ଜୁଲଫିକର, ସିଦ୍ରା ଅହମିନ। ଭ୍ରମଣକାରୀ ସଂରକ୍ଷଣ ସ୍ଥାନ: ଗୁଲ୍ ଫେରୋଜା, ନାଜିହା ଆଲଭି, ଟୁବା ହାସନ, ଉମ୍-ଇ-ହାନି, ୱାହିଦା ଅଖତର। ଆୟମାନ ଚଳିତ ମାସ ଆରମ୍ଭରେ ଆୟର୍ଲାଣ୍ଡ ବିପକ୍ଷ ଟି-ଟ୍ୱେଣ୍ଟି ସିରିଜରେ ପାକିସ୍ତାନ ପାଇଁ ଡେବ୍ୟୁ କରିଥିଲେ ଏବଂ ମେ ମାସରେ ପାକିସ୍ତାନର ଜାତୀୟ ଟି -୨୦ ଟୁର୍ନାମେଣ୍ଟରେ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିଥିଲେ। ପାକିସ୍ତାନ ପାଞ୍ଚ ଜଣ ଯାତ୍ରା ସଂରକ୍ଷିତ ଖେଳାଳିଙ୍କୁ ମଧ୍ୟ ନାମ ଦେଇଛି: ଗୁଲ୍ ଫିରୋଜା, ନାଜିହା ଆଲଭି, ଟୁବା ହାସନ, ଉମ୍-ଏ-ହାନି, ୱାହିଦା ଅଖତର। ଫିରୋଜା ଏବଂ ଆଲଭି ଏପ୍ରିଲରେ ଓଡଉ ମହିଳା କ୍ରିକେଟ ବିଶ୍ୱକପ୍ କ୍ୱାଲିଫାୟରର ଅଂଶ ଥିଲେ କିନ୍ତୁ ସେମାନଙ୍କୁ ରିଜର୍ଭରେ ସ୍ଥାନ ଦିଆଯାଇଛି। ପାକିସ୍ତାନ ଚଳିତ ବର୍ଷ ଏପ୍ରିଲରେ କ୍ୱାଲିଫାୟର ମାଧ୍ୟମରେ ଟୁର୍ଣ୍ଣାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା, ସାନାଙ୍କ ନେତୃତ୍ୱରେ ୧୦୦% ବିଜୟ ଅନୁପାତ ଥିଲା। ଏହି ମେଗା ଇଭେଣ୍ଟରେ ପ୍ରବେଶ କରିବା ପାଇଁ, ପାକିସ୍ତାନ ସେହି ଦଳ ସହିତ ସେପ୍ଟେମ୍ବର ୧୬ ରୁ ସେପ୍ଟେମ୍ବର ୨୨ ପର୍ଯ୍ୟନ୍ତ ଲାହୋରରେ ଏକ ତିନି ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ ସିରିଜରେ ଦକ୍ଷିଣ ଆଫ୍ରିକା ସହିତ ମଧ୍ୟ ଖେଳିବ। ସେମାନେ ମୁଖ୍ୟ ପ୍ରଶିକ୍ଷକ ମହମ୍ମଦ ୱାସିମଙ୍କ ମାର୍ଗଦର୍ଶନରେ ଅଗଷ୍ଟ ୨୯ ରୁ ୧୪ ଦିନିଆ ପ୍ରସ୍ତୁତି ଶିବିରରେ ମଧ୍ୟ ଅଂଶଗ୍ରହଣ କରିବେ। କଲମ୍ବୋରେ ସମସ୍ତ ବିଶ୍ୱକପ୍ ଖେଳୁଥିବା ପାକିସ୍ତାନ ଅକ୍ଟୋବର ୨ ରେ ବାଂଲାଦେଶ ବିପକ୍ଷରେ ନିଜର ଅଭିଯାନ ଆରମ୍ଭ କରିବ। ଯଦି ସେମାନେ ଫାଇନାଲରେ ପହଞ୍ଚିଯାଆନ୍ତି, ତେବେ ଟୁର୍ଣ୍ଣାମେଣ୍ଟର ଶୀର୍ଷ ମୁକାବିଲା ମଧ୍ୟ କଲମ୍ବୋରେ ଖେଳାଯିବ।

## ଦଳ ପରିବର୍ତ୍ତନ କରିବେ ହନୁମା ବିହାରୀ

# ଏସିଏ ନିକଟରେ ଏନ୍‌ଓସି ଆବେଦନ

ନୂଆଦିଲ୍ଲୀ: ଆନ୍ଧ୍ର ଏବଂ ହାଇଦ୍ରାବାଦ ବ୍ୟାଟ୍ସମ୍ୟାନ୍ ହନୁମା ବିହାରୀ ରାଜ୍ୟ ବଦଳାଇବାକୁ ନିଷ୍ପତ୍ତି ନେଇଛନ୍ତି। ଆଗାମୀ ଘରୋଇ ସିଜିନ୍ ପୂର୍ବରୁ, ୩୧ ବର୍ଷୀୟ ଖେଳାଳି ଆନ୍ଧ୍ର କ୍ରିକେଟ୍ ଆସୋସିଏସନ୍ (ଏସିଏ) ଠାରୁ ଏନ୍‌ଓସି ମାଗିଛନ୍ତି। ଚର୍ଚ୍ଚା ହେଉଛି ଯେ ସେ ତ୍ରିପୁରା ଯାଇପାରିବେ। ୨୦୧୮ ରୁ ୨୦୨୨ ମଧ୍ୟରେ ଭାରତ ପାଇଁ ୧୬ ଟେଷ୍ଟ ଖେଳିଥିବା ବିହାରୀ ସୋମବାର କ୍ରିକବଜ୍‌କୁ ଏକ ସାକ୍ଷାତକାରରେ କହିଥିଲେ ଯେ, ମୁଁ ଏକ ପରିବର୍ତ୍ତନ ବିଷୟରେ ଚିନ୍ତା କରୁଛି। ବିହାରୀ ମଧ୍ୟ ନିଶ୍ଚିତ କରିଛନ୍ତି ଯେ ସେ ଏନ୍‌ଓସି ପାଇଁ ଆବେଦନ କରିଛନ୍ତି। ତ୍ରିପୁରା କ୍ରିକେଟ ଆସୋସିଏସନର ଜଣେ ଅଧିକାରୀ ନିଶ୍ଚିତ କରିଛନ୍ତି ଯେ ସଂଘ ଏହି ସିଜିନ ପାଇଁ ବିହାରୀଙ୍କୁ ସେମାନଙ୍କର ବୃତ୍ତିଗତ ଭାବରେ ଚୂଡ଼ାନ୍ତ କରିଛି ଏବଂ ସମସ୍ତ ସମ୍ଭାବନାରେ ସେ ରାଜ୍ୟ ଦଳର ଅଧିନାୟକ ମଧ୍ୟ ହେବେ। ତ୍ରିପୁରା ସମସ୍ତ ଫର୍ମାଟରେ - ଲାଲ ବଲ୍ ଏବଂ ଧଳା ବଲ୍ ଉଭୟରେ ଏଲିଟ୍ ଡିଭିଜନରେ ରହିବ। 'ଆମେ ସଂଘକୁ ବୃତ୍ତିଗତ ଭାବରେ ସ୍ୱାକ୍ଷର କରିବା ପାଇଁ କିଛି ନାମ ସୁପାରିଶ କରିଛୁ। ମୁଁ ନାମ ପ୍ରକାଶ କରିପାରିବି ନାହିଁ କିନ୍ତୁ ମୁଁ ଜାଣେ ଆମେ



ବିହାରୀଙ୍କୁ ସ୍ୱାକ୍ଷର କରୁଛୁ,' ସଂଘର ପୂର୍ବତନ ସଭାପତି ଏବଂ ବର୍ତ୍ତମାନ ସଂଘର ଅଂଶବିଶେଷ ତପନ ଲୋଧ ଏହି ୱେବସାଇଟ୍‌କୁ କହିଛନ୍ତି। ବିହାରୀଙ୍କ ୨୦୧୧/୧୨ ସିଜିନରୁ ଆରମ୍ଭ କରି ୮୪ ମ୍ୟାଚ୍ ଖେଳିବାର ଘରୋଇ କ୍ୟାରିଅର ରହିଛି ଯେଉଁଥିରେ ସେ ଆନ୍ଧ୍ର ପାଇଁ ୪୪ ମ୍ୟାଚ୍ ଖେଳିଛନ୍ତି (ଚାରୋଟି ଶତକ ଏବଂ ୨୦ ଅର୍ଦ୍ଧଶତକ ସହିତ ୪୪.୯୭ ହାରାହାରିରେ ୩୦୧୩ ରନ୍ କରିଛନ୍ତି)। ସେ ୨୦୧୬/୧୭ ସିଜିନରେ ଆନ୍ଧ୍ରକୁ ଚାଲିଯାଇଥିଲେ ଏବଂ ପରେ ହାଇଦ୍ରାବାଦ ଫେରି ଯାଇଥିଲେ କିନ୍ତୁ ଶେଷ ଦୁଇଟି ସିଜିନ ପାଇଁ ଆନ୍ଧ୍ରକୁ ଫେରି ଆସିଥିଲେ। ରାଜନୈତିକ ହସ୍ତକ୍ଷେପ ପରେ ୨୦୨୪ ରେ ବିବାଦୀୟ ଭାବରେ ପଦରୁ ହଟିବା ପୂର୍ବରୁ ସେ ଆନ୍ଧ୍ରର ଅଧିନାୟକ ମଧ୍ୟ ଥିଲେ। ହାଇଦ୍ରାବାଦ ପାଇଁ, ସେ ୪୦ଟି ମ୍ୟାଚ୍ ଖେଳି ୫୭.୩୮ ହାରରେ ୩,୧୫୫ ରନ କରିଥିଲେ, ଯେଉଁଥିରେ ୧୦ ଶତକ ଏବଂ ୧୨ ଅର୍ଦ୍ଧଶତକ ଥିଲା। ଆନ୍ଧ୍ର ପାଇଁ, ତାଙ୍କୁ ଜଣେ ଯୋଦ୍ଧା ଭାବରେ ବିବେଚନା କରାଯାଉଥିଲା ।

# ଏସିଆ କପ୍ ପାଇଁ ଆଫଗାନିସ୍ତାନ ଟିମ୍ ଘୋଷଣା: ରଶିଦ୍ ଅଧିନାୟକ



ନୂଆଦିଲ୍ଲୀ: ଏସିଆ କପ୍ ୨୦୨୫ ପାଇଁ ଆଫଗାନିସ୍ତାନ ତା'ର ଦଳ ଘୋଷଣା କରିଛି। ଘୋଷିତ ୧୭ ଜଣିଆ ଦଳରେ ରଶିଦ ଖାନଙ୍କୁ ଦଳର ଅଧିନାୟକ ଦାୟିତ୍ୱ ଦିଆଯାଇଛି। ରିଜର୍ଭ ଖେଳାଳି ଭାବେ ତିନି ଜଣଙ୍କୁ ସ୍ଥାନ ମିଳିଛି। ଦଳରେ ଅନୁଭବୀ ଖେଳାଳି ମହମ୍ମଦ ନବିଙ୍କ ସମେତ ଅନେକ ଯୁବ ଖେଳାଳିଙ୍କୁ ସ୍ଥାନ ମିଳିଛି। ଦଳରେ ଭରପୂର ସ୍ପିନର ରହିଛନ୍ତି। କାରଣ ୟୁଏଇର ପିଚ୍ ସ୍ପିନରଙ୍କୁ ବେଶ ସୁହାଇଥାଏ। ଆଫଗାନିସ୍ତାନର ଦଳରେ ସ୍ପିନର ରୂପେ ଅଧିନାୟକ ରଶିଦ ଖାନଙ୍କ ବ୍ୟତୀତ ମହମ୍ମଦ ନବି, ମୁଜିବ ଉର ରେହମାନ, ଆଲ୍ଲା ଗଜନଫର, ନୂର ଅହମ୍ମଦ ଓ ଶରାଫୁଦ୍ଦିନ ଅଶ୍ରଫଙ୍କ ନାଁ ସାମିଲ। ଏହି ପରି ୧୭ ଜଣିଆ ଦଳରେ ଛଅ ଜଣ ସ୍ପିନର ରହିଛନ୍ତି। ଏହା ବାଦ୍ ରିଜର୍ଭ ଖେଳାଳିଙ୍କ ମଧ୍ୟରେ ସ୍ପିନର ନ୍ୟାଙ୍ଗାଲ ଖରୋଟେଙ୍କୁ ସାମିଲ୍ କରାଯାଇଛି। ସ୍ପିନ ବୋଲରଙ୍କ ଭରସାରେ ଆଫଗାନିସ୍ତାନ ଟିମ୍ ଏସିଆ କପରେ ଶକ୍ତିଶାଳୀ ଦଳକୁ ଟକ୍କର ଦେବାକୁ ପ୍ରସ୍ତୁତି କରୁଛି। ସୂଚନାଯୋଗ୍ୟ, ୨୦୨୫ ଏସିଆ କପ୍ ସେପ୍ଟେମ୍ବର ୯ରୁ ଆରମ୍ଭ ହେବ। ଏହାର ଫାଇନାଲ ମ୍ୟାଚ୍ ସେପ୍ଟେମ୍ବର ୨୮ରେ ଖେଳାଯିବ। ଏଥର ଏସିଆ କପରେ ମୋଟ ଆଠଟି ଦଳ ଅଂଶଗ୍ରହଣ କରିବେ। ଏହି ଦଳଗୁଡ଼ିକୁ ଦୁଇଟି ଗ୍ରୁପରେ ବିଭକ୍ତ କରାଯାଇଛି। ୨୦୨୫ ଏସିଆ କପ୍‌ର ମ୍ୟାଚ୍ ଆବୁଧାବି ଏବଂ ଦୁବାଇରେ ଖେଳାଯିବ। ଟିମ୍ ଇଣ୍ଡିଆ ୧୦ ସେପ୍ଟେମ୍ବରରେ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ମ୍ୟାଚ୍ ଖେଳିବ। ଗ୍ରୁପ ଏରେ ଭାରତ, ପାକିସ୍ତାନ, ଓମାନ ଓ ୟୁଏଇ ଥିବା ବେଳେ ଗ୍ରୁପ ବିରେ ରହିଛନ୍ତି ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ ଓ ହଂକଂ। **ଘୋଷିତ ଦଳ :** ରଶିଦ ଖାନ(ଅଧିନାୟକ), ରହମାନୁଲ୍ଲା ଗୁରବାଜ, ଇବ୍ରାହିମ ଜାରଦାନ, ଦରବିଶ ରସୁଲି, ସେଦିକୁଲ୍ଲା ଅଟଲ, ଅଜମତୁଲ୍ଲା ଉମରଜାଇ, କରିମ ଜନତ, ମହମ୍ମଦ ନବି, ଗୁଲବଦିନ ନାଏବ, ଶରାଫୁଦ୍ଦୀନ ଅଶରଫ, ମହମ୍ମଦ ଇଶାକ, ମୁଜିବ ଉର ରେହମାନ, ଆଲ୍ଲା ଗଜନଫର, ନୂର ଅହମ୍ମଦ, ଅହମ୍ମଦ ମଲିକ, ନବୀନ ଉଲ ହକ ଓ ଫଜଲହକ ଫାରୁକି। **ରିଜର୍ଭ ଖେଳାଳି:** ୱାଫିଉଲ୍ଲା ତାରଖିଲ, ନ୍ୟାଙ୍ଗାଲ ଖରୋଟେ ଓ ଅବଦୁଲ୍ଲା ଅହମ୍ମଦଜଇ।

### ୱାଇଜିଟିଟିଏ ରାଜ୍ୟ ମାନ୍ୟତା ଟିଟି ଉଦ୍‌ଯାପିତ

# ନେହା, ସାର୍ଥକ ବିଜେତା



କଟକ (ଭାସ୍କର ନ୍ୟୁଜ୍): ବିଜୁ ପଟ୍ଟନାୟକ ଇନ୍‌ଡୋର ହଲ୍‌ରେ ଚାଲିଥିବା ୩୦ତମ ୱାଇଜିଟିଟିଏ ରାଜ୍ୟ ଓପନ ମାନ୍ୟତା ଟେବୁଲ ଟେନିସ୍ (ଟିଟି) ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ମହିଳା ଏକକ ବର୍ଗରେ ରେଳବାଇର ନେହା କୁମାରୀ ବିଜେତା ଓ ଭୁବନେଶ୍ୱର ଟିଟିଏର ଶ୍ୱେତପଦ୍ମା ଦଳାଇ ଉପବିଜେତା ହୋଇଛନ୍ତି। ପୁରୁଷ ଏକକରେ କଟକର ସାର୍ଥକ ଆର୍ଯ୍ୟ ବିଜେତା ଏବଂ ଶୁଭେନ୍ଦୁ ସ' ଉପବିଜେତା ହୋଇଛନ୍ତି। ବିଭିନ୍ନ ବୟସ ବର୍ଗରେ ଗାୟତ୍ରୀ ପଟ୍ଟନାୟକ, ଅନ୍‌ଭି ସୁଦୀପ କୁମାରୀ, ରୁଦ୍ର ରଣବୀର ଓ ସ୍ୱସ୍ତିକ୍ ସିଂହ, ଶ୍ୱେତା ବର୍ମା ଓ ଆରାଧ୍ୟା ସାହୁ, ଅଭିଷେକ ଦାସ ଓ କେ. ଶିବଶଙ୍କର, ଜିଜ୍ଞାସୁ ସାଇକିରଣ ପ୍ରଧାନ ଓ ସୟଦ ଅର୍ଶ ଅଲ୍ଲୀ, ଉର୍ଜା ବର୍ମା ଓ ଶ୍ୱେତା ବର୍ମା, ବାଳକରେ ଜିଜ୍ଞାସୁ ସାହୁ ଓ ଜିଜ୍ଞାସୁ ସାଇକିରଣ ପ୍ରଧାନ, ଶ୍ୱେତପଦ୍ମା ଦଳାଇ ଓ ସାକ୍ଷୀ ଭଗତ ଏବଂ ସାର୍ଥକ ଆର୍ଯ୍ୟ ଓ ଜିଜ୍ଞାଶୁ ସାହୁ ଶୀର୍ଷ ଦୁଇ ସ୍ଥାନ ଦଖଲ କରି ପୁରସ୍କୃତ ହୋଇଛନ୍ତି। ପୁରସ୍କାର ବିତରଣୀ ଉତ୍ସବରେ ଓଡ଼ିଶା ଅଲିମ୍ପିକ୍‌ସ ସଂଘ ସମ୍ପାଦକ ଅଭିଜିତ ପାଲ, ରାଜ୍ୟ ଟିଟି ସଂଘ ସମ୍ପାଦକ ରବୀନ୍ଦ୍ରପରିଡ଼ା, ଅବଦୁଲ ୱାହିଦ, ନିହାର ରଞ୍ଜନ ମିଶ୍ର ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଜୀବନବଲ୍ଲଭ ସାମଲ, ତପନ ଖା, ବିଜନ ଦାସ ମହାପାତ୍ର, ସୁଜିତ ରାୟ, ସନ୍ଦୀପ ଚକ୍ରବର୍ତ୍ତୀ, କେଏସ୍‌ଏନ୍ ମୂର୍ତ୍ତି, କେଭିପି ରାମାରାଓ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ବିଜେତାମାନଙ୍କୁ ବିଭିନ୍ନ ମହଲ୍‌ରୁ ପ୍ରଶଂସା କରାଯାଇଥିବା ବେଳେ ସେମାନଙ୍କ କ୍ରୀଡାକୁ ଆହୁରି ଉନ୍ନତ କରିବା ପାଇଁ ଶୁଭକାମନା ଜଣାଇଛନ୍ତି। ଏଥିପାଇଁ ଖେଳାଳିଙ୍କ ସଂପର୍କୀୟମାନେ ବେଶ୍ ଖୁସି ବ୍ୟକ୍ତ କରିଛନ୍ତି।

# ପଡ଼ିଆରେ ଚାଲିଗଲା ଖେଳାଳିଙ୍କ ଜୀବନ

ଦେବଗଡ଼ (ଭାସ୍କର ନ୍ୟୁଜ୍): ମୃତ୍ୟୁ କେତେବେଳ, କେଉଁଠି ଆସିବ କହି ହୁଏନାହିଁ। ଏମିତି ଏକ ଘଟଣା ଖେଳୁଥିବା ବେଳେ ଘଟିଛି। ଫୁଟବଲ ଖେଳୁଥିବାବେଳେ ଜଣେ ଖେଳାଳିଙ୍କ ମୃତ୍ୟୁ ଘଟିଛି। ମୃତକ ଖେଳାଳି ହେଲେ ପୌରାଚଂଳର ଭୂୟାଁ ସାହିର ପ୍ରକାଶ ନାଏକ (୩୩)। ସେ ୨ ନମ୍ବର ୱାର୍ଡ ନିବାସୀ ଥିଲେ। ସୂଚନା ଅନୁଯାୟୀ, ଦେବଗଡ଼ ପୌର ପରିଷଦ ପକ୍ଷରୁ ଜିଲ୍ଲା କ୍ରୀଡା ସଂସଦ ସହଯୋଗରେ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ୨୧ ତାରିଖରୁ କାଉନସିଲର କପ ଫୁଟବଲ ପ୍ରତିଯୋଗିତା ୱାର୍ଡନଂ -୨ ସହିତ ୱାର୍ଡ ନଂ-୭ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ତେବେ ମ୍ୟାଚ ଚାଲିଥିବାବେଳେ ପ୍ରକାଶ ହଠାତ ଖସିପଡିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ ଘଟଣା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ?ରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଘଟଣାସ୍ଥଳରେ ପଂହଚି ସେମାନଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଅନ୍ୟପଟେ ଖେଳ ହେଉଥିବା ସ୍ଥାନରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇନଥିବା ଅଭିଯୋଗ ହୋଇଛି। ମୃତକଙ୍କ ପରିବାରକୁ ପେ ?ର ପରିଷଦ ପକ୍ଷରୁ ୧୦ ହଜାର ଟଙ୍କା ଓ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି।ସୂଚନାପାଇ ଦେବଗଡ଼ ଥାନା ପୁଲିସ ଘଟଣାସ୍ଥଳରେ ପଂହଚି ଶବ ଜବତ କରିବା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ଶ୍ରୀଲଙ୍କ ବିପକ୍ଷ ମ୍ୟାଚ୍ ପାଇଁ ଜିମ୍ବାୱେ ଟିମ୍ ଘୋଷଣା

# ସାମିଲ ହେଲେ ବ୍ରେଣ୍ଡନ୍ ଟେଲର

ନୂଆଦିଲ୍ଲୀ: ଶ୍ରୀଲଙ୍କା ବିପକ୍ଷରେ ଦୁଇ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ପାଇଁ ୧୬ ଜଣିଆ ଟିମ୍ ଘୋଷଣା କରିଛି ଜିମ୍ବାୱେ। ଏ ଦଳର ସାମିଲ ହୋଇଛନ୍ତି ବ୍ରେଣ୍ଡନ୍ ଟେଲର।ସେପ୍ଟେମ୍ବର ୨୦୨୧ରେ ଆୟର୍ଲାଣ୍ଡ ବିପକ୍ଷରେ ଖେଳିବା ପରଠାରୁ ଟେଲର ୫୦-ଓଭର ଫର୍ମାଟ ମ୍ୟାଚ୍ ଖେଳିନାହାନ୍ତି। ଜିମ୍ବାୱେ ଚୟନକାରୀଙ୍କ ସଂଯୋଜକ ଡେଭିଡ୍ ମୁଟେଣ୍ଡେରା କହିଛନ୍ତି ଆମେ ବ୍ରେଣ୍ଡନ୍‌ଙ୍କୁ ପୁଣି ଥରେ ଦଳରେ ସାମିଲ କରି ଖୁସି ଅଛୁ। ତାଙ୍କର ଅଭିଜ୍ଞତା ଏବଂ ଗୁଣବତ୍ତା ଅମୂଲ୍ୟ, ବିଶେଷକରି ଚାପ ପରିସ୍ଥିତିରେ ଏବଂ ତାଙ୍କର ଉପସ୍ଥିତି ନିସନ୍ଦେହରେ ଡ୍ରେସିଂ ରୁମ୍‌କୁ ଉପରକୁ ଉଠାଇବ। ଟେଲରଙ୍କ ପ୍ରତ୍ୟାବର୍ତ୍ତନ ବ୍ୟତୀତ, ବ୍ଲେସିଂ ମୁଜାରାବାନିଙ୍କ ସହିତ ଫିଟ୍-ପୁନଃ ରିଚାର୍ଡ ନଗାରାଭାଙ୍କ ପ୍ରତ୍ୟାବର୍ତ୍ତନରୁ ପେସ୍ ୟୁନିଟ୍ ମଧ୍ୟ ଉତ୍ସାହିତ ହୋଇଛି। ଜିମ୍ବାୱେ ଶେଷ ଥର ପାଇଁ ଫେବୃଆରୀରେ ଆୟର୍ଲାଣ୍ଡ ବିପକ୍ଷରେ ଏକ ଦିନିକିଆ ମ୍ୟାଚ୍ ଖେଳିଥିଲା। ଏହି ନୂତନ ଦଳରେ ୪ଜଣ ନୂଆ ଖେଳାଳି ଅଛନ୍ତି। ସେମାନେ ହେଲେ - କ୍ଲାଇଭ୍ ମାଡାଣ୍ଡେ, ଟୋନି ମୁନୟୋଙ୍ଗା, ବ୍ରାଡ୍ ଇଭାନ୍ସ ଏବଂ ଅନକ୍ୟାପ୍ଡ ସିମର ଅର୍ନେଷ୍ଟ ମାସୁକୁ। ଦଳଟି ଅଭିଜ୍ଞ କ୍ରେଗ୍ ଏର୍ଭିନଙ୍କ ନେତୃତ୍ୱରେ ପରିଚାଳିତ ହେବ। 'ଲାଲ-ବଲ୍ ରୁ



ଧଳା-ବଲ୍ କ୍ରିକେଟକୁ ପରିବର୍ତ୍ତନ କରିବା ସର୍ବଦା ଏକ ପରୀକ୍ଷା, ବିଶେଷକରି ଶ୍ରୀଲଙ୍କାର କ୍ଷମତାସମ୍ପନ୍ନ ଦଳ ବିରୁଦ୍ଧରେ ଅଧିନାୟକ କହିଛନ୍ତି ଆମକୁ ନମନୀୟ ରହିବା, ଆମର ଯୋଜନାକୁ ସମର୍ଥନ କରିବାକୁ ଏବଂ ଉଭୟ ମ୍ୟାଚ୍‌ରେ ଦୃଢ଼ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଆମର ଘରୋଇ ପରିସ୍ଥିତିର ସର୍ବାଧିକ ଉପଯୋଗ କରିବାକୁ ପଡିବ। ଦୁଇଟି ଦିନିକିଆ ଅଗଷ୍ଟ ୨୯ ଏବଂ ୩୧ ତାରିଖରେ ହରାରେ ସ୍ପୋର୍ଟ୍ସ କ୍ଲବରେ ଅନୁଷ୍ଠିତ ହେବ। ଏହି ଦଳକୁ ଏକ ଶକ୍ତିଶାଳୀ ଶ୍ରୀଲଙ୍କା ଦଳ ବିପକ୍ଷରେ ଆମକୁ ସର୍ବୋତ୍ତମ ସୁଯୋଗ ଦେବା ପାଇଁ ଚୟନ କରାଯାଇଛି। ମୁଟେଣ୍ଡେରା ଆହୁରି କହିଛନ୍ତି ଆମେ ମିଳିତ ଭାବରେ ପ୍ରମାଣିତ ହୋଇଛୁ ମ୍ୟାଚ୍-ୱିନର୍ସ ସହିତ ଯେଉଁମାନେ ନିଜର ଛାପ ଛାଡ଼ିବାକୁ ଭୋକିଲା ଅଛନ୍ତି ଏବଂ ଅଭିଜ୍ଞତା ଏବଂ ଶକ୍ତିର ସେହି ମିଶ୍ରଣ ଲାଲ-ବଲ୍ କ୍ରିକେଟରୁ ଦ୍ରୁତ ଗତିରେ ଏକଦିବସୀୟ ମ୍ୟାଚ୍‌କୁ ପରିବର୍ତ୍ତନ କରିବା ସମୟରେ ଗୁରୁତ୍ୱପୂର୍ଣ୍ଣ ହେବ।' ମୁଖ୍ୟ ପ୍ରଶିକ୍ଷକ ଜଷ୍ଟିନ୍ ସାମନ୍ସ ଆହୁରି କହିଛନ୍ତି 'ଆମେ ଏକ କଠିନ ଲାଲ-ବଲ୍ ସିରିଜରୁ ଆସିଛୁ ଏବଂ ଏବେ ଏହା ଦିନିକିଆ କ୍ରିକେଟର ଗତି ଏବଂ ତୀବ୍ରତା ସହିତ ଆଡଜଷ୍ଟ ହେବା ବିଷୟରେ। ଶ୍ରୀଲଙ୍କା ଏକ ଶକ୍ତିଶାଳୀ ଧଳା ବଲ୍ ଦଳ ଏବଂ ଯେକୌଣସି ତ୍ରୁଟିକୁ ଦଣ୍ଡ ଦେବ, ତେଣୁ ଆମକୁ ପ୍ରଥମ ବଲ୍‌ରୁ ତୀକ୍ଷ୍ଣ ହେବାକୁ ପଡିବ। 'ଭୂମିକାରେ ସ୍ପଷ୍ଟତା ଗୁରୁତ୍ୱପୂର୍ଣ୍ଣ ହେବ - ପ୍ରତ୍ୟେକ ଖେଳାଳିଙ୍କୁ ଠିକ୍ କ'ଣ ଆବଶ୍ୟକ ତାହା ବୁଝିବାକୁ ପଡିବ। ଏହାକୁ ଠିକ୍ ଭାବରେ ଗ୍ରହଣ କରନ୍ତୁ, ଏବଂ ମୁଁ ବିଶ୍ୱାସ କରେ ଯେ ଆମେ ଏକ ଅତ୍ୟନ୍ତ ଶୃଙ୍ଖଳିତ ଶ୍ରୀଲଙ୍କା ଦଳ ବିପକ୍ଷରେ ଦୃଢ଼ ପ୍ରତିଦ୍ୱନ୍ଦ୍ୱିତା କରିପାରିବୁ।' ଜିମ୍ବାୱେ ଦଳ: କ୍ରେଗ୍ ଏର୍ଭିନ୍ (କ୍ୟାପ୍ଟେନ୍), ବ୍ରାଏନ୍ ବେନେଟ୍, ଜୋନାଥନ୍ କ୍ୟାମ୍ପବେଲ୍, ବେନ୍ କରେନ୍, ବ୍ରାଡ୍ ଇଭାନ୍ସ, ଟ୍ରେଭର୍ ଗ୍ୱାଣ୍ଡୁ, ୱେସ୍ଲି ମାଧେଭେରେ, କ୍ଲାଇଭ୍ ମାଡାଣ୍ଡେ, ଅର୍ନେଷ୍ଟ ମାସୁକୁ, ଟୋନି ମୁନୟୋଙ୍ଗା, ବ୍ଲେସିଂ ମୁଜାରାବାନି, ରିଚାର୍ଡ ନଗାରାଭା, ନ୍ୟୁମାନ ନ୍ୟାମହୁରୀ, ସିକନ୍ଦର ରାଜା, ବ୍ରେଣ୍ଡନ୍ ୱିଲିୟମ୍ସ, ସିଆନ୍ ଟେଲର୍

### ମୁଖ୍ୟ କୋଚ୍‌ଙ୍କ ଦୃଢ଼ୋକ୍ତି

# ଭାରତୀୟ ଦଳ ପ୍ରସ୍ତୁତ ରହିଛି

ବେଙ୍ଗାଲୁରୁ: ଜାତୀୟ କ୍ୟାମ୍ପରେ ଟପ୍ ଖେଳାଳିଙ୍କ ଅନୁପସ୍ଥିତି ସତ୍ତ୍ୱେ ଭାରତୀୟ ଫୁଟବଲ ଦଳ ଆଗାମୀ କାଫା ନେଶନ୍ସ କପ୍ ଲାଗି ପ୍ରସ୍ତୁତ ଥିବା ନୂଆ ମୁଖ୍ୟ କୋଚ୍ ଖାଲିଦ ଜମିଲ ସୋମବାର କହିଛନ୍ତି। ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଚାମ୍ପିୟନ ମୋହନ ବାଗାନ ସୁପର ଜାଏଣ୍ଟ କ୍ୟାମ୍ପ ଲାଗି ୭ ଖେଳାଳିଙ୍କୁ ଛାଡ଼ିବାକୁ ମନା କରି ଦେଇଛି। ଆଇଗର ଷ୍ଟିମାକଙ୍କଠାରୁ ଦାୟିତ୍ୱ ସମ୍ଭାଳିଥିବା ଜମିଲଙ୍କ ନେତୃତ୍ୱରେ କ୍ୟାମ୍ପରେ ୨୯ ଖେଳାଳି ଟ୍ରେନିଂ ନେଉଛନ୍ତି। କ୍ଲବ କିଛି କାରଣରୁ ଖେଳାଳିଙ୍କୁ ଛାଡୁ ନାହାନ୍ତି। ଏଣୁ ଉପଲବ୍ଧ ଥିବା ଖେଳାଳିଙ୍କ ସହ କାମ କରିବାକୁ ପଡ଼ିବ। ଏହା ମୋ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ। ଖେଳାଳିମାନେ ବି ମୋ ସହ ଅଛନ୍ତି। ମୋତେ ସେମାନଙ୍କ ସହ କାମ କରିବାରେ କୌଣସି ଅସୁବିଧା ହେଉ ନାହିଁ। ଏଣୁ ବର୍ତ୍ତମାନ ଆମର ଶ୍ରେଷ୍ଠ ପ୍ରଦର୍ଶନ କରିବାର ସମୟ। କିଛି ଖେଳାଳି ଉପଲବ୍ଧ ନାହାନ୍ତି। ଯେଉଁମାନେ ଫିଟ୍ ଅଛନ୍ତି, ସେମାନଙ୍କୁ ଚୟନ କରୁଛୁ। ବର୍ତ୍ତମାନ କେବଳ ଟୁର୍ନାମେଣ୍ଟ ସମ୍ପର୍କରେ ଚିନ୍ତା କରାଯାଉଛି। ଖେଳାଳିଙ୍କୁ ମାନସିକ ସ୍ତରରେ ଦୃଢ଼ ହେବାକୁ ପଡ଼ିବ। ନିଜ ଉପରେ ବିଶ୍ୱାସ ରଖି ଖେଳିବାକୁ ପଡ଼ିବ। ଦଳରେ ଏବେ ବି ସନ୍ଦେଶ ଝିଙ୍ଗହାନ, ଗୁରପ୍ରୀତ ସାନ୍ଧୁ, ଅନୱର ଅଲୀଙ୍କ ଭଳି ଖଳାଳି ଅଛନ୍ତି। ଭଲ ନୂଆ ଖେଳାଳି ବି ଅଛନ୍ତି। କ୍ୟାମ୍ପରେ ଆମ ଦଳ ଦୁର୍ବଳ ବୋଲି ମୁଁ କଦାପି ଅନୁଭବ କରୁନାହିଁ। ଦଳ ପ୍ରସ୍ତୁତ ଅଛି। ଟୁର୍ନାମେଣ୍ଟ ଆମକୁ ପରବର୍ତ୍ତୀ ୩ ମ୍ୟାଚ୍ ଲାଗି ଉପଯୁକ୍ତ ପ୍ରସ୍ତୁତି ଯୋଗାଇବ ବୋଲି ଖବରଦାତା ସମ୍ମିଳନୀରେ ମୁଖ୍ୟକୋଚ୍ କହିଛନ୍ତି।

ଓଡ଼ିଶା ଭାସ୍କର
ODISHA BHASKAR
ବିବିଧବର୍ଣ୍ଣା



ସ୍ମାର୍ଟଫୋନ୍ ଆମ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଗଲାଣି, ଅଧିକାଂଶ ଲୋକ ଅଛନ୍ତି ଯେଉଁ ମାନେ କି ମୋବାଇଲ ଠାରୁ ଦୂରେଇ ରହି ପ୍ରଂଫୁ ନାହିଁ ।କିନ୍ତୁ ଆପଣ ଜାଣନ୍ତି କି ଆପଣଙ୍କର ଏହି ଅଭ୍ୟାସ ଆପଣଙ୍କ ପାଇଁ ଅସୁବିଧା ସୃଷ୍ଟି କରିପାରେ ଲୋକଙ୍କ ମଧ୍ୟରେ ମୋବାଇଲ ଫୋନ ବ୍ୟବହାର କରିବାର ଅଭ୍ୟାସ ଦ୍ରୁତ ଗତିରେ ବଢିବାରେ ଲାଗିଛି, ଯାହା କି ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ବିପଦଜନକ ଅଟେ । ୟୁରୋପୀୟ ସୋସାଇଟି ଅଫ କାର୍ଡିଓଲୋଜି କଂଗ୍ରେସ ୨୦୨୩ର ନୂତନ ଅନୁସନ୍ଧାନରୁ ଜଣାପଡିଛି ଯେ, ଯେଉଁ ପିଲାମାନେ ମୋବାଇଲ ସ୍କ୍ରିନରେ ଦୀର୍ଘ ସମୟ ଧରି ଖେଳନ୍ତି କିମ୍ବା ଅନ୍ୟ କୌଣସି କାର୍ଯ୍ୟ କରନ୍ତି, ତେବେ ସେମାନଙ୍କୁ ଯୁବାବସ୍ଥାର ଆରମ୍ଭରୁ ହୃଦଘାତ ହେବାର ଆଶଙ୍କା ବହୁଗୁଣିତ ହୁଏ । ଅନୁସନ୍ଧାନର ଫଳାଫଳରୁ ଗୋଟିଏ କଥା ସ୍ପଷ୍ଟ ହୋଇଛି ଯେ, ଯେଉଁ ପିଲାମାନେ ଅଳ୍ପ ବୟସରେ ବାହାରେ ସାଙ୍ଗମାନଙ୍କ ସହିତ ଖେଳିବା ପରିବର୍ତ୍ତେ ମୋବାଇଲରେ ଅଧିକ ସମୟ ବିତାଉଛନ୍ତି, ସେହି ପିଲାମାନଙ୍କୁ ଅଳ୍ପ ବୟସରେ ହୃଦଘାତ କିମ୍ବା ଷ୍ଟ୍ରୋକ ହେବାର ଆଶଙ୍କା ରହିଛି । ପିଲାମାନଙ୍କଠାରେ ହୃଦଘାତର ଆଶଙ୍କା କମାଇବା ପାଇଁ ପିତାମାତାଙ୍କୁ ପିଲାମାନଙ୍କ ମୋବାଇଲର ସ୍କ୍ରିନ୍ ସମୟ ହ୍ରାସ କରିବାକୁ ପରାମର୍ଶ ଦିଆଯାଇଛି । ଯଦି ଆପଣ ମଧ୍ୟ ଚାହୁଁଛନ୍ତି ଯେ, ଆପଣଙ୍କ ପିଲାଙ୍କ ସ୍କ୍ରିନ ସମୟ ହ୍ରାସ ହେଉ, ତେବେ ଏଥିପାଇଁ ଆପଣଙ୍କୁ ଆପଣଙ୍କର ସ୍କ୍ରିନ୍ ସମୟ ମଧ୍ୟ ହ୍ରାସ କରିବାକୁ ପଡିବ ।





# ‘ଆନ୍ଦୋଳନ’ର ପ୍ରିମିୟର ସୋ

ଶିମିଳିପାଳ ଓ ପରିବେଶ ସୁରକ୍ଷା ଉପରେ ଆଧାରିତ ଚଳଚ୍ଚିତ୍ର ‘ଆନ୍ଦୋଳନ’ର ପ୍ରିମିୟର ସୋ ପ୍ରଦର୍ଶିତ ହୋଇଛି । ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ପରିକଳ୍ପନାରେ ତଥା ମୟୂରଭଞ୍ଜର ମୁକୁଟ ଶିମିଳିପାଳର ସୁରକ୍ଷା, ପରିବେଶର ରକ୍ଷା ଓ ଜିଲ୍ଲାରେ ଭରି ରହିଥିବା ପର୍ଯ୍ୟଟନ କ୍ଷେତ୍ରକୁ ଲୋକ ଲଚନକୁ ଆଣିବା, ବନ୍ୟଜାତ ଦ୍ରବ୍ୟ ବାଉଁଶ , ସବାଇ ଘାସ, ଶାଳ ମଞ୍ଜି, ଚାର ମଞ୍ଜି, ଶାଳ ପତ୍ରରେ ତିଆରି ଜିନିଷ ପତ୍ର ଉଚିତ ଦାମରେ ବିକ୍ରି କରି ବେକାରୀ ଯୁବକ ଯୁବତୀ ଆତ୍ମ ନିର୍ଭରଶୀଳ ହୋଇପାରିବେ , ସ୍ଥାନୀୟ ଅଞ୍ଚଳର ଆର୍ଥିକ ଅଭିବୃଦ୍ଧି କିପରି ହୋଇପାରିବ ସେ ଏଇ ଦୀର୍ଘ ଦିନର ପରିକଳ୍ପନା ପରେ ‘ଆନ୍ଦୋଳନ’ ନାମ ରେ ଏକ ଚଳଚ୍ଚିତ୍ର ପ୍ରସ୍ତୁତ ହେଇଛି । କରଞ୍ଜିଆ ସ୍ଥିତ ଏନ୍ଏସି କଲ୍ୟାଣ ମଣ୍ଡପରେ ସୋମବାର ଅପରାହ୍ନ ୩ ଟାରେ ଚଳଚ୍ଚିତ୍ର ଆନ୍ଦୋଳନର ପ୍ରୀମିୟାର ଶୋ ପ୍ରଦର୍ଶିତ ହୋଇଥିଲା । ଚଳଚ୍ଚିତ୍ରର ପରିକଳ୍ପନା କରିଥିଲେ ଭଞ୍ଜ ସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ରଚନା କରିଥିଲେ ସୋମନାଥ ସାହୁ, ନିର୍ଦ୍ଦେଶନା ଦେଇଥିଲେ ରାଜ ମିଶ୍ର, ଅଭିନୟରେ ତାପସ ପାଢ଼ୀ, ଲକ୍ଷ୍ମଣ, ସରୋଜ ଓ ଅନ୍ୟମାନେ ସମସ୍ତେ ଆମ ମୟୂରଭଞ୍ଜ ଜିଲ୍ଲାର । ଚଳଚ୍ଚିତ୍ରଟି ଜିଲ୍ଲା ର କଳା, ସଂସ୍କୃତି, ପରିବେଶ,ପର୍ଯ୍ୟଟନ କ୍ଷେତ୍ରର ସୁରକ୍ଷା ଉପରେ ଆଧାରିତ, ହୃଦୟସ୍ପର୍ଶୀ ହେଇଛି । ଏହା ନିଶ୍ଚିତ ଭାବେ ଦର୍ଶକଙ୍କ ମନ୍‌କୁ ଛୁଇଁବ । ଚଳଚ୍ଚିତ୍ର ମାଧ୍ୟମରେ ଜିଲ୍ଲାର ଅନେକଗୁଡ଼ିଏ ପର୍ଯ୍ୟଟନ କ୍ଷେତ୍ର ଲୋକଲୋଚନକୁ ଆସି ପାରିବ ।




# ଶ୍ରଦ୍ଧାଙ୍କ ଆକାଉଣ୍ଟ ବ୍ଲକ୍ କଲା ଲିଙ୍କ୍‌ଡଇନ

ଅଭିନେତ୍ରୀ ଶ୍ରଦ୍ଧା କପୁର ସୋସିଆଲ ମିଡିଆରେ ଲଗାତର କିଛି ନା କିଛି ପୋଷ୍ଟ କରିଥାନ୍ତି । ଇନ୍‌ଷ୍ଟାଗ୍ରାମରେ ତାଙ୍କର ବେଶ୍ ଫଲୋଅର ବି ଅଛନ୍ତି । ହେଲେ ଏବେ ତାଙ୍କର ଏକ ଇନ୍‌ଷ୍ଟାଗ୍ରାମ ପୋଷ୍ଟ ଚର୍ଚ୍ଚାକୁ ଆସିଛି । ଲିଙ୍କ୍‌ଡଇନ୍ ତାଙ୍କ ଆକାଉଣ୍ଟକୁ ନକଲି ବୋଲି ଭାବିଥିବା ଏବଂ ସେ ଏହି ଆକାଉଣ୍ଟକୁ ବ୍ୟବହାର କରିପାରୁ ନ ଥିବା କଥା ଶ୍ରଦ୍ଧା ଏହି ପୋଷ୍ଟରେ କହିଥିଲେ । ଅର୍ଥାତ ଲିଙ୍କ୍‌ଡଇନ୍ ତାଙ୍କ ଆକାଉଣ୍ଟକୁ ବ୍ଲକ କରିଥିବା କଥା ଶ୍ରଦ୍ଧା ଜଣାଇଥିଲେ । ଏଥିସହ ତାଙ୍କ ସମସ୍ୟା ସୁଧାରିବାକୁ ସେ ପୋଷ୍ଟ ମାଧ୍ୟମରେ ଲିଙ୍କ୍‌ଡଇନ୍‌କୁ ଅପିଲ କରିଥିଲେ । ଶ୍ରଦ୍ଧାଙ୍କ ଆକାଉଣ୍ଟ ଭେରିଫାଏଡ ହୋଇଥିଲେ ବି ତାହା ନଜର ଆସୁ ନ ଥିବା ଏବଂ ତାହାକୁ ଲିଙ୍କ୍‌ଡଇନ୍ ଫେକ୍ ବୋଲି ଭାବୁଥିବା ସେ କହିଥିଲେ । ଇନ୍‌ଷ୍ଟା ଷ୍ଟୋରୀରେ ସେ ଲିଙ୍କ୍‌ଡଇନ୍‌କୁ ଟ୍ୟାଗ୍ କରି ଲେଖିଛନ୍ତି, ‘ପ୍ରିୟ ଲିଙ୍କ୍‌ଡଇନ୍, ମୋତେ ବିଶ୍ୱାସ ହେଉନି ଯେ ମୋ ଆକାଉଣ୍ଟକୁ ଆଉ ବ୍ୟବହାର କରିପାରିବି କି ନା । କାରଣ ଲିଙ୍କ୍‌ଡଇନକୁ ଲାଗୁଛି ଯେ ଏହି ଆକାଉଣ୍ଟ ନକଲି । କେହି ମୋତେ ସାହାଯ୍ୟ କରିପାରିବେ କି ? ଆକାଉଣ୍ଟ ପ୍ରସ୍ତୁତ ଅଛି ଏବଂ ତାହା ପ୍ରିମିୟମ ଓ ଭେରିଫାଏଡ ବି । କିନ୍ତୁ ଏହାକୁ କେହି ଦେଖିପାରୁନାହାନ୍ତି । ମୁଁ ମୋ ଏଣ୍ଟରପ୍ରିନ୍ୟୋର ଯାତ୍ରାକୁ ସେୟାର କରିବାକୁ ଚାହୁଁଛି । ଆକାଉଣ୍ଟ ବନାଇବା ଏକ ଯାତ୍ରା ବନିଗଲାଣି ।’ତେବେ ଶ୍ରଦ୍ଧା କପୁର ଅଭିଯୋଗ କରିବାର ପ୍ରାୟ ଘଣ୍ଟାଏ ଭିତରେ ଲିଙ୍କ୍‌ଡଇନ ତାହାର ସମାଧାନ କରିଛି । ତାଙ୍କ ସମସ୍ୟା ଠିକ୍ ହୋଇଥିବା ନେଇ ଶ୍ରଦ୍ଧା ନିଜେ ଆଉ ଏକ ଇନ୍‌ଷ୍ଟା ଷ୍ଟୋରୀ ଜରିଆରେ ଜଣାଇଛନ୍ତି । ‘ତୁ ଝୁଠି ମେଁ ମକ୍କାର’ ଅଭିନେତ୍ରୀ ଶ୍ରଦ୍ଧା ୨୦୨୨ରେ ଲଞ୍ଚ୍ ହୋଇଥିବା ଡେମି-ଫାଇନ୍ ଜୁଏଲାରୀ ଲେବଲ୍, ପଲମୋନ୍‌ସର ସହପ୍ରତିଷ୍ଠାତା ଏବଂ ବ୍ରାଣ୍ଡ୍ ଆମ୍ବାସଡର ଭାବେ ବିଜ୍‌ନେସ ୱାର୍ଲ୍ଡରେ ପାଦ ରଖିଛନ୍ତି । ସାର୍କ ଟ୍ୟାଙ୍କ ଇଣ୍ଡିଆରେ ଆସିବା ପରେ ଏହା ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଥିଲା । ଏହି ବ୍ରାଣ୍ଡ୍ ଶାର୍କ ନମିତା ଥାପର ଏବଂ ରିତେଶ ଅଗ୍ରୱାଲଙ୍କଠାରୁ ୧.୨୬ କୋଟିର ପାଣ୍ଠି ହାସଲ କରିଥିଲା ।



# ଘରର ଏହି ଦିଗରେ ଟାଗନ୍ତୁ ଦର୍ପଣ

*ବାସ୍ତୁଶାସ୍ତ୍ର ଅନୁଯାୟୀ, ଗୃହରେ ସୁଖ ଶାନ୍ତି ବଜାୟ ରଖିବା ପାଇଁ ଦର୍ପଣର ଅନେକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେବେ ଘରର କେଉଁ ସ୍ଥାନରେ ଦର୍ପଣ ରଖିଲେ କି ପ୍ରକାରର ଶୁଭଫଳ ମିଳିଥାଏ ଜାଣନ୍ତୁ ସେ ସମ୍ପର୍କରେ...*

■ ସମସ୍ତେ ଘରେ ଦର୍ପଣ ଟାଙ୍ଗିଥା’ନ୍ତି । କିନ୍ତୁ ବାସ୍ତୁଶାସ୍ତ୍ର ଅନୁଯାୟୀ ଦର୍ପଣ ଟାଙ୍ଗିବାର ନିୟମ ଅଛି । ତେବେ କେଉଁ ଦିଗରେ ଦର୍ପଣ ଟାଙ୍ଗିବେ ନିଅନ୍ତୁ...

■ ଯେହେତୁ ଉତ୍ତର ଦିଗର ସ୍ୱାମୀ ହେଉଛନ୍ତି ଭଗବାନ କୁବେର ଏବଂ ପୂର୍ବ ଦିଗର ସ୍ୱାମୀ ଭଗବାନ ସୂର୍ଯ୍ୟ । ତେଣୁ ଏହି ଦୁଇ ଦିଗରେ ଦର୍ପଣ ଲଗାଇବା ଶୁଭ ହୋଇଥାଏ ।

■ କିନ୍ତୁ ଭୁଲ୍‌ରେ ବି ଦକ୍ଷିଣ କିମ୍ବା ପଶ୍ଚିମ ଦିଗରେ ଦର୍ପଣ ଲଗାଇବେ ନାହିଁ । କାରଣ ଦକ୍ଷିଣ ଦିଗର ସ୍ୱାମୀ ହେଲେ ପ୍ରଭୁ ଯମରାଜ ଏବଂ ପଶ୍ଚିମ ଦିଗର ଦେବତା ହେଲେ ଶନିଦେବ । ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି, ଯଦି ଏହି ଦୁଇ ଦିଗରେ ଦର୍ପଣ ଲଗାଯାଏ; ତା’ହେଲେ ଗୃହରେ ସର୍ବଦା ଅଶାନ୍ତି ଲାଗି ରହିଥାଏ ।

■ ସେହିପରି ଦର୍ପଣକୁ ସର୍ବଦା ସଫାସୁତୁରା ରଖିବା ଦରକାର । ତା’ସହିତ ଧ୍ୟାନ ଦେବେ ଦର୍ପଣରେ ଯେମିତି କୌଣସି ବିପଦପୂର୍ଣ୍ଣ ବସ୍ତୁ ବା ଅଶୁଭ ବସ୍ତୁର ପ୍ରତିଫଳନ ହେଉ ନଥିବ । ଯେମିତିକି: ଛୁରୀ, କିଛି ବି ମାରାଣାସ୍ତ୍ର, ଗ୍ୟାସ, ଡଷ୍ଟବିନ୍‌ର ଅଳିଆ ଆବର୍ଜନା, ଖରାପ ହୋଇଯାଇଥିବା କୌଣସି ବସ୍ତୁ ଇତ୍ୟାଦି । କାରଣ ଏହାଦ୍ୱାରା ଗୃହରେ ନକାରାତ୍ମକ ଊର୍ଜା ଉପନ୍ନ ହୋଇଥାଏ ।

■ ଅନ୍ୟପକ୍ଷେ ଦୁଇଟି ଦର୍ପଣକୁ କେବେ ବି ସାମ୍ନାସାମ୍ନି ରଖିବେ ନାହିଁ । କାରଣ ଏହାଦ୍ୱାରା ପରିବାରରେ ସନ୍ଦେହର ବାତାବରଣ ସୃଷ୍ଟି ହୋଇଥାଏ ବୋଲି ବିଶ୍ୱାସ କରାଯାଏ ।

# ପିଠି ଯନ୍ତ୍ରଣା ହେଉଛି କି ?
## ଆପଣାନ୍ତୁ ଏହି ୫ଟି ଘରୋଇ ଉପଚାର



*ଆଜିକାଲି ମହିଳାମାନେ ପିଠି ଯନ୍ତ୍ରଣା ଦ୍ୱାରା ଅଧିକ ଅସୁବିଧାରେ ପଡୁଛନ୍ତି । ବିଶେଷକରି ୩୦ ରୁ ୩୫ ବର୍ଷ ବୟସର ମହିଳାମାନେ ପିଠି ଯନ୍ତ୍ରଣାରେ ଅଧିକ ପୀଡିତ । ଏକ ଅନୁସନ୍ଧାନ ଅନୁଯାୟୀ, ପୁରୁଷଙ୍କ ଅପେକ୍ଷା ମହିଳାଙ୍କ ପିଠିରେ ଯନ୍ତ୍ରଣା ଅଧିକ ଦେଖାଯାଏ । ତେବେ ଅନେକ ସମୟରେ ଶରୀରରେ ଦୁର୍ବଳତା ଏବଂ ଅତ୍ୟାବଶ୍ୟକ ପୋଷକ ତତ୍ତ୍ୱ ଅଭାବରୁ ପିଠି ଯନ୍ତ୍ରଣା ସମସ୍ୟା ଅଳ୍ପ ବୟସରେ ମଧ୍ୟ ଆରମ୍ଭ ହୁଏ । ଏପରି ପରିସ୍ଥିତିରେ, ଔଷଧ ଖାଇବା ପରିବର୍ତ୍ତେ, ପ୍ରଥମେ ଆପଣ ପିଠି ଯନ୍ତ୍ରଣାର କାରଣ ଜାଣିବା ଭଲ ଏବଂ ତା’ପରେ କିଛି ଘରୋଇ ଉପଚାର ଏବଂ ବ୍ୟାୟାମ ସହିତ ପିଠି ଯନ୍ତ୍ରଣାକୁ ଭଲ କରିବା ଉଚିତ୍ । ପିଠି ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଆଜି ଆମେ ଆପଣଙ୍କୁ କିଛି ଘରୋଇ ଉପଚାର ଜଣାଉଛୁ.....*

**ହିଟିଂ ପ୍ୟାଡର ବ୍ୟବହାର :** ପିଠି ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ହିଟିଂ ପ୍ୟାଡ ବ୍ୟବହାର କରନ୍ତୁ । ଏହା ଆପଣଙ୍କୁ ପିଠି ଏବଂ ଅଣ୍ଟା ଯନ୍ତ୍ରଣାରୁ ତୁରନ୍ତ ଆରାମ ଦେବ । ତେବେ ଗରମ ସେକ ପ୍ରୟୋଗ କରିବା ଦ୍ୱାରା ରକ୍ତ ସଞ୍ଚାଳନରେ ଉନ୍ନତି ହୁଏ, ଯାହା ଅକ୍ସିଜନ ଏବଂ ଅନ୍ୟାନ୍ୟ ପୋଷକ ତତ୍ତ୍ୱକୁ ଅଣ୍ଟା ମାଂସପେଶୀରେ ସହଜରେ ପହଞ୍ଚିବାକୁ ଦେଇଥାଏ ଏବଂ ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ ।

**ଗରମ ପାଣିରେ ସ୍ନାନ କରନ୍ତୁ :** ଯେଉଁମାନଙ୍କର ବାରମ୍ବାର ପିଠି ଯନ୍ତ୍ରଣା ହୁଏ କିମ୍ବା ଗଣ୍ଠି ଯନ୍ତ୍ରଣା ହୁଏ ସେମାନେ ଗରମ ପାଣିରେ ଗାଧୋଇବା ଉଚିତ୍ । ଗରମ ପାଣି ଶରୀରକୁ ଶାନ୍ତ କରିଥାଏ ଏବଂ ରକ୍ତ ସଞ୍ଚାଳନରେ ଉନ୍ନତି ଆଣେ । ଏହା ଶରୀରର ଯନ୍ତ୍ରଣାକୁ କମ୍ କରିଥାଏ ।


**ଆଇସକ୍ୟୁବ ପ୍ରୟୋଗ କରନ୍ତୁ :** ଯଦି ଆପଣ ଗରମ ଜିନିଷ ପ୍ରୟୋଗ କରିବାକୁ ଚାହୁଁନାହାଁନ୍ତି, ତେବେ ଆପଣ କୋଲ୍ଡ ପ୍ୟାକ୍ ଅର୍ଥାତ୍ ଆଇସକ୍ୟୁବ ମଧ୍ୟ ବ୍ୟବହାର କରିପାରିବେ । ଯେତେବେଳେ ଆଘାତ ଲାଗେ କିମ୍ବା ମାଂସପେଶୀ ଷ୍ଟ୍ରେନ୍ କାରଣରୁ ପିଠି ଯନ୍ତ୍ରଣା ହୁଏ, ଆଇସକ୍ୟୁବ ପ୍ରୟୋଗ କରାଯିବା ଉଚିତ୍ । ଏହା ଶରୀରର ଫୁଲା ଏବଂ ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ ।

**ଏହିପରି ତକିଆ ବ୍ୟବହାର କରନ୍ତୁ :** ପିଠି ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଭଲ ତକିଆ ବ୍ୟବହାର କରିବା ମଧ୍ୟ ଉଚିତ୍ । ସେଥିପାଇଁ ଆପଣ ଶୋଇବା ସମୟରେ ତକିଆକୁ ଗୋଡ ମଝିରେ ରଖିକି ଶୁଅନ୍ତୁ । ଏହା ବ୍ୟତୀତ ଯେତେବେଳେ ବି ଆପଣ ପିଠି ଆଡକୁ ହୋଇ ଶୋଉଛନ୍ତି, ସେତେବେଳେ ତକିଆକୁ ଆଣ୍ଠୁ ତଳେ ରଖନ୍ତୁ । ଏହା ପିଠି ଯନ୍ତ୍ରଣାରୁ ମୁକ୍ତି ଦେବ ଏବଂ ଆପଣ ଆରାମ ପାଇବେ ।

**ବ୍ୟାୟାମ କରନ୍ତୁ :** ଆପଣମାନେ ତ ଜାଣିଥିବେ ଯେତେବେଳେ ପିଠି ଯନ୍ତ୍ରଣା ବଢିଯାଏ, ସେତେବେଳେ ଫିଜିଓଥେରାପି କରାଇବାର ଆବଶ୍ୟକତା ପଡିଥାଏ । ଏପରି ପରିସ୍ଥିତିରେ, ଫିଜିଓଥେରାପିଷ୍ଟମାନେ କେବଳ ବ୍ୟାୟାମ ମାଧ୍ୟମରେ ପିଠି ଯନ୍ତ୍ରଣାକୁ ଭଲ କରନ୍ତି । ପିଠି ଯନ୍ତ୍ରଣା ପାଇଁ ଆପଣ କିଛି ବ୍ୟାୟାମ କରିବା ଜରୁରୀ । ଏଥିପାଇଁ ଶାରୀରିକ କାର୍ଯ୍ୟକଳାପ ଆବଶ୍ୟକ ପଡିଥାଏ । ଏପରି କରିବା ଦ୍ୱାରା ଆପଣ ସହଜରେ ପିଠି ଯନ୍ତ୍ରଣାରୁ ଆରାମ ପାଇପାରିବେ । ସେଥିପାଇଁ ଯେଉଁମାନେ ପିଠି ଯନ୍ତ୍ରଣା ଯୋଗୁ କଷ୍ଟ ପାଉଛନ୍ତି, ସେମାନେ ଏହି ଘରୋଇ ଉପଚାର ବ୍ୟବହାର କରିପାରିବେ ।

# ଗୁଡ୍‌ନ୍ୟୁଜ୍ ଦେଲେ ପରିଣୀତି

ବଲିଉଡର ଅଭିନେତ୍ରୀ ପରିଣୀତି ଚୋପ୍ରା ଗୁଡନ୍ୟୁଜ୍ ଦେଇଛନ୍ତି । ଖୁବ୍‌ଶୀଘ୍ର ସେ ମା’ ହେବାକୁ ଯାଉଛନ୍ତି । ଏନେଇ ରାଘବ ଓ ପରିଣୀତି ନିଜେ ଏହି ଖୁସି ଖବର ପ୍ରଶଂସକଙ୍କ ସହ ସେୟାର କରିଛନ୍ତି । ପରିଣୀତି କହିଛନ୍ତି ଯେ ସେ ଏବଂ ସ୍ୱାମୀ ରାଘବ ଚଡ୍ଡା ଦୁଇରୁ ତିନି ହେବାକୁ ଯାଉଛନ୍ତି । ସେମାନଙ୍କ ଘରକୁ ଏକ କୁନି ଅତିଥି ଆସିବାକୁ ଯାଉଛି । ପରିଣୀତି ଏକ ଷ୍ଟୋରୀ ପୋଷ୍ଟରେ ପ୍ରଶଂସକଙ୍କ ସହ ଏହି ଖୁସି ଖବର ସେୟାର କରିଛନ୍ତି । ଅଭିନେତ୍ରୀ କ୍ୟାପସନରେ ଲେଖିଛନ୍ତି ଯେ ସେ ଏବଂ ସ୍ୱାମୀ ରାଘବ ଚଡ୍ଡା ଦୁଇରୁ ତିନି ହେବାକୁ ଯାଉଛନ୍ତି, ଆମର କୁନି ବ୍ରହ୍ମାଣ୍ଡ ଖୁବ୍ ଶୀଘ୍ର ଆସୁଛି । ଧନ୍ୟବାଦ, ମୁଁ ଅପାର ଆଶୀର୍ବାଦ ପାଇଛି । ଏହା ବ୍ୟତୀତ ଅଭିନେତ୍ରୀ ଏକ କେକର ଫଟୋ ପୋଷ୍ଟ କରିଛନ୍ତି । ଯାହା ଉପରେ ଲେଖାଯାଇଥିଲା ୧+୧=୩ । ଏହା ସହିତ, ଛୋଟ ଛୋଟ ପାଦଚିହ୍ନ ମଧ୍ୟ ଥିଲା । ଅଭିନେତ୍ରୀ ଏକ ଭିଡିଓ ମଧ୍ୟ ସେୟାର କରିଛନ୍ତି । ଯେଉଁଥିରେ ସେ ସ୍ୱାମୀ ରାଘବ ଚଡ୍ଡାଙ୍କ ହାତ ଧରି ଚାଲିବାର ଦେଖାଯାଉଛି । ଏହି ଖବର ଶୁଣି ସେମାନଙ୍କ ପରିବାର, ବନ୍ଧୁ ଏବଂ ପ୍ରଶଂସକଙ୍କ ମଧ୍ୟରେ ଖୁସିର ମାହୋଲ ଖେଳିଯାଇଛି । ସମସ୍ତେ ସେମାନଙ୍କୁ ଅଭିନନ୍ଦନ ଜଣାଉଛନ୍ତି । ବିବାହର ଦୁଇ ବର୍ଷ ପରେ ଏହି ଦମ୍ପତି ପିତାମାତା ହେବାକୁ ଯାଉଛନ୍ତି । ପରିଣୀତି ଚୋପ୍ରା ଏବଂ ରାଘବ ଚଡ୍ଡା କପିଲ ଶର୍ମା ଶୋ’ରେ ମଜାଦାର ଢଙ୍ଗରେ ସେମାନଙ୍କ ଗର୍ଭଧାରଣ ବିଷୟରେ କଥା ହୋଇଥିଲେ । ସେମାନେ ସେମାନଙ୍କ ଆଲୋଚନାରେ ହିଣ୍ଟ ଦେଇଥିଲେ ଯେ ଖୁବ୍ ଶୀଘ୍ର ଗୁଡ୍‌ନ୍ୟୁଜ ମିଳିବ ।



Printed, Published & Owned by Madhu Mohanty. Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik




ବାଲୁଗାଁ, (ଭାସ୍କର ନ୍ୟୁଜ୍): ବାଲୁଗାଁ ମହାବିଦ୍ୟାଳୟର ଯୁବ ରେଡକ୍ରସ ଶାଖା ପକ୍ଷରୁ ଯୁବ ରେଡକ୍ରସ ନବାଗତ ଛାତ୍ରଛାତ୍ରୀମାନଙ୍କ ପାଇଁ ଆଜି ଏକ ଦିଗ୍ ଦର୍ଶନ ତଥା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଡ଼କ୍ଟର କୈଳାଶ ଚନ୍ଦ୍ର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ତାଲିମ କାର୍ଯ୍ୟକ୍ରମରେ ଯୁବ ରେଡକ୍ରସର ପରାମର୍ଶଦାତା ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ ଓ ଅଧ୍ୟାପକ ଧୋବି ଚରଣ ପରିଡାଙ୍କ ସହ ମୁଖ୍ୟ ଅତିଥି ଭାବେ ଯୁବ ରେଡକ୍ରସର ଖୋର୍ଦ୍ଧା ଜିଲ୍ଲା ସଂଯୋଜକ ରଞ୍ଜନ କୁମାର ମହାପାତ୍ର ଯୋଗଦେଇ ରେଡକ୍ରସର ଉତ୍ପତ୍ତି, କାର୍ଯ୍ୟଶୈଳୀ, ମୌଳିକ ନିୟମ ସମ୍ପର୍କରେ ସ୍ୱେଚ୍ଛାସେବୀ ମାନଙ୍କୁ ସଚେତନ କରାଇଥିଲେଓ ଏଥିସହିତ ରକ୍ତଦାନର ଉପକାରିତା ସମ୍ପର୍କରେ ସ୍ୱେଚ୍ଛାସେବୀ ମାନଙ୍କୁ ସ୍ୱାଗତ କରାଇଥିଲେ। ଏହି ଅବସରରେ ଅଧ୍ୟାପକ ରଞ୍ଜନ କୁମାର ମହାପାତ୍ରଙ୍କୁ ଡ଼କ୍ଟର କୈଳାଶ ଚନ୍ଦ୍ର ମହାରଣା ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରି ବରିଷ୍ଠ ସ୍ୱେଚ୍ଛାସେବୀ ସଂଗ୍ରାମୀ ଦାଶ, ଯସ୍ମିନ ବେଗମ, ରାକେଶ ବେହେରା, ଦୀପକ ସେଠି, ପ୍ରଜ୍ଞା ସ୍ମିତା ସାହୁ, ଶୁଭଶ୍ରୀ ବାରିକି ପ୍ରମୁଖ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ ଓ ଅଧ୍ୟାପକ ବିମଳ କୁମାର ପଣ୍ଡା ଏହାକୁ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଧୋବି ଚରଣ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।



# ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି






ଲହୁଣୀପଡ଼ା, (ଭାସ୍କର ନ୍ୟୁଜ୍): ବଣାଇ ଉପଖଣ୍ଡ ସ୍ଥିତ ଲହୁଣୀପଡା ବ୍ଲକ ସଭାଗୃହ ଠାରେ ସୁନ୍ଦରଗଡ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଡ ଶୁଭଙ୍କର ମହାପାତ୍ର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଜନ ଶୁଣାଣି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୋଟ ୧୫୨ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୯୨ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୬୦ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ଼ ଶୁଭଙ୍କର ମହାପାତ୍ର ବିଚାରକରି ତତକ୍ଷଣାତ ଗୋଟିଏ ଅଭିଯୋଗର ଶୁଣାଣି କରିଥିଲେ। ବ୍ୟକ୍ତି ଗତ ଅଭିଯୋଗ ମଧ୍ୟରେ ବାର୍ଦ୍ଧକ୍ୟ ଭତ୍ତା, ଜମିବାଡ଼ି ସମ୍ପର୍କିତ, ଚିକିତ୍ସା ସାହାଯ୍ୟ, ନିଯୁକ୍ତି, ବଦଳି ଭଳି ସମସ୍ୟା ରହିଥିବା ବେଳେ ସାମୁହିକ ଅଭିଯୋଗ ମାଧ୍ୟମରେ ପାନୀୟଜଳ, ରାସ୍ତା, ବିଦ୍ୟୁତ୍, ଜଳସେଚନର ସୁବ୍ୟବସ୍ଥା ଇତ୍ୟାଦି ସମସ୍ୟାର ଅଭିଯୋଗ ମାନ ଆଗତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଜିଲ୍ଲାପାଳ ୩ ଜଣକୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ, ଚାରିଜଣଙ୍କୁ ଭତ୍ତା ପ୍ରଦାନ, ଜଣକୁ ବିବାହ ପ୍ରଚାହନ ରାଶି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟ ସୁରଞ୍ଜନ କୁମାର ସାହୁ, ସୁପରିଟେଣ୍ଡ ରାଉରକେଲା ପୋଲିସ ନୀତିଶ ୱାଧୱାଣୀ, ଉପଖଣ୍ଡ ପୋଲିସ ଅଧିକାରୀ ରାମଚନ୍ଦ୍ର ବିଶ୍ୱାଳ, ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ, ଡ଼ିଏଫଓ ଲଳିତ ପାତ୍ର, ଲହୁଣୀପଡା ତହସିଲଦାର ବାବୁଲ ପରେଇ, ଲହୁଣୀପଡା ବିଡ଼ିଓ ଅନୁରାଗ ମିଶ୍ର, ସମେତ ବିଭିନ୍ନ ବିଭାଗୀୟ ଅଧୀକାରୀ, କର୍ମଚାରୀ ଓ ଜନସାଧାରଣ ଉପସ୍ଥିତ ରହିଥିଲେ।

# ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ରାସ୍ତାରୋକ




ମାଲକାନଗିରି, (ଭାସ୍କର ନ୍ୟୁଜ୍): ୟୁରିଆ ସାରର ତୀବ୍ର ଅଭାବ ଏବଂ ଏହାର କଳାବଜାରୀ ରୋକିବାକୁ ଆଜି ମାଲକାନଗିରି ଜିଲ୍ଲା ଶିଖପଲ୍ଲୀ ପଞ୍ଚାୟତ ସମେତ ଆଖପାଖ ଅନ୍ୟ ୭ ଗୋଟି ପଞ୍ଚାୟତର ହଜାର ହଜାର ଚାଷୀ ଶିଖପାଲ୍ଲୀ ଛକ ନିକଟ ୩୨୬ ନଂ ଜାତୀୟ ରାଜପଥକୁ ଜିଲ୍ଲା ନବନିର୍ମାଣ କୃଷକ ସଂଗଠନର ସଭାପତି ଏରା ପଡ଼ିଆମିଙ୍କ ନେତୃତ୍ୱରେ ଅବରୋଧ କରାଯାଇ ଥିଲା। ଶିଖପାଲି ଏବଂ ଆଖପାଖର ୭ଟି ପଞ୍ଚାୟତର ହଜାର ହଜାର ଚାଷୀମାନେ ଏହି ପ୍ରତିବାଦରେ ଅଂଶଗ୍ରହଣ କରିଥିଲେ। ଚାଷୀମାନେ ଅଭିଯୋଗ କରିଥିଲେ କି ସେମାନଙ୍କୁ ଫସଲ ପାଇଁ ସମୟ ଅନୁଯାୟୀ ଏବଂ ପର୍ଯ୍ୟାପ୍ତ ପରିମାଣରେ ୟୁରିଆ ମିଳୁନାହିଁ, ଏହାର କାରଣ ସରକାରି ବାବୁ ମାନଙ୍କ ସହ କିଛି ବ୍ୟବସାୟୀ କଳାବଜାରୀ କରୁଛନ୍ତି। ଏହି ସମସ୍ୟା ଯୋଗୁଁ ସେମାନେ ସେମାନଙ୍କର ଫସଲ ବଞ୍ଚାଇବାରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ଚାଷୀଙ୍କ ପ୍ରତି ଧ୍ୟାନ ଦେଉନାହାନ୍ତି ବୋଲି ଚାଷୀ ମାନେ ଅଭିଯୋଗ କରିଛନ୍ତି। ତେବେ ଏ ସମ୍ପର୍କରେ ଶିଖପଲ୍ଲୀ ଏମ୍‌ଡି କହିଛନ୍ତି କି ବର୍ତ୍ତମାନ ଗୋଦାମରେ ୬୦୦ ବସ୍ତା ସାର ଗଚ୍ଛିତ ଅଛି, ସମସ୍ତ ସାର ଚାଷୀଙ୍କୁ ଦିଆଯିବ ଓ ବାକି ରହିଥିବା ଚାଷୀଙ୍କୁ ଦୁଇ ସପ୍ତାହ ଭିତରେ ସାର ଯୋଗାଇ ଦିଆଯିବ। ତେବେ କିଛି ଘଣ୍ଟା ଧରି ଚାଲିଥିବା ଏହି ପ୍ରତିବାଦ ଯୋଗୁଁ ରାସ୍ତାରେ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇ ଥିଲା, ଯାହା ଫଳରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେବେ ପ୍ରଶାସନିକ ଅଧିକାରୀ ଏବଂ ମାଲକାନଗିରି ଥାନା ଅଧକାରୀ ଓ ତାଙ୍କ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହିତ କଥାବାର୍ତ୍ତା ହୋଇ ସେମାନଙ୍କ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେବାପରେ, ଚାଷୀମାନେ ରାସ୍ତା ଅବରୋଧରୁ ଓହରି ଥିଲେ।ଏହି ଘଟଣା ଦର୍ଶାଉଛି କି ସାରର ଉପଲବ୍ଧତା ଅଞ୍ଚଳରେ ଏକ ବଡ଼ ସମସ୍ୟା ହୋଇ ରହିଛି, ଏବଂ ଏହା ସିଧାସଳଖ ଚାଷୀଙ୍କ ଜୀବନ ଜୀବିକାକୁ ପ୍ରଭାବିତ କରୁଛି।

# ସୁନା ଦୋକାନରୁ ଲୁଟ୍ ଅଭିଯୋଗ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ଦୋଳସାହି ବଜାରରେ ଥିବା ଜଗାକାଳିଆ ନାମକ ଏକ ସୁନା ଦୋକାନରୁ ରବିବାର ରାତିରେ ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଦେକାନ ମାଲିକ ନୂଆନନ୍ଦ ଗ୍ରାମର ହେମନ୍ତ କୁମାର ସାହୁ ଅଭିଯୋଗ କରିବା ପରେ ପୋଲିସ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚ ତଦନ୍ତ କରିଥିବା ଜଣାପଡ଼ିଛି। ଅଭିଯୋଗରୁ ପ୍ରକାଶ ଯେ, ଦୋକାନର ପଛପଟ କାନ୍ଥକୁ କାଟି ଦୁର୍ବୃତ୍ତମାନେ ଦୋକାନ ଭିତରକୁ ପସିଥିଲେ। ଦୋକାନରେ ଥିବା ୪ଲକ୍ଷ ୫୦ହଜାର ଟଙ୍କା ସୁନା ଓ ରୂପା ଅଳଙ୍କାର ଲୁଟି ନେଇଥିଲେ। ସୋମବାର ସକାଳରେ ଦୋକାନ ଖୋଲିବାକୁ ଆସି ମାଲିକ ଦେଖିଥିଲେ ଯେ ପଛପଟ କାନ୍ଥ କଟା ଯାଇ ଅଳଙ୍କାର ଲୁଟ୍ ହୋଇଛି। ପରେ ସେ ପୁଲିସକୁ ଲିଖିତ ଭାବେ ଜଣାଇବା ପରେ ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ।

# ନିଖିଳ ଭାରତ ସ୍ୱାୟତ୍ତ ଶାସନ ପାଳିତ




ରାୟଗଡା, (ଭାସ୍କର ନ୍ୟୁଜ୍): ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ ଉପଲକ୍ଷେ ରାୟଗଡ ପୌରପରିଷଦ ଦ୍ୱାରା ସହର ମଧ୍ୟରେ ଥିବା ପ୍ରତ୍ୟେକ ସରକାରୀ ଓ ବେସରକାରୀ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ କନିଷ୍ଠ ଓ ବିରିଷ୍ଟ ଗ୍ରୁପ ଦ୍ୱାରା ପ୍ରବନ୍ଧ ପ୍ରତିଯୋଗିତା ବକ୍ତୃତା ପ୍ରତିଯୋଗିତା ତଥା ଚିତ୍ରାଙ୍କନ ପ୍ରତିଯୋଗିତା ଯଥାକ୍ରମେ କନ୍‌ଫେ୍ରନସ ହଲ, ଅଡିଟରିୟମ ଓ କୃଷ୍ଣଚନ୍ଦ୍ର ନଗର ଭବନ ଠାରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ସ୍ୱଚ୍ଛତା ପ୍ରତି ପ୍ରତିବନ୍ଧକ, ନିଷ୍ଠା ଓ ଦେଶପ୍ରତି ନିଜର ଦାୟୀତ୍ୱକୁ ନଜରରେ ରଖି ଏହି ପ୍ରତିଯୋଗିତା ଗୁଡିକ ଅନୁଷ୍ଠିତ କରାଯାଇ ପ୍ରଥମ ପ୍ରୀତିୟ ଓ ତୃତିୟ ମନୋନିତ କରାଯାଇ ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରତିଯୋଗି ପ୍ରଶଂସା ପତ୍ର ଦିଆଯିବାର ମଧ୍ୟ ପ୍ରସ୍ତୁତି କରାଯାଇଅଛି। ଏହିବର୍ଷ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ, ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ତରଫରୁ ହେଇଥିବା ବିଜ୍ଞପ୍ତିକୁ ନଜରରେ ରଖି ରାୟଗଡ ପୌରପରିଷଦ ତରଫରୁ ଏହାକୁ ବହୁତ ହସ ଉଲ୍ଲାସର ସହ ପାଳନ କରିବାକୁ ପରିଷଦବୃନ୍ଦ ନିଷ୍ପତ୍ତି ନେଇଛନ୍ତି।

## ନୂତନ ବିଓଙ୍କ ଯୋଗଦାନ



ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ ମଣ୍ଡଳ ଶିକ୍ଷା ଉନ୍ନୟନ ଅଧିକାରୀ ଭାବେ ନିଆଳି ହାଇସ୍କୁଲର ପ୍ରଧାନ ଶିକ୍ଷକ କୁମାରବର ସାମଲ ଯୋଗ ଦେଇଛନ୍ତି। ସେ ନିଆଳି ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କ ଦାୟିତ୍ୱରେ ରହିବା ସହ ଦୁଇଦୁଇଟି ଦାୟିତ୍ୱ ବହନ କରିବେ। ଜୁଲାଇ ମାସ ୩୧ ତାରିଖରେ ପୂର୍ବତନ ବି ଓ ଜ୍ୟୋତ୍ସ୍ନା ରାଣୀ ମହାପାତ୍ର ଅବସର ନେବା ପରେ ଏବିଓ ଅନନ୍ତ ନାରାୟଣ ସିଂ ଦାୟିତ୍ୱରେ ଥିଲେ। ଏବିଓ ସାମଲଙ୍କୁ କାର୍ଯ୍ୟାଳୟରେ ନୂତନ ବିଓ ଅନନ୍ତ ନାରାୟଣ ସିଂ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ହସ୍ତାନ୍ତର ସମୟରେ ପୂର୍ବତନ ଏବିଓ ମହାପାତ୍ର ଉପସ୍ଥିତ ରହିଥିଲେ। ପରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ।

# ବର୍ଦ୍ଧିତ ଭତ୍ତା ଅପେକ୍ଷାରେ ଯୋଗ୍ୟ ହିତାଧିକାରୀ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ୧୫ଗୋଟି ପଂଚାୟତରେ ଚଳିତ ବର୍ଷ ଜୁନମାସ ଶେଷ ସୁଦ୍ଧା ଭୋଟରଙ୍କ ସଂଖ୍ୟା ୭୫ହଜାରରୁ ଊର୍ଦ୍ଧ୍ୱ। ଅସ୍ତରଙ୍ଗ ବ୍ଲକରେ ୧୩ ହଜାରରୁ ଊର୍ଦ୍ଧ୍ୱ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ହିତାଧିକାରୀ ମାନେ ଭତ୍ତା ପାଉଛନ୍ତି। ଯେଉଁଥିରେ ୫ବର୍ଷରୁ ଅଧିକ ୧୮ବର୍ଷରୁ କମ୍ ଦିବ୍ୟାଙ୍ଗ ଭତ୍ତା ହିତାଧିକାରୀ ମଧ୍ୟ ସାମିଲ ଅଛନ୍ତି। ପୂର୍ବ ସରକାର ସମୟରେ ହିତାଧିକାରୀ ଙ୍କୁ ଦୁଇଟି ଯୋଜନା ମାଧ୍ୟମରେ ଭତ୍ତା ଯୋଗାଇ ଦିଆଯାଇଥିଲା। ରାଜ୍ୟ ସରକାର ନିଜ ପାଣ୍ଠିରୁ ମଧୁବାବୁ ପେନସନ ଯୋଜନାରେ ୯ହଜାର ୧ଶହ ୧୦ଜଣ ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ, ଅବିବାହିତ, ଓ ସ୍ୱାମୀ ପରିତ୍ୟକ୍ତ ଭତ୍ତା ପାଉଛନ୍ତି। ସେଥିମଧ୍ୟରୁ ୬୦ରୁ ୭୯ବର୍ଷ ମଧ୍ୟରେ ୬ହଜାର ୨ଶହ ୧୯ଜଣ ହିତାଧିକାରୀ ମାନଙ୍କୁ ୧ହଜାର ଟଙ୍କା ଲେଖାଏଁ ପାଉଥିବା ବେଳେ, ୭ଶହ ୯୧ ଜଣ ହିତାଧିକାରୀଙ୍କୁ ୮୦ବର୍ଷରୁ ଅଧିକ ୩ହଜାର ୫ଶହ ଟଙ୍କା ଲେଖାଏଁ ଦିଆଯାଉଛି, ସେଥି ମଧ୍ୟରେ ୬୦ଶତକଡାରୁ ୭୯ ଶତକଡା ଦିବ୍ୟାଙ୍ଗ ୨୯୨ଜଣ ଓ ୮୦ଶତକଡାରୁ ଅଧିକ ଦିବ୍ୟାଙ୍ଗ ୧୩୨ଜଣ ୩୫୦୦ଟଙ୍କା ଲେଖାଏଁ ପାଉଛନ୍ତି, ୪୦ରୁ ୫୯ଶତକଡା ଦିବ୍ୟାଙ୍ଗ ୫୦୩ଜଣ, ବିଧବା ୧୦୨୨ଜଣ, ସ୍ୱାମୀ ପରିତ୍ୟକ୍ତା ୮୩ଜଣ, ଅବିବାହିତ ଯୁବତୀ ୫୮ଜଣ ଓ ଏଚ ଆଇ ଭି ଭୁତାଣୁ ଆକ୍ରାନ୍ତ ୧୦ଜଣ ହିତାଧିକାରୀଙ୍କୁ ୧ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଉଛି। ସେହିଭଳି କେନ୍ଦ୍ର ଦେଉଥିବା ଇନ୍ଦିରା ଗାନ୍ଧୀ ପେନସନ ଯୋଜନାରେ ସମୁଦାୟ ୪ହଜାର ୬ଶହ ୮୯ ଜଣ ସାମିଲ ହୋଇଥିବା ବେଳେ ସେଥି ମଧ୍ୟରୁ ୬୦ବର୍ଷରୁ ୭୯ ବର୍ଷ ୨ହଜାର ୪ଶହ ୯୬ଜଣ ଏକ ହଜାର ଟଙ୍କା ପାଉଥିବା ବେଳେ, ୮୦ବର୍ଷରୁ ଅଧିକ ୯ଶହ ୮୬ଜଣ ୩୫୦୦ଟଙ୍କା ପାଉଛନ୍ତି। ଭିନ୍ନକ୍ଷମ ୨୨୩ଜଣ ଓ ବିଧବା ୯୮୪ଜଣ ୧ହଜାର ଟଙ୍କା ଲେଖାଏଁ ପାଉଛନ୍ତି।ମାତ୍ର ବହୁ ହିତାଧିକାରୀ ୮୦ବର୍ଷରୁ ଅଧିକ ବୟସ୍କ ହୋଇଥିଲେ ବି ସେମାନଙ୍କୁ ବର୍ଦ୍ଧିତ ଭତ୍ତା ମିଳୁନାହିଁ। ସେମାନେ ଜନସେବା କେନ୍ଦ୍ରରେ ଭତ୍ତା ଆବେଦନ କରି ଚାହିଁ ବସିଛନ୍ତି। ବର୍ତ୍ତମାନ ରାଜ୍ୟ ସରକାର ନୂତନ ଭତ୍ତା କୋଟା ପ୍ରଦାନ କରିନାହାନ୍ତି। ଏହି କୋଟା ପାଉଥିବା ହିତାଧିକାରୀଙ୍କର ମୃତ୍ୟୁ ହେଲେ ଅନ୍ୟ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଉଛି। ଅସ୍ତରଙ୍ଗ ବ୍ଲକରେ ବିଭିନ୍ନ ପଞ୍ଚାୟତରୁ ୧୫ଶହରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ବାରମ୍ବାର ଜନସେବା କେନ୍ଦ୍ର ଓ ବ୍ଲକ ଦୌଡ଼ି ଅଯଥା ଖର୍ଚ୍ଚାନ୍ତ ହେଉଥିବା ଅଭିଯୋଗ କରିଛନ୍ତି। ତୁରନ୍ତ ସେମାନଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରିବା ପାଇଁ ହିତାଧିକାରୀ ମାନେ ଜିଲ୍ଲାପାଳ ନିକଟରେ ଦାବୀ କରିଛନ୍ତି।

## ବ୍ୟାସନଗର ମହାବିଦ୍ୟାଳୟର ପୂର୍ବତନ ବାଣିଜ୍ୟ ବିଭାଗର ମୁଖ୍ୟଙ୍କ ପରଲୋକ

ବ୍ୟାସନଗର, (ଭାସ୍କର ନ୍ୟୁଜ୍): ବ୍ୟାସନଗର ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ତଥା ବାଜିରାଉତ୍ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ରବିନାରାୟଣ ପଣ୍ଡାଙ୍କ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ସେ ବିଗତ ୨ ମାସ ହେବ ଚିକିତ୍ସାଧୀନ ରହିଥିଲେ। ସେ ବ୍ୟାସନଗରର ବିଭିନ୍ନ ସଙ୍ଗଠନ ସହିତ ଓତଃପ୍ରୋତଃ ଭାବେ ଜଡିତ ଥିଲେ। ବରିଷ୍ଠ ନାଗରିକ ମଞ୍ଚ, ବ୍ୟାସନଗର ମହାବିଦ୍ୟାଳୟ ନିତ୍ୟ ଯୋଗକାକ୍ଷର ଜଣେ ନିୟମିତ ସଦସ୍ୟ ଥିଲେ। ତାଙ୍କ ବିୟୋଗରେ ନିତ୍ୟ ଯୋଗକାକ୍ଷ ମହାବିଦ୍ୟାଳୟରେ ଶୋକସଭା ଆୟୋଜନ ହୋଇଥିଲା। ବରିଷ୍ଠ ଓକିଲ ସୁଧନୁ ଦାସ,ପୂର୍ବତନ ଅଧ୍ୟକ୍ଷ ସୌରଭମୟ ଦାସ, ଆଡଭୋକଟ ବିବେକାନନ୍ଦ ମହାନ୍ତି,ବିଜୟ କୁମାର ମହାନ୍ତି, ପତାଞ୍ଜଳି ଭାରତ ସ୍ୱାଭିମାନ ଜିଲ୍ଲା ପ୍ରଭାରୀ ବିବେକାନନ୍ଦ ଜେନା, ସହ ପ୍ରଭାରୀ ବିଭୀଷଣ ନାୟକ, ରାଜେଶ୍ କୁମାର ପତି, ସିଟ ଶ୍ରିନୁ, ପୂର୍ବତନ ପ୍ରାଧ୍ୟାପକ ପୁଁ ପୁନ ଦାସ, ସାମ୍ବାଦିକ ଦିଲୀପ କୁମାର ଦଳେଇ, ପୂର୍ବତନ ଅଧ୍ୟକ୍ଷ ସେଖ ଅବୁତାହର, ପ୍ରମୁଖ ମାର ଶରୀରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ପରେ ତାଙ୍କର କର୍ମସ୍ଥଳି ବ୍ୟାସନଗର ମହାବିଦ୍ୟାଳୟ କୁ ନିଆଯାଇଥିଲା। ସେଠାରେ ଶତାଧିକ ଛାତ୍ରଛାତ୍ରୀ ଓ ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଶ୍ରଦ୍ଧାଞ୍ଜଳୀ ପ୍ରଦାନ କରିଥିଲେ। ପରେ ତାଙ୍କ ମରଶରୀର ଢେଙ୍କାନାଳ ଯୋରନ୍ଦା ସ୍ଥିତ ନିଜ ଜନ୍ମଭୂମିକୁ ସଂସ୍କାର ପାଇଁ ନିଆଯାଇଥିଲା।

# ନୂଆଁଖାଇ ପାଇଁ ଘରମୁହାଁ ଦାଦନ

କନ୍ଧମାଳ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ଉପାନ୍ତ ଅଞ୍ଚଳ କଣ୍ଟାମାଳ ବ୍ଲକର ଦାଦନ ଶ୍ରମିକ ଏକ ପ୍ରମୁଖ ସମସ୍ୟା ଭାବରେ ପରିଗଣିତ। ଏହାର ସ୍ଥାୟୀ ସମାଧାନ ପାଇଁ ଜିଲ୍ଲା ପ୍ରଶାସନର କୌଣସି ଆନ୍ତରିକତା ନଥିବା ମନେହୁଏ। ଯାହା ଫଳରେ ପେଟପାଟଣା ପାଇଁ କଣ୍ଟାମାଳ ଅଞ୍ଚଳର ହଜାର ହଜାର ଶ୍ରମିକ ସୁଦୂର ତାମିଲନାଡୁ, ଉତ୍ତରପ୍ରଦେଶ, କର୍ଣ୍ଣାଟକ, ଗୁଜୁରାଟ, ଦିଲ୍ଲୀ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଆଦି ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। କଣ୍ଟାମାଳ ଜିଲ୍ଲାର ଏକ ଉପାନ୍ତ ତଥା ଅନୁନ୍ନତ ଅଞ୍ଚଳ ହୋଇଥିବା ବେଳେ ଏଠାରେ କୌଣସି କଳ କାରଖାନା କି କର୍ମସଂସ୍ଥାନ ନାହିଁ। ଅନ୍ୟପଟେ ସରକାର ନିଜ ଅଞ୍ଚଳରେ ଶ୍ରମିକ ମାନଙ୍କୁ କାମ ଯୋଗାଇ ଦେବାକୁ ମନରେଗା ଯୋଜନା ପ୍ରଣୟନ କରି ବାର୍ଷିକ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ପ୍ରତ୍ୟେକ ମନରେଗା କାର୍ଯ୍ୟ ଶ୍ରମିକ ବଦଳରେ ମେସିନରେ ହେଉଥିବାରୁ ଶ୍ରମିକମାନେ କାମ ନ ପାଇ ହାତ ବାନ୍ଧି ବସିଛନ୍ତି। ସରକାରଙ୍କ ଯୋଜନା ସଫଳ ହେଉ ନ ଥିବା ବେଳେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ କାମ ହେଉଥିବା ବେଳେ ଏମାନେ ସମସ୍ତେ ଲାଭବାନ ହେଉଛନ୍ତି। କର୍ମ ସଂସ୍ଥାନ ନଥିବାରୁ ବ୍ଲକର ସମସ୍ତ ୨୪ଗୋଟି ପଞ୍ଚାୟତର ପ୍ରତ୍ୟେକ ଗ୍ରାମରୁ ଶହଶହ ଶ୍ରମିକ ବାହାର ରାଜ୍ୟକୁ ପରିବାର ପ୍ରତିପୋଷଣ ପାଇଁ କାମ ଅନ୍ୱେଷଣରେ ଯିବା ପାଇଁ ବାଧ ହେଉଛନ୍ତି। ବ୍ଲକର ପାଖାପାଖି ୮ହଜାର ୩ଶହରୁ ଅଧିକ ଦାଦନ କାମ ପାଇଁ ବାହାର ରାଜ୍ୟକୁ ଯାଇଥିବା ଅନୁମାନ କରାଯାଏ। ହେଲେ ଜିଲ୍ଲା ଶ୍ରମ ବିଭାଗ ପାଖରେ ଏହାର କୌଣସି ତଥ୍ୟ ନ ଥିବା ପରିତାପର ବିଷୟ ବୋଲି ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ଶ୍ରମ ବିଭାଗ କି ଜିଲ୍ଲା ପ୍ରଶାସନ କେହି ବି ଆନ୍ତରିକତା ଦେଖାଉନଥିବା ଦେଖିବାକୁ ମିଳିଛି। ଆଗକୁ ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଁଖାଇ ଆସୁଥିବାରୁ ବାହାରେ ରହୁଥିବା ଦାଦନ ଶ୍ରମିକ ମାନେ ଘରମୁହାଁ ହେଉଥିବା ଦେଖିବାକୁ ମିଳିଛି। ଆଉ ୩ଦିନ ଗଲେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ। ଏହି ନୂଆଁଖାଇ ପର୍ବ ପାଳନ ପାଇଁ ପଶ୍ଚିମ ଓଡ଼ିଶାର ଲୋକମାନେ ଯିଏ ଯେଉଁଠି ଥିଲେ ମଧ୍ୟ ନିଜ ନିଜ ଘରକୁ ଆସିଥାନ୍ତି। ନୂଆଁଖାଇ ଓ ତାପରଦିନ ଛାଡଖାଇ ପାଳନ କରି ପୁଣି ନିଜନିଜର କର୍ମକ୍ଷେତ୍ରକୁ ଫେରି ଯାଆନ୍ତି। ଏଥିପାଇଁ ରେଳଷ୍ଟେସନ ଓ ବସ୍ ଷ୍ଟାଣ୍ଡ ଗୁଡ଼ିକରେ ପ୍ରବାସୀ ଶ୍ରମିକଙ୍କ ପ୍ରବଳ ଗହଳି ପରିଲକ୍ଷିତ ହେଉଛି। ସମସ୍ତେ ଘରକୁ ଆସି ନୂଆଁଖାଇ ସାରିବା ପରେ ପୁଣି ନିଜ କର୍ମ ସଂସ୍ଥାନକୁ ଫେରିଯିବେ। ବର୍ତ୍ତମାନ ରାଜ୍ୟରେ ସରକାର ପରିବର୍ତ୍ତନ ହୋଇଥିବାରୁ ନିଜ ଅଞ୍ଚଳରେ ଶ୍ରମିକଙ୍କୁ କାମ ଯୋଗାଇ ଦେବା ସହ ଦାଦନ ରୋକିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍): ଆସନ୍ତା ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଚୌଦ୍ୱାର ପୌରପାଳିକା ତରଫରୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୌର ପାଳିକାର ସ୍ୱଚ୍ଛ ଭାରତ ମିଶନ୍‌ର ନୋଡ଼ାଲ ଅଫିସର ପିୟୂଷ କୁମାର ସାହୁଙ୍କ ପୌରୋହିତ୍ୟରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ସ୍ଥାନୀୟ ୧୭ନମ୍ବର ୱାର୍ଡ଼ ସ୍ଥିତ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ସବୁଜ ସହର ଓ ପରିବେଶ ସନ୍ତୁଳନ ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ର, କାଉନ୍‌ସିଲର ଆଶୁତୋଷ ଦାସ, ବିଜୟ ମଲ୍ଲିକ, ଅଜୟ ବେହେରା, ସୁବ୍ରତ ସାମଲ, ଅର୍ଚ୍ଚନୀ ବେହେରା, ଦିଲ୍ଲୀପ ଭୂୟାଁ, ସୁଜାତା ସାହୁ, ଲିଳିବାଳା ସାହୁ ପ୍ରମୁଖ ଉପସ୍ଥିତ ଥିବାବେଳେ ୱାର୍ଡ଼ର ଏମ୍‌ସିସି ଓ ଏଫ୍‌ଏସ୍‌ଟିପି ଦାୟିତ୍ୱରେ ଥିବା ମହିଳା ସଙ୍ଗଠନ ମାନେ ଏଥିରେ ସହଯୋଗ କରିଥିଲେ। ପୌର ପାଳିକାର ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିବାବେଳେ ପୌର ଯନ୍ତ୍ରୀ ପତିତପାବନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଳ୍ପୀର ଶେଷ ସ୍ପର୍ଶ ପାଇଁ ବର୍ଷା ସାଜିଛି ବାଧକ



କଣାସ, (ଭାସ୍କର ନ୍ୟୁଜ୍): ଦିନକ ପରେ ଗଜାନନଙ୍କ ପୂଜା ଉତ୍ସବ ଏଥିପାଇଁ ସହର ଠାରୁ ଗ୍ରାମ ପର୍ଯ୍ୟନ୍ତ ସବୁଠି ଚାଲିଛି ମୂର୍ତ୍ତି ତିଆରି ପ୍ରସ୍ତୁତି। ମୂର୍ତ୍ତି ତିଆରି କାମରେ ପ୍ରତ୍ୟେକ ମୂର୍ତ୍ତି ତିଆରି ସ୍ଥାନରେ ୫ରୁ ୧୦ଜଣ କାରିଗର କାମ କରୁଥିବା ଦେଖିବାକୁ ମିଳିଛି କଣାସ ବ୍ଲକର କଣାସ, ଜଙ୍କିଆ, ବିଜିପୁର, କରମଳା, ଗଡିଶାଗୋଡା, ଅତାଲ, ଗଡଖାରଦ, ବକୁ, ମନ୍ଦାରବସ୍ତ ଓ ବିଭିନ୍ନ ଗ୍ରାମରେ। ଏହାସହ ପ୍ରତ୍ୟେକ ବିଦ୍ୟାଳୟ ଏବଂ ପୂଜାମଣ୍ଡପମାନଙ୍କରେ କର୍ମକର୍ତ୍ତାମାନେ ପୂଜାପାଇଁ ଯୋରଦାର ପ୍ରସ୍ତୁତି କରି ଚାଲିଥିବା ବେଳେ ଲଘୁଚାପ ଜନିତ ବର୍ଷା କେତେକାଂଶରେ ବାଧା ସୃଷ୍ଟି କରିଛି। ମୂର୍ତ୍ତି କାରିଗରମାନେ ଦୀର୍ଘ ଦୁଇ ମାସ ଆଗରୁ ମାଟି, ଛଣ, କାଠ, ସୂତା ସଂଗ୍ରହ କରି ମୂର୍ତ୍ତି ଗଢିବାରେ ଲାଗିପଡିଛନ୍ତି। ଆଉ ମାତ୍ର ଦିନକ ପରେ ଗଜାନନକ ପୂଜା ଉତ୍ସବ ହୋଇଥିବାରୁ ମୂର୍ତ୍ତି କାରିଗରମାନଙ୍କୁ ଫୁରୁସତ୍ ନାହିଁ। ଅନେକ ସ୍ଥାନରେ କାରିଗରମାନେ ମୂର୍ତ୍ତିର ଶେଷ ପର୍ଯ୍ୟାୟରେ ରଙ୍ଗ ଦେଉଥିବା ଦେଖିବାକୁ ମିଳିଛି। ପ୍ରତ୍ୟେକ ମୂର୍ତ୍ତି ନିର୍ମାଣ ସ୍ଥାନରେ ୫୦ରୁ ୨୦୦ ପର୍ଯ୍ୟାନ୍ତ ମୂର୍ତ୍ତି ବରାଦ ଅନୁସାରେ କାରିଗରମାନେ ନିର୍ମାଣ କରିଛନ୍ତି। କଣାସ ଅଞ୍ଚଳରେ ମୂର୍ତ୍ତି କାରିଗରମାନଙ୍କର ରହିଛି ସ୍ୱତନ୍ତ୍ରତା। ମାଟି ଆଉ ରଙ୍ଗତୂଳିରେ ସୁନ୍ଦର ସୁନ୍ଦର ମୂର୍ତ୍ତି ପ୍ରସ୍ତୁତ କରନ୍ତି ମୂର୍ତ୍ତି କାରିଗରମାନେ। କଣାସ ବଜାରର ବାଲିଘାଇଛକ ଠାରେ ଅକ୍ଷୟ କୁମାର ସେଠୀ ମୂର୍ତ୍ତି ନିର୍ମାଣରେ ୮ଜଣ ସହଯୋଗୀଙ୍କୁ ଧରି ଦୀର୍ଘ ଦୁଇମାସ ହେଲା ବରାଦ ମୁତାବକ ବଡବଡ ଗଜାନନ ମୂର୍ତ୍ତି ନିର୍ମାଣର ଲାଗି ପଡିଥିବା ବେଳେ ଦୁଇଦିନ ହେଲା ରଙ୍ଗ ଦେବା ପାଇଁ ରାତିରେ ଶୋଉ ନଥିବା ପ୍ରକାଶ କରିଛନ୍ତି।

## ଅସଦାଚରଣ ଘଟଣାରେ ଅଭିଯୁକ୍ତ ଗିରଫ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ କାନପୁର ଗ୍ରାମର ଜଣେ ଯୁବତୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ପୋଲିସ ସୋମବାର ଅଭିଯୁକ୍ତ ଅଶୋକ ମହାକୁଡ଼ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ପ୍ରକାଶ ଯେ, ଗତ ୧୯ ତାରିଖ ବିଳମ୍ବିତ ରାତିରେ ଯୁବତୀ ଘରେ ଶୋଇଥିବା ବେଳେ ଛାଟାବାଡ଼ କାନ୍ଥ କଣା କରି ଅଶୋକ ଘର ଭିତରେ ପଶି ଅସଦାଚରଣ କରିଥିଲେ। ଏ ସମ୍ପର୍କରେ ଯୁବତୀ ପୀରହାଟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଥିଲା। ପୋଲିସ ଅଭିଯୁକ୍ତକୁ ଗିରଫ କରିବାରେ ଅବହେଳା କରିବାରୁ ଯୁବତୀ ଜଣକ ଏସପିଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରା ନଗଲେ ସେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଥିଲେ।

# ବୋଲଗଡ଼କୁ ବିଜ୍ଞାପିତ ପରିଷଦ ଅଞ୍ଚଳ ଘୋଷଣା ଦାବିରେ ବଜାର ବନ୍ଦ



ବୋଲଗଡ଼, (ଭାସ୍କର ନ୍ୟୁଜ): ରାଜ୍ୟ ସରକାର ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼କୁ ବିଜ୍ଞାପିତ ପରିଷଦ ଅଂଚଳର ମାନ୍ୟତା ଘୋଷଣା କରିବାରେ ଅହେତୁକ ବିଳମ୍ବକୁ ନେଇ ଏନଏସି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୋମବାର ୬ଘଣ୍ଟିଆ ବଜାର ବନ୍ଦ କରାଯାଇଛି ଓ ରାଜ୍ୟ ମୁଖ୍ୟ ମନ୍ତ୍ରୀଙ୍କ ଉଦେଶ୍ୟରେ ଏ ସମ୍ପର୍କରେ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଛି। ଏହି ୬ ଘଣ୍ଟିଆ ବଜାର ବନ୍ଦ ସମ୍ପୂର୍ଣ୍ଣ ରୂପେ ସଫଳ ହୋଇଛି।ସ୍ଥାନୀୟ ଏନଏସି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୋଲଗଡ଼ ବନ୍ଦ ଡ଼ାକରାର ଆହ୍ୱାନ ଦେଇ ରାଜ୍ୟ ସରକାରଙ୍କ ଉଦେଶ୍ୟରେ ଏକ ଦାବୀ ପତ୍ର ସ୍ଥାନୀୟ ବିଡ଼ିଓଙ୍କୁ ପ୍ରଦାନ କରାଯାଇଛି। ଘଟଣାକ୍ରମେ ସାଧାରଣ ନିର୍ବାଚନ ପୂର୍ବରୁ ପ୍ରାକ୍ତନ ନବୀନ ସରକାରଙ୍କ ପକ୍ଷରୁ ସାଧାରଣ ନିର୍ବାଚନ ପୂର୍ବରୁ ବୋଲଗଡ଼ ସମେତ ଅନ୍ୟ ୩୬ଗୋଟି ଅଂଚଳକୁ ଏନଏସିର ମାନ୍ୟତା ଦେବାଲାଗି ମୌଖିକ ଘୋଷଣା କରିଥିଲା। ତେବେ ଏହା ମଧ୍ୟରେ ରାଜ୍ୟରେ ସରକାର ପରିବର୍ତ୍ତନ ହୋଇଛି। ଏହା ମଧ୍ୟରେ ନୂତନ ତଥା ମୋହନ ସରକାର ବୋଲଗଡ଼କୁ ବାଦ ଦେଇ ୧୨ଗୋଟି ଅଂଚଳକୁ ବିଜ୍ଞାପିତ ପରିଷଦ ଅଂଚଳ ଭାବେ ଘୋଷଣା କରିଛନ୍ତି। ନୂତନ ଏନଏସି ଗଠନ ନିମନ୍ତେ ଯେଉଁ ଆଧାର ଭିତ୍ତିକ ଭିତ୍ତିଭୂମିର ଉପାଦାନ ଆବଶ୍ୟକତା ରହିଛି ତାହା ବୋଲଗଡ଼ ପୂରଣ କରୁଥିବା ସତ୍ୱେ ବୋଲଗଡ଼କୁ ବିଜ୍ଞାପିତ ପରିଷଦ ଅଂଚଳ ଘୋଷଣା ପାଇଁ ସରକାରଙ୍କ ପକ୍ଷରୁ ଅହେତୁକ ଟାଳଟୁଳନୀତି ଅବଲମ୍ବନ କରାଯାଉଛି, ତାହା ଅଂଚଳବାସୀଙ୍କୁ ବିସ୍ମିତ କରିଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଏନଏସି କ୍ରିୟାନୁଷ୍ଠାନ ପକ୍ଷରୁ ୬ଘଣ୍ଟିଆ ବୋଲଗଡ଼ ବନ୍ଦ ହରତାଳକୁ ବ୍ଲକ ବିଜେଡି, ବଣିକ ସଂଘ, ଓକିଲ ସଂଘ, ଶିକ୍ଷାବିତ ଓ ବୁଦ୍ଧିଜୀବି ପ୍ରମୁଖ ମାନେ ସମର୍ଥନ ଜଣାଇବା ସହ ଏକ ବିରାଟ ଶୋଭାଯାତ୍ରାରେ ବ୍ଲକ ସମ୍ମୁଖକୁ ଯାଇ ବିଡ଼ିଓଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ବିଜେଡି ସାମିଲ ଥାଇ ଏକ ବିରାଟ ଶୋଭାଯାତ୍ରାରେ ଏନଏସି କ୍ରିୟାନୁଷ୍ଠାନ କମିଟି ସଭାପତି ଗୋପୀନାଥ ଖାଡଙ୍ଗା, ରଘୁନାଥ ଦଳବେହେରା, ଲଲାଟେନ୍ଦୁ ସିଂ, ରାମଚନ୍ଦ୍ର ମାର୍ଥା, ରାଧାଶ୍ୟାମ ରାୟଗୁରୁ ମହାପାତ୍ର, ବ୍ଲକ ବିଜେଡି ସଭାପତି ବାନାମ୍ବର ମାଝୀ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ପ୍ରଫୁଲ୍ଲ ପ୍ରଧାନ, ଆଇନଜୀବୀ ତଥା ଜିଲ୍ଲା ବିଜେଡି ସମ୍ପାଦକ ବିର ଦାସ, ୨୫ନଂ ଜିଲ୍ଲା ପରିଷଦ ସଭ୍ୟା ସୁନନ୍ଦିତା ସାହୁ, ୨୬ନଂ ଜୋନ୍ ସଭ୍ୟ ସୁବାସ ରାୟଗୁରୁ, ୨୭ନଂ ଜୋନ ସଭ୍ୟ ପ୍ରଦୀପ୍ତ ଛୋଟରାୟ, ସରପଞ୍ଚ ପ୍ରଦୀପ ବାରିକ, ପ୍ରମୋଦ ପାଇକ ରାୟ, ସରପଞ୍ଚ ପ୍ରତିନିଧି ଶରତ ହୋତା, ସରପଞ୍ଚ ନଳିନୀ ବଡ଼ଜେନା, ରଞ୍ଜନ ଲେଙ୍କା, ରଶ୍ମି ରଞ୍ଜନ ପ୍ରଧାନ, ଜଳଧର ମହାନ୍ତି, ନିର୍ମଳା ପ୍ରଧାନ, ଗୀତାଞ୍ଜଳି ସାହୁ, ସରପଞ୍ଚ ପ୍ରତିନିଧି ଚନ୍ଦନ ପ୍ରଧାନ, ସରପଞ୍ଚ ସୁନନ୍ଦା ବରାଳ, ପ୍ରଦୀପ ପ୍ରଧାନ, ବୈକୁଣ୍ଠ ସ୍ୱାଇଁ, ପ୍ରାକ୍ତନ ସରପଞ୍ଚ ଉମେଶ ଚନ୍ଦ୍ର ମହାପାତ୍ର, ସମାଜସେବୀ ରାକେଶ ମହାପାତ୍ର, ଗଦାଧର ଚମ୍ପତି, ଗୌରାଙ୍ଗ ଚମ୍ପତି, ଆଇନଜୀବୀ ସୁଶ୍ରୀ ଗୌରୀ ଦେବୀ, ଆରିଫୁଦ୍ଦିନ ଖାନ, ସମାଜସେବୀ ସିରାଜୁଦ୍ଦିନ ଖାନ(ବୁନା), ଲିଟୁ ପଟ୍ଟନାୟକ ଓ ମିଶନ ଶକ୍ତି ମହିଳା ପ୍ରମୁଖ ଯୋଗଦେଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସ୍ଥାନୀୟ ଗୋପବନ୍ଧୁ ଛକ ଠାରୁ ବାହାରି ବସଷ୍ଟାଣ୍ଡ ବଜାର ଓ ପି.ଏନ ମହାବିଦ୍ୟାଳୟ ସମ୍ମୁଖ ଆଦି ଅତିକ୍ରମ କରି ୫୭ନଂ ଜାତୀୟ ରାଜପଥରେ ଯାଇ ବ୍ଲକ ସମ୍ମୁଖରେ ନିଜର ନ୍ୟାର୍ଯ୍ୟ ଦାବୀ ସମ୍ପର୍କରେ ନାରାବାଜି କରି ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉଦେଶ୍ୟରେ ବୋଲଗଡ଼ ବିଜ୍ଞାପିତ ପରିଷଦ ଅଂଚଳ ହେବା ସପକ୍ଷରେ ଅତିରିକ୍ତ ଦାୟିତ୍ୱରେ ଥିବା ସ୍ଥାନୀୟ ମଣ୍ଡଳ ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠୀଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରିଥିଲେ।

# କଳା ବଜାରୀଙ୍କ କବ୍‌ଜାରେ ୟୁରିଆ ସାର



ନିଆଳି, (ଭାସ୍କର ନ୍ୟୁଜ୍): କଥାରେ ଅଛି ଚାଷ ତରତର ବଣିଜ ମଠ। ଏହି କଥିତ କଥାର କର୍ମ କୁ ନେଇ କଟକ ଜିଲ୍ଲା ନିଆଳି ଅଞ୍ଚଳ ର ପ୍ରାୟତଃ ପ୍ରତେକ ଚାଷୀ ନିଜ ନାମ ପଞ୍ଜିକରଣ କରିବା ସହ ମୁଣ୍ଡ ଝାଳ ତୁଣ୍ଡରେ ମାରି ଅହରହ ନିଜ ଚାଷ ଜମିରେ ଖଟୁଥାନ୍ତି। ହେଲେ ଜମିର ଉର୍ବରତା ସାଙ୍ଗକୁ ଫସଲର ଅଧିକ ଅମଳ କୁ ନେଇ ଚାଷୀଙ୍କୁ ପିଡିଆ ସାରର ଆବଶ୍ୟକତା ରହିଛି। ହେଲେ ବଡ଼ ଦୁଃଖ ଏବଂ ପରୀତାପର ବିଷୟ ଏହିକି ଯେ ଚାଷୀଙ୍କ ପାଇଁ ଆବଶ୍ୟକତା ଅନୁଯାଇ ପିଡିଆ ସାର ନ ମିଳିବାରୁ ସମସ୍ତ ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଚାଷୀ ଧାନ ରୁଆ ଓ ବଛା ସାରିବା ପରେ କ୍ଷେତରେ ୟୁରିଆ ପକାଇବା କଥା। ଯାହା ନିଆଳି ଅଞ୍ଚଳ ରେ ଥିବା ସମବାୟ ସମିତି ମାନଙ୍କରେ ଏପର୍ଯ୍ୟନ୍ତ ଇଉରିଆ ସାର ପହଂଚି ପାରିନାହିଁ। ବର୍ତ୍ତମାନ ଚାଷୀଙ୍କ ଚିନ୍ତାକୁ ଦୁଇଗୁଣ କରିଦେଇଛି। ନିଆଳି ବଜାର ସମେତ ପାଖାପାଖି ଥିବା ଅନ୍ୟ ବଜାରରେ ପିଡିଆ ସାରର ଅଭାବ ବିକ୍ରି ସାଙ୍ଗକୁ କଳାବଜାରୀଙ୍କ ଲୁଟର ମାତ୍ରା ଚାଷୀଙ୍କୁ ଅଧିକ ମାତ୍ରାରେ ପ୍ରଭାବିତ କରିଛି। ଯେଉଁ ଇଉରିଆ ସାର ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ଅନୁସାରେ ୨୬୭ ଟଙ୍କାରେ ବିକ୍ରି ହେବା କଥା ମାତ୍ର ସ୍ଥାନୀୟ ଅଞ୍ଚଳର ଥିବା ସାର ଦୋକାନୀମାନେ ଏହାକୁ ୫ ଶହରୁ ୬ ଶହ ଟଙ୍କାରେ ବିକ୍ରି କରୁଛନ୍ତି। ଏପରିକି ଜଣେ ସମବାୟ ସମିତିର କର୍ମଚାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ସରକାର ପର୍ଯ୍ୟାପ୍ତ ସାର ଯୋଗାଉ ନଥିବାରୁ ଆମ୍ଭେ ଅଳ୍ପ ସାର ଅନୁନାହୁଁ। କମ ସାର ଆଣିଲେ ଚାଷୀ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବ, ଆମେ ସାର କେଉଁଠୁ ଆଣି ଦବୁ। ବାଧ ହୋଇ ଚାଷୀ ବଜାରରୁ ଚଢା ଦରରେ ସାର କିଣୁଛି। ବଜାରରେ ମିଳୁଥିବା ପଟାଷ ସାରରେ ନାଲି ରଙ୍ଗର ବାଲି ବାହାରୁଥିବା ଚାଷୀ ଅଭିଯୋଗ ଆଣିଛନ୍ତି। ନିଆଳି ବ୍ଲକ କୃଷି ଅଧିକାରୀ ନଥିବାରୁ ଯେଉଁଠି ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ଠାରୁ ଇଉରିଆ ସାରର କଳା ବଜାରୀ ହେଉଛି ଆଇନ ଅନୁଯାଇ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରୁ ନାହିଁ। ଜିଲ୍ଲା କୃଷି ଅଧିକାରୀ ସାର କଳାବଜାରୀ ରୋକିବା ସହ ବାଲି ମିଶା ସାର କମ୍ପାନୀ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

## ୪୧ ୟୁନିଟ୍ ରକ୍ତ ସଂଗ୍ରହ

କଣାସ, (ଭାସ୍କର ନ୍ୟୁଜ୍): କଣାସ ଠାରେ ପ୍ରତିଷ୍ଠିତ ପ୍ରଜାପିତା ବ୍ରହ୍ମକୁମାରୀ କାର୍ଯ୍ୟାଳୟ ପକ୍ଷରୁ କଣାସ ପଞ୍ଚାୟତ ସମିତି ନିକଟବର୍ତ୍ତୀ ଜନମଙ୍ଗଳ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୪୧ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ପୁରୀର ଆଚାର୍ଯ୍ୟ ହରିହର ରକ୍ତ ସଂଗ୍ରହ କେନ୍ଦ୍ରର ଡାକ୍ତରମାନେ ଏଥିରେ ଯୋଗଦେଇ ରକ୍ତ ସଂଗ୍ରହ କରିଥିଲେ। ପ୍ରଜାପିତା ବ୍ରହ୍ମକୁମାରୀ ଭଉଣୀ ଓ ଭାଇମାନେ ରକ୍ତଦାନ ଶିବର ପରିଚାଳନା କରିଥିଲେ।

## ସାହି ରାସ୍ତା କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଲେ ବିଧାୟକ

ବୋଲଗଡ, (ଭାସ୍କର ନ୍ୟୁଜ୍): ବେଗୁନିଆ ନିର୍ବାଚନ ମଣ୍ଡଳୀର ବୋଲଗଡ଼ ବ୍ଲକ୍ ଅନ୍ତର୍ଗତ ଫାସୀଓଦା ପଞ୍ଚାୟତ ଅନ୍ତର୍ଗତ ଭୀମପଡ଼ା ହରିଜନ ସାହି ରାସ୍ତା ବର୍ଷା ଯୋଗୁଁ କାଦୁଅ ହୋଇଛି। ଯାହା କି ରାସ୍ତା ଦେଇ ଯାତାୟାତ କରୁଥିବା ଜନ ସାଧାରଣ ବହୁ ଅସୁିଧାର ସମ୍ମୁଖିନ ହେଉଥିଲେ। ତେବେ ବିଧାୟକ ପ୍ରଦୀପ କୁମାର ସାହୁ ସେଠାରେ ପହଁଚି ରାସ୍ତାର ଦୂରାବସ୍ଥା ସମ୍ପର୍କରେ ଶୁଣିବା ସହ ଆସନ୍ତା କାଲି ରାସ୍ତା କାର୍ଯ୍ୟ କରାଯିବ ବୋଲି ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ମାଲକାନଗିରି, (ଭାସ୍କର ନ୍ୟୁଜ): ଚିତ୍ରକୋଣ୍ଡା ବ୍ଲକ୍ ପଣସପୁଟ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଓ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏବଂ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଶିବିରରେ ମୋଟ ୧୧୨ଗୋଟି ଅଭିଯୋଗର ଶୁଣାଣି ହୋଇଥିଲା ଯେ ସେଥି ମଧ୍ୟରୁ ୩୭ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା ବେଳେ ୭୫ ଗୋଟି ସାମୂହିକ ଅଭିଯୋଗ ରହିଥିଲା। ଏଥି ମଧ୍ୟରୁ ୪ ଗୋଟି ଜମିଜମା ସମ୍ବନ୍ଧୀୟ, ୩ ଗୋଟି ଚାକିରୀ ସମ୍ବନ୍ଧୀୟ, ୩୬ ଗୋଟି ଜଙ୍ଗଲ ଜମି ଏବଂ ୬୯ ଗୋଟି ରାସ୍ତା, ସେତୁ, ବିଦ୍ୟାଳୟ କୋଠା, ପାନୀୟ ଜଳ, ମୋବାଇଲ ଟାୱାର ସମ୍ପର୍କିତ ଅଭିଯୋଗ ରହିଥିଲା। ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ବନଖଣ୍ଡ ଅଧିକାରୀ ସାଇ କିରଣ, ଉପ ଜିଲ୍ଲାପାଳ ଅଶ୍ୱିନ ଏ ଏଲ, ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚିତ୍ରକୋଣ୍ଡା ବିଡିଓ, ତହସିଲଦାର, ସହାୟକ ଜିଲ୍ଲାପାଳ ନିର୍ବାଚନ ଅଶୋକ ଚକ୍ରବର୍ତ୍ତୀଙ୍କ ସମେତ ଜିଲ୍ଲାର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଏହି ଶୁଣାଣିରେ ରାସନ୍ କାର୍ଡ, ଶ୍ରମ କାର୍ଡ, ଆଧାର କାର୍ଡ ସମ୍ବନ୍ଧୀୟ, ଜଙ୍ଗଲ ଜମି ପଟ୍ଟା, ସୁଭଦ୍ରା ଯୋଜନା, ସ୍ୱାସ୍ଥ୍ୟ କାର୍ଡ ସମ୍ବନ୍ଧୀୟ ସମସ୍ୟାର ତୁରନ୍ତ ସମାଧାନ ପାଇଁ କ୍ୟାମ୍ପ କରାଯାଇ ଅନଲାଇନ୍ ସେବା ଯୋଗାଇ ଦିଆଯାଇଥିଲା।



# ଖତ ଖାଉଛି ଶହଶହ ବର୍ଷର ଅସୁରକ୍ଷିତ ବିରଳ ପଞ୍ଚମୁଖୀ ଭୈରବ ମୂର୍ତ୍ତି





କଣ୍ଟାପଡ଼ା, (ଭାସ୍କର ନ୍ୟୁଜ): କଣ୍ଟାପଡ଼ା ବ୍ଲକ୍ ଅନ୍ତର୍ଗତ ସାଇଲୋ ଗୋବିନ୍ଦପୁର ଗ୍ରାମ ପଞ୍ଚାୟତର ଶ୍ରୀସୁନ୍ଦରପୁର ଠାରେ କେନାଲ ପାର୍ଶ୍ୱରେ ଏକ ବିରଳ ପଞ୍ଚମୁଖୀ ଭୈରବ ମୂର୍ତ୍ତି ଅସୁରକ୍ଷିତ ଭାବରେ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ପୂଜା ପାଉଛନ୍ତି। ପ୍ରକାଶ ଯେ, ପ୍ରାୟ ପଚିଶ ବର୍ଷ ପୂର୍ବେ ଏହି ଉକ୍ତ ବିରଳ ଭୈରବ ମୂର୍ତ୍ତିଟି ନିକଟସ୍ଥ ରଥ ଡୋଡ଼ାରୁ ଉଦ୍ଧାର କରାଯିବା ପୂର୍ବକ, କେନାଲ ପାର୍ଶ୍ୱରେ ଏକ ସିମେଣ୍ଟ ଚଉତରାରେ ସ୍ଥାପନ କରାଯାଇଥିଲା। ତେବେ ଏହା ଏକ ବିରଳ ମୂର୍ତ୍ତି ହୋଇଥିବାରୁ ଚୋରୀ ହେବା ଭୟରେ, ଉକ୍ତ ମୂର୍ତ୍ତିର ନିମ୍ନଭାଗକୁ ସ୍ଥାୟୀ କରି ଦିଆଯାଇଥିଲା। ଅଦ୍ୟାବଧି ଉକ୍ତ ମୂର୍ତ୍ତିଟିକୁ 'ମାଳଦୁଣୀ' ଠାକୁରାଣୀ ଭାବେ ପୂଜିତା ହେଉଛନ୍ତି। ପରିତାପର ବିଷୟ ଉକ୍ତ ମୂର୍ତ୍ତିଟି ଦୀର୍ଘ ଦୁଇ ଦଶନ୍ଧି ପର୍ଯ୍ୟନ୍ତ ମୁକ୍ତାକାଶ ତଳେ ସ୍ଥାପିତ ହୋଇଥିବାରୁ, ମୂର୍ତ୍ତିରେ ଥିବା କିର୍ତ୍ତୀରାଜି ଗୁଡ଼ିକ ନଷ୍ଟ ହେବା ସହିତ ଅଦ୍ୟାବଧି ପ୍ରଶାସନର ଦୃଷ୍ଟିଗୋଚର ହୋଇ ନାହିଁ। ଏହି ପରିପ୍ରେକ୍ଷୀରେ ଇନଟାକ୍ (କଳା, ସଂସ୍କୃତି ଓ ଐତିହ୍ୟ ପାଇଁ ଭାରତୀୟ ଜାତୀୟ ଟ୍ରଷ୍ଟ)ର ପ୍ରତିନିଧି ଦୀପକ କୁମାର ନାୟକ ଉକ୍ତ ମୂର୍ତ୍ତିଟିକୁ ଯାଞ୍ଚ କରିଥିଲେ, ଏହା ନବମ କିମ୍ବା ଦଶମ ଖ୍ରୀଷ୍ଟାବ୍ଦରେ ନିର୍ମିତ ହୋଇଥିବ ବୋଲି ପ୍ରକାଶ କରିଥିଲେ। ଇନଟାକର ତଦନ୍ତ ରିପୋର୍ଟ ଅନୁସାରେ, ଉକ୍ତ ଭୈରବ ମୂର୍ତ୍ତି ରାଜ୍ୟରେ ଦ୍ୱିତୀୟ ବହୁମୁଖୀ ଭୈରବ ମୂର୍ତ୍ତି ଅଟେ। ଉକ୍ତ ଭୈରବ ମୂର୍ତ୍ତିର ସାଦୃଶ୍ୟାନୁସାରେ ଜାଜପୁର ଜିଲ୍ଲାର ଶାନ୍ତେଶ୍ୱରପୁରର ଭେଲୋ ଠାରେ ଏପରି ଏକ ଭୈରବ ମୂର୍ତ୍ତି ପୂଜିତ ହେଉଛନ୍ତି ବୋଲି ଉଲ୍ଲେଖ କରାଯାଇଛି। ଏତଦ୍ ବ୍ୟତୀତ ଓଡ଼ିଶାର ଇତିହାସ ମଧ୍ୟରେ ପ୍ରାଚୀ ନଦୀର ଐତିହ୍ୟ ସର୍ବ ପୁରାତନ ଅଟେ। ଆଧ୍ୟାତ୍ମିକ ଦୃଷ୍ଟି କୋଣରୁ ପ୍ରାଚୀ ଅବବାହିକାରେ ବୌଦ୍ଧ, ମାଧବ, ଶାକ୍ତ ଓ ଶୈବ ଉପାସନା ଅନେକ ଐତିହ୍ୟ ସମ୍ପନ୍ନ ପୁରାତନ କିର୍ତ୍ତୀରାଜି ରହିଅଛି।

ଏହି ପରିପ୍ରେକ୍ଷୀରେ ଭୈରବ ପୂଜନକୁ ଶୈବ ଉପାସନା କହିଲେ ଅତ୍ୟୁକ୍ତି ହେବ ନାହିଁ, ଯାହା ଅତୀତରେ ଭୈରବ ଉପାସନା କରାଯାଉଥିଲା ବୋଲି ଐତିହ୍ୟ ଗବେଷକ ଡକ୍ଟର ମାଧବାନନ୍ଦ ଭୋଇ ପରିପ୍ରକାଶ କରିଛନ୍ତି। କାରଣ ଶିବଙ୍କର ଅନ୍ୟ ଏକ ଭୟଙ୍କର ରୂପ 'ଭୈରବ' ଅଟନ୍ତି। ପୌରାଣିକ ମତାନୁସାରେ ଶୈବୋପାସନାରେ ଶିବଙ୍କୁ ଶାନ୍ତ ରୂପ ଭାବେ, ଶିବ ଲିଙ୍ଗ ପୂଜନ କରିବା ସ୍ଥଳେ ତାନ୍ତ୍ରିକ ମତରେ ଭୈରବ ମୂର୍ତ୍ତି ଉପାସନା କରାଯାଉଥିଲା। ବିଶେଷ କରି ଏହି ଉପାସନା ଜଟିଳ ଓ ବାମଚାର ହୋଇଥିବାରୁ ଅଘୋରୀମାନେ ଏହି ଉପାସନା କରୁଥିଲେ। ତେବେ ଉକ୍ତ ଭୈରବ ମୂର୍ତ୍ତିଏଙ୍କ ଗଳାରେ ମୁଣ୍ଡ ମାଳ ଧାରଣ କରିଛନ୍ତି। ଭୈରବଙ୍କର ଦଶ ଗୋଟି ହାତ ଏବଂ ପାଞ୍ଚଟି ମୁଖ ରହିବା ସହିତ ଉଗ୍ର ଭାବେ ନିଦ୍ରିତ ମୁଦ୍ରାରେ ଦଣ୍ଡାୟମାନ ରହିଛନ୍ତି। ଦୁଇଟି ହାତରେ ଖଣ୍ଡା ଓ ସାପ ଥିଲା ବେଳେ, ଅନ୍ୟ ହାତଗୁଡ଼ିକ ଭାଙ୍ଗିଯାଇଛି। ବିଶେଷ ଦୃଷ୍ଟିରୁ 'ଭୈରବ' ଶବ ଉପରେ ଦଣ୍ଡାୟମାନ କିମ୍ବା ଉପବେଶନ କରିଥାନ୍ତି। ଉକ୍ତ ମୂର୍ତ୍ତିଟିର ସାଦୃଶ୍ୟରୁ ଶହଶହ ବର୍ଷର ପୁରାତନ ହେଲେ ବି ଏହା ଗଙ୍ଗ ବଂଶ ସମୟର ବୋଲି ଐତିହ୍ୟ ଗବେଷକ ଡକ୍ଟର ଭୋଇ ପରିପ୍ରକାଶ କରିଛନ୍ତି। ଏତଦ୍ ବ୍ୟତୀତ ଗୋବିନ୍ଦପୁର ଏକ ଐତିହାସିକ ଅଞ୍ଚଳ ହୋଇଥିବା ସ୍ଥଳେ, ଏହାର ନିକଟବର୍ତ୍ତୀ ଗ୍ରାମରେ ଅନେକ ଐତିହ୍ୟ ଏବଂ କିର୍ତ୍ତୀରାଜି ଅସୁରକ୍ଷିତ ଭାବରେ ମୁକ୍ତାକାଶ ତଳେ ପଡ଼ି ରହିଛନ୍ତି। ବିଶେଷ କରି ହଟ ହର ଉପାସନା ଭାବେ କାଶେଶ୍ୱର ଶୈବ ପୀଠ, ବାଙ୍କନାଥ ଶୈବ ପୀଠ, ବଟନାଥ ଶୈବ ପୀଠ ଏବଂ ସପ୍ତମାତୃକା ଉପାସନା ଭାବେ ଶ୍ରୀସିଦ୍ଧପୁରରେ ମାଆ ସିଦ୍ଧେଶ୍ୱରୀ, କଳକଳପୁରର ଉପରେ, ବିମଳାଇ, ବରୁଣାଇ ଓ ହିଙ୍ଗୁଳାଇ, ପ୍ରଭୃତି ପୁରାତନ ଦେବାଦେବୀ ପୀଠରେ କିର୍ତ୍ତୀରାଜି ଗୁଡ଼ିକ ଅସୁରକ୍ଷିତ ଭାବରେ ପଡ଼ି ରହିଅଛି। ତେବେ ଉକ୍ତ ଅଞ୍ଚଳରେ ଏପରି ବିରଳ କିର୍ତ୍ତୀରାଜି ଗୁଡ଼ିକ ପ୍ରତି ପ୍ରଶାସନର ବିହିତ ପଦକ୍ଷେପ ଗ୍ରହଣ କରିବା ପୂର୍ବକ ସ୍ୱତନ୍ତ୍ର ସଂଗ୍ରହାଳୟ କରାଯିବା ସହିତ ସୁରକ୍ଷିତ ଭାବେ ସଂରକ୍ଷିତ କରିବା ପାଇଁ ଅଞ୍ଚଳବାସୀମାନେ ଦାବୀ କରିଛନ୍ତି।

# ଗଣେଶ ପୂଜା ଓ ଭସାଣି ଉପଲକ୍ଷେ ପ୍ରସ୍ତୁତି ବୈଠକ



ଭଦ୍ରକ, (ଭାସ୍କର ନ୍ୟୁଜ): ଶୋଭାଯାତ୍ରାରେ ୬୫ ଡେସିମାଲ ଭିତରେ ଲାଉଡ ସ୍ପିକର ବଜାଇବା ସହ ସମ୍ପୂର୍ଣ୍ଣ ଭାବେ ଡିଜେ ବନ୍ଦ କରିଛି ଜିଲ୍ଲା ପ୍ରଶାସନ ଓପାରମ୍ପାରିକ ବାଦ୍ୟ ଉପରେ ଗୁରୁତ୍ୱ, ମେଢର ଉଚ୍ଚତା ୧୧ ଫୁଟ ମଧ୍ୟରେ ରହିବାନେଇ ନିଷ୍ପତ୍ତି, ସୋସିଆଲ ମିଡିଆରେ ଅପପ୍ରଚାର ବନ୍ଦ ଉପରେ ଅଂକୁଶ ଲଗାଇଛି ଜିଲ୍ଲା ପ୍ରଶାସନ ଓ ପୂଜାପାର୍ବଣରେ ବ୍ୟବହୃତ ପୂଜାସାମଗ୍ରୀ ଯଥା-ବାସିଫୁଲ, ଫଳ, ପତ୍ର , ପ୍ରସାଦ, ପ୍ରତିମା ଆଦି ପ୍ରାକୃତିକ ଜଳାଶୟ, ନଦୀ, କେନାଲ, ନାଳରେ ପକାଇବାକୁ ବାରଣ କରାଯାଇଛି। ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୁଲ୍ୟରେ ଗଣେଶପୂଜା ଓ ଭସାଣି ଶୋଭାଯାତ୍ରା ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକର ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଭଦ୍ରକର ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ତହସିଲଦାର ଭଦ୍ରକ ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ ସମେତ ଶାନ୍ତି କମିଟିର ସଦସ୍ୟ, ହିନ୍ଦୁ ସୁରକ୍ଷା ସମିତି ଏବଂ ବୁଢ଼ା ଗଣେଶ, ଟୋକା ଗଣେଶ, ପିଲା ଗଣେଶ, ଛୁଆ ଗଣେଶ, କାଞ୍ଚନ ଗଣେଶ ଏବଂ ଗଜାନନ ପୂଜା କମିଟିର ସଭାପତି/ସମ୍ପାଦକ ମାନେ ଉପସ୍ଥିତ ରହି ଏହି ବୈଠକରେ ସେମାନଙ୍କର ପୂଜା ଓ ଭସାଣୀ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ ଗଣେଶ ପୂଜା ଏବଂ ଭସାଣି ଶୋଭାଯାତ୍ରା କିପରି ଶାନ୍ତି ଶୃଙ୍ଖଳା ଏବଂ ଭାଇଚାରାର ସହିତ ଭଦ୍ରକ ସହରରେ ପାଳନ କରାଯିବ ସେଥିପାଇଁ ଜିଲ୍ଲାପାଳ ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗ କାମନା କରିଥିଲେ। ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଶାନ୍ତି କମିଟିର ସମସ୍ତ ସଦସ୍ୟମାନଙ୍କୁ ସ୍ୱାଗତ କରିବା ସହିତ ଆଜିର ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ହିନ୍ଦୁ ସୁରକ୍ଷା ସମିତି, ସଭାପତି/ସମ୍ପାଦକ, ମୁସଲିମ୍ ଜମାତ୍, ଭଦ୍ରକ ଏବଂ ଶାନ୍ତି କମିଟିର ସଭ୍ୟମାନେ ଏହି ଉତ୍ସବ ପାଇଁ ସେମାନଙ୍କର ଯୋଜନା ଟିପ୍ପଣୀ ବିଷୟରେ ଅବଗତ କରାଇଥିଲେ। ଚଳିତ ବର୍ଷ ଗଣେଶ ପୂଜା ଅଗଷ୍ଟ ୨୭ ତାରିଖରେ ପଡୁଥିବାରୁ ଏହାର ସୁପରିଚାଳନା ନିମନ୍ତେ ହିନ୍ଦୁ ସୁରକ୍ଷା ସମିତିର ସଭାପତି ବିଦ୍ୟାଧର ସାହୁ ଏହି ସଭାରେ ଉପସ୍ଥିତ ଥିବା ସମସ୍ତ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇବା ସହ ଜିଲ୍ଲା ପ୍ରଶାସନର ସହଯୋଗ ଲୋଡିଥିଲେ। ମୁସଲିମ ଜମାତ, ଭଦ୍ରକର ଉପସଭାପତି ସେକ ମହମ୍ମଦ ଜକାଉଲ୍ଲା ଆଲୋଚନାରେ ଅଂଶଗ୍ରହଣ କରି ସମସ୍ତଙ୍କୁ ଆସନ୍ନ ଗଣେଶ ପୂଜା ପାଇଁ ଶୁଭେଚ୍ଛା ଜଣାଇବା ସହ ଗଣେଶ ପୂଜା ପରି ପବିତ୍ର ପର୍ବକୁ ଶାନ୍ତିପୂର୍ଣ୍ଣ ଭାବରେ ପାଳନ କରିବା ପାଇଁ ସେମାନେ ସମସ୍ତ ସହାଯୋଗ ଯୋଗାଇ ଦେବେ ବୋଲି ବୈଠକରେ ଆଶ୍ୱାସନା ଦେଇଥିଲେ। ସେ ଆହୁରି ମଧ୍ୟ କହିଛନ୍ତି ଯେ ସେମାନେ ସର୍ବଦା ଭାଇଚାରା ବଜାୟ ରଖିବେ ଏବଂ ବିଭିନ୍ନ ଗଣେଶ ପୂଜା କମିଟିର ଅନୁରୋଧ ଅନୁଯାୟୀ ଅଂଶଗ୍ରହଣ କରିବେ ଏବଂ ଭସାଣି ଶୋଭାଯାତ୍ରା ସମୟରେ ଉପସ୍ଥିତ ରହି ପ୍ରଶାସନ ତଥା ବିଭିନ୍ନ ଗଣେଶ ପୂଜା କମିଟିକୁ ପୂର୍ଣ୍ଣମାତ୍ରାରେ ସହଯୋଗ କରିବେ।

# ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ରକ୍ତଦାନ ଶିବିର



ନବରଙ୍ଗପୁର, (ଭାସ୍କର ନ୍ୟୁଜ): ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରିୟ ବିଶ୍ୱ ବିଦ୍ୟାଳୟର ଆନ୍ତର୍ଜାତୀୟ ମୁଖ୍ୟ ପ୍ରଶାସିକା ରାଜ ଯୋଗିନୀ ବ୍ରହ୍ମା କୁମାରୀ ଦାଦି ପ୍ରକାଶ ମଣିଜୀଙ୍କ ୧୮ତମ ପୁଣ୍ୟ ସ୍ମୃତି ଦିବସ ତଥା ବିଶ୍ୱ ଭାତୃତ୍ୱ ଦିବସ ଉପଲକ୍ଷେ ନବରଙ୍ଗପୁର ବ୍ରହ୍ମା କୁମାରୀଜ୍ ଆଶ୍ରମ ହାର୍ମନୀ ହଲରେ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏ ଡି ଏମ ଓ ମହୋଦୟ, ଡ଼.ମଳୟ ତ୍ରିପାଠୀ ବ୍ରହ୍ମା କୁମାରୀ ନବରଙ୍ଗପୁର କେନ୍ଦ୍ର ସଂଚାଳିକା ବ୍ରହ୍ମ କୁମାରୀ ନମିତା,ଆର୍ ଏମ ସି ସେକ୍ରେଟାରୀ ଏଂ ବିଦ୍ୟାର୍ଥୀ କଲେଜ ପ୍ରିନ୍ସିପାଲ ରକ୍ତ ଦାନ ଶିବିର କୁ ଶୁଭାରମ୍ଭ କରିଥିଲେ। ଏହି ରକ୍ତ ଦାନ ଶିବିର କାର୍ଯ୍ୟକ୍ରମ ରେ ୫୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ବ୍ରହ୍ମା କୁମାରୀ ପୁଷ୍ପାଞ୍ଜଳି, ନର୍ମଦା, ସ୍ୱାତୀ, ଭାଗ୍ୟ, ଜୟା, ସୁଶୀଳା, ଗିରିଶ ଭାଇ, ପ୍ରବୀଣ ଭାଇ, ଓକିଲ ସୁନୀଲ ସାହୁ, ସୁମନ୍ତ ସାହୁ, ମିନାକ୍ଷୀ ଭଉଣୀ ସହ ନବରଂଗପୁର ସହରର ୟୁନିକ୍ ପବ୍ଲିକ ସ୍କୁଲ ର ପ୍ରିନ୍ସିପାଲ, ବିଦ୍ୟାନିକେତନ୍ ଡ୍ରିଗ୍ରି କଲେଜ ପ୍ରିନ୍ସିପାଲ ଏବଂ ଷ୍ଟାଫ୍, ତେନ୍ତୁଳିଖୁଣ୍ଟି ଲୋକ ସଭା ସାଂସଦ ପ୍ରତିନିଧି ସନ୍ତୋଷ ପାତ୍ର, ନୀଳାଦ୍ରି ମେଡିକାଲ ଷ୍ଟୋରର ମାଲିକ ଡ଼ ସୁବାସ ଭାଇ ଓ ସହରର ଅନେକ ଭାଇଭଉଣୀ ରକ୍ତଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁରର ସମସ୍ତ ବ୍ରହ୍ମା କୁମାରୀ ଭାଇ ଭଉଣି ତଥା ରଘୁ ଭାଇ, ବିଜୟ ଭାଇ, ବିଦ୍ୟାଧର ଭାଇ,ରଞ୍ଜିତ ଭାଇ, ସରଓ୍ୱେଶ୍ୱର ଭାଇ, କୈଳାସ ଭାଇ, ରାକ୍ଷୀ ଭଉଣୀ,ଗୀତା ଭଉଣୀ ଏବଂ ଝରିଗାଁ, ଉମରକୋଟ, ଡାବୁଗାଁ, ପାପଡ଼ାହାଣ୍ଡି, ଜଗନ୍ନାଥପୁର ରୁ ଆସିଥିବା ଭାଇ ଭଉଣୀଙ୍କ ସହଯୋଗରେ ରକ୍ତଦାନ ଶିବିର କାର୍ଯ୍ୟକ୍ରମ ସୂଚାରୁ ରୂପେ ସମ୍ପାଦିତ ହୋଇଥିଲା।

## ସରକାରୀ ଛୁଟି ପାଇଁ ୨୯ ତାରିଖ ବଦଳରେ ୩୦ ତାରିଖ ନିଆଳି ବନ୍ଦ

ନିଆଳି, (ଭାସ୍କର ନ୍ୟୁଜ): ନିଆଳୀରୁ ଏନ ଏ ସି ବାଦ ପଡିବା ଘଟଣା ରେ ଆସନ୍ତା ୨୯ ତାରିଖ ରେ ନିଆଳି ବନ୍ଦ ଡାକରା ଦେଇଥିଲା ବିଜୁ ଜନତା ଦଳ। ଏହି ଦିନ ସରକାରୀ ଛୁଟି ପଡୁଥିବାରୁ ୨୯ ତାରିଖ ବଦଳରେ ୩୦ ତାତିଖ ଦିନ ନିଆଳି ବନ୍ଦ ଡାକରା ଦେଇଛି ନିଆଳି ବିଜୁ ଜନତା ଦଳ। ଏ ନେଇ ଆଜି ନିଆଳି ବ୍ଲକ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରାଙ୍କ ସରକାରୀ ବାସଭବନରେ ନିଆଳି ବ୍ଲକ ବିଜୁ ଜନତା ଦଳର ସଭାପତି ଅତୁଲ୍ୟ କୁମାର ଜେନା ସୂଚନା ଦେଇଛନ୍ତି। ଏଠାରେ ସୂଚନା ଥାଉ କି ପୂର୍ବ ବିଜେଡି ସରକାରରେ ନିଆଳିକୁ ଏନଏସି ମାନ୍ୟତା ପ୍ରଦାନ କରାଯାଇଥିବା ବେଳେ ବର୍ତ୍ତମାନ ସରକାରରେ ନିଆଳିକୁ ବାଦ ଦିଆଯାଇଛି। ଯାହାକୁ ନେଇ ବିଜୁ ଜନତା ଦଳ ପକ୍ଷରୁ ଆସନ୍ତା ୩୦ ତାରିଖ ଦିନ ନିଆଳି ବନ୍ଦ ଡାକରା ଦିଆଯାଇଛି।

# ବାଲି ଚାଲାଣକାରୀଙ୍କୁ ଧରୁଛି ରାଜସ୍ୱ ବିଭାଗ ଓ ପୋଲିସ

ରାୟଗଡ଼ା, (ଭାସ୍କର ନ୍ୟୁଜ): ରାୟଗଡ ଜିଲ୍ଲା ରେ ଏବେ ରାଜସ୍ୱ ବିଭାଗ କର୍ମଚାରୀ ଓ ପୋଲିସ ସକ୍ରିୟ ହୋଇଛନ୍ତି। ନାଳ, ନଦୀ ଗୁଡ଼ିକର ବିଭିନ୍ନ ଘାଟ ଗୁଡ଼ିକୁ ଯାଇ ଗାଡ଼ି ଗୁଡ଼ିକର କାଗଜ ଯାଞ୍ଚ କରୁଛନ୍ତି। ଆବଶ୍ୟକ କାଗଜ ଦେଖାଇ ପାରୁ ନଥିବା ଗାଡ଼ି ଗୁଡ଼ିକୁ ଜବତ କରୁଛନ୍ତି। ବିପୁଳ ପରିମାଣରେ ଜରିମାନା ପକାଉଛନ୍ତି। ବେଆଇନ ଭାବରେ ବାଲି ଚୋରାଚାଲାଣ କରୁଥିବା ଅଭିଯୋଗରେ ଗୁମୁଡ଼ା ପୋଲିସ ବାଲି ବୋଝେଇ ୨ଟି ହାଇଓ୍ୱାକୁ ଜବତ କରିଛି। ବିନା କାଗଜ ପତ୍ରରେ ବାଲି ଚୋରାଚାଲାଣ କରାଯାଉଥିବା ସୂଚନା ପାଇ ଚଢ଼ଉ କରି ଗୁଡ଼ାରୀ ଛକ ନିକଟରୁ ଜବତ କରିଛି। ଜିଲ୍ଲା ମାଇନ୍ସ ବିଭାଗର ତଦନ୍ତ ପରେ ଜରିମାନା ପରିମାଣ କେତେ ପଡିବ ଜଣା ପଡ଼ିବ ବୋଲି ଗୁମୁଡା ଫାଣ୍ଡି ପୋଲିସ ସୂଚନା ଦେଇଛି। ସରକାର ପରିବର୍ତ୍ତନ ହୋଇଥିଲେ ମଧ୍ୟ ଜିଲ୍ଲା ରେ ବାଲି, ପଥର, ମୋରମ ଅବାଧରେ ବେଆଇନ ଭାବରେ ଚୋରା ଚାଲାଣ ହୋଇ ଆସୁଛି। ସ୍ଥାନୀୟ ଲୋକମାନେ ସୂଚନା ଦେଉଥିବା ସତ୍ୱେ ଚୋରା ବାଲି ଚାଲାଣକାରୀଙ୍କ ବିରୋଧରେ ଖଣି ବିଭାଗ ଅଧିକାରୀ ମାନେ ପଦକ୍ଷେପ ନେଉନାହାନ୍ତି ବୋଲି ଲୋକେ ଅଭିଯୋଗ କରି ଆସୁଛନ୍ତି। ରାୟଗଡ ଜିଲ୍ଲାର ପ୍ରଭାରୀ ଦାୟିତ୍ୱରେ ଖଣି ମନ୍ତ୍ରୀ ରହିଛନ୍ତି। ପେଶାଦାର ବାଲି ଚୋରା ଚାଲାଣ କାରିଙ୍କ ବିରୋଧରେ ଖଣି ବିଭାଗ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହିଁ। ବରଂ କାଁ ଭାଁ କେତେ ବେଳେ ଗାଁ ଗୁଡିକରେ ଟ୍ରାକ୍ଟର ରେ ବାଲି ବା ମାଟି ଚାଲାଣ କରୁଥିବା ଲୋକଙ୍କୁ ଧରୁଛି। ଆବଶ୍ୟକ କାଗଜ ନଥିଲେ ମୋଟା ଅଙ୍କର ଜରିମାନା ପକାଇ ବାହାଦୂରୀ ମାରୁଛନ୍ତି ଖଣି ବିଭାଗ ଅଧିକାରୀ ମାନେ। ହେଲେ ଏବେ ଖଣି ବିଭାଗ ଅଧିକାରୀଙ୍କ ପୂର୍ବ ପେକ୍ଷା ଭାଉ କମିଥିବା ଜଣା ପଡ଼ିଛି। ପୋଲିସ ଓ ରାଜସ୍ୱ କର୍ମଚାରୀ ସକ୍ରିୟ ହୋଇ ବେଆଇନ ବାଲି ଚାଲାଣ କରୀଙ୍କୁ ଗୋଡ଼ାଇ ଗୋଡ଼ାଇ ଧରୁଛି। ଫଳରେ ମୋହନ ମାଝୀଙ୍କ ସରକାର ପ୍ରତି ଆସ୍ଥା ଫେରୁଥିବା ଗାଁ ଲୋକଙ୍କ ପ୍ରତିକ୍ରିୟା ରୁ ଜଣାପଡୁଛି। ମୋହନ ମାଝୀ ସରକାର ଟ୍ରାକକୁ ଫେରିଛି ବୋଲି ଲୋକେ କହୁଛନ୍ତି। ଲଘୁ ଖଣିଜ ସମ୍ପଦ ଲୁଟେରାମାନଙ୍କୁ ଧରିବା ପାଇଁ ଖଣି ବିଭାଗ ଅଧିକାରୀଙ୍କ ନିଷ୍କ୍ରିୟତା ଯୋଗୁଁ ସରକାର ଅନେକ ବଦନାମ ହୋଇଛି। ଗତ ଏକ ବର୍ଷ ଧରି ବିଭିନ୍ନ ଘାଟରୁ ଅବାଧରେ ଚୋରା ବାଲି ଚାଲାଣ ହେଉଥିଲା। ପୋଲିସ ନିଷ୍କ୍ରିୟ ହୋଇ ପଡ଼ିଥିଲା। ରାଜ୍ୟର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଚୋରା ବାଲି ଉତୋଳନ ପରିବହନକୁ ଧରିବାକୁ ଯାଇ ବାଲି ମାଫିଆ ମାନଙ୍କ ଆକ୍ରମଣରେ କିଛି ଅଧିକାରୀ ଆହତ ହୋଇଥିଲେ। ଏହା ପରେ ସରକାରଙ୍କ ଗୁଇନ୍ଦା ବିଭାଗ ସକ୍ରିୟ ହେଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ରାଜସ୍ୱ ମନ୍ତ୍ରୀ ଲଘୁ ଖଣିଜ ସମ୍ପଦର ବେଆଇନ ଚୋର ଚାଲାଣକୁ ରୋକିବାକୁ ତହସିଲଦାର ଓ ପୋଲିସକୁ କ୍ଷମତା ଦେଲେ। ଫଳରେ ଧର ପଗଡ ଜୋରଦାର ଆରମ୍ଭ ହୋଇଛି। ବିଭିନ୍ନ ନଦୀ, ନାଳ ନିକଟକୁ ଯାଇ ପୋଲିସ ବାଲି ଗାଡ଼ିଗୁଡ଼ିକୁ ଯାଞ୍ଚ କରୁଛି। ଆବଶ୍ୟକ କାଗଜ ପତ୍ର ନଥିବା ଗାଡ଼ିଗୁଡ଼ିକୁ ଧରୁଛି। ବିପୁଳ ପରିମାଣର ଜରିମାନା ପକାଉଛନ୍ତି ଫଳରେ ଚୋରା ଚାଲାଣକାରୀଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି। ଆଗକୁ ଅଧିକ ଧର ପଗଡ କରାଗଲେ ସରକାରଙ୍କ ପ୍ରତି ସାଧାରଣ ଲୋକଙ୍କ ବିଶ୍ୱାସ ଓ ଭରସା ବୃଦ୍ଧି ପାଇବ ମନେ କରାଯାଉଛି।

# ବିଜ୍ଞାନ ଚେତନା ମଞ୍ଚ ପକ୍ଷରୁ ବିଜ୍ଞାନ ପାଇଁ ପଦଯାତ୍ରା

କଣିହାଁ, (ଭାସ୍କର ନ୍ୟୁଜ): ବ୍ରେକ୍ ଥ୍ରୁ ସାଇନ୍ସ ସୋସାଇଟି ସହବନ୍ଧିତ ବିଜ୍ଞାନ ଚେତନା ମଞ୍ଚ ଓଡ଼ିଶା ପକ୍ଷରୁ ଆୟୋଜିତ କରାଯାଉଥିବା ବିଜ୍ଞାନ ପାଇଁ ପଦଯାତ୍ରା ପରିପ୍ରେକ୍ଷୀରେ ସୋମବାର ଦିନ କଣିହାଁ ବ୍ଲକ ଅଧୀନସ୍ଥ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଜରଡା ଠାରେ ଏକ ବିଜ୍ଞାନ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପଙ୍କଜିନୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବିଜ୍ଞାନ ଚେତନା ମଞ୍ଚ ଓଡ଼ିଶାର ଅନୁଗୋଳ ଜିଲ୍ଲା ସଂଯୋଜକ ମୁନା ନାଏକ ଯୋଗଦେଇ ଭାରତରେ ବିଜ୍ଞାନ ପାଇଁ ପଦଯାତ୍ରାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କୌଣସି କଥାକୁ ଅନ୍ଧ ଭାବେ ଗ୍ରହଣ ନକରି ତା ପଛରେ ଥିବା କାରଣ ଖୋଜିବା, ପରୀକ୍ଷା ନିରୀକ୍ଷା କରିବା ଓ କାରଣ ଆଧାରରେ ସିଦ୍ଧାନ୍ତରେ ଉପନୀତ ହେବାକୁ ବିଜ୍ଞାନ କୁହାଯାଏ। ବିଜ୍ଞାନ କଦାପି ବିଶ୍ୱାସ ହୋଇ ନ ପାରେ ବରଂ ସତ୍ୟର ଚଟାଣ ଉପରେ ଏକ ସୁନ୍ଦର ଉପଲବ୍ଧିକୁ ବୁଝାଏ। କ'ଣ, କାହିଁକି, କିପରି ପ୍ରଶ୍ନ ପଚାରିବା, କାରଣ ଖୋଜିବା, ପରୀକ୍ଷା ନିରୀକ୍ଷା କରିବା, ଯୁକ୍ତି କରିବା ଆଦି ପ୍ରକ୍ରିୟା ଗୁଡିକ ବିଜ୍ଞାନର ପରିଭାଷା ଅଟେ। ଏ ଦିଗରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ତଥା ସର୍ବସ୍ତରର ଜନଗଣ ଉତ୍ସାହିତ ହୋଇ ନିଜ ମଧ୍ୟରେ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଗଢିତୋଳିବା ଦ୍ୱାରା ବିଜ୍ଞାନର ଅଗ୍ରଗତି ସମ୍ଭବ ବୋଲି ସେ ପ୍ରକାଶ କରିଥିଲେ। ଅନ୍ଧ ବିଶ୍ୱାସ ଓ କୁସଂସ୍କାର ଦୂର କରିବା ପାଇଁ ବୈଜ୍ଞାନିକ ଚିନ୍ତାର ପ୍ରଚାର - ପ୍ରସାର କରିବା, ମାନବ କଲ୍ୟାଣ ପାଇଁ ବୈଜ୍ଞାନିକ ମାନଙ୍କ ଉଦ୍ଭାବନ ଓ ଆବିଷ୍କାର ଏବଂ ତ୍ୟାଗପୂତ କଠିନ ଜୀବନ ସଂଗ୍ରାମର ପ୍ରଚାର କରିବା, ଜଳବାୟୁ ପରିବର୍ତ୍ତନ ଓ ପରିବେଶ ପ୍ରଦୂଷଣ ରୋକିବା ପାଇଁ ଜନଜାଗୃତି ସୃଷ୍ଟି କରିବା ଓ ସେଥିପାଇଁ ନୀତି ନିର୍ଦ୍ଧାରଣ କରିବା, ସ୍କୁଲ ପାଠ୍ୟକ୍ରମରେ ଡାରଓ୍ୱିନ ତତ୍ତ୍ୱ ଓ ପିରିୟଡିକ୍ ଟେବୁଲ ପରି ମୌଳିକ ବିଷୟକୁ ଅନ୍ତର୍ଭୁକ୍ତ କରିବା, ସ୍କୁଲ କଲେଜରେ ବିଜ୍ଞାନ ପାଠ୍ୟକ୍ରମରେ ପରୀକ୍ଷା ନିରୀକ୍ଷାକୁ ଗୁରୁତ୍ୱ ଦେବା ସହିତ ଗବେଷଣା ପାଇଁ କେନ୍ଦ୍ର ଓ ରାଜ୍ୟ ବଜେଟରୁ ଅଧିକ ବ୍ୟୟ କରିବା, ବିଜ୍ଞାନକୁ କେବଳ ମଣିଷ କଲ୍ୟାଣରେ ବ୍ୟବହାର କରିବା ଆଦି ବାର୍ତ୍ତା ଗୁଡିକୁ ଛାତ୍ରଛାତ୍ରୀ ତଥା ବିଜ୍ଞାନପ୍ରେମୀ ଜନଗଣଙ୍କ ମଧ୍ୟକୁ ନେଇଯିବା ଉଦ୍ଦେଶ୍ୟରେ 'ଭାରତରେ ବିଜ୍ଞାନ ପାଇଁ ପଦଯାତ୍ରା'ର ଆୟୋଜନ କରାଯାଉଛି ବୋଲି ନାଏକ ପ୍ରକାଶ କରିଥିଲେ। ବିଜ୍ଞାନ ଶିକ୍ଷକ ଭରତ ଚନ୍ଦ୍ର ବେହେରା ଓ ସଂସ୍କୃତ ଶିକ୍ଷକ ଶ୍ରୀକାନ୍ତ ମିଶ୍ର ବିଜ୍ଞାନର ବିଭିନ୍ନ ଅବଦାନ ଓ ତାର ସଠିକ ବ୍ୟବହାର ସହିତ ମୋବାଇଲ ଫୋନର ଦୁରୁପଯୋଗ ଓ ମାତ୍ରାଧୀକ ବ୍ୟବହାର ର କୁପରିଣାମ ସଂପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଡିଲେଶ୍ୱର ସାହୁ, ଶିବପ୍ରସାଦ ଦେହୁରୀ, ମଧୁସ୍ମିତା ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ତିହିଡ଼ି ବ୍ଲକ୍‌ରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର




ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ପଞ୍ଚାୟତ ସମିତି ସଭାଗୃହରେ ସୋମବାର ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏହି ଶିବିରରେ ଜିଲାପାଳ ଦିଲ୍ଲୀପ ରାଉତରାଏ, ଜିଲା ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ, ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଉମାପ୍ରସାଦ ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ବିଡିଓ ନିରଂଜନ ବାରିକ, ଅତିରିକ୍ତ ତହସିଲଦାର ନମିତା ଧଳ ପ୍ରମୁଖ ଯୋଗ ଦେଇ ବିଭିନ୍ନ ଅଞ୍ଚଳରୁ ଆସିଥିବା ୯୭ଟି ଅଭିଯୋଗର ଶୁଣାଣି କରିଥିଲେ। ଗତ କିଛିଦିନ ତଳେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟ ବିଭାଗ ପକ୍ଷରୁ ତିହିଡ଼ିକୁ ଏନଏସି କରାଯିବାକୁ ଡ୍ରାଫ୍ଟ ନୋଟିସ କରାଯାଇଛି। ଏଥିରେ ବ୍ଲକ ଅଧୀନରେ ଥିବା ଫତେପୁର ପଞ୍ଚାୟତକୁ ଏନଏସି ଅନ୍ତଭୁକ୍ତ କରାଯାଇ ନାହିଁ। ଫତେପୁର ପଞ୍ଚାୟତର ଉମାକାନ୍ତ ସେଠୀ, ଦିଲୀପ ବଳ, ନାରାୟଣ ପଣ୍ଡା, ଶରତ କୁମାର ନାୟକ, ଶ୍ରୀଧର ବାରିକ, ସୁଧାଂଶୁ ମାହୁନ୍ତ ପ୍ରମୁଖଙ୍କ ସମେତ ପଞ୍ଚାୟତବାସୀ ଜିଲାପାଳଙ୍କୁ ଭେଟି ତିହିଡ଼ି ସଦର ମହକୁମାରୁ ୩କି.ମି. ଦୂରରେ ଥିବା ଗ୍ରାମକୁ ଏନଏସିରେ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ମାତ୍ର ୨ଶହ ମିଟର ଦୂରରେ ଥିବା ଫତେପୁର ପଞ୍ଚାୟତକୁ ଏନଏସିରେ ସାମିଲ କରାଯିବାକୁ ମୋନେ ଦାବି କରିଥିଲେ। ବାରସର, ଗୋବିନ୍ଦପୁର ପଞ୍ଚାୟତର ଚାଷୀ ପ୍ରଶାନ୍ତ ନାୟକ, କୈଳାସ ପଣ୍ଡା, ପଦ୍ମଲୋଚନ ଦାସ, ଆନନ୍ଦ ଦାସ, ପ୍ରତାପ ଦାସ, ସରୋଜ ନାୟକ ପ୍ରମୁଖ ଏସପିଙ୍କୁ ଭେଟି ଲିଖିତ ଭାବେ ଜଣାଇଛନ୍ତି ଯେ ରବି ଧାନଚାଷରେ ଚାଷୀମାନଙ୍କୁ କ୍ଷତିପୂରଣ ବାବଦକୁ ୪୧ଲକ୍ଷ ୪୩ହଜାର ଟଙ୍କା ମିଳି ପାରିନାହିଁ। ହାଇଦ୍ରାବାଦର ୨ଟି କମ୍ପାନୀ ପ୍ରତିଶ୍ରୁତି ଦେଇ ଚାଷୀଙ୍କୁ ଠକିଥିଲେ। ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ହାଇଦ୍ରାବାଦର ୨ଟି କମ୍ପାନୀ ଚାଷୀମାନଙ୍କୁ ଏକ ନିର୍ଦ୍ଦିଷ୍ଟ କିସମର ଧାନ ଚାଷ କରିବାକୁ କହିଥିଲେ। ଏହି ଧାନ ଚାଷ କଲେ ଲାଭ ପାଇବେ ବୋଲି ଚାଷୀମାନଙ୍କୁ କୁହାଯାଇଥିଲା। ସେହି ଅନୁସାରେ ୨ଟି ପଞ୍ଚାୟତର ୩୦ରୁ ଉର୍ଦ୍ଧ୍ୱ ଚାଷୀ ୨୬୪ଏକର ରବିଧାନ ଚାଷ କରିଥିଲେ। କମ୍ପାନୀ ପକ୍ଷରୁ ଚାଷୀମାନଙ୍କୁ ପ୍ରଥମ ପର୍ଯ୍ୟାୟରେ ଚାଷ ପାଇଁ ୬୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଏକର ପ୍ରତି ୫କୁଇଣ୍ଟାଲ ଧାନରୁ କମ୍ ଅମଳ ହେଲେ ପ୍ରତି ଚାଷୀଙ୍କୁ ୪୫ହଜାର ଟଙ୍କା କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ତେବେ ଜଣେ ମାତ୍ର ଚାଷୀଙ୍କୁ ବାଦ ଦେଲେ ଅନ୍ୟ ଚାଷୀଙ୍କର ଏକର ପ୍ରତି ୫କୁଇଣ୍ଟାଲରୁ କମ୍ ଧାନ ଅମଳ ହୋଇଥିଲା। ଯାଜପୁର ଅଞ୍ଚଳର ଜଣେ ବ୍ୟକ୍ତି କମ୍ପାନୀ ଓ ଚାଷୀଙ୍କ ମଧ୍ୟରେ ମଧ୍ୟସ୍ଥତା କରି ଚାଷୀଙ୍କୁ ଟଙ୍କା ଦେବ ବୋଲି କହିଥିଲା। ମାତ୍ର ଚାଷ ସରିବା ପରେ ୫କୁଇଣ୍ଟାଲରୁ କମ୍ ଧାନ ପାଇଥିବା ଚାଷୀଙ୍କୁ ଅଦ୍ୟାବଧି ୪୫ହଜାର ଟଙ୍କା ଲେଖାଏଁ ମିଳି ପାରିଲା ନାହିଁ। ଚାଷୀମାନେ ମଧ୍ୟସ୍ଥିଙ୍କୁ ଟଙ୍କା ମାଗିଲେ ସେ ଆଜିକାଲି କହି ଭଣ୍ଡାଇ ଶେଷରେ ଟଙ୍କା ଦେବେନାହିଁ ବୋଲି ମନା କରିଦେଇଛନ୍ତି। ଚାଷୀମାନେ ଗତମାସ ୨୬ ତାରିଖରେ ଏ ସମ୍ପର୍କରେ ପୀରହାଟ ଥାନା ଓ ୨୮ ତାରିଖରେ ଏସପିଙ୍କୁ ଭେଟି ଅଭିଯୋଗ କରିଥିଲେ। ମାତ୍ର କୌଣସି ସୁଫଳ ନମିଳିବାରୁ ପୁନର୍ବାର ଅଭିଯୋଗ ଶୁଣାଣି ଶିବିରରେ ଏସପିଙ୍କୁ ଅଭିଯୋଗ କରିଛନ୍ତି। କ୍ଷତିପୂରଣ ଅର୍ଥ ନମିଳିଲେ ସେମାନେ ଅଗଷ୍ଟ ୨୭ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ବାହାବଳପୁର ପଞ୍ଚାୟତକୁ ମୁଖ୍ୟମନ୍ତ୍ରୀ ବସ୍ ସେବା ବନ୍ଦ ହୋଇ ଯାଇଛି। ତିହିଡ଼ି-ମାଟିଆସାହି ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି। ଯାହାଫଳରେ ମାସେ ହେଲା ବସ୍ ଚଳାଚଳ କରି ପାରୁନାହିଁ। ବସ୍‌ରେ ଯାତାୟତ କରୁଥିବା ଲୋକମାନେ ହଇରାଣ ହେଉଛନ୍ତି। ତୁରନ୍ତ ରାସ୍ତା ନିର୍ମାଣ କରାଯାଇ ବସ୍ ଚଳାଚଳ କରାଯିବା ଦିଗରେ ପଦକ୍ଷେପ ନେବାକୁ ସମିତିସଭ୍ୟ ପ୍ରିୟବନ୍ଧୁ ମାଝୀ ଓ କଂଗ୍ରେସ ନେତା ବେଣୁଧର ଦାସ ଜିଲାପାଳଙ୍କ ଠାରେ ଦାବି କରିଛନ୍ତି। ଆରସା ସରକାରୀ ହାଇସ୍କୁଲରେ ଆର୍ôଥିକ ଅନିୟମିତତା ହୋଇଥିବା ପୂର୍ବରୁ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗର କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଅନିୟମିତତା ଉପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ପୁରାତନ ଛାତ୍ର ଧୀରେନ୍ଦ୍ର ସାହୁ, ବିଭୂତି ଭୂଷଣ ପାଟଙ୍କ ସହିତ ଅନ୍ୟ ପୁରାତନ ଛାତ୍ର ଓ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଏଥି ସହିତ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ, ରାସ୍ତା ନିର୍ମାଣ, ସୁଭଦ୍ରା ଯୋଜନା, ରାଶନ କାର୍ଡ଼ ଇତ୍ୟାଦି ଅଭିଯୋଗ ଉପରେ ଶୁଣାଣି କରାଯାଇଥିଲା। ଏହି ଶିବିରରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ, ଜିଲ୍ଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକ, ଜିଲା ଅତିରିକ୍ତ ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ସାଳନ୍ଦୀ ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ହିତେଶ କୁମାର ସାହୁ, ଏସଡିଓ ରାଇକେନ ବେଶ୍ରା, ଅବକାରୀ ବିଭାଗ ଡେପୁଟି ସୁପରିଟେଣ୍ଡେ□ ସୁଚରିତା ମିଶ୍ର, ଗ୍ରାମ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଗଣେଶ ଚନ୍ଦ୍ର ହେମ୍ରମ, କନିଷ୍ଠ ଯନ୍ତ୍ରୀ କୃତିବାସ ମହାପାତ୍ର, ଡ୍ରେନେଜ ବିଭାଗ ଏସଡିଓ ସଂଜୀବ କୁମାର ଶିଅଳ, ଶ୍ରମ ଅଧିକାରୀ ଲୋକନାଥ ଦାସ, ଆରଏଣ୍ଡବି ଅଧୀକ୍ଷଣ ଯନ୍ତ୍ରୀ ଦେବୀ ପ୍ରସନ୍ନ ଘୋଷ, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପ୍ରୋଜେକ୍ଟ ଅଫିସର ସବିତା ବେହେରା, ବ୍ଲକ ଶିକ୍ଷାଧିକାରୀ ସୂର୍ଯ୍ୟଶିଖା ମହାନ୍ତି, ପ୍ରାଣି ଚିକିତ୍ସାଧିକାରୀ ଡା. ନିରାକାର ଜେନା, ସ୍ୱାସ୍ଥ୍ୟକେନ୍ଦ୍ର ବି□ୀୟ ଅଧିକାରୀ ବିପ୍ଳବ ରଂଜନ ପତି, ବ୍ଲକ କୃଷି ଅଧିକାରୀ ଅମର ପ୍ରସାଦ ସାହୁ, ଜଳ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ମାନସୀ ମହାପାତ୍ର ଓ ମଧୁସ୍ମିତା ବେହେରା, ବ୍ଲକ ସହକାରୀ ଯନ୍ତ୍ରୀ ସୁକାନ୍ତ ମିଶ୍ର, କନିଷ୍ଠ ଯନ୍ତ୍ରୀ ଭରତ ବିଶ୍ୱାଳ, ବିପିଏମ ରଶ୍ମିତା ନାୟକ, ସିଡିପିଓ ବାସନ୍ତୀ ନାଏକ, ଏପିଓ କାମିନିଲତା ଓଝା, ବ୍ଲକ ଯୋଗାଣ ନିରୀକ୍ଷକ ପ୍ରୀତିଶ କୁମାର ସାମଲ, ତିହିଡ଼ି ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ, ଏଏସଆଇ ମାନସ କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଡେପୁଟି କଲେକ୍ଟର ଜ୍ଞାନରଂଜନ ସାହୁ, ଏବିଡିଓ ମାନସ କୁମାର ଜେନା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଂଜନ ରାଉତ, ମଙ୍ଗଳ ସଂପ୍ରସାରଣ ଅଧିକାରୀ ସୌମ୍ୟା ସୁଚରିତା ମହାନ୍ତି, ବିପିସ କୌଶିକ ଗିରି, ଜୀବିକା ମିଶନ ବିଏଲସି ସ୍ନିଗ୍ଧା ନାୟକ, ଏସଡିସି ପ୍ରଫୁଲ୍ଲ ମଲ୍ଲିକ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ତ୍ରୁଟିପୂର୍ଣ୍ଣ ଅର୍ଶ ଅସ୍ତ୍ରୋପଚାର କରି ନକଲି ଡାକ୍ତର ଗିରଫ

ଗୋପ, (ଭାସ୍କର ନ୍ୟୁଜ): ଜଣେ ମହିଳାଙ୍କ ତ୍ରୁଟିପୂର୍ଣ୍ଣ ଅର୍ଶ ଅସ୍ତ୍ରୋପଚାର କରି ଜଣେ ନକଲି ଡାକ୍ତର ଜେଲ ଯାଇଥିବା ବେଳେ ସେପଟେ ମହିଳା ଜଣକ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଗିରଫ ନକଲି ଡାକ୍ତର ଜଣକ ହେଲେ କଲିକତା ଅଞ୍ଚଳର ଶକ୍ତିକାନ୍ତ ମଣ୍ଡଳ। ଅଭିଯୋଗ ମୁତାବକ ଗୋପ ଥାନା ଅଧିନ ଏରବଙ୍ଗ ଡିହସାହି ଗ୍ରାମର ରପାଲି ପ୍ରଧାନ ପୁରୀ ସଦର ଥାନା ଅଧିନ ଉତ୍ତରକଣା ଗ୍ରାମର ଦୁଶାସନ ପ୍ରଧାନଙ୍କୁ ବବାହ କରିଥିଲେ। ରୁପାଲିଙ୍କ ଅର୍ଶ ହୋଇଥବା ବେଳେ ବିଭିନ୍ନ ସ୍ଥାନରେ ଚିକିତ୍ସା କରିଥିଲେ ମଧ୍ୟ ଭଲ ନହେବାରୁ ଅନେକ ସମୟରେ ସେ ଯନ୍ତ୍ରଣା ଅନୁଭବ କରୁଥିଲେ। ଏହି ସମୟରେ ଗୋପ କୋଣାର୍କ ଅଂଚଳର ବିଭିନ୍ନ ସ୍ଥାନରେ ଅର୍ଶ ରୋଗ ଗୋଟିଏ ଥରରେ ଭଲ ହୋଇଯିବ ବୋଲି ପୋଷ୍ଟର ମରା ହୋଇଥିବାର ଦେଖି ପୋଷ୍ଟରରେ ଲେଖାଯାଇଥିବା ମୋବାଇଲ ନମ୍ବରରେ କଲ କରିବାରେ ବ୍ୟକ୍ତି ଜଣକ ଡଃ ଶକ୍ତିକାନ୍ତ ମଣ୍ଡଳ ବୋଲି ପରିଚୟ ଦେବା ସହ ଅସ୍ତ୍ରୋପଚା ଦ୍ୱାରା ଗୋଟିଏ ଥରରେ ରୋଗ ଭଲ କରିଦେବାର ପ୍ରତିଶ୍ରୁତି ଦେଇଥିଲେ। ପରେ ଚିକିତ୍ସା ଆଳରେ ଦୁଶାସନଙ୍କ ଠାରୁ ୧ ଲକ୍ଷ ଟଙ୍କା ନେଇଥିଲେ ଏବଂ ରୁପାଲିଙ୍କ ବାପା ଘର ଏରବଙ୍ଗ ଠାରେ ଆସି ତାଙ୍କର ଅସ୍ତ୍ରୋପଚାର କରିଥିଲେ। ଅସ୍ତ୍ରୋପଚାର ପରେ ସେ ଭଲ ହେବା ପରିବର୍ତ୍ତେ ଯନ୍ତ୍ରଣା ଅସହ୍ୟ ହୋଇଥିଲା। ପରେ ସେ ସେ ସମ୍ପୃକ୍ତ ନକଲି ଡାକ୍ତରଙ୍କୁ ଫୋନ କରି ଜଣାଇବାରେ ସେ କିଛି ହେବ ନାହିଁ ଭଲ ହୋଇଯିବ ବୋଲି ଆଶ୍ୱାସନା ଦେଇଥିଲେ। ମାତ୍ର ଯନ୍ତ୍ରଣା ନକମିବାରୁ ଦୁଶାସନ ଅନ୍ୟଜଣେ ଡାକ୍ତରଙ୍କୁ ଦେଖାଇବାରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ହୋଇଥିବା ସେ କହିଥିଲେ। ପରେ ରବିବାର ଦିନ ସମ୍ପୃକ୍ତ ନକଲି ଡାକ୍ତରଙ୍କୁ ଏରବଙ୍ଗ ଗ୍ରାମକୁ ଡକାଇ ତାଙ୍କର ଡାକ୍ତରୀ ସାର୍ଟିଫିକେଟ୍ ଦେଖାଇବାକୁ କହିବାରେ ସେ ଡାକ୍ତରୀ ପଢି ନାହାଁନ୍ତି, ତାଙ୍କର ଜେଜେ ବାପା ଏବଂ ବାପା ଅର୍ଶ ରୋଗ ଅସ୍ତୋପଚାର କରୁଥିଲେ ମୁଁ ତାଙ୍କ ଠାରୁ ଶିଖି ଗ୍ରାମାଞ୍ଚଳରେ ବୁଲି ଅସ୍ତ୍ରୋପଚାର କରେ ବୋଲି ସେ କହିଥିଲା। ପରେ ଉକ୍ତ ଗ୍ରାମବାସୀ ତାକୁ କାବୁ କରିବା ସହିତ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଁଚି ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି ଥାନାକୁ ଆଣିଥିଲେ। ପଚାରା ଉଚରାରେ ସେ କୋଣାର୍କରେ ତାଙ୍କ ଶ୍ୱଶୁର ଘରେ ରହି ଏହି କାର୍ଯ୍ୟ କରୁଥିବା ସ୍ୱୀକାର କରିଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁ କରିବା ସହ ଆଜି ସମ୍ପୃକ୍ତ ଯୁବକକୁ କୋର୍ଟ ଚାଲାଣ କରିଥିଲା। ମାତ୍ର ତା ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜାତକୁ ପଠାଇ ଦିଆଯାଇଥିବା ଥାନା ସୂତ୍ରରୁ ଜଣାପଡିଛି।

## ରେଲୱେ ଷ୍ଟେସନରେ ନାହିଁ ସିସିଟିଭି ଦିନ ଦ୍ୱିପ୍ରହରେ ଯାତ୍ରୀଙ୍କ ବାଇକ୍ ଚୋରି

କନ୍ଧମାଳ, (ଭାସ୍କର ନ୍ୟୁଜ) :ବୌଦ୍ଧ ଜିଲ୍ଲାରେ ପ୍ରଥମ କରି ଟ୍ରେନ ଚଳାଚଳ ଆରମ୍ଭ ହୋଇ ଥିବା ବେଳେ ଷ୍ଟେସନରେ ଅନେକ ସୁବିଧା ସୁଯୋଗ ନ ଥିବା ଅଭିଯୋଗ ହୋଇଛି। ଦିନ ଦ୍ୱିପ୍ରହରରେ ଜଣେ ଯାତ୍ରୀଙ୍କ ବାଇକ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ ମନମୁଣ୍ଡା ଥାନା ଗୁଡଭେଲି ପଦର ଗ୍ରାମର ରାମଚନ୍ଦ୍ର ଭୋଇ ନିଜ ପୁଅ ସହ ପୁରୁଣାପାଣି ଷ୍ଟେସନରେ ସ୍ପଲେଣ୍ଡର ପ୍ଲସ ବାଇକକୁ ରଖି ଉଭୟ ବାପା, ପୁଅ ଦିନ ୧୧ଟାରେ ଟ୍ରେନ ଯୋଗେ ପୁରୁଣାକଟକ ଯାଇଥିଲେ। ସେଠାରୁ କାମ ସାରି ଅପରାହ୍ନ ୨ଟା ସମୟରେ ଫେରିବା ପରେ ଷ୍ଟେସନରେ ବାଇକ ନ ଥିବା ଦେଖିବାକୁ ପାଇଥିଲେ। ବହୁ ଖୋଜାଖୋଜି ପରେ ବାଇକର କୌଣସି ପତ୍ତା ମିଳି ନ ଥିବାରୁ ଷ୍ଟେସନ ମେନେଜରଙ୍କୁ ଜଣାଇଥିଲେ। ପରେ ଆସି ମନମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଷ୍ଟେସନ ପରିସରରେ ସିସିଟିଭି ନ ଥିବା ସହ ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଏଭଳି ଚୋରି ହୋଇଥିବା ରାମ କହିଛନ୍ତି। ଘଟଣା ସମ୍ପର୍କରେ ପୁରୁଣାପାଣି ଷ୍ଟେସନ ମ୍ୟାନେଜର ଜୟନ୍ତ ସାହୁଙ୍କୁ ପଚାରିବାରୁ ବାଇକ ଚୋରି ହୋଇଥିବା ସ୍ୱୀକାର କରିବା ସହ ଖୁବ ଶୀଘ୍ର ସିସିଟିଭି ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ସଚିବଙ୍କ କଳାହାଣ୍ଡି ଗସ୍ତ ଓ ସମୀକ୍ଷା ବୈଠକ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ରାଜ୍ୟ ସରକାରଙ୍କ ଯୋଜନା ଓ ସଂଯୋଜନ ବିଭାଗ ସ୍ୱତନ୍ତ୍ର ସଚିବ ତେମଜେନ୍ ଓ୍ୱାପାଙ୍ଗ ଏଓ ଦୁଇ ଦିନିଆ କଳାହାଣ୍ଡି ଜିଲ୍ଲା ଗସ୍ତରେ ଆସି ଥୁଆମୁଳ ରାମପୁର ବ୍ଲକର ସାଲସୁରାନିଟି ଉପ ସ୍ୱାସ୍ଥ୍ୟକେନ୍ଦ୍ର, ମାଆ ଗୃହ, କାଣିଗୁମାର ନୂତନ କଫି ଉଦ୍ୟାନ, ଇନ୍ଦ୍ରାବତୀ ଜଳ ଭଣ୍ଡାରର ପିଞ୍ଜରା ଭିତରେ ହେଉଥିବା ମାଛ ଚାଷ ପ୍ରକଳ୍ପ ପରିଦର୍ଶନ କରି ଏହାର ରକ୍ଷଣାବେକ୍ଷଣ,ସୁପରିଚାଳନା ଦାୟିତ୍ୱରେ ଥିବା ସମ୍ପୃକ୍ତ ବିଭାଗୀୟ ଅଧିକାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ଆଲୋଚନା କରିଥିଲେ। ସ୍ୱତନ୍ତ୍ର ସଚିବ ଜୟପାଟଣା ବ୍ଲକର କେତେକ ଅଞ୍ଚଳ ପରିଦର୍ଶନ କରି ଉନ୍ନୟନମୂଳକ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି କାର୍ଯ୍ୟର ତଦାରଖ ମଧ୍ୟ କରିଥିଲେ। କ୍ଷେତ୍ର ପରିଦର୍ଶନ ସମୟରେ ତାଙ୍କ ସହ ଜିଲ୍ଲାପାଳ ପାଣ୍ଡ୍ୱାର ସଚିନ ପ୍ରକାଶ, ଭାରତୀୟ ପ୍ରଶାସନିକ ସେବା (ପ୍ରବେଶନ) ଅନିମେଷ ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। କ୍ଷେତ୍ର ପରିଦର୍ଶନ ପରେ ଜିଲାପରିଷଦ ସଭାଗୃହଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ସ୍ୱତନ୍ତ୍ର ସଚିବ ଟେମଜେନ୍ ଓ୍ୱାପାଙ୍ଗ ଏଓ ଯୋଗଦେଇ ଜିଲ୍ଲାରେ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିଭାଗୀୟ ଜନକଲ୍ୟାଣ ଯୋଜନା, ପ୍ରକଳ୍ପର ଅଗ୍ରଗତି ସଂପର୍କରେ ସମୀକ୍ଷା କରିଥିଲେ। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟ ଜଳ, ସମାଜ କଲ୍ୟାଣ, ସମନ୍ୱିତ ଜନଜାତି ଉନ୍ନୟନ, ଶିଶୁ ସୁରକ୍ଷା, ଗମନାଗମନ, ଯୋଗାଣ, ଦକ୍ଷତା ବିକାଶ, ନିୟୋଜନ, ଗ୍ରାମ୍ୟ ଉନ୍ନୟନ ଇତ୍ୟାଦି ବିଭାଗୀୟ କାର୍ଯ୍ୟକ୍ରମର ଅଗ୍ରଗତି ଓ ସଫଳ ରୂପାୟନ ସମ୍ପର୍କରେ ସମୀକ୍ଷା କରିଥିଲେ। ନୀତି ଆୟୋଗଙ୍କ ମାପଦଣ୍ଡକୁ ନେଇ ଆକାଂକ୍ଷୀ ଜିଲ୍ଲା ଓ ବ୍ଲକର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିଭାଗୀୟ ଜନକଲ୍ୟାଣ ଯୋଜନା, ପ୍ରକଳ୍ପର ସଫଳ ରୂପାୟନ କିପରି ହୋଇପାରିବ ସେ ଦିଗରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ୍ ହୋଇ କାର୍ଯ୍ୟ କରିବା ପାଇଁ ସ୍ୱତନ୍ତ୍ର ସଚିବ ପରାମର୍ଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ପାଣ୍ଡ୍ୱାର ସଚିନ ପ୍ରକାଶ ସ୍ୱତନ୍ତ୍ର ସଚିବଙ୍କୁ ସ୍ୱାଗତ ଜଣାଇବା ସହିତ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ସମୀକ୍ଷା ବୈଠକରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ି, ଉପ ଜିଲ୍ଲାପାଳ ଧର୍ମଗଡ଼ ପ୍ରେକ୍ଷା ଅଗ୍ରୱାଲ, ଉପ ଜିଲ୍ଲାପାଳ ଭବାନୀପାଟନା ପ୍ରଭାତ କୁମାର ପରିଡା, ଭାରତୀୟ ପ୍ରଶାସନିକ ସେବା (ପ୍ରୋବେସନ) ଅନିମେଷ ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ନିହାରେନ୍ଦ୍ର ପଣ୍ଡା, ଉପ ନିର୍ଦ୍ଦେଶକ ଜିଲ୍ଲା ଯୋଜନା ଓ ସଂଯୋଜନ ଶ୍ରୀକାନ୍ତ ଦଳେଇଙ୍କ ସହ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

## ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ 'ଆସ ଲେଖକଙ୍କୁ ଭେଟିବା' କାର୍ଯ୍ୟକ୍ରମ

## ଓଡ଼ିଆ ବିଭାଗର ଇ-ପତ୍ରିକା 'କାରୁଣ୍ଡପ୍ରଭା' ଉନ୍ମୋଚିତ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ,ସ୍ନାତକୋତ୍ତର ଓଡ଼ିଆ ଭାଷା ସାହିତ୍ୟ ଓ ଅନୁବାଦ ବିଭାଗ ପକ୍ଷରୁ 'ଆସ ଲେଖକଙ୍କୁ ଭେଟିବା' ଏବଂ 'କାରୁଣ୍ଡପ୍ରଭା' ଇ-ପତ୍ରିକା ଉନ୍ମୋଚନ ଉତ୍ସବ ଯୁବସଂସ୍କାର ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଅଛି। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ଼. ନିବେଦିତା ନାଥଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଲେଖକ ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପ୍ରାପ୍ତ ଗାଳ୍ପିକ ଡିଲେଶ୍ୱର ରଣା ଯୋଗ ଦେଇଥିଲା ବେଳେ ଅନ୍ୟତମ ଅତିଥି ଭାବେ ଉପକୁଳସଚିବ ମେଜର ଡ. ଜୟଦେବ ସାହୁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ବିଭାଗ ମୁଖ୍ୟ ଡ.ପଲ୍ଲୀଶ୍ରୀ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ ଓ ଅଧ୍ୟାପକ ବାଲ୍ମୀକି କରୁଆଁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରୀ ରଣାଙ୍କ ସମେତ ଡି.ଲିଟ୍ ଉପାଧି ପ୍ରାପ୍ତ କେସିଙ୍ଗା ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ.ରାକେଶ କୁମାର ବିଶି ଓ ସ୍ନାତକ ପରୀକ୍ଷାରେ ଟପର ହୋଇଥିବା ଛାତ୍ର ଅର୍ମିଲ୍ ପୂଝାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଶ୍ରୀ ରଣା ତାଙ୍କ ଲେଖକୀୟ ଜୀବନ ସମ୍ବନ୍ଧରେ ଏକ ମନଛୁଆଁ ବିବରଣୀ ପ୍ରଦାନ କରିଥିଲେ। ଉପସ୍ଥିତ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରଶ୍ନ ପଚାରି ଶ୍ରୀ ରଣାଙ୍କ ଠାରୁ ସନ୍ତୋଷଜନକ ଉତ୍ତର ପାଇଥିଲେ। ସହକାରୀ ପ୍ରଫେସର ଡୋଳାମଣି ଧରୁଆ, ଡ଼.ସାଗରିକା ଦଳାଇ, ଡ଼. ପ୍ରତ୍ୟାଶା ଧଳ, ରେଣୁକା ଡାକୁଆ, ସୁବ୍ରତ ମାଝୀ, ଡ଼. ଶ୍ରୀକାନ୍ତ ବାରିକ, ଡ଼. ରାକେଶ ବିଶି, ଡ଼. ସୁରଞ୍ଜନ ପ୍ରଧାନ, ଡ଼. ରାଜେଶ ସାହୁ, ଡକ୍ଟର ଉମେଶଚନ୍ଦ୍ର ଶତପଥି, ସୁଦର୍ଶନ ଦାସ, ସୁଦେଷ୍ଣା ପଣ୍ଡା, ପ୍ରତାପ ଦାସ, ସୌରଭ ମହାପାତ୍ର ତଥା ଓଡ଼ିଆ ବିଭାଗର ସମସ୍ତ ଗବେଷକ-ଗବେଷିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।




## ଗୋପାଳପୁରରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ୟୁନିଟ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତ ଗୋପାଳପୁର ଗାଁର ବିଭିନ୍ନ ପଡ଼ାର ଲୋକେ ଭୁତାଣୁଜନିତ ଜ୍ୱର, ଥଣ୍ଡା, ସର୍ଦ୍ଦି ଓ କାଶ ରୋଗରେ ପୀଡ଼ିତ ଥିବା ଖବର ମିଳିବା ପରେ ତତ୍ପରତା ପ୍ରକାଶ କରିଛି ଲାଞ୍ଜିଗଡ଼ ବ୍ଲକ ସ୍ୱାସ୍ଥ୍ୟ ବିଭାଗ। ଆଜି ବ୍ଲକ ଜନ ଚିକିତ୍ସା ଅଧିକାରୀ ଡା. ଭବାନୀଶଙ୍କର ଲେଙ୍କାଙ୍କ ନିର୍ଦ୍ଦେଶ କ୍ରମେ ଅଭିଜ୍ଞ ଡା. ନରେନ୍ଦ୍ରନାଥ ଦାସଙ୍କ ନେତୃତ୍ୱରେ ଫାର୍ମାସିଷ୍ଟ ପ୍ରଗତି ରାଉତ, ମହିଳା ସ୍ୱାସ୍ଥ୍ୟକର୍ମୀ ଆଶାଲତା ରାଉତ, ସ୍ୱାସ୍ଥ୍ୟ କର୍ମଚାରୀ ଖଗେଶ୍ୱର ରାଉତ ପ୍ରମୁଖ ଉପସ୍ଥିତ ରହି ଗାଁର ଭୁତାଣୁଜନିତ ଜ୍ୱର ଓ ଅନ୍ୟାନ୍ୟ ଲକ୍ଷଣ ଥିବା ଲୋକଙ୍କୁ ଚିକିତ୍ସା, ପରାମର୍ଶ ସେବା ଯୋଗାଇଦେବା ସହିତ ମାଗଣା ଔଷଧ ପ୍ରଦାନ କରିଥିଲେ। ଏଥିରେ ଶତାଧିକ ପୁରୁଷ ଓ ମହିଳା ସାମିଲ ହୋଇ ଏହି ସେବା ଲାଭ କରିଥିଲେ। ସ୍ୱାସ୍ଥ୍ୟ କର୍ମଚାରୀ ଖଗେଶ୍ୱର ରାଉତ, ଲାଞ୍ଜିଗଡ଼ ପ୍ରେସ କ୍ଲବର ସଭାପତି ସୁଶୀଲ କୁମାର ବାଗ, ମା ମାଉଳି ଯୁବ ସାଂସ୍କୃତିକ ଅନୁଷ୍ଠାନର ସୁଦର୍ଶନ ଗଉଡ଼ ପ୍ରମୁଖ ସହଯୋଗ କରିଥିଲେ।

## ଆଧାରକାର୍ଡ଼ରେ ନାଁ ଭୁଲ୍ ଯୋଗୁଁ ଅଡୁଆରେ ଛାତ୍ର

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଜୟପାଟଣା ତହସିଲ ଅଧିନ ରଣମାଲ ପଞ୍ଚାୟତ ଭୁର୍ଷିଗୁଡ଼ା ଗାଁର ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଛନ୍ତି ଶେଷଦେବ କାଣ୍ଡ। ତାଙ୍କ ଆଧାରକାର୍ଡ଼ରେ ଭୁଲ ନାଁ ରହିଥିବା ଯୋଗୁଁ ବିଦ୍ୟାଳୟ ତଥା ଅନ୍ୟ କୌଣସି କାମ ହେଉନାହିଁ। ଜନ୍ମ ପ୍ରମାଣପତ୍ରରେ ଶେଷଦେବ ଥିବାବେଳେ ଆଧାରକାର୍ଡ଼ରେ ସେହଦେବ କାଣ୍ଡ ହୋଇଯାଇଛି। ଆଧାରକାର୍ଡ଼ ପଞ୍ଜୀକରଣ କରିବା ସମୟରେ ଭୁଲ ଅକ୍ଷର ଟାଇପ ହୋଇଯାଇଥିବା କୁହାଯାଉଛି। ଯାହାଫଳରେ କୌଣସି କାଗଜପତ୍ର କାମ କରିବା ସମୟରେ ଅସୁବିଧା ଉପୁଜୁଛି। ଶେଷଦେବଙ୍କ ଜନ୍ମ ପ୍ରମାଣପତ୍ର ଅନୁସାରେ ନିର୍ଭୁଲ ନାମ ସହିତ ଆଧାରକାର୍ଡ଼ କରିଦେବାକୁ ତାଙ୍କ ବାପା ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଛନ୍ତି।

## ଯାଦବ କର୍ମଚାରୀ ସଂଘର ପୂର୍ଣ୍ଣାଙ୍ଗ କମିଟି ଗଠିତ



କୋକସରା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ସଦର ମହକୁମା ଚିଲିଗୁଡ଼ା ସ୍ଥିତ ଯାଦବ ଭବନଠାରେ ରବିବାର ବ୍ଲକ ଯାଦବ କର୍ମଚାରୀ ସଂଘର ସାଧାରଣ ବୈଠକ ଓ ପୂର୍ଣ୍ଣାଙ୍ଗ କମିଟି ଗଠନ ହୋଇଛି। ଯାଦବ କର୍ମଚାରୀ ସଂଘ ସଭାପତି ପ୍ରେମ ଚନ୍ଦ୍ର ଗୋପାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକ ଯାଦବ ମହାସଭାର ସଭାପତି ଦ୍ୱାରିକାନାଥ ବାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଭାଗବତ କଟା ବୈଠକର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉପସ୍ଥାପନ କରିଥିଲେ। ଆଗାମୀ ଦିନରେ ଯାଦବ ସଶକ୍ତ ଓ ସମୃଦ୍ଧ ଯାଦବ ସମାଜ ମାଧ୍ୟମରେ ରାଜନୈତିକ, ଅର୍ଥନୈତିକ ଓ ଯେ' କୌଣସି କ୍ଷେତ୍ରରେ ବିକାଶ କରିବା ପାଇଁ ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି କ୍ରମରେ ବ୍ଲକ ଯାଦବ କର୍ମଚାରୀ ସଂଘର ପୂର୍ଣ୍ଣାଙ୍ଗ କମିଟି ଗଠନ କରାଯାଇଥିଲା। ମୋଟେର ଜୋନ୍ ଉପ ସଭାପତି ଭାବରେ ମାଙ୍ଗେଲାଲ ନାଏକ, ସହ ସମ୍ପାଦକ ଫକିର ମୋହନ ଚଣ୍ଡି, ଉପଦେଷ୍ଟା ଚିତ୍ରସେନ ବେମାଲ, କୋକସରା ଜୋନ୍ ଉପ ସଭାପତି ମୁକ୍ତେଶ୍ୱର ପୁଞ୍ଜି, ସହ ସମ୍ପାଦକ ତ୍ରିନାଥ ବାଗ, ଉପଦେଷ୍ଟା କ୍ଷିରାବ୍ଧି ବେମାଲ, ଆମପାଣି ଜୋନ୍ ଉପ ସଭାପତି ଭାବରେ ମାଲଗୁଣ୍ଡିଆ ନାଗ, ସହ ସମ୍ପାଦକ ସମ୍ଭୁଶ୍ୱର ନାଗ, ଉପଦେଷ୍ଟା ହେମନ୍ତ ଯାଦବ ପ୍ରମୁଖ ମନୋନୀତ ହୋଇଥିଲେ। ଏହି ବୈଠକରେ ବ୍ଲକ ଯାଦବ କର୍ମଚାରୀ ସଂଘର କୋଷାଧକ୍ଷ ସୁଧୀର କୁମାର ନାଗଙ୍କ ସମେତ ଆମପାଣି, କୋକସରା ଓ ମୋଟେର ଜୋନ୍‌ରୁ ଯାଦବ କର୍ମଚାରୀ ମାନେ ଉପସ୍ଥିତ ରହି ଏହି କର୍ମଚାରୀ ସଂଘ ଏକତା ସୁତ୍ରରେ ବାନ୍ଧି ହୋଇ ସମାଜର ଦୁଃଖୀ ରଙ୍କ ଓ ନିମ୍ନସ୍ତରରେ ଥିବା ଯାଦବ ମାନଙ୍କ ଉତ୍ଥାନ ସକାଶେ କାର୍ଯ୍ୟ କରିବା ପାଇଁ ମତ ପୋଷଣ କରିଥିଲେ।

## ପୂର୍ବ ପରମ୍ପରା ବଜାୟ ରଖି ନୂଆ ଖାଇଲେ ପଥର୍ଲାବାସୀ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ପଶ୍ଚିମ ଓଡ଼ିଶାର ସମସ୍ତ ଜିଲ୍ଲାରେ ନୂଆଁଖାଇ ବେଶ ଆଡ଼ମ୍ବର ଭାବେ ପାଳନ କରାଯାଇଥାଏ। ହେଲେ କଳାହାଣ୍ଡି ଜିଲ୍ଲାରେ ଏକ ଭିନ୍ନ ସ୍ୱତନ୍ତ୍ରତା ରହିଛି। କେସିଙ୍ଗା ବ୍ଲକ ଅନ୍ତର୍ଗତ ପଥର୍ଲା, ବାହାଦୁରପଦର ଓ କେସିଙ୍ଗା ଏନ୍ଏସି ଅନ୍ତର୍ଗତ ପଲକାପଡ଼ା ଗ୍ରାମବାସୀ ପ୍ରତି ବର୍ଷ ପୂର୍ବରୁ ଚାଲିଆସୁଥିବା ପରମ୍ପରା ଅନୁଯାୟୀ ପ୍ରଥମେ ନୂଆଁଖାଇ ପାଳନ କରିଥାନ୍ତି। ଚାରିଆଡ଼େ କେବଳ ଗୋଟିଏ ଦିନ ନୂଆଁଖାଇ ହୋଇଥାଏ। କିନ୍ତୁ କଳାହାଣ୍ଡିରେ ପର୍ଯ୍ୟାୟକ୍ରମେ ପାଳନ ହୋଇଥାଏ ନୂଆଁଖାଇ। ଉତ୍ସବ ପାଳନରେ ବିଭିନ୍ନତା ଥିଲେ ମଧ୍ୟ ସମସ୍ତଙ୍କୁ ଏକାଠି ବାନ୍ଧି ରଖେ ନୂଆଁଖାଇ। ପ୍ରତିବର୍ଷ ସପ୍ତପୁରୀ ଅମାବାସ୍ୟାର ପ୍ରତିପଦା ତିଥିରେ ପଥର୍ଲା, ବାହାଦୁରପଦର ଓ ପଲକାପଡା ଗ୍ରାମବାସୀ ନୂଆଁଖାଇ ପର୍ବ ପାଳନ କରିଥାନ୍ତି। ଏହି ଉପଲକ୍ଷେ ଚଳିତବର୍ଷ ସେହି ତିଥି ପଡୁଥିବାରୁ ପଥର୍ଲା, ବାହାଦୁରପଦର ଓ ପଲକାପଡା ଗ୍ରାମର ଲୋକେ ନୂଆଁ ଖାଇବା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାପଡିଛି। ପଥର୍ଲାବାସୀ ନିଜ ପରମ୍ପରାକୁ ବଜାୟ ରଖିବା ପାଇଁ ପ୍ରତିବର୍ଷ ପ୍ରଥମେ ନୂଆଁଖାଇ ପାଳନ କରିଆସୁଛନ୍ତି। ନୂଆଁଖାଇ ପାଇଁ ଗ୍ରାମର ଦେବାଦେବୀ ଯଥା ଡଙ୍ଗର, ବୁଢାରଜା, କାଳିସୁନ୍ଦରୀ, ଖମ୍ବେଶ୍ୱରୀ, ଭୀମା, ରପାଙ୍ଗ ପ୍ରଭୃତିଙ୍କୁ ଧୂପଦୀପ ସିନ୍ଦୁର, ବେଲପତ୍ର, ମନ୍ଦାରଫୁଲ ଆଦି ଦେଇ ଶନିବାର ଦିନ ବରଣ କରାଯାଇଥିଲା। ଗାଁରେ ପ୍ରତ୍ୟେକଟି ଘରେ ନିଜ ଇଷ୍ଟ ଦେବାଦେବୀଙ୍କୁ ମଧ୍ୟ ଆବାହନ କରିଛନ୍ତି ଓ ଲଗ୍ନ ସମୟାନୁସାରେ ଆଜି ପଥର୍ଲାବାସୀ ନୂଆ ଖାଇବେ ବୋଲି ଜଣାପଡିଛି। ନୂଆଁଖାଇ ସାରିବା ପରେ ଗାଁରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ରଖାଯାଇଥିବା ଜଣାପଡିଛି। କିମ୍ବଦନ୍ତୀ ଅନୁଯାୟୀ, କଳାହାଣ୍ଡିର ନାଗବଂଶ ରାଜା ତୀର୍ଥରେ ଯିବା ପରେ ରାଜ୍ୟରେ ଅରାଜକତା ସୃଷ୍ଟି ହୋଇଥିଲା। ଏହାର ସୁଯୋଗ ନେଇ ଗଙ୍ଗ ବଂଶୀୟ ରାଜାମାନେ ସିଂହାସନ ଅକ୍ତିଆର କରିଥିଲେ। ତୀର୍ଥ ସ୍ଥାନରୁ ରାଜା ପ୍ରତ୍ୟାବର୍ତ୍ତନ କରିବା ସମୟରେ ଉଭୟପକ୍ଷ ମଧ୍ୟରେ ଯୁଦ୍ଧ ହୋଇଥିଲା। ଉକ୍ତ ଯୁଦ୍ଧରେ ପଥର୍ଲା ଗୌନ୍ତିଆ ନାଗ ବଂଶ ସପକ୍ଷରେ ଯୁଦ୍ଧ କରିଥିଲେ। ଏହି ଯୁଦ୍ଧରେ ନାଗ ବଂଶ ରାଜା ବିଜୟୀ ହୋଇଥିଲେ। ଯୁଦ୍ଧରେ ପଥର୍ଲା ଗୌନ୍ତିଆଙ୍କ ପରାକ୍ରମ ସାହାସିକତା ଦେଖି ରାଜା ଖୁସି ହୋଇଥିଲେ। ଗ୍ରାମ୍ୟ ଦେବାଦେବୀଙ୍କ କୃପାରୁ ବିଜୟୀ ହୋଇଥିବା ପ୍ରକାଶ କରିଥିଲେ ରାଜା। ଏହାପରେ ପଥର୍ଲା ଗ୍ରାମଦେବାଦେବୀଙ୍କୁ କୃତଜ୍ଞତା ଜଣାଇବା ଉଦ୍ଦେଶ୍ୟରେ ମହାରାଜ ପଥର୍ଲା ଗୌନ୍ତିଆଙ୍କୁ ସମସ୍ତଙ୍କ ଠାରୁ ଆଗୁଆ ନୂଆଁଖାଇବା ପାଇଁ ଅନୁମତି ପ୍ରଦାନ କରିଥିଲେ। ସେହି ଦିନ ଠାରୁ ପଥର୍ଲା, ବାହାଦୂରପଦର ଓ ପଳକାପଡାବାସୀ ପଶ୍ଚିମ ଓଡିଶାର ପ୍ରଥମ ଗାଁ ଭାବରେ ନୂଆଁଖାଇ ପାଳନ କରିବାର ପରମ୍ପରା ରହିଛି ।

## ନୂଆଁଖାଇ ପାଇଁ ରିସିଡ଼ା ସାପ୍ତାହିକ ହାଟ ଚଳଚଞ୍ଚଳ



କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : ବର୍ଷକର ପ୍ରତୀକ୍ଷା ପରେ ଗତାନୁଗତିକ ଭାବେ ଆସିଛି ନୂଆଁଖାଇ। ଏହି ଗଣ ପର୍ବକୁ ନେଇ ଚଳଚଞ୍ଚଳ ହୋଇ ଉଠିଛି କଳାହାଣ୍ଡି ଜିଲ୍ଲା ରିଷିଡା ଶନିବାର ହାଟ। ନୂଆଁଖାଇ ପାଇଁ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। କଳାହାଣ୍ଡି, ବଲାଙ୍ଗୀର, କନ୍ଧମାଳ ଜିଲ୍ଲା ସୀମାନ୍ତ ଥିବା ରିଷିଡା ଶନିବାର ସାପ୍ତାହିକ ହାଟ ଏକ ପ୍ରସିଦ୍ଧ ହାଟ। ନୂଆଁଖାଇ ପାଇଁ ସମସ୍ତେ ନୂଆଁ ଧାନ, ନୂଆ ମାଟି ହାଣ୍ଡି ଠାରୁ ଆରମ୍ଭ କରି ପନିପରିବା ଛେଳି ମେଣ୍ଢା କୁକୁଡା ଏଠାରେ ବିକ୍ରୟ ହୋଇଛି। ନୂଆ ଧାନ ବିଡ଼ା ପ୍ରତି ୧୦ ଟଙ୍କା ବିକ୍ରି ହୋଇଥିବା ବେଳେ ପନିପରିବା ଦର ଅଧିକ ଥିଲା। ଏଥି ସହିତ ନୂଆ ଲୁଗା ନୂଆ ପୋଷାକ ଦୋକାନରେ ପ୍ରବଳ ଭିଡ଼ ହୋଇଥିଲା। ପ୍ରାୟ ୧୦୦ ବର୍ଗ ମିଟର ଅଞ୍ଚଳରେ ବସୁଥିବା ଏହି ହାଟରେ ପନିପରିବା ଦୋକାନ, ଲୁଗାଦୋକାନ ମସଲା ଦୋକାନ ସହିତ ଛୋଟବଡ଼ ଫଳ ଦୋକାନ ଖୋଲିଥିଲା। ଆସନ୍ତା ୨୮ ତାରିଖରେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ହେଉଥିବାରୁ ଲୋକେ ନିଜ ପାଇଁ ସାମଗ୍ରୀ ଗୁଡିକ କ୍ରୟ କରିଥାନ୍ତି। ଚଳିତ ବର୍ଷ ଲୋକଙ୍କ ମନରେ ନୂଆ ଉତ୍ସାହ ଦେଖିବାକୁ ମିଳିଛି। କୃଷିଭିତ୍ତିକ ଏହି ପର୍ବରେ ହାଟରେ କିଣାବିକା ସହିତ ଭାବର ଆଦାନପ୍ରଦାନ ହୋଇଥାଏ ବୋଲି ବିଶିଷ୍ଟ ଶିକ୍ଷାବିତ ମାନେ କହିଛନ୍ତି।

## ଛିଣ୍ଡିଲା ୧୧ କେଭି ବିଦ୍ୟୁତ ତାର, ଅଳ୍ପକେ ବର୍ଷିଲେ ଗ୍ରାମବାସୀ

କଲମପୁର, (ଭାସ୍କର ନ୍ୟୁଜ୍) : ମଣ୍ଡଳ ବସ୍ତି ଭିତର ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ ତାର ଶନିବାର ରାତିରେ ଛିଣ୍ଡି ପଡ଼ିଥିଲା। ତେବେ ଗ୍ରାମବାସୀ ଅଳ୍ପକେ ବଞ୍ଚିଯାଇଥିବା ଜଣାଯାଇଛି। ସୂଚନାଯୋଗ୍ୟ ଯେ, ଗତ ଶନିବାର ବିଳମ୍ବିତ ରାତିରେ ପବନ ସହ ବର୍ଷା ହୋଇଥିଲା। ବଡ଼କୁଟରୁ ଷ୍ଟ୍ରକ୍‌ଚର୍ ଧନପୁର ଡିଷ୍ଟ୍ରିବ୍ୟୁଟର ମଣ୍ଡଳ ବସ୍ତି ଭିତର ଦେଇ ନୂଆଗାଁ ଯାଇଥିବା ୧୧ କେଭି ବିଦ୍ୟୁତ ତାର ଉପରେ ଗାଁର ବାହାଲ ଜମି ନିକଟରେ ଏକ ଗଛ ପଡ଼ିଯାଇଥିଲା। ଏହାର ପ୍ରଭାବରେ ବସ୍ତି ମଧ୍ୟରେ ଥିବା ଟ୍ରାନ୍ସଫରମରରୁ ସଂଯୋଗ ହୋଇଥିବା ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିଥିଲା। ସୌଭାଗ୍ୟ ବଶତଃ ଜନଜୀବନ କ୍ଷତି ଘଟିନଥିଲା। ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଥିଲା। ରବିବାର ସକାଳୁ ଗ୍ରାମବାସୀଙ୍କଠାରୁ ଖବର ପାଇ ବଡ଼କୁଟରୁ ବିଦ୍ୟୁତ ବିଭାଗ ଜେଇ ଶ୍ରୀରାମ ନାୟକ ଓ ତାଙ୍କ ଟିମ୍, ବଡ଼କୁଟରୁ ଫାଣ୍ଡି ଅଧିକାରୀ ଅସିତ ପଣ୍ଡା ଘଟଣାସ୍ଥଳରେ ପହଞ୍ଚିଥିଲେ। ବିପଦସଂକୁଳ ଭାବେ ଯାଇଥିବା ବିଦ୍ୟୁତ୍ ତାର ହଟାଇବାକୁ ପୂର୍ବରୁ ଗ୍ରାମବାସୀ ଦାବି କରିଥିଲେ ବି ବିଦ୍ୟୁତ୍ ବିଭାଗ କୌଣସି ପଦକ୍ଷେପ ନେଇ ନଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିଲେ। ବସ୍ତି ଭିତର ଦେଇ ଉଚ୍ଚ କ୍ଷମତା ସମ୍ପନ୍ନ ତାର ନ ନେବାକୁ ଏବଂ ଟ୍ରାନ୍ସଫରମରକୁ ସ୍ଥାନାନ୍ତର କରିବାକୁ ଗ୍ରାମବାସୀ ଦାବି କରିଥିଲେ। ଜେଇ ଶ୍ରୀ ନାୟକ ୨ ମାସ ମଧ୍ୟରେ ଏହାର ସ୍ଥାନାନ୍ତର ବ୍ୟବସ୍ଥା କରିବେ ବୋଲି କହିବା ପରେ ବିଦ୍ୟୁତ ତାର ସଂଯୋଗ କରାଯାଇଥିଲା।

## ସ୍କୁଲ ଯିବେ ପାଠପଢ଼ାରୁ ବଞ୍ଚିତ ୧୮ ଶିଶୁ



ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): ଲାଞ୍ଜିଗଡ଼ ବ୍ଲକ ଶିକ୍ଷା ବିଭାଗର ପ୍ରଚ୍ଛନ୍ନ ଉଦ୍ୟମ କ୍ରମେ ସ୍କୁଲରେ ନାମ ଲେଖାଇଛନ୍ତି ୮ ଶିଶୁ। ପାଠପଢା ବୟସ ହୋଇଥିବା ସତ୍ତ୍ୱେ କୌଣସି କାରଣରୁ ସେମାନେ ପାଠପଢ଼ାରୁ ବଞ୍ଚିତ ରହିଥିଲେ। ସେମାନଙ୍କୁ ଚିହ୍ନଟ କରି ଏବେ ପାଠ ପଢ଼ିବାର ସୁଯୋଗ ସୃଷ୍ଟି କରିଛି ଲାଞ୍ଜିଗଡ଼ ବ୍ଲକ ଶିକ୍ଷା ବିଭାଗ। ଗୋଷ୍ଠୀ ଶିକ୍ଷାଧିକାରୀ ରଷିଆ ମେହେରଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଆସ ସ୍କୁଲ ଯିବା ଅଭିଯାନ ବ୍ଲକରେ ସଫଳତାର ସହିତ ଆଗେଇ ଚାଲିଥିବାବେଳେ ବିଶ୍ୱନାଥପୁର କ୍ଲଷ୍ଟର ସଂଯୋଜକ ଦୁଃଖିଶ୍ୟାମ ବାରିକଙ୍କ ନେତୃତ୍ୱରେ ପୋଖରୀବନ୍ଧ ପଞ୍ଚାୟତ ଇରକୁଲି ଓ ତଳିପଡ଼ା ଅଞ୍ଚଳରୁ ୮ଜଣ ଶିଶୁଙ୍କୁ ଚିହ୍ନଟ କରି ସ୍କୁଲରେ ନାମ ଲେଖାଇ ପାଠ ପଢ଼ିବାର ସୁଯୋଗ ଦିଆଯାଇଛି। କର୍ଲାକୁପା ପ୍ରାଥମିକ ବିଦ୍ୟାଳୟରେ ଛଅ ଜଣ ଝିଅ ଓ ଦୁଇଜଣ ପୁଅଙ୍କୁ ନାମ ଲେଖାଇ ଦିଆଯାଇଥିବାବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଦ୍ୟାଧର ମାଝୀ ଓ ସହ ଶିକ୍ଷୟିତ୍ରୀ ଗୌରୀ ବେହେରା ସେମାନଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ କ୍ଲଷ୍ଟର ସଂଯୋଜକ ଦୁଃଖିଶ୍ୟାମ ବାରିକ ଓ ପୋଖରୀବନ୍ଧ ସରପଞ୍ଚ ସସ୍ମିତା ମାଝୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନୂତନ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଲାଞ୍ଜିଗଡ଼ କ୍ଲଷ୍ଟର ସଂଯୋଜକ ଜଳନ୍ଧର ମାଝୀଙ୍କ ନେତୃତ୍ୱରେ ଦୁର୍ଗମ ତ୍ରିଲୋଚନପୁର ପଞ୍ଚାୟତର ପାଲବେରୀ, କୁନାକାଡୁ ଓ ଲଡାଙ୍ଗ ଅଞ୍ଚଳର ୮ଜଣ ଶିଶୁଙ୍କୁ ତ୍ରିଲୋଚନପୁର ଉଚ୍ଚ ବିଦ୍ୟାଳୟରେ ନାମ ଲେଖାଯାଇଥିବାବେଳେ ଜଣେ ଦିବ୍ୟାଙ୍ଗ ଶିଶୁଙ୍କ ସମେତ ଦୁଇଜଣ ଶିଶୁଙ୍କୁ ବଳଭଦ୍ରପୁର ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଇ ପାଠ ପଢ଼ିବାର ସୁଯୋଗ ଦିଆଯାଇଛି। ବ୍ଲକ ଶିକ୍ଷାବିଭାଗର ଏହି ମହତ ଉଦ୍ୟମକୁ ବିଭିନ୍ନ ମହଲରେ ବେଶ ପ୍ରଶଂସା କରାଯାଇଛି।

## ରାଶିଫଳ

ମଙ୍ଗଳବାର, ୨୬ ଅଗଷ୍ଟ ୨୦୨୫



**ମେଷ:** ପରିବାରରେ ସୁଖ ଏବଂ ଧନ ବୃଦ୍ଧି ପାଇବ। ଚାକିରିରେ ପଦୋନ୍ନତିର ସମ୍ଭାବନା। ଯଦି ଆପଣ ଯତ୍ନର ସହିତ ଖାଦ୍ୟ ଗ୍ରହଣ କରନ୍ତି ତେବେ ସ୍ୱାସ୍ଥ୍ୟ ଭଲ ରହିବ। ଶରୀରରେ ଅଧିକ ଶକ୍ତି ଯୋଗୁଁ ସମସ୍ତ ସ୍ଥଗିତ କାର୍ଯ୍ୟ ସମାପ୍ତ କରିବାକୁ ସକ୍ଷମ ହେବେ। ଜୀବନ ବିଷୟରେ କଠିନ ନିଷ୍ପତ୍ତି ନେଇପାରନ୍ତି।




**ବୃଷ:** ଆଜି ଏକ ଭଲ ଦିନ ହେବ। ବ୍ୟବସାୟରେ ଲାଭ ପାଇବା ସମ୍ଭାବନା ଅଛି। ଆର୍ଥିକ ବିନିଯୋଗ ଲାଭଦାୟକ ହେବ। ଟଙ୍କା ସମ୍ବନ୍ଧୀୟ ସମସ୍ୟା ସମାପ୍ତ ହେବ। ମାନସିକ ଶାନ୍ତି ଅନ୍ୱେଷଣରେ ଆଧାତ୍ମିକତାରେ ଯୋଗଦେବାର ଏକ ସୁଯୋଗ ରହିବ। ସ୍ୱାସ୍ଥ୍ୟରେ ଉନ୍ନତି ହେବାର ସମ୍ଭାବନା ଅଛି।




**ମିଥୁନ:** ଆଜି ମିଶ୍ରିତ ଦିନ ହେବ। ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ପ୍ରାପ୍ତ ହେବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚର ମଧ୍ୟ ଅଧିକ ମଧ୍ୟ ହେବ। ସ୍ୱାସ୍ଥ୍ୟ ଖରାପ ହେତୁ, ଆପଣ ଜରୁରୀ କାର୍ଯ୍ୟ କରିବାକୁ ସକ୍ଷମ ହେବେ ନାହିଁ। ତେଣୁ ଶରୀରକୁ ବିଶ୍ରାମ ଦିଅନ୍ତୁ।



**କର୍କଟ:** ଅର୍ଥନୈତିକ ଲାଭର ରାଶି ସୃଷ୍ଟି ହେଉଛି। ବ୍ୟବସାୟରେ ନୂତନ ଯୋଜନା ଆରମ୍ଭ ହୋଇପାରେ। ସମୟ ଅନୁସାରେ ଖାଦ୍ୟ ଗ୍ରହଣ ଆପଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବ, କିନ୍ତୁ ଆପଣ ବାହାରେ ଖାଦ୍ୟ ଖାଇବା ଠାରୁ ଦୂରେଇ ରହିବା ଉଚିତ୍। ଆପଣଙ୍କର କାର୍ଯ୍ୟ କରିବାର ପଦ୍ଧତିରେ ପରିବର୍ତ୍ତନ କରନ୍ତୁ, ନଚେତ୍ କ୍ଷତି ହୋଇପାରେ।




**ସିଂହ:** ବ୍ୟବସାୟରେ ଲାଭ ହେବ। ସମାଜରେ ଖ୍ୟାତି ଏବଂ ସମ୍ମାନ ବୃଦ୍ଧି ପାଇବ। ସରକାରୀ କାର୍ଯ୍ୟରେ ସଫଳତା ମିଳିବ, କିନ୍ତୁ ଲୋକଙ୍କ ଆଚରଣ ଆପଣଙ୍କ ପାଇଁ ନିରାଶାଜନକ ହେବ। ଖାଦ୍ୟ ଏବଂ ପାନୀୟର ଯତ୍ନ ନେବାକୁ ପଡ଼ିବ, ନଚେତ୍ ହଜମ ପ୍ରକ୍ରିୟା ଖରାପ ହୋଇପାରେ, ଯେଉଁଥିପାଇଁ ଦିନସାରା ମନ ଖରାପ ରହିବ।




**କନ୍ୟା:** ଆପଣଙ୍କର ବୁଝାମଣା ଦ୍ୱାରା ବ୍ୟବସାୟରେ ଭଲ ଲାଭ ଆଣିବ। ପରିବାର ଏବଂ ସାଙ୍ଗମାନଙ୍କ ଠାରୁ ସମ୍ପୂର୍ଣ୍ଣ ସମର୍ଥନ ମିଳିବ। ଚାକିରିରେ ପଦୋନ୍ନତି ହେବାର ସମ୍ଭାବନା ଅଛି। ଭ୍ରମଣରୁ ଦୂରେଇ ରୁହନ୍ତୁ। ପରିବାରରେ ଖୁସିର ପରିବେଶ ରହିବ।



**ତୁଳା:** ବ୍ୟବସାୟରେ ଆର୍ଥିକ ଲାଭ ହେବ ଏବଂ ସେଠାରେ ଅର୍ଥର ପରିମାଣ ମଧ୍ୟ ରହିବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚ ବୃଦ୍ଧି ହେତୁ ଚିନ୍ତା ମଧ୍ୟ ହେବ। ପରିବାରରେ ଖୁସିର ବାତାବରଣ ରହିବ। ସ୍ୱାସ୍ଥ୍ୟଗତ ଅଭିଯୋଗ ଆଇପାରେ, ତେଣୁ ଡାକ୍ତରଙ୍କ ସହିତ ପରାମର୍ଶ କରି ନିଶ୍ଚିତ ହୁଅନ୍ତୁ।



**ବିଛା:** ଆଜି ଏକ ସାଧାରଣ ଦିନ ହେବ। କ୍ୟାରିୟର ବିଷୟରେ ଚିନ୍ତିତ ହେବେ। କିନ୍ତୁ ପାରିବାରିକ ଦାୟିତ୍ୱକୁ ଭଲ ଭାବରେ ପୂରଣ କରିବାକୁ ସମର୍ଥ ହେବେ। ମୁଣ୍ଡବିନ୍ଧା ସମସ୍ୟା ବିରକ୍ତିକର ହୋଇପାରେ। କୌଣସି କାରଣ ବିନା ମନ ଅସ୍ଥିର ରହିବ, ଯେଉଁ କାରଣରୁ, କୌଣସି କାମ କରିବାକୁ ଇଚ୍ଛା ହେବ ନାହିଁ। ଶାନ୍ତି ପାଇଁ ଯୋଗ ଏବଂ ଧ୍ୟାନ କରିବାକୁ ଚେଷ୍ଟା କରନ୍ତୁ।




**ଧନୁ:** ବ୍ୟବସାୟରେ ଭଲ ଲାଭ ହେବ। କଣ୍ଟିଜେନ୍ସି ସୁବିଧା ମଧ୍ୟ ମିଳିବ, କିନ୍ତୁ ଅନାବଶ୍ୟକ ଏବଂ ଅପଚୟ ଖର୍ଚ୍ଚ ମଧ୍ୟ ଅଧିକ ହେବ, ଯାହା ପରିବାରରେ ଅସନ୍ତୋଷ ସୃଷ୍ଟି କରିପାରେ। କଥାବାର୍ତ୍ତାକୁ ନିୟନ୍ତ୍ରଣ କରିବାକୁ ପଡିବ। ହଠାତ୍ ଏକ ନିର୍ଦ୍ଦିଷ୍ଟ ବନ୍ଧୁଙ୍କ ଖରାପ ଖବର ଶୁଣି ମନ ଦୁଃଖଦାୟକ ହେବ। ସ୍ୱାସ୍ଥ୍ୟର ଯତ୍ନ ନେବାକୁ ପଡ଼ିବ।



**ମକର:** ଆଜି ଏକ ଭଲ ଦିନ ହେବ। ବ୍ୟବସାୟର ଦୃଢ ଆର୍ଥିକ ଲାଭ ଅଛି। ସାମାଜିକ କାର୍ଯ୍ୟରେ ସଫଳତା ମିଳିବ ଏବଂ ସମାଜରେ ପ୍ରତିଷ୍ଠା ଏବଂ ପ୍ରଭାବ ବୃଦ୍ଧି ପାଇବ। ଆପଣ କର୍ମକ୍ଷେତ୍ରରେ ଏକ ନୂତନ ଯୋଜନା ଆରମ୍ଭ କରିପାରିବେ, ଯାହା ସମସ୍ତେ ଆଲୋଚନା କରିବେ। ସ୍ୱାସ୍ଥ୍ୟ ବିଷୟରେ ସତର୍କ ରୁହନ୍ତୁ ଏବଂ ଖାଦ୍ୟ ପ୍ରତି ଧ୍ୟାନ ଦିଅନ୍ତୁ।



**କୁମ୍ଭ:** ଧନ ପାଇବା ସମ୍ଭାବନା ରହିବ, କିନ୍ତୁ ଆପଣ ଅନାବଶ୍ୟକ ଖର୍ଚ୍ଚ ବିଷୟରେ ଚିନ୍ତିତ ହେବେ। ଚାକିରିକୁ ପଦୋନ୍ନତି ମିଳିପାରେ। ସେଠାରେ ଅଧିକ କାର୍ଯ୍ୟ ଭାର ରହିବ। ସାଙ୍ଗ ଏବଂ ସହକର୍ମୀଙ୍କଠାରୁ ପୂର୍ଣ୍ଣ ସମର୍ଥନ ମିଳିବ। ପରିବାର ସହିତ ସମୟ ଭଲ ବ୍ୟବହାର ହେବ। ବିତର୍କ ଏବଂ ଝଗଡା ଯୋଗୁଁ ମାନସିକ ଦୁଃଖ ବୃଦ୍ଧି ପାଇବ।



**ମୀନ:** ବ୍ୟବସାୟରେ ଭଲ ଲାଭ ହେବ। ପାରିବାରିକ ସୁଖ ଏବଂ ଧନ ବୃଦ୍ଧି ପାଇବ। ସମାଜର କାର୍ଯ୍ୟରେ ଉତ୍ସାହର ସହିତ ଅଂଶଗ୍ରହଣ କରିବେ। ଚାକିରିରେ ପଦୋନ୍ନତି ହୋଇପାରେ। ଯେ କୌଣସି କ୍ରନିକ ରୋଗରୁ ମୁକ୍ତି ମିଳିପାରେ। ପରିବାରରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ। ଧାର୍ମିକ ଯାତ୍ରାକୁ ଯାଇପାରନ୍ତି। ସ୍ୱାସ୍ଥ୍ୟ ଭଲ ହେବ।



ଶ୍ରୀପତି ଗୁରୁ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯